# ଧରିତ୍ରୀ DHARITRI

52 Years

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୦/୨୦୨୬ (୧୪ ପୃଷ୍ଠା) | Bhubaneswar, Tuesday, March 10/2026 | Page 14 | ₹ 7.00

୫୨ଶ ଭାଗ ୧୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 104 | ମୂଲ୍ୟ ₹୭/-



**ଆଜିର ସମ୍ପାଦକୀୟ** ନେପାଳରେ ଯୁବ ନେତୃତ୍ୱ




ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ମାଲୁଦ ପଞ୍ଚଦୋଳ ଅବସରରେ ସୋମବାର ଠାକୁରଙ୍କ ବିମାନକୁ ଚିଲିକା ଦେଇ ମେଳଣ ପଡ଼ିଆ ଅଭିମୁଖେ ଅଣାଯାଉଛି। **(ଫଟୋ: କୈଳାସ ଚନ୍ଦ୍ର ପଟ୍ଟନାୟକ)**

# ୬ ଜିଲାରେ ଶିଶୁ ମୃତ୍ୟୁ ଜାତୀୟ ହାରଠାରୁ ଅଧିକ

ଭୁବନେଶ୍ୱର,୯।୩(ରବିନାରାୟଣ ଜେନା)

ଜାତୀୟସ୍ତରରେ ଶିଶୁ ମୃତ୍ୟୁହାର (ଆଇଏମ୍ଆର୍) ଉଲ୍ଲେଖନୀୟ ଭାବେ ହ୍ରାସ ପାଉଛି। ୨୦୨୩ ରିପୋର୍ଟ ଅନୁଯାୟୀ, ପ୍ରତି ୧୦୦୦ ଶିଶୁଙ୍କ କ୍ଷେତ୍ରରେ ୨୫ଜଣଙ୍କ ମୃତ୍ୟୁ ହେଉଛି। ୨୦୨୨ରେ ଏହି ହାର ୨୬ ରହିଥିବାବେଳେ ୨୦୧୫ରେ ୩୭ ଥିଲା। ତେବେ ଏହି ପରିପ୍ରେକ୍ଷୀରେ ରାଜ୍ୟର ଆଦିବାସୀ ବହୁଳ ୬ଟି ଜିଲାରେ ଶିଶୁ ମୃତ୍ୟୁହାର ଅଧିକ ରହିଛି ବୋଲି ବିଧାନସଭା ତଥ୍ୟରୁ ଜଣାଯାଇଛି।

କଂଗ୍ରେସ ସଦସ୍ୟ ରାମଚନ୍ଦ୍ର କାଡାମଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ୨୦୨୪-୨୫ରେ କଳାହାଣ୍ଡିରେ ଆଇଏମ୍ଆର୍ ହାର ୩୪ ରହିଥିବାବେଳେ କନ୍ଧମାଳରେ ୩୧, କୋରାପୁଟରେ ୨୯, ମାଲକାନଗିରିରେ ୩୬, ନବରଙ୍ଗପୁରରେ ୩୪ ଓ ରାୟଗଡ଼ାରେ ୩୬ ରହିଛି। ମାତ୍ର ଗଜପତିରେ ଜାତୀୟ ହାର ସହିତ ସମାନ ଅର୍ଥାତ୍ ୨୫ ରହିଥିବାବେଳେ ବାଲେଶ୍ୱରରେ ୧୧, କେନ୍ଦୁଝରରେ ୧୮, ମୟୂରଭଞ୍ଜରେ ୨୩, ସମ୍ବଲପୁରରେ ୧୧ ଏବଂ ସୁନ୍ଦରଗଡ଼ରେ ୧୪ ରହିଛି।

ଅନ୍ୟପକ୍ଷରେ ବିଧାନସଭାର 'ନେଭା' ସାଇଟରେ ପ୍ରଦତ୍ତ ତଥ୍ୟରେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତିଙ୍କ ତାରକା ପ୍ରଶ୍ନ ସଂଖ୍ୟା-୧୦୯ର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ଏସ୍ଆର୍ଏସ୍ ସର୍ଭେ ଅନୁଯାୟୀ, ଜାତୀୟ ଶିଶୁ ମୃତ୍ୟୁ ହାର ୨୫ଥିବା ହେବଳେ ଓଡ଼ିଶାର ଶିଶୁ ମୃତ୍ୟୁହାର ୩୦ ରହିଛି। ବିଗତ ୧୦ ବର୍ଷରେ ଜାତୀୟସ୍ତରରେ ଏହା ୧୫ ୟୁନିଟ୍ ହ୍ରାସ ପାଇଥିବା ସ୍ଥଳେ ରାଜ୍ୟରେ ଏହା ୨୧ ୟୁନିଟ୍ ହ୍ରାସ ପାଇଛି। ମନ୍ତ୍ରୀ ଆହୁରି କହିଛନ୍ତି ଯେ, ରାଜ୍ୟରେ ଶିଶୁମୃତ୍ୟୁହାର କମାଇବାକୁ ସରକାରଙ୍କ ପକ୍ଷରୁ ☞ **ପୃଷ୍ଠା-୪**


SIKSHA 'O' ANUSANDHAN

**SAAT-2026**

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



7001/39/2526



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ରବି ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ**

**ଧାନ ସଂଗ୍ରହ ବର୍ଷ ୨୦୨୫-୨୦୨୬**

ଚଳିତ ରବି ଋତୁ (୨୦୨୫-୨୬) ପାଇଁ ରାଜ୍ୟ ସରକାର ପୂର୍ବ ବର୍ଷ ପରି ଚାଷୀମାନଙ୍କଠାରୁ ଧାନ କ୍ରୟ କରିବେ। ଏଥିପାଇଁ ଚାଷୀମାନେ ସେମାନଙ୍କ ଅଧିକୃତ ପ୍ରାଥମିକ କୃଷି ସମବାୟ ସମିତି (PACS /LAMPCS) ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ପାଣି ପଞ୍ଚାୟତରେ ଆଗୁଆ ପଞ୍ଜୀକରଣ କରନ୍ତୁ।

- **ନୂତନ/ନବୀକରଣ ଫର୍ମ ଉପଲବ୍ଧ ତାରିଖ: ୧୦-୨୦ ମାର୍ଚ୍ଚ ୨୦୨୬**
- **ଆବେଦନ ଦାଖଲ: ୧୦-୨୫ ମାର୍ଚ୍ଚ ୨୦୨୬**
- **ଧାନ ସଂଗ୍ରହ: ମେ ୧- ୩୦ ଜୁନ ୨୦୨୬**

**ପୂର୍ବରୁ ପଞ୍ଜୀକୃତ ଚାଷୀଙ୍କ ନବୀକରଣ:**

- ଗତ ରବି ଋତୁରେ ପଞ୍ଜୀକୃତ ଚାଷୀମାନେ ନବୀକରଣ କରି ଚଳିତ ରବି ଋତୁ ପାଇଁ **ପୁନଃ ପଞ୍ଜୀକୃତ** ହେବେ।
- ନବୀକରଣ ପାଇଁ ଚାଷୀମାନଙ୍କୁ ସେମାନଙ୍କ ସମିତି ତରଫରୁ ନବୀକରଣ ଫର୍ମ ଉପଲବ୍ଧ କରାଯିବ।
- ଗତ ରବିଋତୁରେ ଚାଷୀମାନେ ଚାଷ କରିଥିବା କେବଳ ଜଳସେଚିତ ଜମିର ତଥ୍ୟ ଉକ୍ତ ଫର୍ମର ଦ୍ୱିତୀୟ ଭାଗରେ ଖାତା ଓ ପ୍ଲଟ୍‌ୱାରୀ ପ୍ରଦାନ କରନ୍ତୁ ।
- ଯଦି ରବି ଋତୁ ପାଇଁ ଉପରୋକ୍ତ ଜମି ବାବଦ ତଥ୍ୟାବଳୀରେ ଚାଷୀ କୌଣସି ପରିବର୍ତ୍ତନ କରିବାକୁ ଚାହୁଁନଥାନ୍ତି, ତେବେ ସମ୍ପୃକ୍ତ ଚାଷୀ ଉକ୍ତ ଫର୍ମର ତୃତୀୟ ଭାଗରେ ଏହି ବାବଦରେ ଏକ ଘୋଷଣାନାମା ମାଧ୍ୟମରେ ସମିତିକୁ ଜଣାଇବେ।
- ଯଦି ଚାଷୀ ଜମି ବାବଦରେ ପରିବର୍ତ୍ତିତ ତଥ୍ୟ ଦେବାକୁ ଚାହୁଁଥାନ୍ତି, ତାହା ଉକ୍ତ ନବୀକରଣ ଫର୍ମର **ଚତୁର୍ଥ ଭାଗରେ** ପ୍ରଦାନ କରିପାରିବେ।

**ନୂତନ ଚାଷୀଙ୍କ ପଞ୍ଜୀକରଣ:**

- ଯେଉଁ ଚାଷୀମାନେ ଗତ ରବି ଋତୁରେ ପଞ୍ଜୀକରଣ କରିନଥିବେ, ସେମାନେ ସେମାନଙ୍କର ସମିତିରୁ ଗୋଟିଏ ନୂତନ ପଞ୍ଜୀକରଣ ଫର୍ମ ନେଇ ଆବେଦନ କରନ୍ତୁ। ଏହା ବିଭାଗର **ୱେବସାଇଟ୍ www.foododisha.in** ରେ ମଧ୍ୟ ଉପଲବ୍ଧ।
- ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଜଳସେଚିତ ଜମି ସଂକ୍ରାନ୍ତୀୟ ଖାତା ଓ ପ୍ଲଟର ବିଶଦ ବିବରଣୀ ପ୍ରଦାନ କରିବେ।

**ଚାଷୀମାନଙ୍କ ପାଇଁ ସୂଚନା**

- ସମସ୍ତ ଚାଷୀଙ୍କୁ ପଞ୍ଜୀକରଣ/ ନବୀକରଣ ପାଇଁ ନିଜ ନିଜ ସମିତିରେ ସମ୍ପର୍କ କରିବାକୁ ଅନୁରୋଧ।
- ନୂତନ ପଞ୍ଜୀକରଣ ଫର୍ମ ସହିତ **ଆଧାର କାର୍ଡ଼ର ନକଲ, ବ୍ୟାଙ୍କ ପାସ ବୁକର ପ୍ରଥମ ପୃଷ୍ଠାର ନକଲ**, ଦାଖଲ ହୋଇଥିବା ନୂତନ ଜମି ବିବରଣୀର **RoR ନକଲ** ଏବଂ ଯଦି ଭାଗଚାଷୀ ହୋଇଥାନ୍ତି, ତେବେ ସମ୍ପୃକ୍ତ ଜମି ମାଲିକଙ୍କ **ସହମତି ପତ୍ର/ ଆଧାର /ମୋବାଇଲ ନମ୍ବର** ପ୍ରଦାନ କରିବେ | **ଜମି ମାଲିକଙ୍କ ସହମତି ପତ୍ର** ହସ୍ତଗତ ନହେଲେ ଭାଗ ଚାଷୀ ପଞ୍ଜୀକରଣ ସଫଳ ହେବ ନାହିଁ।
- ନିର୍ଦ୍ଧାରିତ ସମୟକୁ ଅପେକ୍ଷା ନ କରି ଯଥେଷ୍ଟ ପୂର୍ବରୁ ଚାଷୀମାନେ ପୂରଣ କରାଯାଇଥିବା ଫର୍ମ ସମିତିରେ ଦାଖଲ କରିବାକୁ ଅନୁରୋଧ।
- ରବି ଚାଷ କରାଯାଇଥିବା ପ୍ଲଟୱାରୀ ଜମି ବିବରଣୀ ବାବଦରେ ସଠିକ ତଥ୍ୟ ପ୍ରଦାନ କରିବେ, ଅନ୍ୟଥା ଏହା ଗ୍ରହଣୀୟ ହେବ ନାହିଁ |

ଫର୍ମ ପାଇଁ ସ୍କାନ କରନ୍ତୁ

ଅଧିକ ବିବରଣୀ ପାଇଁ, ଦେୟମୁକ୍ତ **ହେଲ୍ପଲାଇନ ନମ୍ବର ୧୯୬୭** ରେ ଯୋଗାଯୋଗ କରନ୍ତୁ।

OIPR-7001/7002/2/25-26/0008

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର**

Foododisha | Food Odisha | Foododishagov | www.Foododisha.gov.in

## ସଂକ୍ଷେପରେ

### ମଧ୍ୟପ୍ରାଚ୍ୟ ଉତ୍ତେଜନା ଦିଲ୍ଲୀ-ମାଞ୍ଚେଷ୍ଟର ଇଣ୍ଡିଗୋ ବିମାନ ଅଧାବାଟରୁ ଫେରିଲା

ନୂଆଦିଲ୍ଲୀ,୯।୩

ଇରାନ ଯୁଦ୍ଧକୁ ନେଇ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଜାରି ରହିଥିଲାବେଳେ ଦିଲ୍ଲୀରୁ ମାଞ୍ଚେଷ୍ଟର ଅଭିମୁଖେ ଯାଉଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନ ଅଧାବାଟରୁ ଫେରିଆସିଛି। ଉତ୍ତେଜନାକୁ ନେଇ ଶେଷ ମୁହୂର୍ତ୍ତରେ ହଠାତ୍ ବାୟୁସୀମା କଟକଣା ଜାରି ଯୋଗୁ ବିମାନଟି ଦିଲ୍ଲୀ ଫେରିଆସିଥିବା ରବିବାର ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି। ଫ୍ଲାଇଟ୍ ୬ଇ୦୩୩ ଦିଲ୍ଲୀ ଛାଡ଼ିବାର କିଛି ସମୟ ପରେ ଆଗକୁ ଉଡ଼ାଣ ଜାରି ରଖିବାରେ ବିଫଳ ହୋଇ ଫେରିବାକୁ ବାଧ ହୋଇଥିଲା। ମଧ୍ୟପ୍ରାଚ୍ୟରେ ପରିବର୍ତ୍ତିତ ସ୍ଥିତି ଯୋଗୁ କେତେକ ବିମାନକୁ ଭିନ୍ନ ରୁଟ୍‌ରେ କିମ୍ବା ଦୀର୍ଘ ଦୂରତା ଅତିକ୍ରମ କରିବାକୁ ପଡ଼ିପାରେ ବୋଲି ଇଣ୍ଡିଗୋ କହିଛି।

## ଦିଲ୍ଲୀରେ ଆଜି



ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ ସୋମବାର କଂଗ୍ରେସର ଆସାମ ସଭାପତି ଗୌରବ ଗୋଗୋଇ, କର୍ନାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ଏବଂ ଆସାମ କଂଗ୍ରେସ ପ୍ରଭାରୀ ଭଓଁର ଜିତେନ୍ଦ୍ର ସିଂଙ୍କ ଉପସ୍ଥିତିରେ ଆସାମ ଗଣ ପରିଷଦ (ଏଜିପି)ର ଅର୍ଥ ସମ୍ପାଦକ ଜୟନ୍ତ ଖଉଣ୍ଡ ଓ ଅନ୍ୟମାନେ କଂଗ୍ରେସରେ ଯୋଗ ଦେଉଛନ୍ତି। (ଫଟୋ- ଚମନ ଗୌତମ)

## ନିୟନ୍ତ୍ରଣ ବାହାରକୁ ଚାଲିଯିବ ଅର୍ଥନୀତି

### ଜାତିସଂଘ ମହାସଚିବଙ୍କ ସତର୍କତା

ନ୍ୟୁୟର୍କ,୯।୩

ଇରାନ-ଆମେରିକା ଯୁଦ୍ଧକୁ ନେଇ ସୃଷ୍ଟି ହୋଇଥିବା ସ୍ଥିତି ଆଗକୁ ବୈଶ୍ୱିକ ଅର୍ଥନୀତି ପାଇଁ ଘୋର ବିପଦ ସୃଷ୍ଟି କରିବାକୁ ଯାଉଛି ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ସୋମବାର ସତର୍କ କରାଇ ଦେଇଛନ୍ତି। ଇରାନ ସମେତ ଆମେରିକା ଏବଂ ଇସ୍ରାଏଲ ନୀତିହୀନ ଭାବେ ଯେଉଁଭଳି ଲଢ଼େଇ କରୁଛନ୍ତି ତାହା କେବଳ ମଧ୍ୟପ୍ରାଚ୍ୟ ନୁହେଁ, ସାରା ବିଶ୍ୱସମାଜ ପାଇଁ ମହାବିପଦର କାରଣ ହେବାକୁ ଯାଉଛି। ଉଭୟ ପକ୍ଷ ଯୁଦ୍ଧ ବନ୍ଦ କରି ସମସ୍ୟାର ସମାଧାନ ଲାଗି ଆଲୋଚନାକୁ ନ ଓହ୍ଲାଇଲେ ବୈଶ୍ୱିକ ଅର୍ଥନୀତି ନିୟନ୍ତ୍ରଣ ବାହାରକୁ ଚାଲିଯିବ ବୋଲି ଗୁଟେରସ୍ ସତର୍କ କରାଇଦେଇଛନ୍ତି। କିନ୍ତୁ ଗୁଟେରସ୍‌ଙ୍କ ଏହି ସତର୍କବାଣୀକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଖାତିର କରିନାହାନ୍ତି। ଇରାନ ବିପକ୍ଷ ଯୁଦ୍ଧକୁ ସମର୍ଥନ କରି ଟ୍ରମ୍ପ କହିଛନ୍ତି, ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବାକୁ ହେଲେ କିଛି ପରିମାଣରେ ମୂଲ୍ୟ ଦେବାକୁ ପଡ଼ିବ। ଯେଉଁମାନେ ଏହାର ବିପରିତ କଥା ଭାବନ୍ତି, ସେମାନଙ୍କୁ ବୋକା ବ୍ୟତୀତ ଆଉ କିଛି କୁହାଯାଇପାରିବ ନାହିଁ ବୋଲି ଟ୍ରମ୍ପ କହିଛନ୍ତି।

# ଆମେରିକା ଛାଡୁନି, ଇରାନ ନରମୁନି

## ଆମେରିକାର ଦୈନିକ ଯୁଦ୍ଧ ଖର୍ଚ୍ଚ ୮୨୨୦ କୋଟି ଟଙ୍କା

ୱାଶିଂଟନ୍,୯।୩

ଇରାନ-ଆମେରିକା ଯୁଦ୍ଧ ସୋମବାର ସୁଦ୍ଧା ୧୦ ଦିନ ଅତିକ୍ରମ କରିଛି। ପଛକୁ ହଟିବାକୁ କୌଣସି ପକ୍ଷ ରାଜି ନଥିବାରୁ ଦିନକୁ ଦିନ ଯୁଦ୍ଧ ପ୍ରକୋପ ବଢି ଚାଲିଛି। ରବିବାର ଇସ୍ରାଏଲ ତେହରାନ୍ ଏବଂ ଏହାର ଆଖପାଖ ଅଞ୍ଚଳରେ ରହିଥିବା ପ୍ରମୁଖ ତୈଳ ଡିପୋଗୁଡ଼ିକ ଉପରେ ଘନ ଘନ ବୋମାମାଡ଼ କରିବା ପରେ ସୋମବାର ମଧ୍ୟ ଆକ୍ରମଣ ଆହୁରି ଜୋର୍‌ଦାର କରିଛି। ଆଗକୁ ଇରାନକୁ ଆହୁରି ଭୟଙ୍କର ସ୍ଥିତି ସାମ୍ନା କରିବାକୁ ପଡ଼ିବ ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ସୋମବାର ଧମକ ଦେଇଛନ୍ତି। ଆମେରିକା ପକ୍ଷରୁ ମଧ୍ୟ ଇରାନର ବହୁ ସାମରିକ ଏବଂ ପ୍ରମୁଖ ଭିତ୍ତିଭୂମି ଉପରେ ଆକ୍ରମଣ କରାଯାଇଛି। ଇରାନ ସମଗ୍ର ବିଶ୍ୱକୁ ବନ୍ଧକ ରଖିବାକୁ ଉଦ୍ୟମ କରୁଛି ବୋଲି ଆମେରିକା ବହିର୍ବ୍ୟାପାର ସଚିବ ମାର୍କୋ ରୁବିଓ କହିଛନ୍ତି। ସେପଟେ ଇରାନ ମଧ୍ୟ ଉପସାଗରୀୟ ଦେଶଗୁଡ଼ିକରେ ଆକ୍ରମଣ ଜୋର୍‌ଦାର କରିଛି। ଇରାନ ବିରୋଧରେ କେତେକ ଇସଲାମିକ୍ ରାଷ୍ଟ୍ର ଶକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉଥିବା କୁହାଯାଉଛି। ବିଶେଷକରି ମୋଜ୍‌ତାବା ଖାମେନେଇଙ୍କୁ ଇରାନର ନୂଆନେତା ଭାବେ ନିଯୁକ୍ତ କରାଯିବା ପରେ ଇରାନ ଉପସାଗରୀୟ ଦେଶଗୁଡ଼ିକ ବିରୋଧରେ ଆକ୍ରମଣକୁ ଆହୁରି ଜୋରଦାର କରିଛି।

ଏହା ମଧ୍ୟରେ ଆମେରିକାର ଦୈନିକ ଯୁଦ୍ଧ ଖର୍ଚ୍ଚକୁ ନେଇ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ଇରାନ ବିପକ୍ଷ ଯୁଦ୍ଧରେ ଆମେରିକା ଦୈନିକ ୮୯୧ ନିଯୁତ ଡଲାର ବା ଭାରତୀୟ ମୁଦ୍ରାରେ ୮୨୨୦ କୋଟି ଟଙ୍କା ଖର୍ଚ୍ଚ କରୁଛି ବୋଲି ଜଣାପଡ଼ିଛି। ଯାହାକି ଭାରତର ବାର୍ଷିକ ମହାକାଶ ଗବେଷଣା ବଜେଟଠାରୁ ଅଧିକ। ଫେବୃଆରୀ ୨୮ରେ ଆମେରିକା ଇରାନ ଉପରେ ଆକ୍ରମଣ କରିବା ପରେ ବର୍ତ୍ତମାନ ସୁଦ୍ଧା ୬ ବିଲିୟନ ଡଲାର ବା ୫୫,୩୫୦ କୋଟି ଟଙ୍କା ଖର୍ଚ୍ଚ କରିସାରିଥିବା କୁହାଯାଇଛି। ଯୁଦ୍ଧ ଖର୍ଚ୍ଚକୁ ନେଇ ପେଣ୍ଟାଗନ୍ ଆମେରିକା କଂଗ୍ରେସକୁ ଏହି ତଥ୍ୟ ଦେଇଛି।




### ମୋଜ୍‌ତାବାଙ୍କୁ ପୁଟିନ୍‌ଙ୍କ ସମର୍ଥନ

ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ପୁତ୍ର ମୋଜ୍‌ତାବା ଖାମେନେଇଙ୍କୁ ଇରାନର ସର୍ବୋଚ୍ଚ ନେତା ଘୋଷଣା କରାଯିବା ପରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଦୃଢ଼ ସମର୍ଥନ ଜଣାଇଛନ୍ତି। ବର୍ତ୍ତମାନ ଚାଲିଥିବା ଯୁଦ୍ଧରେ ମୋଜ୍‌ତାବାଙ୍କୁ ରୁଷିଆ ଏକ ବିଶ୍ୱସନୀୟ ଅଂଶୀଦାର ରୂପେ ସହଯୋଗ କରିବ ବୋଲି ପୁଟିନ୍ କହିଛନ୍ତି। ସେପଟେ ଇରାନରେ ମୋଜ୍‌ତାବାଙ୍କୁ ଭାରି ସମର୍ଥନ ମିଳିଥିଲାବେଳେ ଆଗକୁ ଯୁଦ୍ଧର ଗତି ଆହୁରି ଜଟିଳ ହେବା ଆଶଙ୍କା ବଢ଼ାଇଛି।

## ପଶ୍ଚିମ ଏସିଆ ଉପରେ ବିତର୍କ ଦାବିରେ ହଟ୍ଟଗୋଳ

### ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଲୋଚନା ହେଲାନି

ନୂଆଦିଲ୍ଲୀ,୯।୩

ପାର୍ଲାମେଣ୍ଟ ବଜେଟ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟ ସୋମବାର ଆରମ୍ଭ ହୋଇଥିବାବେଳେ ପଶ୍ଚିମ ଏସିଆ ସ୍ଥିତି ଉପରେ ବିତର୍କ ଦାବି କରି ବିରୋଧୀ ସାରା ଦିନ ହଟ୍ଟଗୋଳ ଜାରି ରଖିବାରୁ ବାଚସ୍ପତି ଓମ୍ ବିର୍ଲାଙ୍କୁ ବହିଷ୍କାର ଦାବିରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ହୋଇପାରି ନାହିଁ। ବିରୋଧୀମାନେ ସେମାନଙ୍କ ଦାବିରେ ଅଟଳ ରହି ଗୃହ କାର୍ଯ୍ୟକୁ ଅବରୋଧ କରି ରଖିଲେ ବୋଲି ସରକାର ଏବଂ ଗୃହର ଅଧ୍ୟକ୍ଷ କହିଛନ୍ତି। ବିରୋଧୀଙ୍କ ହଟ୍ଟଗୋଳ ଜାରି ରହିବାରୁ ଲୋକ ସଭାକୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମୁଲତବୀ ରଖାଯିବା ପରେ ଶେଷରେ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି।

ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଏମ୍‌ପିମାନେ ସ୍ଲୋଗାନ ଦେବା ଜାରି ରଖିଥିଲେ। ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଲୋଚନା ଲାଗି ଶୃଙ୍ଖଳା ରକ୍ଷା କରିବାକୁ ଗୃହରେ ଅଧ୍ୟକ୍ଷତା କରୁଥିବା ଜଗଦମ୍ବିକା ପାଲ୍ ନିବେଦନ କରିବା ସତ୍ତ୍ୱେ ବିରୋଧୀ ସ୍ଲୋଗାନବାଜି ଜାରି ରଖିଥିଲେ। ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ପାଇଁ ସ୍ଥିର ହୋଇଥିବାରୁ ପଶ୍ଚିମ ଏସିଆ ସଙ୍କଟ ପ୍ରସଙ୍ଗରେ ବିତର୍କ ହୋଇପାରିବ ନାହିଁ ବୋଲି ପାଲ୍ କହିଥିଲେ। ବିରୋଧୀ ଗୃହକୁ ଅଚଳ କରି କରଦାତାମାନଙ୍କ ଅର୍ଥ ବରବାଦ କରୁଛନ୍ତି ବୋଲି ପାଲ୍ କହିଥିଲେ। ସରକାର ଏବଂ ଗୃହ ଅଧ୍ୟକ୍ଷ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଲୋଚନା ଚାହୁଁଥିବାବେଳେ ବିରୋଧୀ ରାଜନୈତିକ ଉଦ୍ଦେଶ୍ୟ ରଖି ଅବରୋଧ ସୃଷ୍ଟି କରୁଥିବା ସେ ଅଭିଯୋଗ କରିଥିଲେ। ମଙ୍ଗଳବାର ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ହୋଇପାରେ ବୋଲି ସୂତ୍ରରୁ ଜଣାପଡ଼ିଛି। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ପଶ୍ଚିମ ଏସିଆ ସ୍ଥିତି ସମ୍ପର୍କରେ ଗୃହକୁ ଅବଗତ କରାଇଥିବାରୁ ଏହା ଉପରେ ବିତର୍କ ହେବ ନାହିଁ ବୋଲି ଉକ୍ତ ସୂତ୍ରରୁ କୁହାଯାଇଛି। ଜୟଶଙ୍କର ଗୃହରେ ପଶ୍ଚିମ ଏସିଆ ପ୍ରସଙ୍ଗରେ ବିବୃତି ରଖିବା ବେଳେ ବିରୋଧୀ ସ୍ଲୋଗାନ ଦେବା ଆରମ୍ଭ କରି ଏହା ଉପରେ ସବିଶେଷ ଆଲୋଚନା ଦାବି କରିଥିଲେ।

ପଶ୍ଚିମ ଏସିଆ ଯୁଦ୍ଧ ବ୍ୟାପକ ହେଉଥିବାବେଳେ ଭାରତ ଶାନ୍ତି ସପକ୍ଷରେ ଏବଂ ଆଲୋଚନା ଓ କୂଟନୀତି ଜରିଆରେ ଏହାର ସମାଧାନ ଚାହେଁ ବୋଲି ଜୟଶଙ୍କର କହିଥିଲେ। ସେ ସଂଯମତା ଏବଂ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉପରେ ଜୋର୍ ଦେଇଥିଲେ। ରାଜ୍ୟ ସଭାରେ ନିଜଆଡୁ ବିବୃତି ଦେଇ ଜୟଶଙ୍କର କହିଥିଲେ, ଉକ୍ତ ଅଞ୍ଚଳରେ ଥିବା ଭାରତୀୟମାନଙ୍କ ସୁସ୍ଥତା ଏବଂ ସୁରକ୍ଷାକୁ ସରକାର ପ୍ରାଥମିକତା ଦେଉଛନ୍ତି। ଏନେଇ ଉକ୍ତ ଅଞ୍ଚଳର ସରକାରଙ୍କ ସହ କେନ୍ଦ୍ର ସରକାର ଶେଷ ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରଖିବେ। ଶକ୍ତି ସୁରକ୍ଷା ଏବଂ ବାଣିଜ୍ୟ ଲକ୍ଷ୍ୟ ଆଦି ଜାତୀୟ ସ୍ୱାର୍ଥକୁ ସବୁବେଳେ ପ୍ରାଥମିକତା ଦିଆଯାଉଥିବା ଜୟଶଙ୍କର କହିଛନ୍ତି।

ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁ ଭାରତ ସମ୍ମୁଖୀନ ହୋଇଥିବା ଶକ୍ତି ସୁରକ୍ଷା ଚ୍ୟାଲେଞ୍ଜ ଉପରେ ସଂକ୍ଷିପ୍ତ ଆଲୋଚନା ଦାବି କରିଥିଲେ। ଘରୋଇ ଏଲ୍‌ପିଜି ସିଲିଣ୍ଡର ଦାମ୍ ୬୦ ଟଙ୍କା ଏବଂ ବ୍ୟବସାୟିକ ଗ୍ୟାସ୍ ଦର ୧୧୫ ଟଙ୍କା ବଢ଼ିଥିବାରୁ ରୁଲ୍ ୧୭୬ ଅନୁଯାୟୀ ଆଲୋଚନା କରାଯିବାର ଯଥାର୍ଥତା ରହିଥିବା ଖାର୍ଗେ କହିଥିଲେ।



ରାଜ୍ୟ ସଭାରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ପଶ୍ଚିମ ଏସିଆ ସ୍ଥିତି ଉପରେ ସୋମବାର ବିବୃତି ରଖୁଛନ୍ତି।

## ତେହରାନ୍‌ର ପାନୀୟଜଳ, ସ୍ୱେରେଜ୍‌ରେ ମିଶିଲା ତେଲ

ତେହରାନ୍,୯।୩

ତେହରାନ୍ ଏବଂ ଏହାର ଆଖପାଖ ଅଞ୍ଚଳର ପ୍ରମୁଖ ପେଟ୍ରୋଲିୟମ ଡିପୋ ଉପରେ ରବିବାର ହୋଇଥିବା ଆକ୍ରମଣ ଯୋଗୁ ଭୟଙ୍କର ପରିସ୍ଥିତି ଉପୁଜିଛି। ଗୋଟିଏ ପଟେ ନିଆଁ ଲାଗି ତୈଳ ଡିପୋଗୁଡ଼ିକରେ ସ୍ଥିତି ଗମ୍ଭୀର ହୋଇପଡ଼ିଥିଲାବେଳେ କ୍ଷତିଗ୍ରସ୍ତ ଡିପୋରୁ ତେଲ ନିର୍ଗତ ହୋଇ ପାନୀୟ ଜଳ ଏବଂ ସ୍ୱେରେଜ୍‌ରେ ମିଶିଥିବା କୁହାଯାଇଛି। ଏହାକୁ ନେଇ ତେହରାନ୍ ସହରରେ ପାନୀୟଜଳ ସଙ୍କଟ ଉତ୍କଟ ହେବା ସହ ଡ୍ରେନେଜ୍ ବ୍ୟବସ୍ଥା ବାଧାପ୍ରାପ୍ତ ହେବା ଆଶଙ୍କା ଦେଖାଯାଇଛି। ପୂର୍ବରୁ ତେହରାନ୍‌ରେ ପାନୀୟଜଳ ସଙ୍କଟ ଯୋଗୁ ଏହି ସହରକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଇରାନ ସରକାର ଯୋଜନା କରିଥିଲେ। ଏବେ ଏହି ସଙ୍କଟ ଆହୁରି ଉତ୍କଟ ହୋଇଛି।

# ତୈଳ ଡିପୋ ଉପରେ ବୋମାମାଡ଼ ପରେ ଇରାନରେ ଏସିଡ୍ ବର୍ଷା

ତେହରାନ୍,୯।୩

ଇରାନ ରାଜଧାନୀ ତେହରାନ୍‌ରେ ଥିବା ୩୦ଟି ତୈଳ ଡିପୋ ଉପରେ ଇସ୍ରାଏଲ୍‌ର ଆକ୍ରମଣ କରିବାରୁ ରବିବାର ସେଠାରେ କଳା ଏସିଡ୍ ବର୍ଷା ହୋଇଛି। ତୈଳ ଡିପୋଗୁଡ଼ିକ ଜଳୁଥିବାରୁ ରାଜଧାନୀ ସହରକୁ ଘନ କଳାଧୂଆଁର ବାଦଲ ଡାଙ୍କି ରହିଥିବାବେଳେ ଦୃଶ୍ୟମାନତା ହ୍ରାସ ପାଇଛି। ଏସିଡ୍ ବର୍ଷା ଯୋଗୁ ଘର ଓ କାର୍‌ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ବାଦଲ ସହ ହାଇଡ୍ରୋକାର୍ବନ ଏବଂ ଧୂଆଁ ମିଶି ଥିବାରୁ ଲୋକଙ୍କ ଶ୍ୱାସକ୍ରିୟା କଷ୍ଟକର ହୋଇପଡ଼ିଛି। ପ୍ରାୟ ୧୨ ନିଯୁତ ଲୋକ ରହୁଥିବା ତେହରାନ୍‌ରେ ତୈଳ ଡିପୋ ଉପରେ ଆକ୍ରମଣ ଯୋଗୁ ବ୍ୟାପକ ଜନସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି ହୋଇଛି। ଗଳାରେ ବ୍ୟଥା ଓ ଆଖି କୁଣ୍ଡେଇହେବା ସମସ୍ୟା ଦେଖାଦେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଲୋକମାନଙ୍କୁ ଘରେ ରହିବା ପାଇଁ ପରିବେଶ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏସିଡ୍ ବର୍ଷା ମାନବ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ବିପଜ୍ଜନକ। ସେଥିରେ ସଲ୍‌ଫର, ନାଇଟ୍ରୋଜେନ୍ ଅକ୍ସାଇଡ ଓ ହାଇଡ୍ରୋକାର୍ବନ ଥାଇପାରେ ବୋଲି ଇରାନର ରେଡ୍ କ୍ରିସେଣ୍ଟ ସୋସାଇଟି ସତର୍କ କରାଇଛି। ତୈଳ ଅବାରିତ ଭାବେ ଜଳିଲେ ବାୟୁ ଓ ବର୍ଷା ବିଷାକ୍ତ ହେବାର ବୈଜ୍ଞାନିକ କାରଣ ରହିଛି। ଅଶୋଧିତ ତୈଳ ଜଳିଲେ ଅଙ୍ଗାରକାମ୍ଳ, ସଲ୍‌ଫର ଓ ନାଇଟ୍ରୋଜେନ୍ ଛାଡ଼ିଥାଏ। ସଲ୍‌ଫର ଅକ୍ସିଜେନ୍ ସଂସ୍ପର୍ଶରେ ଆସି ସଲ୍‌ଫର ଡାଇଅକ୍ସାଇଡ୍ ସୃଷ୍ଟି ହୋଇଥାଏ। ଅତ୍ୟଧିକ ଉତ୍ତାପ ଯୋଗୁ ନାଇଟ୍ରୋଜେନ୍ ଓ ଅକ୍ସିଜେନ୍ ମିଶି ନାଇଟ୍ରୋଜେନ୍ ଅକ୍ସାଇଡ୍ ସୃଷ୍ଟି ହୁଏ। ଏହା ବାୟୁମଣ୍ଡଳର ନିମ୍ନ ସ୍ତରରେ ମିଶି ସୂର୍ଯ୍ୟକିରଣ ଓ ପ୍ରଦୂଷିତ କଣିକା ସହ ମିଶି ଏକାଧିକ ରାସାୟନିକ ପ୍ରତିକ୍ରିୟା ସୃଷ୍ଟି କରିଥାଏ। ସଲ୍‌ଫର ଡାଇଅକ୍ସାଇଡ ସଲ୍‌ଫର ଏସିଡ୍‌ରେ ଏବଂ ନାଇଟ୍ରୋଜେନ୍ ଅକ୍ସାଇଡ୍ ନାଇଟ୍ରିକ୍ ଏସିଡ୍‌ରେ ପରିଣତ ହୋଇ ବାଦଲର ଜଳକଣା ସହ ମିଶି ଏସିଡ୍ ବର୍ଷା କରିଥାଏ।



## କେଜ୍‌ରିୱାଲ, ସିସୋଡିଆଙ୍କୁ ଜବାବ ମାଗିଲେ ହାଇକୋର୍ଟ

### ଅବକାରୀ ଦୁର୍ନୀତି ମାମଲା

ନୂଆଦିଲ୍ଲୀ,୯।୩(ପି.ଟି.)

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ନିମ୍ନ ଅଦାଲତ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଏବଂ ଅନ୍ୟ ୨୧ ଜଣଙ୍କୁ ଅଭିଯୋଗମୁକ୍ତ କରିଥିବାବେଳେ ସିବିଆଇ ଏହାକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ସିବିଆଇର ଆବେଦନ ଉପରେ ହାଇକୋର୍ଟ ସୋମବାର କେଜ୍‌ରିୱାଲ, ସିସୋଡିଆ ଓ ଅନ୍ୟମାନଙ୍କୁ ନୋଟିସ୍ ଜାରି କରି ସେମାନଙ୍କ ପକ୍ଷ ରଖିବାକୁ କହିଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ୧୬ ତାରିଖକୁ ଧାର୍ଯ୍ୟ ହୋଇଛି। ମନିଲଣ୍ଡରିଂ ମାମଲାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତଦନ୍ତ କରୁଥିବାରୁ ପରବର୍ତ୍ତୀ ସମୟରେ ଏହାର ଶୁଣାଣି ହେବ ବୋଲି ହାଇକୋର୍ଟ କହିଛନ୍ତି।

# ମୁମ୍ବାଇରେ ବ୍ୟବସାୟିକ ସିଲିଣ୍ଡର ଯୋଗାଣ ବନ୍ଦ

## ରନ୍ଧନ ଗ୍ୟାସ୍ ଅଭାବ

ନୂଆଦିଲ୍ଲୀ/ମୁମ୍ବାଇ,୯।୩

ଇରାନ ଯୁଦ୍ଧ ପାଇଁ ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଇନ୍ଧନ ପରିବହନ ବାଧାପ୍ରାପ୍ତ ହୋଇଛି। ଫଳରେ ଭାରତର ବିଭିନ୍ନ ସହରରେ ରନ୍ଧନ ଗ୍ୟାସ୍ ଅଭାବ ଦେଖାଦେଇଛି। ମୁମ୍ବାଇରେ ବ୍ୟବସାୟିକ ଏଲ୍‌ପିଜି ଯୋଗାଣକୁ ବନ୍ଦ କରିଦିଆଯାଇଛି। ଆଗକୁ ଗ୍ୟାସ୍ ନ ମିଳିବା ଆଶଙ୍କାରେ ସୋମବାର ସକାଳୁ ବୁକିଂ ବହୁଗୁଣିତ ହୋଇଛି। ୨୫ ଦିନ ପରେ ନୂଆ ସିଲିଣ୍ଡର ପାଇଁ ବୁକିଂ କରାଯାଇପାରିବ ବୋଲି ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କେନ୍ଦ୍ର ସରକାର ନିକଟରେ ଘରୋଇ ଏଲ୍‌ପିଜି ସିଲିଣ୍ଡର ପ୍ରତି ଦର ୬୦ ଟଙ୍କା ବଢ଼ାଇଥିବାବେଳେ ବ୍ୟବସାୟିକ ଏଲ୍‌ପିଜି ଦର ୧୧୫ ଟଙ୍କା ବୃଦ୍ଧି କରିଥିଲେ। ସୋମବାର ନଏଡ଼ା ସେକ୍ଟର ୨୨ ଅଞ୍ଚଳରେ ଥିବା ଗ୍ୟାସ୍ ଏଜେନ୍ସି ବାହାରେ ଖାଲି ସିଲିଣ୍ଡର ସହ ଲୋକଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା।



ଝାଡ଼ଖଣ୍ଡର ରାଞ୍ଚିସ୍ଥିତ ଏକ ଗ୍ୟାସ୍ ଏଜେନ୍ସି ସମ୍ମୁଖରେ ଲୋକେ ଖାଲି ସିଲିଣ୍ଡର ଧରି ଏଲ୍‌ପିଜି ପାଇଁ ଲମ୍ବା ଧାଡ଼ିରେ ଅପେକ୍ଷା କରିଛନ୍ତି।

# ଯୁଦ୍ଧ ପ୍ରଭାବରେ ସୃଷ୍ଟି ହୋଇଛି ୩୫ ଟ୍ରିଲିୟନ ଡଲାରର ସୁନା ବଜାର

ଲଣ୍ଡନ,୯।୩

ଇରାନ-ଆମେରିକା ଯୁଦ୍ଧକୁ ନେଇ ବୈଶ୍ୱିକ ପୁଞ୍ଜି ବଜାର ବେଳକୁ ବେଳ ଧରାଶାୟୀ ହେବାରେ ଲାଗିଛି। ତୈଳ ସଙ୍କଟକୁ ନେଇ ପେଟ୍ରୋଲିୟମ ବଜାରରେ ଅସ୍ଥିରତା ଏବଂ ଭୂ-ରାଜନୈତିକ ସ୍ତରରେ ଦେଖାଯାଇଥିବା ଅସାମଞ୍ଜସ୍ୟ ନିବେଶକଙ୍କୁ ଘୋର ଆଶଙ୍କା ମଧ୍ୟକୁ ଠେଲି ଦେଇଥିବାବେଳେ ଏବେ ଶେୟାର ବଜାରରୁ ମୁହଁ ଫେରାଇ ନିବେଶକମାନେ ସୁନାରେ ପୁଞ୍ଜି ନିବେଶ କରିବାକୁ ଶ୍ରେୟ ମଣିଛନ୍ତି। ବର୍ତ୍ତମାନ ଶେୟାର ବଜାର ତୁଳନାରେ ଲଣ୍ଡନ ସମେତ ବିଶ୍ୱର ଅନ୍ୟ ପ୍ରମୁଖ ମେଟାଲ ଏକ୍ସଚେଞ୍ଜଗୁଡ଼ିକରେ ସୁନା ସର୍ବାଧିକ କାରବାର ହେବା ସହିତ ଅନ୍ତର୍ଜାତୀୟ ସ୍ତରର ବ୍ୟାଙ୍କ ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ସୁନା କିଣିବାକୁ ଲାଗିଛନ୍ତି। ଏହାକୁ ନେଇ ଅନ୍ତର୍ଜାତୀୟ ବଜାରରେ ସୁନା ଚାହିଦା ବୃଦ୍ଧି ପାଇବା ସହିତ ଅନ୍ତର୍ଜାତୀୟ ବେଞ୍ଚମାର୍କ ମୂଲ୍ୟରେ ମଧ୍ୟ ବୃଦ୍ଧି ଘଟି ଚାଲିଛି। ସୋମବାର ସୁଦ୍ଧା ଲଣ୍ଡନସ୍ଥିତ ଏଲବିଏମଏରେ ୨୪ କ୍ୟାରେଟ୍ ସୁନା ଆଉନ୍ସ ପ୍ରତି ମୂଲ୍ୟ ୫୪୦୦ରୁ ୫୬୦୦ ଡଲାର ରହିଥିବା ଜଣାପଡ଼ିଛି।

ସବୁଠାରୁ ବଡ଼ କଥା ହେଉଛି ଇରାନ-ଆମେରିକା ଯୁଦ୍ଧ ପରେ ସୁନାର ଚାହିଦା ଓ ନିବେଶ ବୃଦ୍ଧିକୁ ନେଇ ଯେଉଁ ବଜାର ସୃଷ୍ଟି ହୋଇଛି ତାହାର ମୂଲ୍ୟ ୩୦ରୁ ୩୫ ଟ୍ରିଲିୟନ ଡଲାର ଛୁଇଁଛି। ଆର୍ଥିକ ଦୃଷ୍ଟିରୁ ଆକଳନ କଲେ ଏହି ବଜାର ମୂଲ୍ୟ ଭାରତ ଏବଂ ଯୁକ୍ତରାଜ୍ୟର ମୋଟ ଜିଡିପିଠାରୁ ଅନେକ ଅଧିକ ହେବ। ଭାରତ ଏବଂ ଯୁକ୍ତରାଜ୍ୟ ଜିଡିପି ୮ରୁ ୯ ଟ୍ରିଲିୟନ ଡଲାର ମଧ୍ୟରେ ରହିଥିବାବେଳେ ବର୍ତ୍ତମାନ ସୁନା ବଜାର ୩୦ରୁ ୩୫ ଟ୍ରିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି।



ଧରିତ୍ରୀ 52 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୦/୨୦୨୬ | Bhubaneswar, Tuesday, March 10/2026 | ପୃଷ୍ଠା-୩




ସରକାରୀ ମାନ୍ୟତା, ମାସିକ ଦରମା ୧୮ହଜାର ଓ ଅବସରକାଳୀନ ସହାୟତା ୫ ଲକ୍ଷ ଟଙ୍କା ଆଦି ବିଭିନ୍ନ ଦାବି ନେଇ ବିଜୁ ଶ୍ରମିକ ସାମ୍ମୁଖ୍ୟ ଅନୁବନ୍ଧିତ ଅଲ୍ ଓଡ଼ିଶା ଆଶାକର୍ମୀ ସାମ୍ମୁଖ୍ୟ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ସମାବେଶ।

## ୮ ଲକ୍ଷ ରାଶନ କାର୍ଡ କାଟିଛନ୍ତି ରାଜ୍ୟ ସରକାର: ବିରୋଧୀ

### ଖାଦ୍ୟ ସୁରକ୍ଷା ଯୋଜନା ବାଟବଣା ନେଇ ମୁଲତବୀ ଆଲୋଚନା

**ଭୁବନେଶ୍ୱର,୯।୩(ରବିନାରାୟଣ ଜେନା)**

ରାଜ୍ୟ ସରକାର ଇ-କେୱାଇସି ଆଳରେ ୮ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କ ରାଶନକାର୍ଡ କାଟିଛନ୍ତି। ଚଳିତବର୍ଷ ଧାନ ସଂଗ୍ରହରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଛି। ସରକାର କହୁଛନ୍ତି ଗୋଟେ, କରୁଛନ୍ତି ଆଉ ଗୋଟେ। ଚାଷୀକୁଳ ଭାରି ହୀନସ୍ତାରେ ଅଛନ୍ତି, ଯେଉଁଥିପାଇଁ କେନ୍ଦ୍ରାପଡ଼ା ରାଜନଗରରେ ଚାଷୀ ତ୍ରିଲୋଚନ ନାୟକ ମୃତ୍ୟୁ ମୁଖରେ ପଡ଼ିଲେ ବୋଲି କହି ବିରୋଧୀ ବିଜେଡି ଓ କଂଗ୍ରେସ ମୁଲତବୀ ଆଲୋଚନା କାଳରେ ସରକାରଙ୍କୁ ଅକଳରେ ପକାଇବାକୁ ଉଦ୍ୟମ କରିଛନ୍ତି। ଅନ୍ୟପକ୍ଷରେ ଶାସକଦଳ ସଦସ୍ୟ ଓ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିରୋଧୀଙ୍କୁ କଡ଼ା ଜବାବ ଦେବା ସହିତ ଭାଜପା ସରକାର ନେଇଥିବା ସଂସ୍କାରମୂଳକ ପଦକ୍ଷେପ ସମ୍ପର୍କରେ ଗୃହକୁ ଅବଗତ କରାଇଥିଲେ। ଶାସକ ଓ ବିରୋଧୀଙ୍କ ଆଲୋଚନା ଶୁଣିବା ପରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଲତବୀ ଆଲୋଚନାକୁ ଅଗ୍ରାହ୍ୟ କରିଥିଲେ। ଏହି ସମୟରେ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି କକ୍ଷତ୍ୟାଗ କରିଥିଲେ। ଉପବାଚସ୍ପତି ଗୃହକୁ ଅପରାହ୍ଣ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

'ଖାଦ୍ୟ ସୁରକ୍ଷା ଯୋଜନା ବାଟବଣା' ଶୀର୍ଷକ ମୁଲତବୀ ଆଲୋଚନାକୁ ଆରମ୍ଭ କରି ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ କହିଥିଲେ, ମନ୍ତ୍ରୀଙ୍କ ଉତ୍ତରରୁ ସ୍ପଷ୍ଟ ଜଣାପଡୁଛି ସରକାର ଇ-କେୱାଇସି ଆଳରେ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେଇଛନ୍ତି। ସରକାର ପ୍ରାୟ ୧୭ ଲକ୍ଷ ରାଶନ୍‌କାର୍ଡ କାଟିଥିବାବେଳେ ମାତ୍ର ୯ ଲକ୍ଷଙ୍କୁ ଯୋଡ଼ିଛନ୍ତି। ପୋର୍ଟାଲରେ ଲୋକ ଆବେଦନ କରିପାରୁନାହାନ୍ତି। ସରକାରଙ୍କ ଗତବର୍ଷର ତଥ୍ୟ ଅନୁସାରେ ୩୩ ଲକ୍ଷ ମେଟ୍ରିକ୍ ଟନ ଚାଉଳ କେଉଁଠି ରଖିଛନ୍ତି ତାହାର ଉତ୍ତର ମନ୍ତ୍ରୀ ଦିଅନ୍ତୁ। ଏହି ସମୟରେ ଏଫ୍‌ସିଆଇ କେତେ ଚାଉଳ ଉଠାଇଛି ଏବଂ ମିଲର୍ସଙ୍କ ନିକଟରେ କେତେ ରହିଛି ତାହା ମଧ ଜଣାନ୍ତୁ। ସେ କହିଥିଲେ, କେନ୍ଦ୍ର ସରକାରଙ୍କ ଆଇନ ଅନୁଯାୟୀ, ଏମ୍‌ଏସ୍‌ପି ଉପରେ ବୋନସ ଦେଲେ କେନ୍ଦ୍ର ଚାଉଳ ନେବାକୁ ବାଧ୍ୟ ନୁହେଁ। ବିଭିନ୍ନ ଆଳରେ ବହୁ ☞ପୃଷ୍ଠା-୧୧

## ୯୭% ଇ-କେୱାଇସି ସରିଛି: ଯୋଗାଣ ମନ୍ତ୍ରୀ

### ହୃଦ୍‌ଘାତ ଯୋଗୁ ତ୍ରିଲୋଚନଙ୍କ ମୃତ୍ୟୁ ହୋଇଛି

**ଭୁବନେଶ୍ୱର,୯।୩(ରବିନାରାୟଣ ଜେନା)**

ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଯୋଗ୍ୟ ବ୍ୟକ୍ତିଙ୍କୁ ରାଶନକାର୍ଡ ଦେବାପାଇଁ ପଦକ୍ଷେପ ନେଇଥିଲେ। ଇତିମଧ୍ୟରେ ୯୭ ପ୍ରତିଶତ ରାଶନକାର୍ଡରେ ଇ-କେୱାଇସି ଅପଡେଟ୍ ହୋଇସାରିଲାଣି ବୋଲି ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଲତବୀ ଆଲୋଚନା କାଳରେ ବିରୋଧୀଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି। ମନ୍ତ୍ରୀ ପାତ୍ର କହିଛନ୍ତି, ରାଜ୍ୟରେ ଜଣେ ହେଲେ ବି ଚାଷୀ କଟ୍‌ନୀ/ଛଟ୍‌ନୀର ସମ୍ମୁଖୀନ ହୋଇନାହାନ୍ତି। ଆମ ସରକାର କେବଳ ମୃତ ରାଶନକାର୍ଡଧାରୀ, ଚାକିରିଆ ଏବଂ ଆୟକରଦାତାଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ଦେଇଛି। ଜଣେ ହେଲେ ବି ଯୋଗ୍ୟ ହିତାଧିକାରୀ ବଞ୍ଚିତ ହୋଇନାହାନ୍ତି।

ବିରୋଧୀମାନେ ସରକାରଙ୍କୁ ବଦ୍‌ନାମ କରିବାପାଇଁ ଯେଉଁ ପ୍ରୟାସ କରୁଛନ୍ତି, ସେଥିରେ ସେମାନେ ସଫଳ ହେବେନାହିଁ। ବାହାର ରାଜ୍ୟରେ କାମ କରୁଥିବା ୧ଲକ୍ଷ ୪୬ହଜାର ଜଣଙ୍କ ରାଶନକାର୍ଡ ଅପ୍‌ଡେଟ୍ ହୋଇସାରିଛି। ଜଣଙ୍କର ବି କଟିନାହିଁ। ୨୦୨୪-୨୫ ଖରିଫ ଓ ରବି ଋତୁରେ ରାଜ୍ୟ ସରକାର ୯୨ଲକ୍ଷ ୬୪ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିଥିଲେ। ସେ ବାବଦକୁ ୬୨.୮୨ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ମଧ୍ୟରୁ ଏଫ୍‌ସିଆଇ ୨୬ଲକ୍ଷ ୭୫ହଜାର ମେଟ୍ରିକ୍ ଟନ୍ ଚାଉଳ ଉଠାଇଥିବାବେଳେ ସାଧାରଣ ବଣ୍ଟନ ମାଧ୍ୟମରେ ୩୬ଲକ୍ଷ ୬୫ହଜାର ମେଟ୍ରିକ୍ ଟନ୍ ଚାଉଳ ରାଶନକାର୍ଡଧାରୀଙ୍କୁ ବଣ୍ଟାଯାଇଛି। ବଳକା ୪ଲକ୍ଷ ୯୫ହଜାର ମେଟ୍ରିକ୍ ଟନ୍ ମଧ୍ୟରୁ ଗୋଦାମରେ ୩.୭୯ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ରହିଥିବାବେଳେ ମିଲର୍ସଙ୍କ ଉପରେ ମାତ୍ର ୧.୧୮ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ରହିଛି। ନିକଟରେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଅନୁରୋଧ କରିବା ପରେ ସେ ୧.୫ ଲକ୍ଷ ମେଟ୍ରିକ୍ ଟନ୍ ଉଷୁନା ଚାଉଳ ଉଠାଇବାକୁ ରାଜି ହୋଇଛନ୍ତି।

ମନ୍ତ୍ରୀ କହିଛନ୍ତି, କେନ୍ଦ୍ରାପଡ଼ା ରାଜନଗରର ଚାଷୀ ତ୍ରିଲୋଚନ ନାୟକଙ୍କ ମୃତ୍ୟୁକୁ ବିରୋଧୀମାନେ ସରକାରଙ୍କ ମୁଣ୍ଡରେ ଲଦିବା ପାଇଁ ଅପପ୍ରୟାସ କରୁଛନ୍ତି। ମାତ୍ର ଜିଲାପାଳ ଏବଂ ☞ପୃଷ୍ଠା-୧୧

## ଦୁର୍ଘଟଣାରେ ଗଲା ୬ ଜୀବନ

**ଜମନକିରା/କେନ୍ଦୁଝର/ରାଜଗାଙ୍ଗପୁର, ୯।୩(ରବୀନ୍ଦ୍ର ପ୍ରସାଦ ଦାନୀ/ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର/ଅଶୋକ ପାଣି)**

ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ସଡ଼କ ଦୁର୍ଘଟଣାରେ ଯାଇଛି ୬ ଜଣଙ୍କ ଜୀବନ। ସମ୍ବଲପୁର ଜିଲା ଜମନକିରାରେ କଣ୍ଟେନର ଧକ୍କାରେ ୩ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ କେନ୍ଦୁଝର ଜିଲା ସଦର ଥାନା ତେନ୍ତୁଳିଗ୍ରାମ ନିକଟରେ ଟ୍ରକ୍‌ରେ ପିଟିହୋଇ ବାଇକରେ ଥିବା ବାପ ଓ ପୁଅଙ୍କ ମୃତ୍ୟୁ ଘଟିଛି। ସେହିପରି ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ଡିଭାଇଡରେ ପିଟି ହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି।

ସମ୍ବଲପୁର ଜିଲା ଜମନକିରା ଥାନା ୫୩ ନଂ. ଜାତୀୟ ରାଜପଥର ବଡ଼ରମା ପଞ୍ଚାୟତ ଡିମିରିମୁଣ୍ଡା ଛକ ନିକଟରେ ସୋମବାର କଣ୍ଟେନର-ବାଇକ୍ ମୁହାଁମୁହିଁ ଧକ୍କାହେବାରୁ ୩ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବଡ଼ରମା ପଞ୍ଚାୟତ ବିଶାଳପାଲି ଗାଁର ରନବ୍ରିଟ ସିଂ(୨୧), କୁଲୁଣ୍ଡି ପଞ୍ଚାୟତର ବୁଲୁ ରଣା(୨୦) ଏବଂ ସୁଜିତ ଲଙ୍ଗା(୧୭)। ପୂର୍ବାହ୍ଣ ପ୍ରାୟ ୧୦ଟା ୩୦ରେ ସେମାନେ ଏକ ବାଇକ୍‌ରେ ଜମନକିରାରୁ ଘରକୁ ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା କଣ୍ଟେନର(ୟୁପି-୮୬-ଟି-୩୭୨୫) ସହ ଧକ୍କା ହୋଇଥିଲା। ଏଥିରେ କଣ୍ଟେନର ଭିତରକୁ ବାଇକ୍‌ଟି ପଶିଯାଇଥିବାବେଳେ ଆରୋହୀମାନେ ଛିଟିକି ପଡ଼ିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ବାଇକ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ କଣ୍ଟେନର କ୍ୟାବିନ୍‌ରେ ନିଆଁ ଲାଗିଯାଇଥିଲା। ଖବର ପାଇ ଜମନକିରା ପୋଲିସ ଓ ଅଗ୍ନିଶମ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ମେଡିକାଲ ପଠାଇଥିଲା। ବ୍ୟବଚ୍ଛେଦ ପରେ ଅପରାହ୍ଣରେ ମୃତଦେହ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

କେନ୍ଦୁଝର ସଦର ଥାନା ତେନ୍ତୁଳି ଗ୍ରାମ ନିକଟସ୍ଥ ଏନ୍‌ଏଚ୍ ୪୯ରେ ଅପରାହ୍ଣ ୧ଟାରେ ଏକ ସଡ଼କ ଦୁର୍ଘଟଣାରେ ବାପ ☞ପୃଷ୍ଠା-୧୧

# ତୈଳ ଦର ୧୦୦ ଡଲାର ଟପିଲା

### ବୈଶ୍ୱିକ ଅର୍ଥନୀତି ପାଇଁ ଆଗକୁ ବଡ଼ ଆହ୍ୱାନ

**ଇରାନ-ଆମେରିକା ଯୁଦ୍ଧକୁ ନେଇ ବଢୁଥିବା ତୈଳ ସଙ୍କଟ ବୈଶ୍ୱିକ ଅର୍ଥନୀତି ପାଇଁ ବଡ଼ ବିପଦ ହେବାକୁ ଯାଉଛି। ଯୁଦ୍ଧ ଯୋଗୁ ପ୍ରମୁଖ ତୈଳ ଉତ୍ପାଦନକାରୀ ଦେଶ ସେମାନଙ୍କ ଉତ୍ପାଦନ ହ୍ରାସ କରିଥିବାବେଳେ ହର୍ମୁଜ୍ ଷ୍ଟ୍ରେଟ୍ ଉପରେ ଇରାନର ପ୍ରତିବନ୍ଧକ ତୈଳ ଯୋଗାଣ କ୍ଷେତ୍ରକୁ ଠପ୍ କରିଦେଇଛି। ଏହାକୁ ନେଇ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇ ଚାଲିଛି। ୨୦୨୨ ପରେ ପ୍ରଥମଥର ପାଇଁ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ବ୍ୟାରେଲ୍ ପ୍ରତି ୧୦୦ ଡଲାର ଟପିଛି।**

**ନ୍ୟୁୟର୍କ,୯।୩**

ଇରାନ-ଆମେରିକା ଯୁଦ୍ଧର ପ୍ରଭାବ କେବଳ ମଧ୍ୟପ୍ରାଚ୍ୟ ନୁହେଁ, ସାରା ବିଶ୍ୱକୁ ଗ୍ରାସିବାକୁ ବସିଛି। ମଧ୍ୟପ୍ରାଚ୍ୟରେ ସୃଷ୍ଟି ହୋଇଥିବା ତୈଳ ସଙ୍କଟ ଏବେ ବିଶ୍ୱର ପ୍ରତ୍ୟେକ ଭାଗକୁ ପ୍ରଭାବିତ କରି ଚାଲିଛି। ତୈଳ ଉତ୍ପାଦନ ହ୍ରାସ ପାଇବା ସାଙ୍ଗକୁ ଯୋଗାଣ ପ୍ରକ୍ରିୟା ଭାରି ମାତ୍ରାରେ ପ୍ରଭାବିତ ହୋଇଥିବାରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ଅହେତୁକ ମୂଲ୍ୟ ବୃଦ୍ଧି ବୈଶ୍ୱିକ ଅର୍ଥନୀତି ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଗୋଟିଏ ପଟେ ସାଉଦି ଆରବ, ୟୁଏଇ, କାତାର, କୁଏଟ୍, ବାହାରିନ୍, ଇରାକ୍, ଜୋର୍ଡାନ ଭଳି ବହୁ ଉପସାଗରୀୟ ତଥା ତୈଳ ଉତ୍ପାଦନକାରୀ ଦେଶ ଉପରେ ଇରାନ ଆକ୍ରମଣ ଜାରି ରଖିଥିବାରୁ ଏହିସବୁ ଦେଶର ତୈଳ ଉତ୍ପାଦନ କ୍ଷେତ୍ର ପ୍ରଭାବିତ ହୋଇଛି। କାତାର ଏବଂ ସାଉଦି ଆରବସ୍ଥିତ ବିଶ୍ୱର ସର୍ବବୃହତ ତୈଳ ରିଫାଇନେରି ଆରାମ୍‌କୋରୁ ତୈଳ ଉତ୍ପାଦନ ଏକପ୍ରକାର ବନ୍ଦ ହୋଇଯାଇଛି। ଅନ୍ୟପଟେ ବିଶ୍ୱର ଏନର୍ଜି କରିଡର୍ ଭାବେ ପରିଚିତ ହର୍ମୁଜ୍ ଷ୍ଟ୍ରେଟ୍ ଉପରେ ଇରାନର ☞ପୃଷ୍ଠା-୧୧

## ୧ ଡଲାର= ୯୨.୩୫ ଟଙ୍କା



**ମୁମ୍ବାଇ,୯।୩(ପି.ଟି.)**

ଆମେରିକା ଡଲାର ତୁଳନାରେ ଟଙ୍କା ମୂଲ୍ୟ ସୋମବାର ସର୍ବନିମ୍ନ ୯୨.୩୫କୁ ହ୍ରାସ ପାଇଛି, ଅର୍ଥାତ୍ ୧ ଡଲାରର ମୂଲ୍ୟ ୯୨ ଟଙ୍କା ୩୫ ପଇସା ହୋଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଏବଂ ଆମେରିକୀୟ ଡଲାର ଅଧିକ ଶକ୍ତିଶାଳୀ ହେଉଥିବାରୁ ଟଙ୍କା ମୂଲ୍ୟ ହ୍ରାସ ପାଇ ଚାଲିଛି। ଘରୋଇ ଶେୟାର ବଜାରରୁ ନିବେଶକମାନେ ବିଦେଶୀ ପାଣ୍ଠି ପ୍ରତ୍ୟାହାର କରିନେଉଥିବାରୁ ଟଙ୍କା ଉପରେ ଚାପ ବଢ଼ିଥିବା ଫରେକ୍ସ ଟ୍ରେଡରମାନେ କହିଛନ୍ତି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ସୋମବାର ଟଙ୍କା ମୂଲ୍ୟ ଆରମ୍ଭରେ ୯୨.୨୨ ଥିବାବେଳେ ପରେ ଏହା ସାମାନ୍ୟ ବୃଦ୍ଧି ପାଇ ୯୨.୧୫ରେ ପହଞ୍ଚିଥିଲା। ପରେ ଏହା ପୂର୍ବ କାରବାର ଦିବସ ତୁଳନାରେ ୫୩ ପଇସା ହ୍ରାସ ପାଇ ☞ପୃଷ୍ଠା-୧୧

## ବରଫକଳ କମ୍ପ୍ରେସର ଟାଙ୍କି ଫାଟି ଜଣେ ମୃତ, ୩ ଗୁରୁତର

**ଧରାକୋଟ,୯।୩(ବିଷ୍ଣୁ କେଶରୀ ଆଚାର୍ଯ୍ୟ)**

### ଉଡିଗଲା ଘରର ଟିଣ ଛପର

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ତାଳପାଟଣା ଗ୍ରାମରେ ମଲେଇ (ଆଇସକ୍ରିମ୍) ତିଆରି ପାଇଁ ରହିଥିବା ବରଫକଳର କମ୍ପ୍ରେସର ମରାମତି ବେଳେ ଟାଙ୍କି ଫାଟି ଜଣକର ମୃତ୍ୟୁ ହୋଇଛି। ୩ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ବିଦେଶୀ ପ୍ରଧାନ। ଆହତମାନଙ୍କୁ ଆସିକା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

ଖବରରୁ ଜଣାପଡିଛି, ଗ୍ରାମର ରମେଶ ଚନ୍ଦ୍ର ମହାପାତ୍ର (୭୫) ମଲେଇ ବ୍ୟବସାୟ କରିବାକୁ ନିଜ ଘରେ ଏକ ଛୋଟ ଫ୍ୟାକ୍ଟ୍ରି କରିଥିଲେ। ଗତ ଦୁଇ ଦିନ ତଳେ ମଲେଇ ବାହାର କରି ବିକ୍ରି କରିବା ପାଇଁ ସେ ପ୍ରକ୍ରିୟା ଆରମ୍ଭ କରିଥିଲେ। ତେବେ ଉପଯୁକ୍ତ ଥଣ୍ଡା ନ ହେବାରୁ ଏହି ମେଶିନକୁ ଫିଟିଂ କରିଥିବା ମେକାନିକ ଜଗନ୍ନାଥପ୍ରସାଦ ନିକଟସ୍ଥ କୁସପଲି ଗ୍ରାମର ବିଦେଶୀ ପ୍ରଧାନ (୫୬)ଙ୍କୁ ଡାକିଥିଲେ। ସେ ଆସି ସୋମବାର ଏହାକୁ ସଜାଡୁଥିବା ବେଳେ ଅଚାନକ କମ୍ପ୍ରେସର ଟାଙ୍କି ଫାଟି ଯାଇଥିଲା। ଘଟଣା ସ୍ଥଳରେ ପ୍ରବଳ ଶବ୍ଦ ହେବା ସହ ଘରର ଟିଣ ଛପର ଉଡିଯାଇଥିଲା। ଏଭଳି ଶବ୍ଦ ଶୁଣି ପରିବାର ଲୋକେ ଏବଂ ପଡୋଶୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ମିସ୍ତ୍ରି ବିଦେଶୀ, ରମେଶ, ଶୋଭାବତୀ ମହାପାତ୍ର (୬୫) ଓ ହେମନ୍ତ ମହାପାତ୍ର (୪୮)ଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଆସିକା ମେଡିକାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ବ୍ରହ୍ମପୁର ମେଡ଼ିକାଲରେ ବିଦେଶୀଙ୍କ ମୃତ୍ୟୁ ହୋଇଥିଲା। ରମେଶ ଓ ହେମନ୍ତ ଚିକିତ୍ସାଧୀନ ଥିବା ବେଳେ ଶୋଭାବତୀ ସୁସ୍ଥ ହୋଇ ଘରକୁ ଫେରିଯାଇଛନ୍ତି। ଖବରପାଇ ଧରାକୋଟ ପୋଲିସ ଘଟଣା ସ୍ଥଳ ଏବଂ ବ୍ରହ୍ମପୁର ମେଡ଼ିକାଲ ଅଭିମୁଖେ ଯାଇ ଏହାର ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ☞ପୃଷ୍ଠା-୧୧



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଶିରିଡ଼ି ସାଇ ଗ୍ଲୋବାଲ ଫାଉଣ୍ଡେଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ୍ ସାଣ୍ଡି ଟାୱାର, ସମୟ: ଅପରାହ୍ନ ୪ଟା।
- ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଏବଂ ଦ ନିଉ ଇଣ୍ଡିଆ ଆସୁରାନ୍ସ କୋ.ଲିମିଟେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର, ସ୍ଥାନ: ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ଗଣ୍ଡମୁଣ୍ଡା, ସମୟ: ଅପରାହ୍ନ ୪ଟା।

## କଟକ
- ଜେମାଦେଈପୁରରେ ୭ ଦୋଳ ଯାତ୍ରା ଆରମ୍ଭ, ସ୍ଥାନ: ଜେମାଦେଈପୁର, ତିଗିରିଆ, ସମୟ: ସନ୍ଧ୍ୟା ୭ଟା।

## ପୁରୀ
- ସୃଷ୍ଟି ଓ ସ୍ରଷ୍ଟା ଆଧାତ୍ମିକ ସାହିତ୍ୟ ମହୋତ୍ସବ, ସ୍ଥାନ: ହରିରାଜପୁର ପଞ୍ଚଦୋଳ ମେଳଣ ପଡ଼ିଆ, ମା' ସନ୍ତୋଷୀ ମନ୍ଦିର ନିକଟ ମହୋତ୍ସବ ମହାମଞ୍ଚ, ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର
- ହୋମିଓପାଥିକ କଲେଜର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ସମୟ: ଅପରାହ୍ନ ୪ଟା।

## ଅନୁଗୋଳ
- ଏମ୍ଆର୍‌ସିସି ନାଇଟ୍ ଚ୍ୟାଲେଞ୍ଜ କପ୍‌ର ତୃତୀୟ ଦିବସରେ କ୍ରିକେଟ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ରାମେଶ୍ୱର ପାଟଣା କ୍ରିକେଟ ପଡ଼ିଆ, ସମୟ : ରାତି ୮ଟା।

## ଜଗତ୍‌ସିଂହପୁର
- ଆଇସିଡିଏସ୍ କାର୍ଯ୍ୟକ୍ରମ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମୈନାକ ସାହିତ୍ୟ ସଂସଦ ପକ୍ଷରୁ ଚଇତି କବିତା ଆସର କାର୍ଯ୍ୟକ୍ରମ, ସ୍ଥାନ: ପୌର ସମ୍ମିଳନୀ କକ୍ଷ, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ମୁଖ୍ୟମନ୍ତ୍ରୀ ବସ୍ ସେବା ରୁଟ ସଂଶୋଧନ ସମ୍ପର୍କିତ ଜିଲାସ୍ତରୀୟ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୪ଟା ୩୦।
- ମହିଳା ସାଂସ୍କୃତିକ କାର୍ଯ୍ୟକ୍ରମର ତୃତୀୟ ସନ୍ଧ୍ୟାରେ ନାଟକ 'ଯେଉଁ ବନସ୍ତରେ ମଣିଷ ନାହିଁ' ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ଫ୍ରେଣ୍ଡସ ୟୁଥ କ୍ଲବ ପକ୍ଷରୁ ପାଇକା ମହୋତ୍ସବ, ସ୍ଥାନ: ପୋତାରି ଖେଳପଡିଆ, ମଙ୍ଗରାଜପୁର, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାସୁଦେବ ପୀଠ, କୋଟିଲା, ମହାକାଳପଡା, ସମୟ: ସନ୍ଧ୍ୟା ୬ଟା।
- ମଧୁସାଗର ମହୋତ୍ସବ, ସ୍ଥାନ: ବାଲିଆ, ଭାଗବତପୁର, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ବ୍ୟାଙ୍କର୍ସଙ୍କୁ ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ଜିଲା ଶୈକ୍ଷିକ ସମାଜର ପ୍ରସ୍ତୁତି ବୈଠକ, ସ୍ଥାନ: ବାରବାଟି ନିକଟ ଦୁର୍ଗାମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ସପ୍ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ଭୋର ୫ଟା।
- ପଞ୍ଚୁଦୋଳ ଯାତ୍ରା ମହୋତ୍ସବର ୩ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ସୋମନାଥ ମନ୍ଦିର ପଞ୍ଚୁଦୋଳ ପଡିଆ, ସମୟ:ସନ୍ଧ୍ୟା ୭ଟା।
- ବନଦୁର୍ଗାଙ୍କ ୩ୟ ବାର୍ଷିକ ଉତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ସିଂଘାପଡା, ସମୟ: ସକାଳ ୮ଟା।
- ୨୮ ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ, ସ୍ଥାନ: ଖଣ୍ଡପଡା ବ୍ଲକ ବାଇଗୁଣିଆ ହାଇସ୍କୁଲ ଖେଳ ପଡିଆ, ସମୟ: ଅପରାହ୍ନ ୩.୩୦ଟା।
- ଅଷ୍ଟ ପ୍ରହର ଓ ନାମ ଯଜ୍ଞ ଉଦ୍‌ଯାପନ, ସ୍ଥାନ: ଖଣ୍ଡପଡା ବ୍ଲକ ସୋହମ ଆଶ୍ରମ ବଳରାମ ପ୍ରସାଦ, ସମୟ:ସକାଳ ୮ଟା।
- ବ୍ଲକସ୍ତରୀୟ କ୍ରୀଡା ସମାରୋହ, ସ୍ଥାନ: ଖଣ୍ଡପଡା ଭଲିବଲ ଗ୍ରାଉଣ୍ଡର ବାଇପାସ୍ ନିକଟରେ, ସମୟ: ଅପରାହ୍ନ ୩.୩୦।
- ସିଦ୍ଧାମୂଳା ମଙ୍ଗଳାଙ୍କର ବାର୍ଷିକୋତ୍ସବ, ସ୍ଥାନ:ଖଣ୍ଡପଡା ସିଦ୍ଧାମୂଳା ମଙ୍ଗଳା ମନ୍ଦିର, ସମୟ: ସକାଳ ୭.୩୦ଟା।

## ରାୟଗଡ଼ା
- ଓଡ଼ିଶା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଉପ ଜିଲାପାଳଙ୍କ ସଦ୍‌ଭାବନା ସଭା ଗୃହ, ଗୁଣପୁର, ସମୟ: ଅପରାହ୍ନ ୪ ଟା।

## ନବରଙ୍ଗପୁର
- ମା ଙ୍କ ନବଦିନ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ଉମରକୋଟ ଗାନ୍ଧୀଛକ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃଜିଲା ମୁଖ୍ୟମନ୍ତ୍ରୀ କପ୍ କବାଡି ପ୍ରତିଯୋଗିତା ପ୍ରସ୍ତୁତି ବୈଠକ, ସ୍ଥାନ: ନବରଙ୍ଗପୁର ମିଶନଶକ୍ତି ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ଲୋକ ଅଧିକାର ଯାତ୍ରା କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ଅତିଥି ଭବନ ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ଅଗ୍ନିଗଙ୍ଗାମା'ଙ୍କ ଯାତ୍ରା ଉଦ୍‌ଯାପନ, ସ୍ଥାନ: ନୀଳାବାଡି, ବନ୍ଧୁଗାଁ, ସମୟ: ରାତି ୧୦ଟା।

## ମାଲକାନଗିରି
- ସମ୍ପୂର୍ଣ୍ଣତା ଅଭିଯାନ ୨.୦ କାର୍ଯ୍ୟକ୍ରମ ଶୁଭାରମ୍ଭ, ସ୍ଥାନ: ଜିଲା ପରିଷଦ କାର୍ଯ୍ୟାଳୟ ପରିସର, ମାଲକାନଗିରି , ସମୟ : ସକାଳ ୯ଟା ୩୦।
- ସଚେତନତା ଶୋଭାଯାତ୍ରା, ଷ୍ଟଲ ଉଦ୍‌ଘାଟନ ଏବଂ ଚାରାରୋପଣ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଜିଲା ପରିଷଦ କାର୍ଯ୍ୟାଳୟ, ମାଲକାନଗିରି, ସମୟ: ସକାଳ ୯ଟା।

## ସମ୍ବଲପୁର
- ୬୯ତମ ସର୍ବଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ : ରେଳବାଇ ଷ୍ଟାଡିୟମ, ସମୟ : ସକାଳ ୯ଟା।
- ୬୯ତମ ସର୍ବଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୯ଟା।
- ରବିଧାନ ସଂଗ୍ରହ ସକାଶେ ଚାଷୀ ନାମ ପଞ୍ଜୀକରଣ କାର୍ଯ୍ୟକ୍ରମ, ସ୍ଥାନ: ବିଭିନ୍ନ ପାକ୍ସ ଅଫିସ, ସମୟ : ସକାଳ ୯ଟା।
- ସ୍କିଲ ଟ୍ରି ଓ ଆର୍ଟ ଅନୁରେଖା ଆୟୋଜିତ ସ୍ତ୍ରୀକଳା ମହିଳା ଚିତ୍ରକଳା ପ୍ରଦର୍ଶନୀର ଉଦ୍‌ଯାପନୀ ଉତ୍ସବ, ସ୍ଥାନ : ଆଞ୍ଚଳିକ ଆର୍ଟ ଗ୍ୟାଲେରି ସ୍ଥିତ ଲଳିତ କଳା ଏକାଡେମୀ, ସମୟ : ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ବାଟିକାରେ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞର ପ୍ରସ୍ତୁତି ବୈଠକ, ସ୍ଥାନ : ଅଇଁଠାପାଲି ନିକଟସ୍ଥ ଡଲଫିନ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟ ଏବଂ ଭୁବନେଶ୍ୱର ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ରଙ୍ଗ ସଙ୍ଗମ -୨୦୨୬ରେ ପୁରୀ ଶ୍ରୀକ୍ଷେତ୍ର ନାଟ୍ୟଶାଳା ପକ୍ଷରୁ ନାଟକ ସ୍ୱୟଂମ୍ବର ମଞ୍ଚସ୍ଥ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ଶ୍ରୀ ଶ୍ରୀ ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ଜାମୁଟଝୁଲା ଗ୍ରାମ, ଡୁରେକେଲା ବ୍ଲକ, ସମୟ: ସକାଳ ୮ଟା ୫୫।

## ରାଉରକେଲା
- ସିଏଆଇଏସ୍‌ଏଫ୍ ରାଇଜିଂ ଡେ ନେଇ ପରେଡ, ସ୍ଥାନ: ବିଶ୍ରା ଛକ, ସମୟ: ସକାଳ ୯ଟା।
- ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ଇସ୍ପାତ ସାହିତ୍ୟ ସଂସଦ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ରାଇସଲପଦର, ଗାଇସିଲେଟ, ସମୟ: ସକାଳ ୮ଟା।
- ବରିଷ୍ଠ ନାଗରିକଙ୍କ କଲ୍ୟାଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସରକଣ୍ଡା, ସୋହେଲା, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଜିଲାସ୍ତରୀୟ ଡିପିସି ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ରବି ଧାନ କିଣା ପାଇଁ ପଞ୍ଜୀକରଣ ଆରମ୍ଭ, ସ୍ଥାନ: ଜୁନାଗଡ଼ ବ୍ଲକ ଚିଚୈଗୁଡା ପ୍ରାଥମିକ କୃଷି ସମବାୟ ସମିତି, ସମୟ: ପୂର୍ବାହ୍ନ ୧୦ଟା।
- ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ସୁଭଦ୍ରା ଶକ୍ତି ମେଳାର ପଞ୍ଚମ ଦିବସ, ସ୍ଥାନ: କଚେରି ଖେଳ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ସମୟ: ସନ୍ଧ୍ୟା ୭ଟା।
- ଡିଜିଟାଲ ଫସଲ ସର୍ବେକ୍ଷଣ ପାଇଁ କାର୍ଯ୍ୟ ଯୋଜନା ଓ ମାନକ କାର୍ଯ୍ୟ ପ୍ରଣାଳୀ ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ ସିଡିଏଓ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଶ୍ରୀଶ୍ରୀ ଅଖଣ୍ଡ ଷୋହଳପ୍ରହର ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ଅମଲାପାଲି ଗାଁ, ସମୟ: ପ୍ରାତଃ ୫ଟା ୩୭।
- ସ୍ୱାମୀ ବିବେକାନନ୍ଦ କ୍ରିକେଟ ଟୁର୍ନାମେଣ୍ଟ କ୍ୱାର୍ଟର ଫାଇନାଲ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଘରଧରା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- -ଷୋହଳ ପ୍ରହର ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ରଜାମୁଣ୍ଡା ଗାଁ, ସମୟ: ପ୍ରାତଃ ୪ଟା ୩୫।
- ସୁଭଦ୍ରା ଶକ୍ତିମେଳା ଉଦ୍‌ଘାଟନ, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ପଡିଆ ନୂଆପଡା, ସମୟ: ସନ୍ଧ୍ୟା ୬ଟା।
- ସୁଭଦ୍ରା ଶକ୍ତି ମେଳା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ପଡିଆ ନୂଆପଡା, ସମୟ: ରାତ୍ର ୯ଟା ୩୦।
- ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ କ୍ରିଷ୍ଣା ଗାଁ, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା
- ଷୋହଳ ପ୍ରହର ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ, ସ୍ଥାନ: କାଙ୍କମାଲ ନାମ ମଣ୍ଡପ, ଲଇକେରା, ସମୟ: ସକାଳ ୮ଟା।
- ଷୋହଳ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ପନଖିପଡ଼ା ନାମ ମଣ୍ଡପ, କିର୍ମିରା, ସମୟ: ସକାଳ ୮ ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପ୍ରସ୍ତୁତି ସଭା, ସ୍ଥାନ: କନକତୋରା ମନ୍ଦିର ପରିସର, ସମୟ: ଅପରାହ୍ନ ୩ଟା।

# 'ଏନି ପସିବିଲିଟି'

ଭୁବନେଶ୍ୱର, ୯।୩ (ସୁନିତ୍ ମିଶ୍ର)

ରାଜ୍ୟ ସଭାର ୪ ଆସନରେ ନିର୍ବାଚନ ପାଇଁ ନାମାଙ୍କନ ଶେଷ ହେବା ପରଠାରୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରତ୍ୟେକ ଦିନ ବିଧାୟକମାନଙ୍କୁ ଡାକି ବୈଠକ କରୁଛନ୍ତି। ବୈଠକରେ ରାଜ୍ୟ ସଭା ବିଷୟରେ ହିଁ ପଚାରୁଛନ୍ତି। ସବୁ ବିଧାୟକଙ୍କୁ ସେ ପ୍ରାୟ ଏକ ପ୍ରକାର କଥା କହୁଥିବା ଶୁଣିବାକୁ ମିଳୁଛି। ସେ ବିଧାୟକଙ୍କୁ କହୁଛନ୍ତି, ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ପାଖରେ ବହୁତ ଟଙ୍କା ଅଛି ବୋଲି ଚର୍ଚ୍ଚା କରାଯାଉଛି। ମାତ୍ର ସେ ବ୍ୟକ୍ତି କେବେ ବି କାହାକୁ କିଛି ଟଙ୍କା ଦିଅନ୍ତି ନାହିଁ। ଯେଉଁମାନେ କ୍ରସ୍ ଭୋଟିଂ କରିବେ ସେମାନଙ୍କ ଭବିଷ୍ୟତ ଖରାପ ହୋଇଯିବ। ତେଣୁ ବିଧାୟକମାନେ ସାମାଜିକ ସ୍ତରରେ ନିନ୍ଦିତ ହୋଇ ନିଜର ଭବିଷ୍ୟତ ଖରାପ କରିବା ଭଳି କାର୍ଯ୍ୟ କରିବାରୁ ନିବୃତ୍ତ ରହିବା ଜରୁରୀ। ଯିଏ ଶାସକ ଦଳର ପ୍ରାର୍ଥୀ ହୋଇଛନ୍ତି, ସିଏ ନବୀନ ନିବାସ ଆସିବାକୁ ଚେଷ୍ଟା କରିଥିଲେ। ମାତ୍ର ଏ ଖବର ମିଳିବା ମାତ୍ରେ ନବୀନ ନିବାସ ମୁଖ୍ୟ ଫାଟକ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ନବୀନ ତାଙ୍କ ଦଳର ବିଧାୟକମାନଙ୍କୁ କହୁଥିବା ଏବେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ବିଜେଡିର ବହୁ ବିଧାୟକ କ୍ରସ୍ ଭୋଟିଂ କରିବା ଅପେକ୍ଷା ନିଜର ଲମ୍ବା ରାଜନୈତିକ ଭବିଷ୍ୟତ ଲାଗି ନିଜକୁ ସ୍ୱଚ୍ଛ ରଖିବା ଅଧିକ ଜରୁରୀ ବୋଲି ମନେ କଲେଣି।

ଅନ୍ୟପକ୍ଷରେ ବିଜେଡି ଏବଂ କଂଗ୍ରେସ ବିଧାୟକମାନେ ମଧ୍ୟ ବିଧାନସଭା ଲବିଠାରୁ ଆରମ୍ଭ କରି ବିଭିନ୍ନ ଘରୋଇ ହୋଟେଲରେ ଚା ଖଟି କରି



କ୍ରସ୍ ଭୋଟିଂ ବିଷୟରେ ଆଲୋଚନା କରୁଛନ୍ତି। ବିରୋଧୀ ଦଳର ବିଧାୟକମାନେ ମଧ୍ୟ ବୁଝିଲେଣି କ୍ରସ୍ ଭୋଟିଂ କରିବା ସହଜ ହେବନାହିଁ। ଶାସକ ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ୨୦୦୨ ଭଳି ରାଜ୍ୟ ସଭା ଭୋଟ୍‌ରେ ଜିତିଯିବେ ବୋଲି ଦମ୍ଭୋକ୍ତି ଦେଖାଇବା ପରେ ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଅନେକ ଚର୍ଚ୍ଚା ଚାଲିଛି। କେତେଜଣ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ୨୦୦୨ ମସିହାରେ ଡିଜିଟାଲ ଯୁଗ ନ ଥିଲା। ସେତେବେଳେ ସିକ୍ରେଟ୍ ବାଲଟ୍ ବ୍ୟବସ୍ଥା ଥାଇ ସୁଦ୍ଧା ଯେଉଁମାନେ କ୍ରସ୍ ଭୋଟିଂ କରିଥିଲେ, ସେମାନଙ୍କ କଥା ସମସ୍ତେ ଜାଣି ଯାଇଥିଲେ। ୨୦୧୪ରେ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି ଦାୟିତ୍ୱ ନେବାପରେ ଭାରତ ଡିଜିଟାଲ କ୍ଷେତ୍ରରେ ବିଶ୍ୱସ୍ତରରେ ବହୁ ଆଗରେ ରହିଛି। ତେଣୁ ୨୦୨୬କୁ ଯଦି ୨୦୦୨ ସମୟ ସହିତ ତୁଳନା କରି କୌଣସି ବିଧାୟକ କ୍ରସ୍ ଭୋଟିଂ କରନ୍ତି, ତେବେ ଭାରତର ଡିଜିଟାଲ ବ୍ୟବସ୍ଥା ଜରିଆରେ ସେମାନେ ନିନ୍ଦିତ ହେବେ। ବିଶ୍ୱର କୋଣ ଅନୁକୋଣର ଲୋକଙ୍କ ପାଖରେ କ୍ରସ୍ ଭୋଟିଂ କରିଥିବା ବିଧାୟକ ଟଙ୍କା ଖାଇଗଲେ ବୋଲି ପ୍ରଚାର ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିବ ବୋଲି ଚର୍ଚ୍ଚା ଚାଲିଛି।

ଅନ୍ୟପଟେ କଂଗ୍ରେସ ବିଧାୟକମାନଙ୍କୁ ଏକଜୁଟ ରଖିବା ଲାଗି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଏକାଧିକ ଥର ବୈଠକ ହେଲାଣି। ସୋମବାର ଏକ ଘରୋଇ ହୋଟେଲ୍‌ରେ ରାତ୍ରିଭୋଜନ ବ୍ୟବସ୍ଥା କରାଯାଇ ସବୁ ବିଧାୟକଙ୍କୁ ଡକାଯାଇଥିବା ଜଣାପଡ଼ିଛି। ମାତ୍ର କଂଗ୍ରେସର ଯେତେଥର ବୈଠକ ହେଲାଣି, ଦଳର ସବୁ ବିଧାୟକ ଏକାଠି ହେବାର ଦୃଶ୍ୟ ଏପର୍ଯ୍ୟନ୍ତ ନଜରକୁ ଆସିନାହିଁ। କେତେଜଣ ବିଧାୟକ ବାରମ୍ବାର ଅନୁପସ୍ଥିତ ରହୁଛନ୍ତି। ଯାହା ଚର୍ଚ୍ଚା ହେଉଛି, ଶାସକ ଦଳ ସମର୍ଥିତ ପ୍ରାର୍ଥୀଙ୍କ ପକ୍ଷରୁ କଂଗ୍ରେସର କେତେଜଣ ବିଧାୟକଙ୍କୁ ଟେଲିଫୋନ୍ ଯୋଗେ ଯୋଗାଯୋଗ କରାଯାଇଛି। ସେହି ବିଧାୟକଙ୍କୁ କେବଳ ପଚରାଯାଇଛି, ଏନି ପସିବିଲିଟି। ଏସବୁ ଦେଖି ଭକ୍ତ ନିଜେ ରାଜ୍ୟ ସଭା ନିର୍ବାଚନରେ ଏଜେଣ୍ଟ ହେବେ ବୋଲି କୁଆଡେ ତାଙ୍କ ଦଳ ଭିତରେ ଘୋଷଣା କରିଥିବା ଶୁଣାଯାଉଛି। ସୂଚନାଯୋଗ୍ୟ, ସୋମବାର ନାମାଙ୍କନ ପ୍ରତ୍ୟାହାରର ଶେଷଦିନ ଥିଲା। ଶେଷଦିନ ସୁଦ୍ଧା ରାଜ୍ୟ ସଭା ପାଇଁ ନାମାଙ୍କନ କରିଥିବା ୫ ପୁରୁଷ ପ୍ରାର୍ଥୀ ମନମୋହନ ସାମଲ, ସୁଜିତ କୁମାର, ସନ୍ତୃପ୍ତ ମିଶ୍ର, ଦତ୍ତେଶ୍ୱର ହୋତା ଏବଂ ଦିଲୀପ ରାୟ ସେମାନଙ୍କ ନାମାଙ୍କନ ପତ୍ର ପ୍ରତ୍ୟାହାର କରିନାହାନ୍ତି।

## ୬ ଜିଲାରେ...

ପ୍ରଥମ ପୃଷ୍ଠାରୁ...

ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ହୋମ୍ ବେସଡ ନିୟୁ ବର୍ନ କେୟାର କାର୍ଯ୍ୟକ୍ରମ, ନବଜାତ ଶିଶୁ ଯତ୍ନ କୋଣ ସ୍ଥାପନ(ଏନ୍‌ବିସିସି), ନବଜାତ ଶିଶୁ ଯତ୍ନ କେନ୍ଦ୍ର ସ୍ଥାପନ, ରାଜ୍ୟର ସବୁ ଭେଷଜ ମହାବିଦ୍ୟାଳୟ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଉପଖଣ୍ଡ ଚିକିତ୍ସାଳୟରେ ନବଜାତ ଶିଶୁ ଯତ୍ନ କେନ୍ଦ୍ରମାନ ସ୍ଥାପନ କରାଯିବା ସହିତ ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହାବାଦ ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମ, ପୁଷ୍ଟି ପୁନର୍ବାସ କେନ୍ଦ୍ରରେ ଇଞ୍ଜେକ୍ସନ ପ୍ରଦାନ, ଆଶା, ସ୍ୱାସ୍ଥ୍ୟକର୍ମୀଙ୍କ ସହିତ ସମସ୍ତ ଶିଶୁ ସ୍ୱାସ୍ଥ୍ୟ ସହ ଜଡିତ କର୍ମଚାରୀଙ୍କୁ ବିଭିନ୍ନ ପ୍ରକାର ତାଲିମ ପ୍ରଦାନ କରାଯାଉଛି। ଏହାସହିତ ସରକାରଙ୍କ ଅନେକ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ଗଣମାଧ୍ୟମ ଯଥା ରେଡିଓ, ଟେଲିଭିଜନ, ଖବରକାଗଜ ଓ ପ୍ରଚାରପତ୍ର ମାଧ୍ୟମରେ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ସେରନ୍ତାରେ ସେରନ୍ତା<br>ଝିଅ କାନ୍ଦେନା<br>ଚାଉଳ ପଛକେ ଖାଇବା<br>ଭାତ ରାନ୍ଧେନା।**

କିଛି ବ୍ୟକ୍ତି ଅପେକ୍ଷାକୃତ ସ୍ତ୍ରୀକୁ ଅଧିକ ମୁଣ୍ଡରେ ବସେଇଥାନ୍ତି। ସ୍ତ୍ରୀ କିଛି କାମଦାମ କଲେ ଦେହକୁ କଷ୍ଟ ହେବ ଜାଣି ମନ ଉଣା କରିଥାନ୍ତି। ଭାତ ରାନ୍ଧିବା ସମୟସାପେକ୍ଷ, ଚାଉଳ ପାଛୁଡ଼ି ଧୋଇ ହାଣ୍ଡିରେ ବସେଇବା କଷ୍ଟକର। ଫଳସ୍ୱରୂପ ଯାହିତାହି ଖାଇ ଚଳେଇନବା ନେଇ ପରାମର୍ଶ ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଣ୍ଟା ଭଙ୍ଗା ଗୁଆକାତି<br>ପାଖରେ ବସାଇ ପାନ ଖୁଆନ୍ତି<br>ନୁହନ୍ତି ଆପଣା ଜାତି।**

ଜଣଙ୍କର ଅନ୍ୟ ଜଣଙ୍କ ପ୍ରତି ଭଲ ପାଇବା ନେଇ ପରିପ୍ରକାଶ। ବେଳେବେଳେ ଅଜ୍ଞାତ ବ୍ୟକ୍ତିକୁ ପାଖରେ ବସାଇ ଭାବନା ସୃଷ୍ଟିକରି ନିଜର କରିବାକୁ ଇଚ୍ଛାହୁଏ। କିନ୍ତୁ ସେ ନିଜ ଜାତି ବା ପରିଚିତର ହୋଇ ନ ଥିବାରୁ କିଛି ସାମାଜିକ ଅନ୍ତରାୟ ରହିଯାଇଥାଏ। ଏହାକୁ ସେ ଅତିକ୍ରମ କରି ପାରୁ ନ ଥାଏ କି ତାକୁ ଛାଡ଼ି ରହିପାରୁ ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୧୯ ମାସରେ ୭୧୨ କୋଟିର ସାଇବର ଠକେଇ

ଭୁବନେଶ୍ୱର,୯।୩(ରବିନାରାୟଣ ଜେନା)

ରାଜ୍ୟରେ ସାଇବର ଅପରାଧ ବଢ଼ିବାରେ ଲାଗିଛି। ଗତ ପ୍ରାୟ ୧୯ ମାସ ମଧ୍ୟରେ ରାଜ୍ୟରେ ୭୧୧କୋଟି ୯୯ଲକ୍ଷ ୨୯ହଜାର ୬୬୨ଟଙ୍କାର ସାଇବର ଠକେଇ ହୋଇଥିବାବେଳେ ଅପରାଧୀମାନଙ୍କଠାରୁ ୭ କୋଟି ୭୯ ଲକ୍ଷ ୩୩ ହଜାର ୧୫୪ ଟଙ୍କା ଆଦାୟ ହୋଇପାରିଛି। ସରକାରଙ୍କ ପକ୍ଷରୁ ସାଇବର ଅପରାଧ ରୋକିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଉଥିଲେ ମଧ୍ୟ ସ୍ଥିତି ଚିନ୍ତାଜନକ ରହିଥିବା ବିଧାନସଭାରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଦାନ କରିଥିବା ତଥ୍ୟରୁ ଜଣାଯାଇଛି।

ବିଧାୟକ ପ୍ରତାପ କେଶରୀ ଦେବଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ୨୦୨୪ ଜୁନ୍ ପହିଲାରୁ ଡିସେମ୍ବର ୩୧ ମଧ୍ୟରେ ୨୭ହଜାର ୩୬୮ଟି ସାଇବର ଅପରାଧଜନିତ ମାମଲା ରୁଜୁ ହୋଇଥିଲା ବେଳେ ୨୦୨୫ ବର୍ଷରେ ୪୯ହଜାର ୪୨୬ଟି ମାମଲା ରୁଜୁ ହୋଇଛି। ସେହିପରି ୨୦୨୪ ଜୁନ୍‌ରୁ ଡିସେମ୍ବର ମଧ୍ୟରେ ୨୭୯କୋଟି୭୧ଲକ୍ଷ ୨୯ହଜାର୬୬୨ଟଙ୍କା ଏବଂ ୨୦୨୫ରେ ୪୩୨କୋଟି ୨୮ଲକ୍ଷ ଟଙ୍କାର ସାଇବର ଠକେଇ ହୋଇଛି। ତେବେ ଏହି ଅବଧି ମଧ୍ୟରେ ଯଥାକ୍ରମେ ୨କୋଟି ୪୭ଲକ୍ଷ ୮୭ହଜାର ୨୬୮ ଟଙ୍କା ଏବଂ ୫କୋଟି ୩୧ଲକ୍ଷ ୪୫ହଜାର ୮୮୬ଟଙ୍କା ଅପରାଧୀଙ୍କଠାରୁ ସମୟୋଚିତ ପଦକ୍ଷେପ ଯୋଗୁ ଆଦାୟ କରାଯାଇଛି। ଏହାବାଦ୍

**ଆଦାୟ ୭.୮୦ କୋଟି;<br>ଜବତ ୯୨.୩୫ କୋଟି**

୨୦୨୪ ଡିସେମ୍ବର ମଧ୍ୟରେ ୨୩କୋଟି ୬୪ଲକ୍ଷ ୩୦ହଜାର ୭୬୮ଟଙ୍କା ସାଇବର ଅପରାଧୀମାନେ ସରକାରଙ୍କ ତ୍ୱରିତ ପଦକ୍ଷେପ ଯୋଗୁ ନେଇପାରି ନ ଥିବାବେଳେ ୨୦୨୫ରେ ୬୮କୋଟି ୭୧ଲକ୍ଷ ଟଙ୍କା ଜବତ ହୋଇପାରିଛି। ସେହିପରି ଏହି ଅବଧି ମଧ୍ୟରେ ଅର୍ଥନୈତିକ ସାଇବର ଅପରାଧଜନିତ ୨୪୮୨ଟି ମାମଲା ରୁଜୁ ହୋଇଥିବାବେଳେ ୧୭୨ଜଣ ଗିରଫ ହୋଇଛନ୍ତି। ଏଥିରେ ୨୫୯କୋଟି ୧ଲକ୍ଷ ୩୪ହଜାର ୨୧୮ଟଙ୍କା ରହିଥିବାବେଳେ ୫୮ଲକ୍ଷ ୬ହଜାର ୩୮୧ଟଙ୍କା ଆଦାୟ ହୋଇଛି ଏବଂ ୮କୋଟି ୮୯ଲକ୍ଷ ୫୨ହଜାର ୪୨୩ଟଙ୍କା ଜବତ କରାଯାଇଛି। ଏହାସହିତ ୧୬୮୯ଟି ସାମାଜିକ ଗଣମାଧ୍ୟମ ଦୁର୍ନୀତିଜନିତ ମାମଲା ରୁଜୁ ହୋଇଛି। ୬୩୮ଜଣ ଗିରଫ ହୋଇଥିବାବେଳେ ୧କୋଟି ୨୮ଲକ୍ଷ ୬୭ହଜାର ୩୮୦ଟଙ୍କା ଲୋକେ ହରାଇଛନ୍ତି। ଏଥିମଧ୍ୟରୁ ୩ଲକ୍ଷ ଟଙ୍କା ଆଦାୟ କରାଯାଇଛି। ଏହାବାଦ୍ ହ୍ୟାକିଂ ଏବଂ ଅନ୍ୟାନ୍ୟ ପ୍ରକାର ସାଇବର ଠକେଇ ମଧ୍ୟ ଏହି ସମୟ ମଧ୍ୟରେ ହୋଇଥିବା ମୁଖ୍ୟମନ୍ତ୍ରୀ ଗୃହକୁ ଜଣାଇଛନ୍ତି।

ଅନ୍ୟପକ୍ଷରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସାଇବର ଅପରାଧ ରୋକିବାପାଇଁ ସରକାରଙ୍କ ପଦକ୍ଷେପ ସମ୍ପର୍କିତ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ୨୦ଟି ପୋଲିସ ଜିଲା ଯଥା କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ନୟାଗଡ଼, ଖୋର୍ଦ୍ଧା, ଭଦ୍ରକ, ସୁନ୍ଦରଗଡ଼, ବରଗଡ଼, ସୁବର୍ଣ୍ଣପୁର, ଝାରସୁଗୁଡ଼ା, ଗଞ୍ଜାମ, ଗଜପତି, ବୌଦ୍ଧ, ଢେଙ୍କାନାଳ, ଦେବଗଡ଼, ନୂଆପଡ଼ା, ନବରଙ୍ଗପୁର, ରାୟଗଡ଼ା ଏବଂ ମାଲକାନଗିରିରେ ଗୋଟିଏ ଲେଖାଏ ସାଇବର ଥାନା ମାର୍ଚ୍ଚ ୬ରୁ କାର୍ଯ୍ୟକାରୀ କରିଛନ୍ତି। ଏହାବାଦ୍ ରାଜ୍ୟ କ୍ରାଇମବ୍ରାଞ୍ଚ ଅଧୀନରେ ଭୁବନେଶ୍ୱରଠାରେ ଏକ ସାଇବର କ୍ରାଇମ ୟୁନିଟ୍ କାର୍ଯ୍ୟ କରୁଛି। ଏଥିରେ ସାଇବର ହେଲ୍ପଲାଇନ ନମ୍ବର-୧୯୩୦ ଓ କଲ୍ ସେଣ୍ଟର, ସାଇବର ହେଲ୍ପ ଡେସ୍କ, ଶିଶୁ ଓ ମହିଳା ଅନ୍‌ଲାଇନ ଅତ୍ୟାଚାର ନିରୀକ୍ଷଣ ୟୁନିଟ,ସାଇବର ମନିଟରିଂ ଓ ସମନ୍ୱୟ ୟୁନିଟ୍, ସୋସିଆଲ ମିଡିଆ ୟୁନିଟ, ସାଇବର ଟ୍ରେନିଂ ୟୁନିଟ୍ ଓ ସାଇବର ଫୋରେନ୍‌ସିକ ୟୁନିଟ ଅନ୍ତର୍ଭୁକ୍ତ। ଏହି ସମସ୍ତ ୟୁନିଟ ମିଶି ଅଭିଯୋଗ ପଞ୍ଜୀକରଣ, ଏତଲା ପଞ୍ଜୀକରଣ, ପରିବହନ ବ୍ଲକିଂ ଓ ଟଙ୍କା ଫେରସ୍ତ, ଖାତା ଜମାକରଣ, କଣ୍ଟେଣ୍ଟ ହଟାଇବା, ବିଭିନ୍ନ ଏଜେନ୍ସି ସହିତ ସୂଚନା ଆଦାନ-ପ୍ରଦାନ, ଡିଜିଟାଲ ଫୋରେନ୍‌ସିକ ପରୀକ୍ଷା ଓ ପୋଲିସ କର୍ମଚାରୀଙ୍କ କ୍ଷମତା ବୃଦ୍ଧି ଆଦି କାର୍ଯ୍ୟ କରୁଛନ୍ତି। ଏହାବାଦ୍ ୩ଟି ସାଇବର କମାଣ୍ଡୋ ସେଣ୍ଟର ପ୍ରତିଷ୍ଠା କରିବାକୁ ସରକାରଙ୍କ ବିଚାରାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ ବିଭିନ୍ନ ଜିଲାରେ ପଞ୍ଜୀକରଣ ହୋଇଥିବା ଅଭିଯୋଗର ତଥ୍ୟ ସହିତ ଜଣାଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବିଶିଷ୍ଟ ବ୍ୟକ୍ତିଙ୍କ ପରାମର୍ଶ ଆଶା ଓ ଅଭିଳାଷକୁ ସମ୍ପୂର୍ଣ୍ଣ କରିବାରେ ସାହାଯ୍ୟ କରିବ। ସ୍ୱାସ୍ଥ୍ୟ, ବାଣିଜ୍ୟ, କର୍ମାରମ୍ଭ ସକାଶେ ଦିନଟି ଭଲ। ନୂତନ ଯୋଜନା , ଅର୍ଥନୈତିକ ଆଲୋଚନା, ମନୋରଞ୍ଜନ କାର୍ଯ୍ୟକ୍ରମାଦି ଗଡ଼ବଡ଼ ହୋଇପାରେ। ଅଶ୍ୱିନୀ ନକ୍ଷତ୍ର ସକାଶେ ପୂର୍ବ ବିବାଦକୁ କେନ୍ଦ୍ରକରି ନିଜ ଲୋକଙ୍କ ନିକଟରୁ ଆସ୍ଥା ହରାଇବାକୁ ପଡ଼ିପାରେ।

**ବୃଷ** ସ୍ୱାର୍ଥସାଧନର ନୈରାଶ୍ୟରେ ଅତି ବିଶ୍ୱସ୍ତ ଲୋକଟି ବିପକ୍ଷରେ ଯାଇପାରେ। ଆନୁଷ୍ଠାନିକ କାର୍ଯ୍ୟ ହାସଲ ପରିପ୍ରେକ୍ଷୀରେ ଅନ୍ୟମାନଙ୍କୁ ମନେଇବାକୁ ଚେଷ୍ଟା କରି କିଛି ମାତ୍ରାରେ ସଫଳ ହେବେ। କୃତ୍ତିକା ନକ୍ଷତ୍ରର ମାଙ୍ଗଳିକ କାମ ସକାଶେ କୌଣସି ବିଳାସ ସାମଗ୍ରୀ କ୍ରୟକରିବା ସକାଶେ ଘରୁ ବରାଦ ଆସିପାରେ।

**ମିଥୁନ** ଆଜି ବନ୍ଧୁମାନଙ୍କ ଦ୍ୱାରା ସଭାସମିତି, ବନ୍ଧୁ ସମ୍ପର୍କ, ପାରିବାରିକ ସୌହାର୍ଦ୍ଦ୍ୟ ଅକ୍ଷୁଣ୍ଣ ରହିବ। କିନ୍ତୁ ଆରଦ୍ରା ନକ୍ଷତ୍ର ସକାଶେ କେତେକ ପ୍ରତିବନ୍ଧକଜନିତ ଅଟକି ରହିଥିବା କାମ ସକାଶେ ଅନୁତାପ କରିପାରନ୍ତି। ଆଗାମୀ ମାଙ୍ଗଳିକ କର୍ମ ସକାଶେ ଘର ସାଜସଜ୍ଜା ସାଙ୍ଗକୁ ବକେୟା କର୍ମ ସମାପନ ସକାଶେ ବ୍ୟସ୍ତତା ପ୍ରକାଶ କରିବେ।

**କର୍କଟ** ଆପଣଙ୍କ କାମରେ, ଚିନ୍ତାଧାରାରେ ଅନୁକୂଳ ବାତାବରଣ ସୃଷ୍ଟିରୁ ମନ ପ୍ରଫୁଲ୍ଲ ରହିବ। ଯେପରି ଭାବୁଛନ୍ତି ତାହାହିଁ ହେବ, କିନ୍ତୁ ପରିଣତ ସମୟକୁ ଅପେକ୍ଷା କରିବାକୁ ପଡ଼ିପାରେ। ଅଶ୍ଳେଷା ନକ୍ଷତ୍ର ଅନ୍ୟଦ୍ୱାରା ପ୍ରଭାବିତହୋଇ ଭୁଲ୍ କାମ କରିପାରନ୍ତି। ବିରକ୍ତି ପ୍ରକାଶକଲେ ଆନୁଷ୍ଠାନିକ କାମରେ ସମସ୍ୟା ଆସିପାରେ।

**ସିଂହ** ମାଙ୍ଗଳିକ କାମ ବନ୍ଧୁଙ୍କ ସହାୟତାରେ ହାସଲ ସକାଶେ ଆଲୋଚନା କରିପାରନ୍ତି। ପାରିବାରିକ ସମସ୍ୟାର ସମାଧାନ ସକାଶେ ଚେଷ୍ଟା ବ୍ୟର୍ଥ ହେବନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବେ। ମଘା ନକ୍ଷତ୍ରର ଜମିଜମା କିଣାବିକା ବାବଦରେ ଚୁକ୍ତିପତ୍ର ସ୍ୱାକ୍ଷରିତହେବା ସୂଚନା ରହିଛି।

**କନ୍ୟା** ବହୁଦିନ ହେଲା ଯାହା ପାଇବା ସକାଶେ ଆଶା ବାନ୍ଧି ବସିଛନ୍ତି ତାହା ନିଶ୍ଚିତ ପାଇବେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ବିବାଦୀୟ ପରିସ୍ଥିତି ଜଟିଳାକାର ଗ୍ରହଣ କରିବା ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ଲାଗି ରହିବା ସମ୍ଭାବନା ଥିବାରୁ ମନରେ ଅଶାନ୍ତି ସୃଷ୍ଟି ହୋଇପାରେ।

**ତୁଳା** ଆଜିର ଅନୁକୂଳ ଗ୍ରହ ସ୍ଥିତି ପ୍ରଭାବରେ କାର୍ଯ୍ୟସିଦ୍ଧି, ଆଶା କରୁଥିବା ଦିଗରୁ ଅର୍ଥ ଓ ବିବାଦର ସମାଧାନ ହୋଇପାରିବ। ନୂତନଭାବରେ ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି ତାହା ନିର୍ବିଘ୍ନରେ ସମାପନ ହୋଇଯିବା ଆଶା ରହିଛି। ବିଶେଷ ଭ୍ରମଣ କାରଣରୁ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ବିଛା** ଆଜି ଆତ୍ମୀୟଙ୍କ ସହାୟତାରେ କର୍ମାରମ୍ଭ, ଦୂରଯାତ୍ରା ପାଇଁ ପ୍ରସ୍ତୁତ ହୋଇପାରନ୍ତି। ମନକୁ ପାଇଲା ଭଳି ଆଲୋଚନା କାହା ସହ ମଧ୍ୟ ହୋଇପାରିବ ନାହିଁ। ଜ୍ୟେଷ୍ଠା ନକ୍ଷତ୍ରର କେତେକ କ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ପ୍ରଶାସନ, ଯାନବାହନ, ନିର୍ମାଣ, ସାହିତ୍ୟ, କ୍ରୀଡ଼ା ପ୍ରଭୃତିରୁ ସୁଫଳ ପାଇବେ।

**ଧନୁ** ଦୈହିକ ସୁସ୍ଥତା ସାଙ୍ଗକୁ ପାରିବାରିକ ଶାନ୍ତି ଯୋଗୁ ଆଶ୍ୱସ୍ତି ଅନୁଭବ କରିବେ। ସଭାସମିତି, ଆନୁଷ୍ଠାନିକ କାମ ଓ ଗବେଷଣାଦି କାର୍ଯ୍ୟରେ ଆଶାନୁଯାୟୀ ଫଳ ପାଇବେ। ସାମାଜିକ ସ୍ତରରେ ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ନିଜର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ଆଜି ବନ୍ଧୁଙ୍କ ପ୍ରାୟୋଜିତ ମନୋରଞ୍ଜନ କାର୍ଯ୍ୟରେ ମଜ୍ଜିରହିବେ।

**ମକର** ଶୁକ୍ରଙ୍କ ପ୍ରଭାବରୁ ମନରେ ପ୍ରଫୁଲ୍ଲତା, ଚନ୍ଦ୍ର ଓ ମଙ୍ଗଳ ନୂତନ ବନ୍ଧୁତ୍ୱ ସାଙ୍ଗକୁ କାର୍ଯ୍ୟସାଧନର ହେତୁ ସ୍ୱରୂପ ହୋଇପାରନ୍ତି। ନିଜ ପାଖରେ ରହୁଥବା କୌଣସି ବ୍ୟକ୍ତି ଦ୍ୱାରା କାମ ହାସଲ କରିପାରନ୍ତି। ଶ୍ରବଣା ନକ୍ଷତ୍ରର ଜମିଜମା କ୍ରୟ ବିକ୍ରୟ, ଯାନବାହନାଦି ମରାମତି ଓ ମାଙ୍ଗଳିକ କାମର ପ୍ରସ୍ତୁତି ପାଇଁ ଚିନ୍ତିତ ରହିପାରନ୍ତି।

**କୁମ୍ଭ** ବନ୍ଧୁଗହଣରେ ଅପ୍ରିୟସତ୍ୟ ଭାଷଣ ଅଯଥା ସୁସମ୍ପର୍କ ନଷ୍ଟହେବାର କାରଣ ହୋଇପାରେ। ପୂର୍ବଭାଦ୍ରପଦ ନକ୍ଷତ୍ର ପରିବାରର ଖର୍ଚ୍ଚ ବୃଦ୍ଧି ପାଇବାରୁ ଚିନ୍ତା ପ୍ରକଟ କରିବେ। ବିଭିନ୍ନ ସମସ୍ୟାମୂଳକ କାମରେ ପ୍ରବେଶକରି ବ୍ୟସ୍ତତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ମୀନ** ଆଜି ରେବତୀ ନକ୍ଷତ୍ରର କର୍ମକ୍ଷେତ୍ରରେ ବାଧା, ବିଘ୍ନ, ପ୍ରତିବନ୍ଧକାଦି ରହିବ ନାହିଁ। ତଥାପି ପରିବାର, ଲୋକସମ୍ପର୍କ, ଯାନବାହନ ପ୍ରଭୃତିରେ ସତର୍କ ରହିବା ଭଲ। କୌଣସି ଭୁଲ୍ ନ କରି ମଧ୍ୟ ଦୋଷାରୋପ ଆସିପାରେ। ବାଣିଜ୍ୟ, ପରିବହନ ଓ ଆନୁଷ୍ଠାନିକ କାମରେ ସଫଳତା ପାଇପାରିବେ।

ଆଜି ମାର୍ଚ୍ଚ ୧୦ ତାରିଖ, ଚୈତ୍ର କୃଷ୍ଣ ସପ୍ତମୀ ମଙ୍ଗଳବାର, ମା' ତାରାତାରିଣୀଙ୍କ ଯାତ୍ରା ଆରମ୍ଭ, ଚୈତ୍ରେ ମଙ୍ଗଳବାର ଓଷା ଆରମ୍ଭ। ରାଶିନକ୍ଷତ୍ର- ଅନୁରାଧା/ବିଛା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ୦୯।୦୦ ଗତେ ଘ.୧୦।୪୬ ମଧ୍ୟେ, ଘ.୦୧।୦୭ ଗତେ ଘ.୦୧।୨୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ. ୦୨।୫୪ ଗତେ ଘ.୦୪।୨୨ ମଧ୍ୟେ ରାହୁକାଳ।

ତୁମେ କୌଣସି ଗୁଣ ବା ଦୋଷର ଅଧୀନସ୍ଥ ହୋଇ ରହିବା ଉଚିତ ନୁହଁ। ଯେ ପର୍ଯ୍ୟନ୍ତ ତୁମେ କୌଣସି ସଦ୍‌ଗୁଣ ପାଇଁ ଆତୁରତା ଦେଖାଉ ଥିବ- ସେ ପର୍ଯ୍ୟନ୍ତ ତା'ର ବିପରୀତ ବଦ୍‌ଗୁଣଟିଏ ତୁମ ଭିତରେ କେଉଁଠି ଚେକାମାଡି ବସିଥିବ। -ଶ୍ରୀମା

# ନେପାଳରେ ଯୁବ ନେତୃତ୍ୱ

ଜୁନ୍ ୧, ୨୦୦୧ ଯେଉଁଦିନ ନେପାଳ ରାଜା ବୀରେନ୍ଦ୍ରଙ୍କୁ ତାଙ୍କ ପୁଅ ଦୀପେନ୍ଦ୍ର ଗୁଳିକରି ମା'ଙ୍କ ସମେତ ସମଗ୍ର ପରିବାରବର୍ଗଙ୍କୁ ହତ୍ୟା କରିଥିଲେ, ସେବେଠାରୁ ନେପାଳରେ ରାଜନୈତିକ ଅସ୍ଥିରତା ଲାଗିରହିଛି। ଏହି ହତ୍ୟା ପୂର୍ବରୁ ମଧ୍ୟ ନେପାଳ ସରକାରରେ ସ୍ଥିରତା ନ ଥିଲା। ଆକଳନ ଅନୁଯାୟୀ, ୧୯୯୦ରୁ ୨୦୨୫ ଯାଏ, ଯେତେବେଳେ କେ. ପି. ଶର୍ମା ଓଲି ସରକାରକୁ ଜେନ୍ ଜି ଯୁବତୀଯୁବକମାନେ ବିଦା କଲେ ସେ ପର୍ଯ୍ୟନ୍ତ, ଅର୍ଥାତ୍ ୩୫ ବର୍ଷ ମଧ୍ୟରେ ୩୨ ସରକାର ଗଢ଼ିଉଠି ଭାଙ୍ଗିପଡ଼ିଛନ୍ତି। କୌଣସି ଏକ ସରକାର ୫ ବର୍ଷ ପୂରଣ କରିନାହାନ୍ତି। ବାରମ୍ବାର ସରକାର ପରିବର୍ତ୍ତନ ଯୋଗୁ ସେଠାକାର ସାମାଜିକ ଜୀବନ ଓ ଅର୍ଥନୀତି ଅନେକ ସମୟରେ ପ୍ରଭାବିତ ହୋଇଛି। ସେପ୍ଟେମ୍ବର ୨୦୨୫ରେ ଜେନ୍ ଜି ବିପ୍ଳବ ନେପାଳ ଇତିହାସକୁ ଏକ ଉଲ୍ଲେଖନୀୟ ମୋଡ଼ରେ ରଖିଦେଇଥିଲା। ୧୯୯୭ରୁ ୨୦୧୨ ମଧ୍ୟରେ ଜନ୍ମିତ ଯୁବବର୍ଗ ଶାସନ ଓ ବ୍ୟବସ୍ଥାରେ ଅସଙ୍ଗତି ଦେଖିବା ପରେ ରାସ୍ତାକୁ ଓହ୍ଲାଇଥିଲେ। ଏହାର ପ୍ରଭାବ ସିଧାସଳଖ କେ. ପି. ଶର୍ମା ଓଲିଙ୍କ ସରକାରକୁ ଗାଦିଚ୍ୟୁତ କରିଥିଲା। ପରେ ସୁଶୀଳା କାର୍କି ଦେଶର ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ। ସୁଶୀଳାଙ୍କ ତତ୍ତ୍ୱାବଧାନରେ ୫ ମାର୍ଚ୍ଚ ୨୦୨୬ରେ ଦେଶର ପାର୍ଲାମେଣ୍ଟ ପାଇଁ ସାଧାରଣ ନିର୍ବାଚନ ହୋଇଥିଲା। ସିଧାସଳଖ ନିର୍ବାଚନ ହୋଇଥିବା ୧୬୫ ଆସନ ମଧ୍ୟରୁ ଅଦ୍ୟାବଧି ୧୬୧ର ଫଳାଫଳ ପ୍ରକାଶ ପାଇସାରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ, ଏହି ନିର୍ବାଚନରେ ୪ ବର୍ଷ ତଳେ ଗଠିତ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆର୍‌ଏସ୍‌ପି) ୧୨୪ ଆସନ ଅକ୍ତିଆର କରି ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଛି। ସେଠାକାର ଗଣମାଧ୍ୟମ ସୂଚନା ଅନୁଯାୟୀ ୩୫ ବର୍ଷୀୟ ବାଲେନ ଶାହା ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ନେପାଳୀ ଯୁବାଙ୍କ ପ୍ରିୟ ଭାବେ ବାଲେନ ପରିଚିତ। ସଙ୍ଗୀତଜ୍ଞ ବା ରାପର୍ ଭାବେ କ୍ୟାରିୟର ଗଢ଼ିଥିବା ବାଲେନ ୨୦୨୨ରେ କାଠମାଣ୍ଡୁର ମେୟର ହେବାର ଗୌରବ ଅର୍ଜନ କରି ରାଜନୈତିକ ଯାତ୍ରା ଆରମ୍ଭ କରିଥିଲେ। ଚଳିତ ସାଧାରଣ ନିର୍ବାଚନରେ ୪ ଥରର ପ୍ରଧାନମନ୍ତ୍ରୀ ରହି ଆସିଥିବା ତଥା କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ (ୟୁନିଫାଏଡ୍ ମାର୍କସିଷ୍ଟ ଲେନିନିଷ୍ଟ) ବା ସିପିଏନ୍-ୟୁଏମ୍ଏଲ୍ ନେତା କେ. ପି. ଶର୍ମା ଓଲିଙ୍କୁ ଝାପା ନିର୍ବାଚନମଣ୍ଡଳୀରେ ବାଲେନ ୫୦,୦୦୦ ଭୋଟରେ ହରାଇ ରେକର୍ଡ କରିଛନ୍ତି। ତାଙ୍କ ବିଜୟ ସହ ଆର୍‌ଏସ୍‌ପିର ଅଭୂତପୂର୍ବ ସଫଳତା ନେପାଳବାସୀଙ୍କ ପାଇଁ ନୂଆ ଶାସନର ସୂର୍ଯ୍ୟୋଦୟ ଆଣିପାରେ ବୋଲି କୁହାଯାଉଛି।

**ବାଲେନଙ୍କ ନେତୃତ୍ୱରେ ସରକାର ଗଢ଼ିଉଠିଲେ ଅସଙ୍ଗତି ତତ୍‌କ୍ଷଣାତ୍ ଚାଲିଯିବ ବୋଲି ଭାବିବା ଉଚିତ ନୁହେଁ। କିନ୍ତୁ ଯୁବପିଢ଼ିଙ୍କୁ କ୍ଷମତା ହସ୍ତାନ୍ତର କରିଦେଇ ନେପାଳର ମତଦାତା ନିଜ ଦେଶକୁ ଏକ ନୂଆ ପଥରେ ଯିବା ପାଇଁ ସୁଯୋଗ ସୃଷ୍ଟି କରିଛନ୍ତି। ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଓ ନେପାଳର ମଙ୍ଗଳ ସମସ୍ତେ କାମନା କରିବା ଦରକାର।**

ଦୀର୍ଘ ବର୍ଷ ଧରି ପୁରୁଣା ଦଳଗୁଡ଼ିକ ନେପାଳକୁ ଶାସନ କରିଆସୁଥିଲେ। ବିଶେଷକରି ସିପିଏନ୍-ୟୁଏମ୍ଏଲ୍ ନେତା ଓଲି, କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ(ମାଓଷ୍ଟ ସେଣ୍ଟର) ମୁଖ୍ୟ ପୁଷ୍ପକୁମାର ଦହଲ ଓରଫ୍ ପ୍ରଚଣ୍ଡ ଏବଂ ନେପାଳୀ କଂଗ୍ରେସର ଶେର ବାହାଦୁର ଦେଉବା ଭିନ୍ନ ଭିନ୍ନ ସମୟରେ ଦେଶର ପ୍ରଧାନମନ୍ତ୍ରୀ ଥିଲେ। ଏମାନଙ୍କ ସମୟରେ ବେକାରି ସମସ୍ୟା ବୃଦ୍ଧି ପାଇବା, ଶାସନରେ ପ୍ରିୟାପ୍ରୀତି ତୋଷଣ ଓ ଦୁର୍ନୀତି ସର୍ବୋଚ୍ଚରେ ପହଞ୍ଚିଥିବା ନେପାଳ ନାଗରିକ ବାରମ୍ବାର ଦେଖିଥିଲେ। ଗତବର୍ଷ ସେପ୍ଟେମ୍ବରରେ ଯେତେବେଳେ ଶାସନ ବିରୋଧରେ ସାମାଜିକ ଗଣମାଧ୍ୟମରେ ଯୁବବର୍ଗଙ୍କ ସ୍ୱର ବ୍ୟାପକ ହେଲା ସରକାର ତତ୍‌କ୍ଷଣାତ୍ ସେଗୁଡ଼ିକୁ ନିଷିଦ୍ଧ କରିଦେଲେ। ଫଳସ୍ୱରୂପ ଦେଶବ୍ୟାପୀ 'ଘୋ' ସୃଷ୍ଟି ହୋଇ ଜେନ୍ ଜି ବିପ୍ଳବ ଜନ୍ମ ନେଲା। ଏହା କେବଳ ନିଜ ଦେଶ ନେପାଳରେ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚାକୁ ଆସିଥିଲା। ଆଜିର ଡିଜିଟାଲ ଯୁଗରେ ପ୍ରତିଟି କଥା ଖୁବ୍ କମ୍ ସମୟରେ ସାମାଜିକ ଗଣମାଧ୍ୟମକୁ ଆସିଯାଉଥିବାରୁ କୌଣସି ବିଷୟକୁ ଲୁଚାଇ ରଖାଯାଇପାରୁ ନାହିଁ। ଏଠାରେ ସୂଚନା ଦିଆଯାଇପାରେ ଯେ, ଜେନ୍ ଜି ବିପ୍ଳବର ନିଅଁ ପ୍ରାୟ ୪ ବର୍ଷ ତଳୁ ପଡ଼ିଥିବା କୁହାଯାଉଛି। ଯୁବବର୍ଗଙ୍କ ଚାହିଦାକୁ ସରକାର ଗୁରୁତ୍ୱ ଦେଉ ନ ଥିବା ଜାଣିବା ପରେ ରବି ଲାମିଛାନେ ଆର୍‌ଏସ୍‌ପି ଗଠନ କରିଥିଲେ। ଉଲ୍ଲେଯୋଗ୍ୟ ଯେ, ରବି ନେପାଳରେ ଜଣେ ବିଶିଷ୍ଟ ଟେଲିଭିଜନ ବ୍ୟକ୍ତିତ୍ୱ ଭାବେ ଜଣାଶୁଣା। ନେପାଳ ଶାସନରେ ପରିବର୍ତ୍ତନ ଆଣିବାକୁ ଯାଇ ସେ ଗଢ଼ିଥିବା ଦଳ ପ୍ରଥମେ ସଫଳତା ପାଇଲା ପରେ ମିଳିତ ସରକାରରେ ସେ ପ୍ରବେଶ କରି ଦେଶର ଉପ-ପ୍ରଧାନମନ୍ତ୍ରୀ ହୋଇଥିଲେ। ତେବେ ଯେତେବେଳେ ପାରମ୍ପରିକ ରାଜନୀତିକୁ ନେପାଳ ନାଗରିକ ନାପସନ୍ଦ କରୁଛନ୍ତି ବୋଲି ହୃଦ୍‌ବୋଧ କଲେ, ସେତେବେଳେ ସେ ଜେନ୍ ଜି ବିପ୍ଳବକୁ ମଉକା ଭାବେ ନେଇଥିଲେ। ଏକଦା ତାଙ୍କ ନାମରେ ଠକେଇ ମାମଲା ଆସି ସେ ଗିରଫ ହୋଇ ପରେ ମୁକୁଳିଥିଲେ। ତେବେ ଯେତେବେଳେ ବାଲେନଙ୍କ ପ୍ରତି ଯୁବବର୍ଗଙ୍କ ଆକର୍ଷଣ ବଢ଼ିଥିଲା, ସ୍ଥିତିରୁ ଫାଇଦା ନେବାକୁ ଯାଇ ରବି ତାଙ୍କୁ ଦଳକୁ ଆଣିଥିଲେ। ଡିସେମ୍ବର ୨୦୨୫ରେ ବାଲେନ ଆର୍‌ଏସ୍‌ପିରେ ଯୋଗଦେଇଥିଲେ। ଏହା ପରେ ରବି ଘୋଷଣା କରିଥିଲେ ସାଧାରଣ ନିର୍ବାଚନରେ ଦଳ ବିଜୟୀ ହେଲେ ବାଲେନ ପ୍ରଧାନମନ୍ତ୍ରୀ ହେବେ ଓ ସେ ପାର୍ଟିର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇବେ। ଏବେ ତାହା ବାସ୍ତବ ରୂପ ନେଇଛି। ହେଲେ ନେପାଳର ରାଜନୈତିକ ଇତିହାସ ଭାରତ ଭଳି ସର୍ବଦା ଦୁର୍ନୀତି ଓ ସଂସ୍ଥାଗତ ଅବ୍ୟବସ୍ଥା ଦେଇ ଗତି କରି ଆସିଛି। ଜେନ୍ ଜି ବିପ୍ଳବ ପରେ ପ୍ରଥମ ଥର ପାଇଁ ହୋଇଥିବା ସଂସଦୀୟ ନିର୍ବାଚନ ଓ ସେଥିରେ ଯୁବ ନେତୃତ୍ୱ ଉପରେ ଦେଶବାସୀଙ୍କ ଆସ୍ଥା ପ୍ରକଟ ଏକ ବିରାଟ ପରିବର୍ତ୍ତନର ସଙ୍କେତ ଦେଉଛି। ବାଲେନଙ୍କ ନେତୃତ୍ୱରେ ସରକାର ଗଢ଼ିଉଠିଲେ ଅସଙ୍ଗତି ତତ୍‌କ୍ଷଣାତ୍ ଚାଲିଯିବ ବୋଲି ଭାବିବା ଉଚିତ ନୁହେଁ। କିନ୍ତୁ ଯୁବପିଢ଼ିଙ୍କୁ କ୍ଷମତା ହସ୍ତାନ୍ତର କରିଦେଇ ନେପାଳର ମତଦାତା ନିଜ ଦେଶକୁ ଏକ ନୂଆ ପଥରେ ଯିବା ପାଇଁ ସୁଯୋଗ ସୃଷ୍ଟି କରିଛନ୍ତି। ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଓ ନେପାଳର ମଙ୍ଗଳ ସମସ୍ତେ କାମନା କରିବା ଦରକାର।

# ମହିଳାଙ୍କ ସ୍ଥିତିରେ ଉନ୍ନତି ଘଟିଛି କି



ଡ. ସନ୍ତୋଷ କୁମାର ମହାପାତ୍ର

ସ୍ୱାଧୀନତାର ଦୀର୍ଘ ଦଶନ୍ଧି ପରେ ଭାରତ ତଥା ବିଶ୍ୱରେ ମହିଳାଙ୍କ ସ୍ଥିତିରେ ଉନ୍ନତି ଘଟିଛି କି ନାହିଁ ତାହାର ସମୀକ୍ଷା ଆବଶ୍ୟକ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁଯାୟୀ ବିଶ୍ୱରେ ପ୍ରାୟ ଏକ ତୃତୀୟାଂଶ ମହିଳା ବା ୮୪ କୋଟି ଲିଙ୍ଗଜନିତ ହିଂସାର ଶିକାର ହେଉଛନ୍ତି। ସେଥିରୁ ୩୧.୬ କୋଟି ସ୍ୱାମୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଦ୍ୱାରା ହିଂସାର ଶିକାର ହେଉଥିବା ଜଣାପଡ଼ିଛି। ୨୦୨୫ ମସିହାରେ ପ୍ରକାଶିତ, ଜାତିସଂଘ ମହିଳା ତଥା ଜାତିସଂଘର ଡ୍ରଗ୍ ଆଣ୍ଡ କ୍ରାଇମ ଦ୍ୱାରା ଫେମିସାଇଡ ରିପୋର୍ଟ ଅନୁସାରେ ୨୦୨୪ରେ ଅନ୍ତର୍ଜାତୀୟ ସ୍ତରରେ ୮୩,୦୦୦ ମହିଳା ଓ ବାଳିକାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ହତ୍ୟା କରାଯାଇଥିଲା। ସେଥିରୁ ୬୦%ଙ୍କୁ ନିଜ ସ୍ୱାମୀ ବା ପରିବାର ସଦସ୍ୟ ହତ୍ୟା କରିଥିଲେ। ଏହି ହାର ପୁରୁଷମାନଙ୍କ କ୍ଷେତ୍ରରେ ୧୧%। ଅର୍ଥାତ୍ ବିଶ୍ୱରେ ପ୍ରତିଦିନ ୧୩୭ଜଣ ମହିଳା ଏବଂ ବାଳିକା, ଅର୍ଥାତ୍ ପ୍ରତି ୧୦ ମିନିଟ୍‌ରେ ଜଣେ ନିଜ ସ୍ୱାମୀ କିମ୍ବା ନିକଟ ସମ୍ପର୍କୀୟଙ୍କ ହାତରେ ମୃତ୍ୟୁବରଣ କରିଥାଆନ୍ତି। ଏପଷ୍ଟିନ ଫାଇଲରୁ ଜଣାପଡ଼ିଛି ଯେ କିପରି ସମଗ୍ର ବିଶ୍ୱରେ ରାଜନେତା, ବ୍ୟବସାୟୀ, ଶିଳ୍ପପତି, ପୁଞ୍ଜିପତିମାନେ ବୀଭତ୍ସ ଯୌନ ବ୍ୟଭିଚାରରେ ଲିପ୍ତ ରହିଛନ୍ତି, ଯାହା ମହିଳା ବିରୋଧୀ କୁତ୍ସିତ ମାନସିକତା ପ୍ରକାଶ କରୁଛି।

୨୦୨୫ ଡିସେମ୍ବରରେ ପ୍ରକାଶିତ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟ ୨୦୨୩ ଅନୁଯାୟୀ, ସାରା ଦେଶରେ ମହିଳାଙ୍କ ବିରୋଧରେ ସଂଗଠିତ ଅପରାଧ ମାମଲା ରୁଜୁ ସଂଖ୍ୟା ବୃଦ୍ଧି ପାଇଚାଲିଛି। ଅପରାଧ ସଂଖ୍ୟା ୨୦୧୪ରେ ୩.୩୭ ଲକ୍ଷ ଥିଲାବେଳେ ୩୨.୯୩% ବୃଦ୍ଧିପାଇ ୨୦୨୪ରେ ୪.୪୮ ଲକ୍ଷରେ ପହଞ୍ଚିଛି। ୨୦୧୪ରେ ପ୍ରତି ୧ ଲକ୍ଷ ମହିଳାଙ୍କ ମଧ୍ୟରୁ ୫୬.୩ ଜଣ ଅପରାଧର ଶରବ୍ୟ ହୋଇଥିଲାବେଳେ, ଏହି ହାର ୨୦୨୩ରେ ୬୬.୨ ରହିଛି। ଅର୍ଥାତ୍ ପ୍ରତି ୧ ଘଣ୍ଟାରେ ଭାରତରେ ୫୧ ଜଣ ମହିଳା ଅପରାଧର ଶରବ୍ୟ ହୁଅନ୍ତି। ଦୁଃଖର ବିଷୟ ହେଉଛି ଭାରତରେ ମହିଳାଙ୍କ ବିରୋଧରେ ହୋଇଥିବା ଅପରାଧର ଅଧିକାଂଶ ମାମଲା ବା ମୋଟ ଅପରାଧର ୨୯.୮୨% (୧,୩୩,୬୭୬) ସ୍ୱାମୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଦ୍ୱାରା ସଂଗଠିତ ହୋଇଥାଏ। ସେହିପରି ୧୮.୭୧% (୮୩,୮୯୧) ଅପରାଧ ମହିଳାଙ୍କ ସତିତ୍ୱ ଲୁଣ୍ଠନ ପାଇଁ ବା ଅସଦାଚରଣଜନିତ ହୋଇଥିଲାବେଳେ ୧୯.୭୭% (୮୮,୬୦୫) ମହିଳା ଅପହରଣ ଏବଂ ୬.୬୨% (୨୯,୬୭୦) ବଳାତ୍କାର, ୦.୬୨% (୨୭୯୬) ବଳାତ୍କାର ପାଇଁ ଉଦ୍ୟମ, ୧.୩୭% (୬,୧୫୬) ଯୌତୁକଜନିତ ହତ୍ୟା, ୧୧୩ ଏସିଡଜନିତ। ଆହୁରି ସାଇବର ଅପରାଧ, ମହିଳା ଚାଲାଣ ରହିଛି। ଗତବର୍ଷ ତୁଳନାରେ ସାଇବର୍ ଅପରାଧ ୩୧.୨% ବୃଦ୍ଧି ପାଇଛି। ଭାରତରେ ୭.୩କୋଟି ଏକାକୀ ମହିଳା ଅଛନ୍ତି ଯେଉଁମାନେ ପ୍ରେମ ଏବଂ ସ୍ନେହରୁ ବଞ୍ଚିତ। ଭାରତରେ ନିଖୋଜ ମହିଳାଙ୍କ ସଂଖ୍ୟା ୨୦୧୯ରୁ ୨୦୨୧ ମଧ୍ୟରେ ୧୩.୧୩ ଲକ୍ଷରେ ପହଞ୍ଚିଛି। ମୋଟ ଉପରେ ୪.୬କୋଟି। ଓଡ଼ିଶାରେ ଗତ ୧୮ ମାସରେ ନାରୀ ନିର୍ଯ୍ୟାତନା ଶୀର୍ଷରେ ପହଞ୍ଚିଛି। ବିଧାନସଭାରେ ଉପସ୍ଥାପିତ ଉତ୍ତର ଅନୁସାରେ ଗତ ୧୫ ମାସ ମଧ୍ୟରେ ଓ ମୋଟ ୩୭,୬୧୧ଟି ମହିଳା ବିରୋଧୀ ଅପରାଧ ମାମଲା ରୁଜୁ ହୋଇଛି। ଏହି ସମୟ ମଧ୍ୟରେ ୪୦୦୦ରୁ ଅଧିକ ଦୁଷ୍କର୍ମ ମାମଲା ସାମ୍ନାକୁ ଆସିଛି। ରାଜଧାନୀ ଭୁବନେଶ୍ୱର ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ।



ଲିଙ୍ଗଗତ ଅସମାନତା ଆହୁରି ଗଭୀର ହେଉଛି। ଭାରତରେ ଭୟଙ୍କର। ମାର୍ଚ୍ଚ ୨୦୨୪ ରେ ପ୍ରକାଶିତ ମିଳିତ ଜାତିସଂଘର ଉନ୍ନୟନ କାର୍ଯ୍ୟକ୍ରମର ଲିଙ୍ଗଗତ ଅସମାନତା ସୂଚକାଙ୍କ ୨୦୨୨ରେ ଭାରତ ୧୯୩ ଦେଶ ମଧ୍ୟରୁ ୧୦୭ ଦେଶ ପଛରେ (୧୦୮ସ୍ଥାନରେ) ରହିଛି। ବିଶ୍ୱ ଅର୍ଥନୈତିକ ମଞ୍ଚର ୧୮ ତମ ବିଶ୍ୱ ଲିଙ୍ଗ ପ୍ରଭେଦ ସୁଚକାଙ୍କ ୨୦୨୫ ଅନୁସାରେ ଯେଉଁପରି ମନ୍ଥର ଭାବେ ଲିଙ୍ଗଗତ ଅସମାନତା ହ୍ରାସ ପାଉଛି , ସେହି ଅନୁସାରେ ବିଶ୍ୱରେ ମହିଳାମାନଙ୍କୁ ପୁରୁଷଙ୍କ ସହିତ ସମକକ୍ଷ ହେବା ପାଇଁ ୧୩୪ବର୍ଷ ଲଗିବ। ଏହି ଲିଙ୍ଗ ଜନିତ ପାର୍ଥକ୍ୟ ବିଶ୍ୱ ହାରାହାରି ଠାରୁ ଭାରତରେ ଅଧିକ ଗୁରୁତର। ବିଶ୍ୱ ଲିଙ୍ଗଗତ ସମାନତା ୬୮.୮% ହାସଲ ହେଲା ବେଳେ ଲିଙ୍ଗ ଜନିତ ପ୍ରଭେଦ ଆହୁରି ୩୧.୨ % ବାକି ରହିଛି। ଅପରପକ୍ଷରେ ଭାରତ ଲିଙ୍ଗଗତ ସମାନତା ୬୪.୧ % ହାସଲ କରିଲାବେଳେ ଲିଙ୍ଗ ଜନିତ ପ୍ରଭେଦ ଆହୁରି ୩୫.୯ % ରହିଛି। ୨୦୨୫ ସୂଚକାଙ୍କରେ ଭାରତ ୧୩୧ ସ୍ଥାନରେ ପହଞ୍ଚିଛି। ଅର୍ଥାତ ଲିଙ୍ଗଗତ ପାର୍ଥକ୍ୟ ଦୂର କରିବାରେ ଏବେବି ୧୩୦ଟି ଦେଶ ତଳେ ଭାରତ ରହିଛି। ଗତବର୍ଷଠାରୁ ଦୁଇଅଙ୍କ ତଳକୁ ଖସିଛି। ଭାରତ ବର୍ତ୍ତମାନ ବାଂଲାଦେଶ(୭୫), ନେପାଳ(୧୨୫) ଏବଂ ଶ୍ରୀଲଙ୍କା (୧୩୦) ସମେତ ଅଧିକାଂଶ ଦକ୍ଷିଣ ଏସୀୟ ଦେଶ ତୁଳନାରେ ପଛରେ ମଧ୍ୟ ଅଛି।

ବିଶ୍ୱ ଅସମାନତା ରିପୋର୍ଟ ୨୦୨୬ ଅନୁସାରେ ଭାରତ ତଥା ବିଶ୍ୱରେ ଲିଙ୍ଗ ଅସମାନତା ଗଭୀର ଏବଂ ବ୍ୟାପକ। ସମସ୍ତ ଅଞ୍ଚଳରେ ଦରମା ପାର୍ଥକ୍ୟ ରହିଛି। ଘରୋଇ ଏବଂ ଯତ୍ନ କାର୍ଯ୍ୟକୁ ହିସାବକୁ ନେଲେ ମହିଳାମାନେ ପୁରୁଷମାନଙ୍କ ତୁଳନାରେ ଅଧିକ ଘଣ୍ଟା କାମ କରନ୍ତି। ପୁରୁଷମାନେ ପ୍ରତି ସପ୍ତାହରେ ହାରାହାରି ୪୩ ଘଣ୍ଟା କାର୍ଯ୍ୟ କରିଲାବେଳେ ମହିଳାମାନେ ୫୩ ଘଣ୍ଟା କାର୍ଯ୍ୟ କରନ୍ତି। ତଥାପି ସେମାନଙ୍କ କାମକୁ କମ୍ ମୂଲ୍ୟ ଦିଆଯାଇଛି। ଅବୈତନିକ କାମକୁ ବାଦ ଦେଲେ, ମହିଳାମାନେ ପୁରୁଷଙ୍କ ଘଣ୍ଟା ପ୍ରତି ଆୟର କେବଳ ୬୧% ରୋଜଗାର କରନ୍ତି; ଯେତେବେଳେ ଅବୈତନିକ ଶ୍ରମକୁ ସାମିଲ କରାଯାଏ, ଏହି ସଂଖ୍ୟା ମାତ୍ର ୩୨%କୁ ଖସିଯାଏ। ଏହି ବୈଷମ୍ୟ ଓ ପାତର ଅନ୍ତର ମହିଳାମାନଙ୍କ କ୍ୟାରିୟର ସୁଯୋଗକୁ ସୀମିତ କରେ, ରାଜନୈତିକ ପ୍ରକ୍ରିୟାରେ ଅଂଶଗ୍ରହଣକୁ ସଙ୍କୁଚିତ କରେ ଏବଂ ସମ୍ପଦ ଅର୍ଜନକୁ ନକାରାତ୍ମକ ଭାବେ ପ୍ରଭାବିତ କରେ। କେବଳ ସେତିକି ନୁହେଁ, ନିଯୁକ୍ତି ଦେଲାବେଳେ ମହିଳା ପଛରେ, କିନ୍ତୁ ଛଟେଇବେଳେ ମହିଳା ଆଗରେ। ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପ୍ରଦାନବେଳେ କନ୍ୟା ଶିଶୁକୁ କମ୍ ଗୁରୁତ୍ୱ ଦିଆଯାଏ।

ଲିଙ୍ଗ ସମାନତା କେବଳ ଏକ ସାମାଜିକ ଓ ନୈତିକ ଆବଶ୍ୟକତା ନୁହେଁ, ଏହା ଏକ ଶକ୍ତିଶାଳୀ ଆର୍ଥିକ ଚାଳକ ମଧ୍ୟ। ବିଭିନ୍ନ ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକର ଅଧ୍ୟୟନ ଅନୁସାରେ, ନିଯୁକ୍ତି, ଶିକ୍ଷା ଓ ଡିଜିଟାଲ ପ୍ରାପ୍ତି ବା ପହଞ୍ଚରେ ଥିବା ଲିଙ୍ଗଗତ ପାର୍ଥକ୍ୟ କମାଇବା ଦ୍ୱାରା ବିଶ୍ୱ ଏବଂ ବିଭିନ୍ନ ଦେଶର ଜିଡିପି ଦ୍ରୁତ ଭାବେ ବୃଦ୍ଧି ପାଇପାରେ। ଅବଶ୍ୟ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହନ ଦେବା କେବଳ ନ୍ୟାୟର ପ୍ରଶ୍ନ ନୁହେଁ; ଏହା ସମାବେଶୀ ଆର୍ଥିକ ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିବେଶ। ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ପ୍ରଯୁକ୍ତିବିଦ୍ୟା, ଆଇନଗତ ଏବଂ କର୍ମକ୍ଷେତ୍ର ସୁଯୋଗରେ ଉଭୟ ପୁରୁଷ ଓ ମହିଳାଙ୍କୁ ସମାନ ସୁଯୋଗ ଦେଲେ ଆର୍ଥିକ ବିକାଶ ନିରନ୍ତର ଓ ସମତୁଳ ହେବ।

ମୋ:୯୪୩୭୨୦୮୭୬୨

# ଅନ୍ଧବିଶ୍ୱାସ ରାସ୍ତାରେ ଏଆଇର ସ୍ୱପ୍ନ



ବିଚିତ୍ର ବିଶ୍ୱାଳ

ଗାଲଗୋଟିଆ ବିଶ୍ୱବିଦ୍ୟାଳୟର ଚାଇନା ରୋବୋ କୁକୁରକୁ ନେଇ ଧୂର୍ତ୍ତାମି ଓ ସମ୍ମିଳନୀ ଅବସରରେ ଯୁବ କଂଗ୍ରେସ କର୍ମୀଙ୍କର ଅର୍ଦ୍ଧନଗ୍ନ ପ୍ରତିବାଦକୁ ନେଇ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀ-୨୦୨୬'ର ସଫଳତା ଅନେକାଂଶରେ ଫିକା ପଡିଯାଇଛି। ଗୋଟେ ଶିକ୍ଷାନୁଷ୍ଠାନ ଅନ୍ୟର ଉତ୍ପାଦକୁ ନିଜର କହିବା ପରି ଧୂର୍ତ୍ତାମି ଭାରତର ଛବିକୁ ନିଶ୍ଚିତ ଭାବେ ମଳିନ କରିଛି। କିନ୍ତୁ ଏହିସବୁ ମଧ୍ୟରେ ଏଆଇ ତଥା କୃତ୍ରିମ ବୁଦ୍ଧିମତ୍ତାକୁ ନେଇ ସରକାରଙ୍କ ଘୋଷଣା ଅଧିକ ସନ୍ଦେହ ସୃଷ୍ଟି କରୁଛି।

ନୂଆଦିଲ୍ଲୀରେ ଆୟୋଜିତ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀ-୨୦୨୬'ର ଉଦ୍‌ଘାଟନ ଅବସରରେ କୁହାଯାଇଛି ଯେ, ଭବିଷ୍ୟତରେ ଭାରତ ବିଶ୍ୱର ତିନି ଏଆଇ ମହାଶକ୍ତି ମଧ୍ୟରେ ରହିବ। ଅର୍ଥାତ୍ ଭାରତ ଏଆଇ କ୍ଷେତ୍ରରେ ନିକଟ ଭବିଷ୍ୟତରେ ପ୍ରଗତି ହାସଲ କରିବ। ଭାରତର ଏଆଇ ଅଭିଯାନ ବିକଶିତ ଭାରତର ଏକ ମୁଖ୍ୟ ଅଂଶ ବୋଲି କୁହାଯାଇଛି। ଏବେ ଭାରତ ଭାଇବ୍ରାଣ୍ଟ ଇଣ୍ଡେକ୍ସ ୨୦୨୫ରେ ଗବେଷଣା, ପ୍ରତିଭା ଏବଂ ଅର୍ଥନୈତିକ କାର୍ଯ୍ୟକଳାପ ପାଇଁ ବିଶ୍ୱରେ ତୃତୀୟ ସ୍ଥାନରେ ଅଛି। ଏଆଇ କ୍ଷେତ୍ରରେ ଭାରତ କେବଳ ଏକ ବଜାର ନ ହୋଇ ଏଆଇର ଉତ୍ପାଦନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବ ବୋଲି ସରକାର ଘୋଷଣା କରିଛନ୍ତି। ଏହି ଘୋଷଣା ଯେକୌଣସି ଭାରତୀୟଙ୍କ ପାଇଁ ଖୁସିର କଥା ହେବ, ଯଦି ଆମେ ଆମ ସରକାରଙ୍କ ଏହି ଘୋଷଣାକୁ ତାଙ୍କ ବାସ୍ତବ କାର୍ଯ୍ୟକଳାପ ସହିତ ତୁଳନା ନ କରିବା। କିନ୍ତୁ ଯେଉଁ ମୁହୂର୍ତ୍ତରେ ଆମେ ସରକାରଙ୍କ ବାସ୍ତବ କାମକୁ ତୁଳନା କରିବା, ଏହା କେବଳ ଏକ ତୁଚ୍ଛା ଘୋଷଣା ବୋଲି ବୁଝିବାରେ ବିଳମ୍ବ ହେବନାହିଁ। ଘୋଷଣା ଓ ବାସ୍ତବତା ଭିତରେ ଆକାଶ ପାତାଳ ପ୍ରଭେଦ ଜଳଜଳ ଦେଖାଯିବ।

ଗୋଟିଏ ପଟେ ଏଆଇ କ୍ଷେତ୍ରରେ ଦେଶ ଆଗକୁ ବଢିବ ବୋଲି ସରକାର କହୁଥିବା ବେଳେ ଅନ୍ୟପଟେ ସମଗ୍ର ଦେଶରୁ ସାଇଣ୍ଟିଫିକ୍ ଟେମ୍ପେରାମେଣ୍ଟ ତଥା ବୈଜ୍ଞାନିକ ମନୋଭାବ କମ କରିବାର ପ୍ରୟାସରେ ଟିକେ ବି କମ୍ କରାଯାଉନାହିଁ। ଦିନକୁ ଦିନ ଦେଶକୁ ଏକ ମଧ୍ୟଯୁଗୀୟ ଅନ୍ଧବିଶ୍ୱାସ ଭିତରକୁ ଠେଲି ଦିଆଯାଉଛି। ଆମ ପ୍ରତିରକ୍ଷାମନ୍ତ୍ରୀ ରାଫେଲ ଯୁଦ୍ଧ ବିମାନରେ ସିନ୍ଦୂରରେ ସ୍ୱସ୍ତିକ ଅଙ୍କନ କରୁଛନ୍ତି, ଯାହାଦ୍ୱାରା କି କିଛି ଯେପରି ଅମଙ୍ଗଳ ନ ହୁଏ। ଡଜନ ଡଜନ କେନ୍ଦ୍ରମନ୍ତ୍ରୀ କୁମ୍ଭ ମେଳାରେ ବୁଡ ପକେଇ ପାପ କ୍ଷୟ କରୁଛନ୍ତି। ବାଗେଶ୍ୱର ବାବାଙ୍କ ପାଖରେ ଅନେକ ମନ୍ତ୍ରୀ, ନେତା, ଅଫିସର ଧାଡ଼ି ଲଗାଉଛନ୍ତି। ବଳାତ୍କାର ଓ ହତ୍ୟା ଅପରାଧରେ ଜେଲଦଣ୍ଡ ଭୋଗୁଥିବା ବାବାଙ୍କର ଭିଆଇପି ଭକ୍ତ ମଣ୍ଡଳୀରେ ସରକାରର ଅଧା ନେତା,ମନ୍ତ୍ରୀ ଅଛନ୍ତି। ମନ୍ଦିର ପ୍ରତିଷ୍ଠାକୁ ଏକ ରାଷ୍ଟ୍ରୀୟ କାର୍ଯ୍ୟ ଭାବେ ପାଳନ କରାଯାଉଛି। ସାରା ପ୍ରଶାସନ ସବୁକିଛି ଛାଡ଼ି ସେଇ କାମରେ ଲାଗିଯାଉଛି। ଗୋଟେ ଦେଶର ସରକାର ଓ ତା'ର ମୁଣ୍ଡିଆଳଙ୍କର ଏହି ସବୁ କାର୍ଯ୍ୟ ଦେଶକୁ ବିଜ୍ଞାନର ବିକାଶ ଦିଗରେ ନେବ ନା ଅନ୍ଧବିଶ୍ୱାସର କୂଅ ଭିତରକୁ ନିକ୍ଷେପ କରିବ, ଏହା ବେଶ୍ ଅନୁମେୟ। ଏହି ରାସ୍ତାରେ ଯାଇ ଭାରତ କ'ଣ ବିଶ୍ୱର ପ୍ରମୁଖ ଏଆଇ ଶକ୍ତିରେ ପରିଣତ ହେବ ? ଏଆଇ ସମ୍ପର୍କିତ ସରକାରଙ୍କ ଭାଷଣ ଯଦି ଗୋଟିଏ ପଟେ ଯାଉଥାଏ, ତେବେ ତାଙ୍କ ବାସ୍ତବ କାମ ଠିକ୍ ତା'ର ବିପରୀତ ଦିଗରେ ଯାଉଛି।




ବିଶ୍ୱର ଶହେଟି ଉଚ୍ଚମାନର ଶିକ୍ଷାନୁଷ୍ଠାନ ଭିତରେ ଭାରତର ସ୍ଥାନ ନଗଣ୍ୟ। ଗବେଷଣା ଅନୁଷ୍ଠାନକୁ ସରକାରୀ ପ୍ରୋତ୍ସାହନ ନାହିଁ। ଶିକ୍ଷାନୁଷ୍ଠାନ ଅପେକ୍ଷା ମନ୍ଦିର ପ୍ରତିଷ୍ଠା ବଡ କାମ ବୋଲି ଆମ ଦେଶରେ ପରିଗଣିତ କରାଯାଉଛି। ସରକାର ବି ସେହି କାମ ପୂରଣ କରିବାରେ ଲାଗିଛନ୍ତି ଓ ମନ୍ଦିର ପ୍ରତିଷ୍ଠାକୁ ତାଙ୍କର ଐତିହାସିକ ସଫଳତା ଭାବେ ବର୍ଣ୍ଣନା କରୁଛନ୍ତି। ରାଜନୈତିକ ଦଳର ଇସ୍ତାହାର ଏବଂ ପ୍ରତିଶ୍ରୁତିରେ ଶିକ୍ଷା ଓ ସ୍ୱାସ୍ଥ୍ୟ କଥା କମ୍ ରହି ମନ୍ଦିର କଥା ବେଶି ରହୁଛି। ତା'ହେଲେ ଦେଶ କୁଆଡେ ଯିବ ? ଯୁବକମାନଙ୍କୁ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀରୁ ଦୂରେଇ ନେଇ ତାଙ୍କୁ ଧର୍ମ ନାମରେ ଲଢ଼ିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରାଯାଉଛି ଓ ତାହାକୁ ହିଁ ପ୍ରଗତିର ପଥ ଭାବେ ପ୍ରଦର୍ଶିତ କରାଯାଉଛି। ବିଚରା ଯୁବକମାନେ ଧର୍ମରକ୍ଷା ପାଇଁ ପତାକା ଧରି ରାସ୍ତାରେ ଚିତ୍କାର କରୁଛନ୍ତି। ଏହି ଚିନ୍ତାଧାରା ସହିତ ଓ ଏହି ରାସ୍ତାରେ ଚାଲି ଦେଶ କ'ଣ ଏଆଇ କ୍ଷେତ୍ରରେ ବିକାଶ କରିବ ? ଏହା କେବଳ ଆଉ ଏକ ମନ୍ କୀ ବାତ୍ ଛଡା ଆଉ କିଛି ନୁହେଁ।

ଆମ ଦେଶରେ ଚନ୍ଦ୍ର ଅଭିଯାନର ସଫଳତା ବିଷୟରେ ଯେତିକି ଆଲୋଚନା ହୁଏନି, ତା'ଠାରୁ ଅଧିକ ଆଲୋଚନା ହୁଏ ଇସ୍ରୋ ମୁଖ୍ୟଙ୍କ ମନ୍ଦିର ଯିବା ବିଷୟରେ। ତା'ମାନେ ଆମେ ଭବିଷ୍ୟତ ପିଢ଼ିକୁ କୁଆଡେ ଠେଲୁଛେ ? ଆମ ମନ୍ତ୍ରୀ ହନୁମାନଙ୍କୁ ପ୍ରଥମ ମହାକାଶଚାରୀ ବୋଲି ଛାତ୍ରଙ୍କୁ କହୁଛନ୍ତି। ସମ୍ପ୍ରତି ଦେଶର ଶୀର୍ଷ ନ୍ୟାୟାଳୟ ସାବରିମାଲା ମନ୍ଦିରକୁ ମହିଳା ପ୍ରବେଶ କରିବେ କି ନାହିଁ, ସେ ବିଷୟରେ ଦିନ ଦିନ ସାରୁଛନ୍ତି। ସରକାରୀ ଆଡ୍‌ଭୋକେଟ ନିଜେ କେସ୍‌ର ଗୋଟିଏ ପକ୍ଷ ହେଉଛନ୍ତି। ତା'ହେଲେ ବିଚାର କଲେ - ଗୋଟେ ଦେଶ ଭାବେ ଆମ ବୈଜ୍ଞାନିକ ଚିନ୍ତାଧାରା କେଉଁ ଆଡ଼କୁ ଯାଉଛି ? ଆଜି ଯଦି ଆମେ ମାନୁଛୁ, ମହିଳାଙ୍କ ପ୍ରବେଶ ଯୋଗୁ କୌଣସି ସ୍ଥାନ ଅପବିତ୍ର ହୋଇଯାଏ, ତା'ହେଲେ ଆମ ବୈଜ୍ଞାନିକ ମନୋଭାବ କେତେ ରସାତଳକୁ ଗଲାଣି ଓ ଆମେ କେତେ ଅନ୍ଧବିଶ୍ୱାସ ଭିତରେ ଅଛେ, ଏହା ସହଜରେ ଅନୁମେୟ। ଆମ ଦେଶର ବିଦ୍ୱାନମାନେ ବିଦେଶକୁ ଗଲେ ଆଉ ଦେଶକୁ ଫେରିବାର ନାଁ ନେଉନାହାନ୍ତି। କାରଣ ଆମ ଦେଶରେ ଗବେଷଣା ଭିତ୍ତିଭୂମି ଅପେକ୍ଷା ମନ୍ଦିର ଭିତ୍ତିଭୂମି ଉପରେ ଅଧିକ ଧ୍ୟାନ ଦିଆଯାଉଛି ଓ ଖର୍ଚ୍ଚ କରାଯାଉଛି। ଆଜିକାଲି ତ ଖୋଜାଯାଉଛି ଅତୀତରେ କେଉଁ ମାଟି ତଳେ କି ମନ୍ଦିର ଥିଲା କି ମୂର୍ତ୍ତି ଥିଲା। ଶିକ୍ଷାନୁଷ୍ଠାନ ଅପେକ୍ଷା ତଥାକଥିତ ଧର୍ମ ପାଇଁ ଯେଉଁଠି ଅଧିକ ଗୁରୁତ୍ୱ ଦିଆଯାଏ, ସେଠି ସ୍କଲାର ଓ ଉନ୍ନତ ମସ୍ତିଷ୍କମାନେ ବିଦେଶରେ ରହିବାକୁ ହିଁ ଅଧିକ ଉଚିତ ମଣିବେ ଓ ମଣୁଛନ୍ତି ବି। ଏପରି ସ୍ଥଳେ ସରକାରଙ୍କ ଏଆଇ କ୍ଷେତ୍ରରେ ବିକାଶର ସ୍ୱପ୍ନ, କେବଳ ସ୍ୱପ୍ନ ଓ ପ୍ରହେଳିକା ଛଡା ଅଧିକ କିଛି ନୁହେଁ। ଯଦି ସତରେ ଆମେ ଏଆଇ ଓ ଅନ୍ୟାନ୍ୟ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ବିକାଶ କରିବାକୁ ଚାହୁଁଛୁ, ତେବେ ଭବିଷ୍ୟତ ପିଢିଙ୍କ ଭିତରେ ଆମକୁ ବୈଜ୍ଞାନିକ ମନୋଭାବକୁ ବଢେଇବାକୁ ହେବ। ବିଶ୍ୱାସ ଓ ଅନ୍ଧବିଶ୍ୱାସରୁ ଊର୍ଦ୍ଧ୍ୱକୁ ଉଠି ଆମକୁ ତଥ୍ୟ, ତତ୍ତ୍ୱଭିତ୍ତିକ ହେବାକୁ ପଡିବ।

- ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର

ମୋ: ୯୪୩୮୪୬୮୪୭୪

## ଏଇ ଭାରତରେ

ବର୍ଷାଦିନ ପରେ ମହାରାଷ୍ଟ୍ର ବିଦର୍ଭ ଅଞ୍ଚଳରୁ ଭାରଓ୍ୱାଡ ଯାଯାବର ସମ୍ପ୍ରଦାୟର ଲୋକେ ସେମାନଙ୍କ ଗୃହପାଳିତ ପଶୁଙ୍କୁ ନେଇ ଚାରଣଭୂମି ଅଞ୍ଚଳକୁ ଚାଲିଯାଆନ୍ତି। ସେମାନେ ଡିସେମ୍ବରରେ ଯାଇ ଜୁନ ବେଳକୁ ଫେରିଥାନ୍ତି। ଏହି ସମୟରେ ସେମାନଙ୍କ ପିଲାଙ୍କ ପଢା ବନ୍ଦ ହୋଇଯାଏ। ଫଳରେ ଅନେକେ ପାଠ ଛାଡ଼ିଦେଉଛନ୍ତି। ତେବେ ଅଣ ଲାଭକାରୀ ସଂସ୍ଥା ଲର୍ନିଂ କାମ୍ପେନିୟନ(ଏଲ୍‌ସି) ଦ୍ୱାରା ଏହି ସମସ୍ୟା ଅନେକାଂଶରେ ସମାଧାନ ହୋଇପାରିଛି। ଗଣେଶ ବିରାଜଦାର ଏହାର ପ୍ରତିଷ୍ଠାତା ନିର୍ଦ୍ଦେଶକ। ପିଲାମାନେ ଯେଉଁ ସମୟରେ ବାହାରକୁ ନ ଯାଇ ପରିବାର ସହ ରହୁଛନ୍ତି ସେହି ସମୟରେ ସେମାନଙ୍କୁ ଏଲ୍‌ସି ସେଣ୍ଟରେ ପଢାଯାଉଛି। ଏବେ ଏଭଳି ୫ଟି କେନ୍ଦ୍ରରେ ୨୦୦ ପିଲାଙ୍କୁ ଶିକ୍ଷା ଦିଆଯାଉଛି। ସକାଳେ ପ୍ରି ପ୍ରାଇମେରୀ ପିଲା ପଢୁଛନ୍ତି ଓ ପ୍ରଥମରୁ ଊର୍ଦ୍ଧ୍ୱ ଶ୍ରେଣୀର ପିଲାମାନେ ସନ୍ଧ୍ୟାବେଳେ ପଢିବାକୁ ଆସୁଛନ୍ତି। ଯେତେବେଳେ ପିଲାମାନେ ପରିବାର ସହ ବାହାରକୁ ଯାଇ ଯେଉଁଠାରେ ରହୁଛନ୍ତି ଏଲ୍‌ସି ସେଣ୍ଟରର ଶିକ୍ଷକମାନେ ପ୍ରତି ସପ୍ତାହରେ ସେହି ସବୁ ସ୍ଥାନକୁ ଯାଉଛନ୍ତି ଏବଂ ପିଲାମାନଙ୍କ ମାର୍କଶିଟ୍ ଦେଉଛନ୍ତି। ଏପରି କି ସେଠାରେ କ୍ୟାମ୍ପ ଆୟୋଜନ କରାଯାଇ ପିଲାଙ୍କୁ ଏକାଠି କରାଯାଉଛି। ଏହି ଶିକ୍ଷାକେନ୍ଦ୍ର ପ୍ରତି ପିଲାଙ୍କ ଆଗ୍ରହ ଜନ୍ମିବାରୁ ସେମାନେ ବାହାରକୁ ଯାଇ ଫେରିଲା ପରେ ବି ସରକାରୀ ସ୍କୁଲକୁ ମଧ୍ୟ ଯିବା ପାଇଁ ପସନ୍ଦ କରୁଛନ୍ତି। ଫଳରେ ଡ୍ରପଆଉଟ୍ କମୁଛି।

## ଚିରନ୍ତନୀ

ପବନ ଆଣେ ତା' ଭାଷା
ବିରହ କାତର ଆଶା
ସିନ୍ଧୁ ଊର୍ମି ସେହି କଥା
କୂଳେ ଯାଏ ଗାଇ
ସେ କି ଅଧୀରା ମୋ ପାଇଁ ?

-(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | 1 | | | 3 | | | 4 |
| | 2 | | | 8 | | | | 6 |
| 3 | | | | | | | | |
| | | | | | | 8 | | |
| | 4 | | | | 7 | 9 | | 3 |
| | | 9 | | | | | | |
| | | | | 6 | | | 1 | 7 |
| | | 4 | | | | 2 | | |
| | 8 | | 9 | | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 3 | 5 | 8 | 6 | 9 | 7 | 1 |
| 7 | 6 | 8 | 2 | 1 | 9 | 3 | 4 | 5 |
| 5 | 1 | 9 | 3 | 7 | 4 | 2 | 6 | 8 |
| 9 | 7 | 2 | 6 | 5 | 1 | 4 | 8 | 3 |
| 8 | 5 | 1 | 4 | 3 | 2 | 6 | 9 | 7 |
| 3 | 4 | 6 | 7 | 9 | 8 | 5 | 1 | 2 |
| 2 | 8 | 7 | 9 | 4 | 5 | 1 | 3 | 6 |
| 1 | 9 | 5 | 8 | 6 | 3 | 7 | 2 | 4 |
| 6 | 3 | 4 | 1 | 2 | 7 | 8 | 5 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ତାପମାତ୍ରା ବୃଦ୍ଧିର ଚେତାବନୀ

ମହାଶୟ,

ଚଳିତବର୍ଷ ଦେଶରେ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ସହ ବହୁ ଘରୋଇ ପାଣିପାଗ ସଂସ୍ଥା ପୂର୍ବାନୁମାନ କରିଛନ୍ତି। ମାର୍ଚ୍ଚ ମାସର ପ୍ରଥମ ସପ୍ତାହରେ ଦୈନିକ ଉଚ୍ଚ ତାପମାତ୍ରା ଏହାର ଏକ ଚେତାବନୀର ସଂକେତ ବୋଲି କହିଲେ ଅତ୍ୟୁକ୍ତି ହୋଇ ନ ପାରେ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ବେଳକୁ ଦେଶର ବିଭିନ୍ନ ଭାଗରେ ବିଶେଷ କରି ଉତ୍ତରଭାରତରେ ଦିନର ତାପମାତ୍ରା ୩୬ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିବ, ଯାହାକି ଏହି ସମୟରେ ସ୍ୱାଭାବିକ ତାପମାତ୍ରାଠାରୁ ୪ଡିଗ୍ରୀ ଅଧିକ। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆମ ରାଜ୍ୟର ଝାରସୁଗୁଡା ଅଞ୍ଚଳରେ ତାପମାତ୍ରା ୩୯ ଡିଗ୍ରୀରେ ପହଞ୍ଚ ସାରିଲାଣି। ବସନ୍ତ ଋତୁ ଉଭାନ ହୋଇଯିବା ସହ ଆଗୁଆ ଗ୍ରୀଷ୍ମକାଳ ଆରମ୍ଭ ହୋଇଯାଇଛି, ଯାହାକି ଆଞ୍ଚଳିକ ବାୟୁମଣ୍ଡଳୀୟ ଏବଂ ଦୀର୍ଘକାଳୀନ ଜଳବାୟୁ ପରିବର୍ତ୍ତନର ସନ୍ଦେଶ ପ୍ରଦାନ କରେ। ଦେଶରେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ଏଣିକି ଜଳବାୟୁ ଉପଯୋଗୀ ବା ଜଳବାୟୁ ନମନୀୟ ଚାଷ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ। ଅନ୍ୟଥା ଦେଶ ଗୁରୁତର ଖାଦ୍ୟ ସଙ୍କଟର ସମ୍ମୁଖୀନ ହୋଇପାରେ। ଆସନ୍ତା ୨୦୫୦ ବେଳକୁ ଖାଦ୍ୟ ସଙ୍କଟ ଦେଖାଦେବା ନେଇ ବିଜ୍ଞାନୀମାନେ ଚେତାବନୀ ଦେଇସାରିଲେଣି। ତେବେ କେବଳ ଖାଦ୍ୟ ସଙ୍କଟ ନୁହେଁ, ଉତ୍କଟ ପାନୀୟ ଜଳ ସଙ୍କଟକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ। ଜଳବାୟୁ ପରିବର୍ତ୍ତନ ଏବଂ ତାପମାତ୍ରା ବୃଦ୍ଧି କେବଳ ଗୋଟିଏ ଦେଶର ସମସ୍ୟା ନୁହେଁ, ଏହା ଏକ ବୈଶ୍ୱିକ ସମସ୍ୟା। ବେଳ ହୁଁ ସାବଧାନ ନ ହେଲେ, ତାପମାତ୍ରା ବୃଦ୍ଧି ମୁକାବିଲା ପାଇଁ ଯୋଜନା ନ କଲେ, ଧ୍ୱଂସ ହିଁ ସାର ହେବ।

**- ସୌଭାଗ୍ୟ ରଞ୍ଜନ ମହାନ୍ତି, ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପୁଣି କୋର୍ଟକୁ ବୋମା ଧମକ

**ରାଜ୍ୟର ବିଭିନ୍ନ କୋର୍ଟକୁ ଗତ କିଛି ସପ୍ତାହ ହେଲା ବାରମ୍ବାର ଇମେଲ୍ ଯୋଗେ ବୋମା ଧମକ ମିଳୁଛି। ଧମକ ମିଳିବା ପରେ ଅଦାଲତ ପରିସରରେ ସୁରକ୍ଷା ଦୃଷ୍ଟିରୁ ଯାଞ୍ଚ କରାଯାଉଛି। ହେଲେ ପରେ ତାହା ମିଥ୍ୟା ବୋଲି ଜଣାପଡୁଛି। ସୋମବାର ମଧ ବରଗଡ଼, ଭବାନୀପାଟଣା, କେନ୍ଦୁଝର ଏବଂ ପୁରୀ କୋର୍ଟକୁ ଉଡ଼ାଇ ଦେବା ପାଇଁ ଧମକ ମିଳିଥିଲା। ଯାଞ୍ଚ ପରେ କୌଣସିଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିଲେ ହେଁ ସମସ୍ତଙ୍କ ମନରେ ଭୟର ବାତାବରଣ ଦେଖିବାକୁ ମିଳିଥିଲା।**

## ବରଗଡ଼ ସିଭିଲ କୋର୍ଟକୁ ସିଆନାଇଡ୍ ଗ୍ୟାସ୍ ବୋମା ବିସ୍ଫୋରଣ ଧମକ

ବରଗଡ଼,୯।୩(ପ୍ରେମାନନ୍ଦ ଖମାରୀ)


ବରଗଡ଼ ସିଭିଲ୍ କୋର୍ଟ ପରିସରରେ ପୋଲିସ ଯାଞ୍ଚ କରୁଛି।

ବରଗଡ଼ ସିଭିଲ୍ କୋର୍ଟକୁ ଇ-ମେଲ୍ ଯୋଗେ ସୋମବାର ପୁଣି ବୋମା ଧମକ ମିଳିଛି। ଅପରାହ୍ନ ୧ଟା ପୂର୍ବରୁ ୧୪ଟି ସିଆନାଇଡ୍ ଗ୍ୟାସ୍ ବୋମା ବିସ୍ଫୋରଣ ହେବ ବୋଲି ମେଲ୍‌ରେ ଧମକ ଦିଆଯାଇଥିଲା। ଏଭଳି ଧମକ ମିଳିବା ପରେ କୋର୍ଟରେ କାର୍ଯ୍ୟରତ ବିଚାରପତି, ବିଚାର ବିଭାଗୀୟ କର୍ମଚାରୀ ଏବଂ ଓକିଲମାନେ କୋର୍ଟ ବାହାରକୁ ଚାଲିଆସିଥିଲେ। ଏ ନେଇ ଜିଲା ଓ ଦୌରାଜଜ୍ ତୁରନ୍ତ ବରଗଡ଼ ଏସ୍‌ପିଙ୍କୁ ଅବଗତ କରିଥିଲେ। ଏହାପରେ ପୋଲିସ ସନ୍ଧାନୀ କୁକୁର ଏବଂ ବୋମା ନିଷ୍କ୍ରିୟକାରୀ ଟିମ୍ ଧରି କୋର୍ଟକୁ ପହଞ୍ଚିଥିଲା ଏବଂ କୋର୍ଟ ପରିସର ସବୁଆଡ଼େ ଯାଞ୍ଚ କରିଥିଲା। କିନ୍ତୁ କିଛି ମିଳି ନ ଥିଲା। ଗତ ୫ ସପ୍ତାହ ମଧ୍ୟରେ ଉକ୍ତ କୋର୍ଟକୁ ତୃତୀୟଥର ପାଇଁ ଏଭଳି ଧମକପୂର୍ଣ୍ଣ ମେଲ୍ ଆସିଛି। ଏହା ପୂର୍ବରୁ ଗତ ଫେବୃଆରୀ ୬ ଏବଂ ଚଳିତ ମାସ ୨ତାରିଖରେ ଏହି କୋର୍ଟକୁ ଅନୁରୂପ ଧମକ ଆସିଥିଲା।

## ଟାର୍ଗେଟରେ କଳାହାଣ୍ଡି ଜିଲା କୋର୍ଟ



ଡଗ୍ ସ୍କ୍ୱାଡ୍ ଦ୍ୱାରା ଛାନ୍‌ଭିନ୍ ଚାଲିଛି।

ଭବାନୀପାଟଣା,୯।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା କୋର୍ଟକୁ ଇ-ମେଲ୍ ମାଧ୍ୟମରେ ବୋମା ପକାଇ ଉଡ଼ାଇଦେବାକୁ ଧମକ ମିଳିଛି। ଜିଲା ଓ ଦୌରାଜଜ୍ କୋର୍ଟଙ୍କ ସରକାରୀ ଇ-ମେଲ୍‌କୁ ଏହି ଧମକପୂର୍ଣ୍ଣ ମେଲ୍ ଆସିଥିଲା। ଏହି ଖବର ଜଣାପଡିବା ପରେ କୋର୍ଟରେ ଟାଉନ ପୋଲିସ ସମେତ ବୋମା ନିଷ୍କ୍ରିୟକାରୀ ଦଳ ଓ ଡଗ୍ ସ୍କ୍ୱାଡ୍ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଏପରି କି କଳାହାଣ୍ଡି ଏସ୍‌ପି ନାଗରାଜ ଦେବରକୋଣ୍ଡା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ବୋମା ଧମକ ମିଳିବା ପରେ ସୋମବାର ପୂର୍ବାହ୍ନରେ କୋର୍ଟ କାର୍ଯ୍ୟ ବନ୍ଦ ରହିଥିଲା। ଅପରାହ୍ନ ୨ଟା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଏ ନେଇ ଜିଲା ବାର୍ ଆସୋସିଏଶନ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ସୋମବାର ସକାଳୁ ଜିଲା ଓ ଦୌରା ଜଜ୍‌ଙ୍କ ଅଫିସିଆଲ ମେଲ୍‌କୁ ଏକ ଇ-ମେଲ୍ ଆସିଥିଲା, ଯେଉଁଥିରେ କୋର୍ଟ ଭିତରେ ବୋମା ଥିବା ଦର୍ଶାଯାଇଥିଲା। ଏହାପରେ କୋର୍ଟ ପକ୍ଷରୁ ପୋଲିସକୁ ଜଣାଯାଇଥିଲା ବୋଲି ସେ କହିଥିଲେ।

## ପୁରୀ କୋର୍ଟକୁ ଉଡ଼ାଇବାକୁ ଇମେଲ୍

ପୁରୀ,୯।୩(ଅଜିତ୍ କୁମାର ମହାନ୍ତି)

କିଛି ଦିନର ବ୍ୟବଧାନ ପରେ ପୁଣି ଥରେ ଅଜଣା ମେଲ୍ ଆଇଡିରୁ ପୁରୀ କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ସୋମବାର ଧମକ ଆସିଥିଲା। ଧମକ ଆସିବା ପରେ କୋର୍ଟ ପରିସର ଓ ଆଖପାଖ ଅଞ୍ଚଳରେ ଏକ ଭୟର ବାତାବରଣ ଖେଳି ଯାଇଥିଲା। ଖବର ପାଇ ପୋଲିସ କୋର୍ଟ ପରିସରରେ ପହଞ୍ଚି ତଦନ୍ତ କରିବା ସହ ଅଜଣା ଇ-ମେଲ୍ ଆଇଡିକୁ ନେଇ ଅଧିକ ତର୍ଜମା ସହ କୋର୍ଟ ପରିସରରେ ସଶସ୍ତ୍ର ପୋଲିସ ଓ ବମ୍ ସ୍କ୍ୱାଡ୍ ପହଞ୍ଚି ସର୍ଚ୍ଚ ଆରମ୍ଭ କରିଥିଲା। ସର୍ଚ୍ଚ ପରେ କୋର୍ଟ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। କିଏ ଏହି ମେଲ୍ ପଠାଇଛି, କାହିଁକି ପଠାଇଛି ଓ କାହା ଉଦ୍ଦେଶ୍ୟରେ ପଠାଇଛି ସେ ନେଇ ଖୋଳତାଡ଼ କରାଯାଇଥିଲା। କିନ୍ତୁ ସେମିତି କୌଣସି ଘଟଣା ଘଟି ନ ଥିବାବେଳେ କିଛି ବିସ୍ଫୋରକ ମଧ ଠାବ ହୋଇ ନ ଥିଲା। ଏ ନେଇ ପୁରୀ ଓକିଲ ସଂଘ ସମ୍ପାଦକ ଶରତ କୁମାର ରାୟଗୁରୁ କହିଛନ୍ତି, ଅଜଣା ମେଲ୍ ଆଇଡି କରି ଅଭିଯୁକ୍ତ ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ ଦେଉଛନ୍ତି। ଲୋକଙ୍କ ମନରେ ଭୟ ସୃଷ୍ଟି କରିବା ପାଇଁ ଏପରି ମେଲ୍ କରାଯାଉଛି। ପୋଲିସ ମେଲ୍ କରୁଥିବା ବ୍ୟକ୍ତିଙ୍କୁ କାହିଁକି ଧରିପାରୁନି ବୋଲି ରାୟଗୁରୁ ପ୍ରଶ୍ନ କରିଛନ୍ତି। ଗତ ଫେବୃଆରୀ ୬ ତାରିଖରେ ଏହିଭଳି ଭାବେ ପୁରୀ କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଧମକପୂର୍ଣ୍ଣ ମେଲ୍ ଆସିଥିଲା। ପରେ ତାହା ମିଥ୍ୟା ବୋଲି ଜଣାପଡିଥିଲା।

## କେନ୍ଦୁଝର କୋର୍ଟକୁ ସପ୍ତାହରେ ୨ୟ ଥର ଧମକ

କେନ୍ଦୁଝର,୯।୩(ଦୀପକ ମିଶ୍ର)

କେନ୍ଦୁଝର ଜିଲା ଦୌରାଜଜ୍‌ଙ୍କ କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଇମେଲ୍ ଯୋଗେ ଧମକପୂର୍ଣ୍ଣ ମେଲ୍ ଆସିଛି। ଏନେଇ କୋର୍ଟ ପକ୍ଷରୁ କେନ୍ଦୁଝର ଟାଉନ ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗ ପାଇ ଟାଉନ ପୋଲିସ ସନ୍ଧାନୀ କୁକୁର ଓ ବୋମା ନିଷ୍କ୍ରିୟକାରୀ ଦଳ ସହ କୋର୍ଟ ପରିସରରେ ପହଞ୍ଚି ତନ୍ନତନ୍ନ କରି ଯାଞ୍ଚ କରିଥିଲା। ତେବେ ବୋମା ସମ୍ପର୍କରେ କିଛି ତଥ୍ୟ ମିଳି ପାରି ନାହିଁ। ସରକାରୀ ଓକିଲ ଅଶ୍ୱିନୀ ପଟ୍ଟନାୟକ ଏପରି ମେଲ୍ ଦେଇ ଭୟଭୀତ କରୁଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପ୍ରକାଶ ଯେ, ଗତ ୩ ତାରିଖରେ ମଧ୍ୟ କେନ୍ଦୁଝର ଜିଲା ଦୌରା ଜଜ୍‌ଙ୍କ କୋର୍ଟକୁ ଧମକ ମିଳିଥିଲା।


ଜିଲା ଦୌରାଜଜ୍‌ଙ୍କ କୋର୍ଟ ପରିସରରେ ଯାଞ୍ଚ କରାଯାଉଛି।

## ନକଲି ଜିନିଷ ବିକ୍ରି ବେଳେ ୟୁପି, ତାମିଲନାଡୁର ୬ ଗିରଫ

ଭଞ୍ଜନଗର,୯।୩(ବାବୁଲା ପ୍ରଧାନ)

**ବୁଲି ବୁଲି ବିଭିନ୍ନ ଗ୍ରାମରେ ବିକ୍ରି କରୁଥିଲେ**

ନକଲି ଜିନିଷ ବିକ୍ରି ବେଳେ ଗଞ୍ଜାମ ଜିଲା ତାରସିଂ ପୋଲିସ ସୋମବାର ଉତ୍ତର ପ୍ରଦେଶର ୬ ଜଣ ଯୁବକଙ୍କୁ ଗିରଫ କରି ଭଞ୍ଜନଗର କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ପରେ ସମସ୍ତଙ୍କୁ ଜେଲ ପଠାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତର ପ୍ରଦେଶର ସାମଲି ଜିଲା ଅନ୍ତର୍ଗତ ଇସ୍‌ଲାମପୁର ଘାସାଉଲି ଅଞ୍ଚଳର ଭାଜିଦ ବେଗ, ଶୋରେବ ବେଗ, ବାବର, ରସିଦ, ଆମୀର ଖାନ୍ ଓ ତାମିଲନାଡୁର ଜୋଲାରପେଟା ଥାନା ଅନ୍ତର୍ଗତ ପେରିୟାକମୋପେଟୁ ଅଞ୍ଚଳର ତଫିକ୍। ଏନେଇ ନଂ. ୬୯/୨୦୨୬ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି।

ଖବରରୁ ଜଣାପଡ଼ିଛି, ଗିରଫ ଅଭିଯୁକ୍ତମାନେ ଉତ୍ତରପ୍ରଦେଶ ଓ ତାମିଲନାଡୁରୁ ଆସି ଭଞ୍ଜନଗର ସହର କେନାଲ ସାହିରେ ରହୁଥିଲେ। ଭଞ୍ଜନଗର ଅଞ୍ଚଳର ବିଭିନ୍ନ ଗ୍ରାମରେ ବୁଲି ବୁଲି ନାମୀଦାମୀ କମ୍ପାନୀର ଜିନିଷ କମ୍ ଟଙ୍କାରେ ବିକ୍ରି କରୁଥିଲେ। ରବିବାର ଉକ୍ତ ୬ଜଣଙ୍କ ମଧ୍ୟରୁ ୨ଜଣ ରାଇପଲ୍ଲୀ ଅଞ୍ଚଳରେ ଦାମୀ କମ୍ପାନୀର ଲୋଗୋ ଥିବା ଏକ ଟିଭିକୁ ୮ହଜାର ଟଙ୍କାରେ ଜଣେ ଗ୍ରାହକଙ୍କୁ ବିକ୍ରି କରୁଥିଲେ। ଏଥିରେ ଲୋକେ ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଆସିବା ଜାଣି ସେମାନେ ସେଠାରୁ ଚାଲି ଯାଇଥିଲେ। ପରେ ପୋଲିସ ସେମାନଙ୍କୁ ଖୋଜାଖୋଜି କରି ତିନିଛକିଆ ନିକଟରେ ଧରି ପଚରାଉଚରା କରିଥିଲା। ଏଥିସହ ସେମାନେ ଧରିଥିବା ଜିନିଷର ବିଲ୍ ଦେଖାଇବାକୁ ପୋଲିସ କହିଥିଲା। ମାତ୍ର ସେମାନେ ବିଲ୍ ଦେଖାଇ ପାରି ନ ଥିଲେ। ପରେ ସେମାନଙ୍କୁ ପଚରାଉଚରା କରି ଏଥିରେ ସମ୍ପୃକ୍ତ ଅନ୍ୟ ୪ଜଣଙ୍କୁ ପୋଲିସ ଗିରଫ କରିଥିଲା। ଏନେଇ ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ବିକ୍ରି କରାଯାଉଥିବା ଜିନିଷଗୁଡ଼ିକ ସମ୍ପର୍କରେ ଖବରପାଇ ସେମାନଙ୍କୁ ଧରିଥିଲା। ସେମାନଙ୍କଠାରୁ ଏକାଧିକ ମୋବାଇଲ ଫୋନ, ଗ୍ୟାସ୍ ଚୁଲା, ଏଲ୍‌ଇଡି ଟିଭି, ଘଣ୍ଟା, ଗାଡି ଆଦି ଜିନିଷ ଜବତ କରାଯାଇଛି। ଜବତ ହୋଇଥିବା ଜିନିଷ ନକଲି କିମ୍ବା ଚୋରା ସେନେଇ ତଦନ୍ତ ଜାରି ରହିଛି। ସେମାନେ ଏହାର ବିଲ୍ ଦେଖାଇ ନ ପାରିବାରୁ ଗିରଫ କରାଯାଇ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ କହିଛନ୍ତି।

## ଦିନ ଦ୍ୱିପ୍ରହରରେ ଝାମ୍ପିନେଲେ ୨ ଲକ୍ଷ ଟଙ୍କା

ରାୟଗଡ଼ା,୯।୩(ଆଶିଷ ରଞ୍ଜନ ପଣ୍ଡା)

ଜଣେ ବ୍ୟକ୍ତି ବ୍ୟାଙ୍କକୁ ଟଙ୍କା ଡିପୋଜିଟ୍ କରିବାକୁ ଯିବା ସମୟରେ ଲୁଟେରାମାନେ ଦିନ ଦ୍ୱିପ୍ରହରରେ ତାଙ୍କଠାରୁ ୨ ଲକ୍ଷ ଟଙ୍କା ଝାମ୍ପି ନେଇଛନ୍ତି। ରାୟଗଡା ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ (ଏଡିବି) ନିକଟରେ ଏଭଳି ଲୁଟ୍ ଘଟିଛି। ସୋମବାର ଅପରାହ୍ନ ୧୧ ଟାରେ କପିଳାସ ରୋଡ଼ରେ ଥିବା ପାତ୍ର ଇଲକ୍ଟ୍ରୋନିକ୍ସ ଶୋ'ରୁମର ଆକାଉଣ୍ଟାଣ୍ଟ ରଞ୍ଜିତ କୁମାର ଦଳାଇ ଷ୍ଟେଟ୍ ବ୍ୟାଙ୍କ ଏଡିବି ଶାଖାକୁ ଟଙ୍କା ଡିପୋଜିଟ କରିବାକୁ ଯାଉଥିବା ସମୟରେ ପଛ ପଟୁ ୨ ଜଣ ଦୁର୍ବୃତ୍ତ ଏକ ବାଇକ ଯୋଗେ ଆସି ଟଙ୍କା ବ୍ୟାଗ ଝାମ୍ପି ନେଇଥିଲେ। ସମ୍ପୃକ୍ତ ଆକାଉଣ୍ଟାଣ୍ଟ ସେମାନଙ୍କ ପିଛା କରିଥିଲେ ହେଁ ଲୁଟେରାମାନେ କେଉଁଆଡେ ଚମ୍ପଟ ମାରିଥିଲେ ଜଣାପଡି ନ ଥିଲା। ଏ ନେଇ ରାୟଗଡ଼ା ଥାନାରେ ଅଭିଯୋଗ ହେବା ପରେ ଆଇଆଇସି ପ୍ରସନ୍ନ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ସିସିଟିଭିକୁ ଯାଞ୍ଚ କରାଯାଇଛି। କିଛି ସ୍ଥାନରେ ସିସିଟିଭି ଫୁଟେଜ ମଧ ସଂଗ୍ରହ କରି ତଦନ୍ତ କରାଯାଉଥିବା ଆଇଆଇସି କହିଛନ୍ତି।

# Business

## ପୂର୍ବତଟ ରେଳପଥ ଦେଇ ଗଡ଼ିବ ୨ ଅମୃତ ଭାରତ ଏକ୍ସପ୍ରେସ

ଭୁବନେଶ୍ୱର୯।୩(ଅନୁରାଧା ମହାରଣା)



ଭାରତୀୟ ରେଳପଥ ପକ୍ଷରୁ ପୂର୍ବତଟ ରେଳପଥର କ୍ଷେତ୍ରାଧିକାର ଦେଇ ଯିବାକୁଥିବା ୨ ନୂଆ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ ପ୍ରଚଳନ କରାଯାଇଛି। ଏହି ଟ୍ରେନଗୁଡ଼ିକ ଉତ୍ତର-ପୂର୍ବ ଭାରତ, ପୂର୍ବ ଭାରତ ଏବଂ ଦକ୍ଷିଣ ଭାରତର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକୁ ସଂଯୋଗ କରିବ। କାମାକ୍ଷା ଚର୍ଲାପାଲ୍ଲି ସାପ୍ତାହିକ ଅମୃତ ଭାରତ ଏକ୍ସପ୍ରେସ ଭାରତର ଉତ୍ତର-ପୂର୍ବ ଏବଂ ଦକ୍ଷିଣ ଭାଗ ମଧ୍ୟରେ ସିଧାସଳଖ ରେଳ ସଂଯୋଗ ପ୍ରଦାନ କରିବ। ଯାତ୍ରା ସମୟରେ ଏହି ଟ୍ରେନ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ଅନେକ ଜିଲା ଯଥା ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଖୋର୍ଦ୍ଧା, ଗଞ୍ଜାମ, ଶ୍ରୀକାକୁଲମ ଏବଂ ବିଶାଖାପାଟଣା ଦେଇ ଚଳାଚଳ କରିବ। ଏହା ଉତ୍ତର-ପୂର୍ବ ଏବଂ ଦକ୍ଷିଣ ଭାରତକୁ ଉନ୍ନତ ସଂଯୋଗ ପ୍ରଦାନ କରି ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ଆଖପାଖ ଅଞ୍ଚଳର ଯାତ୍ରୀମାନଙ୍କୁ ଉପକୃତ କରିବ। ଏହି ଟ୍ରେନଟି ପ୍ରତି ରବିବାର କାମାକ୍ଷାରୁ ଏବଂ ପ୍ରତି ବୁଧବାର ଚର୍ଲାପାଲ୍ଲିରୁ ପ୍ରସ୍ଥାନ କରିବ। ପୋତନୁର-ଧାନବାଦ ଅମୃତ ଭାରତ ସାପ୍ତାହିକ ଏକ୍ସପ୍ରେସ ତାମିଲନାଡୁର ପୋତନୁରକୁ ପୂର୍ବ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ସହର ଧାନବାଦ ସହିତ ସଂଯୋଗ କରିବ। ଟ୍ରେନଟି ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ଅନେକ ଜିଲା ଯଥା ବିଶାଖାପାଟଣା, ବିଜୟନଗରମ, ପାର୍ବତୀପୁରମ ମାନ୍ୟମ, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲା ଦେଇ ଚଳାଚଳ କରିବ, ଯାହା ଦକ୍ଷିଣ ଭାରତ ଏବଂ ପୂର୍ବ ଭାରତର କୋଇଲା ବେଲ୍ଟ ଅଞ୍ଚଳ ମଧ୍ୟରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ଉନ୍ନତ ରେଳ ସଂଯୋଗ ପ୍ରଦାନ କରିବ। ଏହି ଟ୍ରେନ ପ୍ରତି ଶନିବାର ପୋତନୁରରୁ ଏବଂ ପ୍ରତି ସୋମବାର ଧାନବାଦରୁ ଛାଡ଼ିବ। ଅମୃତ ଭାରତ ଏକ୍ସପ୍ରେସ ହେଉଛି ଏକ ଆଧୁନିକ ଏଲ୍‌ଏଚ୍‌ବି ରେକ ଟ୍ରେନ, ଯାହା ଉନ୍ନତ ପୁସ-ପୁଲ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ, ଉନ୍ନତ ଗତି, ସୁଗମ କାର୍ଯ୍ୟ ଏବଂ ବର୍ଦ୍ଧିତ ଯାତ୍ରୀ ଆରାମ ପ୍ରଦାନ କରେ। ଏହି ଟ୍ରେନରେ ଏର୍ଗୋନୋମିକାଲି ଡିଜାଇନ ହୋଇଥିବା ବର୍ଥ, ମଡ୍ୟୁଲାର୍ ଶୌଚାଳୟ, ଏଲ୍‌ଇଡି ଆଲୋକୀକରଣ, ସିସିଟିଭି ନିରୀକ୍ଷଣ ଏବଂ ମୋବାଇଲ ଚାର୍ଜିଂ ଭଳି ସୁବିଧା ସମେତ ଆଧୁନିକ ଯାତ୍ରୀ ସୁବିଧା ପ୍ରଦାନ କରାଯାଇଛି। ଏହି ଟ୍ରେନଗୁଡ଼ିକର ପ୍ରଚଳନ ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ଅଞ୍ଚଳରେ ପର୍ଯ୍ୟଟନ, ତୀର୍ଥଯାତ୍ରା ଏବଂ ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି।

## ଷ୍ଟାର୍ଟଅପ୍ ସଶକ୍ତ ହେଲେ ରାଜ୍ୟ ସମୃଦ୍ଧ ହେବ

- ୧୨ ଷ୍ଟାର୍ଟଅପ୍ ଉଦ୍ୟୋଗୀଙ୍କୁ ଆର୍ଥିକ ସହାୟତା
- ଓ-ହବ୍‌ରେ ଷ୍ଟାର୍ଟଅପ୍ ସମ୍ମିଳନୀ

ଭୁବନେଶ୍ୱର, ୯।୩(ଅନୁରାଧା ମହାରଣା)




ରାଜ୍ୟରେ ଷ୍ଟାର୍ଟଅପ୍ ଅଧିକ ସଶକ୍ତ ହେଲେ ରାଜ୍ୟ ସମୃଦ୍ଧି ଦିଗରେ ଆଗେଇପାରିବ । ତେଣୁ ଷ୍ଟାର୍ଟଅପ୍ ଆରମ୍ଭ କରିବା ପାଇଁ ଯୁବ ପିଢ଼ି ଆଗେଇ ଆସିବା ଦରକାର ବୋଲି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ସ୍ଥାନୀୟ ଓ-ହବ୍‌ଠାରେ ସୋମବାର ଅନୁଷ୍ଠିତ ଷ୍ଟାର୍ଟଅପ୍ ସମ୍ମିଳନୀରେ ଯୋଗ ଦେଇ ଯୁବ ଉଦ୍ୟୋଗୀଙ୍କୁ ମନ୍ତ୍ରୀ ମଲ୍ଲିକ ଏପରି କହିଛନ୍ତି। କାର୍ଯ୍ୟକ୍ରମରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର କମିଶନର ତଥା ଶାସନ ସଚିବ ରଶ୍ମିତା ପଣ୍ଡା ସ୍ୱାଗତ ଅଭିଭାଷଣରେ ବିଭାଗ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ଆର୍ଥିକ ପ୍ରୋତ୍ସାହନ ସମ୍ପର୍କରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ଏହି ସମ୍ମିଳନୀରେ ୧୨ ଜଣ ଯୁବ ଷ୍ଟାର୍ଟଅପ୍ ଉଦ୍ୟୋଗୀଙ୍କୁ ମନ୍ତ୍ରୀ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଉତ୍ପାଦ ବିକାଶ ଏବଂ ମାର୍କେଟିଂ ସହାୟତା ବାବଦରେ ଡିରାକାଇ, ଇଗଲ ଏଆଇ, ଜୟଦେବ ନାଚୁରାଲ ଫୁଡ୍ସ, ଇକୋ ସାଥ ଗ୍ରୀନ ଇଣ୍ଡିଆ, ରେଟ୍ରୋଡ, ସେରଲକ ଷ୍ଟୁଡିଓ ଆର୍ଥିକ ପ୍ରୋତ୍ସାହନ ରାଶି ପାଇଥିବା ବେଳେ ଆବଶ୍ୟକତା ଆଧାରିତ ସହାୟତା ବାବଦରେ ଆଷ୍ଟ୍ରୋନେକ୍ସଟ ଟେକ୍ନୋଲୋଜିସ, ଟେଷ୍ଟ କ୍ୱେଷ୍ଟ ଇ-ଲର୍ନିଂ, ଏନସି ସ୍କୋୟାର୍ ଏଡ ଟେକ, ରେଟ୍ରିକ ଡିଜାଇନ୍ସ, ଡିଏମଏନ ଏଡଟେକ ଏବଂ ଟିଡିବି ରୁଟଲଞ୍ଚ ଷ୍ଟାର୍ଟ ଅପକୁ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା। ଷ୍ଟାର୍ଟଅପ୍ ଓ ମୁଖ୍ୟ ପ୍ରଶାସନିକ ଅଧିକାରୀ ପ୍ରଫୁଲ୍ଲ କୁଜୁର ଧନ୍ୟବାଦ ଦେଇଥିଲେ । ଇଗଲ ଏଆଇ ଏବଂ ରେଟ୍ରିକ ଡିଜାଇନ୍ସ ସମ୍ମିଳନୀରେ ନିଜର ଅଭିଜ୍ଞତା ଓ ଅନୁଭୂତି ବାଣ୍ଟିଥିଲେ । ସୂଚନାଥାଉକି, ଓ-ଷ୍ଟାର୍ଟଅପ ପଲିସି ମାଧ୍ୟମରେ ଉଦ୍ୟୋଗୀଙ୍କୁ ସଶକ୍ତ କରିବା ପାଇଁ ଆର୍ଥିକ ସହାୟତା, ମେଣ୍ଟରଶିପ, ବିପଣନ, ନେଟୱର୍କିଂ ଆଦି ବିଭିନ୍ନ ସୁଯୋଗ ପ୍ରଦାନ କରାଯାଉଛି ।

## ମହିଳା ସିଏଙ୍କର ରାଷ୍ଟ୍ର ବିକାଶରେ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର୯।୩(ଅନୁରାଧା ମହାରଣା)

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏଆଇ)ର ଭୁବନେଶ୍ୱର ଶାଖାରେ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଭୁବନେଶ୍ୱରସ୍ଥିତ ଆଇସିଏଆଇ ଭବନରେ 'ମହିଳା ସିଏଙ୍କର ରାଷ୍ଟ୍ର ବିକାଶରେ ଭୂମିକା' ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଗୀତା ଦାଶ, ଡିଏନ୍ ହୋମ୍‌ସ ପ୍ରାଇଭେଟ୍ ଲିମିଟେଡ୍‌ର ଡାଇରେକ୍ଟର ରତ୍ନମାଳା ସ୍ୱାଇଁ, ଅଭିନେତ୍ରୀ ଅନୁ ଚୌଧୁରୀ ଏବଂ ଉତ୍କଳ ହସ୍ପିଟାଲର ସିନିୟର ଗାଇନୋକୋଲୋଜିଷ୍ଟ ଓ ଇନଫର୍ଟିଲିଟି ସ୍ପେଶିଆଲିଷ୍ଟ ଡା.ଅଭିପ୍ସା ମିଶ୍ର ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସିଏ ଗୌତମ ଲେଙ୍କା, ଉପାଧ୍ୟକ୍ଷ ସିଏ ପୃଥ୍ୱୀ ରଞ୍ଜନ ପାଢ଼ୀ ଓ ଛାତ୍ର ସଙ୍ଗଠନର ଅଧ୍ୟକ୍ଷ, ସଚିବ ଏବଂ କୋଷାଧ୍ୟକ୍ଷ ସିଏ ସୌମ୍ୟ ସୁନୀଲ ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ମହିଳା ସଦସ୍ୟମାନେ 'ସି ରୋଜ୍ ୱିଥ୍ କରେଜ୍, ସି ଷ୍ଟାଣ୍ଡସ ୱିଥ୍ ଇଣ୍ଟିଗ୍ରିଟି' ଶୀର୍ଷକ ବିଷୟ ଉପରେ ନିଜ ଚାର୍ଟାର୍ଡ୍ ଆକାଉଣ୍ଟାଣ୍ଟ ଜୀବନଯାତ୍ରାର ଅନୁଭବ ଓ ସଫଳତାକୁ ଆଧାର କରି ସଂକ୍ଷିପ୍ତ ଲେଖା ପ୍ରଦାନ କରିଥିଲେ। ୧୨ ମାର୍ଚ୍ଚ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଏକ ଚିତ୍ରକଳା ପ୍ରଦର୍ଶନୀ ମଧ କରାଯାଇଛି।



ଆଇସିଏଆଇ ଭବନରେ 'ମହିଳା ସିଏଙ୍କର ରାଷ୍ଟ୍ର ବିକାଶରେ ଭୂମିକା' ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥିମାନେ ଉପସ୍ଥିତ ଅଛନ୍ତି।

## ମହିଳା ଦିବସରେ ଟାଟା ପାୱାରର 'ନୂଆ ଆରମ୍ଭ'



ଭୁବନେଶ୍ୱର୯।୩(ଅନୁରାଧା ମହାରଣା)

ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍‌ଗୁଡିକ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ 'ନୂଆ ଆରମ୍ଭ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୌଣସି କାରଣରୁ ନିଜ ବୃତ୍ତିଗତ ଜୀବନରୁ ବିରତି ନେଇଥିବା ମହିଳାମାନଙ୍କୁ ପୁଣିଥରେ କାର୍ଯ୍ୟକ୍ଷେତ୍ରକୁ ଫେରାଇ ଆଣିବା, ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଭରିବା ଏବଂ ଅଭିବୃଦ୍ଧି ପାଇଁ ସୁଯୋଗ ପ୍ରଦାନ କରିବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଇଛି। ଦ୍ୱିତୀୟ ସଂସ୍କରଣରେ ଏହି ଅଭିଯାନ ମାଧ୍ୟମରେ, ଡିସକମ୍‌ଗୁଡିକ ପ୍ରତିଭାବାନ ମହିଳା ବୃତ୍ତିଧାରୀମାନଙ୍କ ପାଇଁ ସେମାନଙ୍କର ଦ୍ୱିତୀୟ କ୍ୟାରିୟର ଆରମ୍ଭ କରିବା ଏବଂ ଓଡ଼ିଶାର ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବା ପାଇଁ ପଥ ସୃଷ୍ଟି କରୁଛି। ୪ ଡିସକମ୍‌ରେ ବିଭିନ୍ନ ଦାୟିତ୍ୱ ଓ ପେସାଗତ ପୃଷ୍ଠଭୂମିରୁ ସାତ ଜଣ ମହିଳା ବୃତ୍ତିଧାରୀଙ୍କୁ ନିଯୁକ୍ତି ଦିଆଯାଇଛି। କାର୍ଯ୍ୟକ୍ରମରେ ଦିଲ୍ଲୀର ଫାକଲ୍ଟି ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍‌ର ପ୍ରଫେସର ତଥା ଟିପିଏନଓଡିଏଲ୍ ଏବଂ ଟିପିଡବ୍ଲ୍ୟୁଓଡିଏଲ୍‌ର ବୋର୍ଡ ନିର୍ଦ୍ଦେଶିକା ଡ. ମୋନିକା ସିଂଘାଣିଆ, ଟାଟା ପାୱାରର ଚିଫ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ବିଜନେସ ଗଜାନନ କାଲେ, ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂହ ଏବଂ ଚିଫ୍ ବିଏଚ୍‌ଆର ଶ୍ୟାମ ସୁନ୍ଦର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଓଆଇ ପକ୍ଷରୁ ମେଗା ସମ୍ଝୋତା ଅଭିଯାନ

ଭୁବନେଶ୍ୱର୯।୩(ଅନୁରାଧା ମହାରଣା)

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ) ପକ୍ଷରୁ ମାର୍ଚ୍ଚ ୧୬ରୁ ୨୦ ପର୍ଯ୍ୟନ୍ତ ସମସ୍ତ ଶାଖା/ ଜୋନ୍ ଏବଂ କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟଗୁଡ଼ିକରେ ଏକକାଳୀନ ସମାଧାନ (ଓଟିଏସ୍) ମାଧ୍ୟମରେ ଋଣଗ୍ରହୀତାଙ୍କ ଏନ୍‌ପିଏ ଋଣ ଆକାଉଣ୍ଟର ସମାଧାନ ପାଇଁ ମେଗା ସମ୍ଝୋତା ଅଭିଯାନ ଜାରି ରହିବ। ଏହି ସମ୍ଝୋତା ଅଭିଯାନ ସେହି ଏନ୍‌ପିଏ ଋଣଗ୍ରହୀତାମାନଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନେ ବ୍ୟବସାୟରେ ଅସୁବିଧା/ ଚିକିତ୍ସାଜନିତ ସମସ୍ୟା କିମ୍ବା ଅନ୍ୟ କୌଣସି ଯଥାର୍ଥ କାରଣବଶତଃ ଠିକ୍ ସମୟରେ ଋଣ ପରିଶୋଧ କରିପାରି ନାହାନ୍ତି। ବ୍ୟାଙ୍କର କ୍ଷୁଦ୍ର ଓ ମଧ୍ୟମ ଆକାଉଣ୍ଟଧାରୀମାନଙ୍କ ଋଣ ସମାଧାନ ପାଇଁ ସ୍ୱତନ୍ତ୍ର ଓଟିଏସ୍ ଯୋଜନା ମାଧ୍ୟମରେ ଏନ୍‌ପିଏ ଆକାଉଣ୍ଟଧାରୀ ଋଣଗ୍ରହୀତାମାନଙ୍କୁ ରିହାତି ପ୍ରଦାନ କରାଯାଉଛି।

## ଏସ୍‌ବିଆଇ ପାଳିଲା ମହିଳା ଦିବସ



ଭୁବନେଶ୍ୱର୯।୩ (ଅନୁରାଧା ମହାରଣା)

ଭାରତୀୟ ଷ୍ଟେଟ ବ୍ୟାଙ୍କର କଟକ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ କଟକସ୍ଥିତ ଏକ ହୋଟେଲରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏସବିଆଇ ଭୁବନେଶର ମଣ୍ଡଳର ମହାପ୍ରବନ୍ଧକ ଡ. ବନ୍ଦନା ଅଗ୍ରୱାଲ ମୁଖ୍ୟ ଅତିଥି ଏବଂ ଡିଜିଏମ ପ୍ରଶାନ୍ତ କୁମାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ମହିଳାମାନେ ଭାଗ ନେଇଥିଲେ ଏବଂ ମହିଳାମାନେ ସ୍ୱାବଲମ୍ବୀ ଏବଂ ସଶକ୍ତ ହେବା ପାଇଁ ଏସବିଆଇ ଦ୍ୱାରା ଯୋଗାଯାଉଥିବା ବିଭିନ୍ନ ସେବା ବିଷୟରେ ଆଲୋକପାତ କରାଯାଇଥିଲା । ଏସ୍‌ସିବି ମେଡ଼ିକାଲ କଲେଜର ଡିନ୍ ତଥା ଅଧ୍ୟକ୍ଷା ଡା. ଲୁସି ଦାସ ଏବଂ ବିଶିଷ୍ଟ ସମାଜସେବୀ କବିତା ମହାପାତ୍ର ସେମାନଙ୍କର ଦୀର୍ଘ ଦିନର ଅନୁଭୂତି ବାଣ୍ଟିଥିବା ସହ ମହିଳାମାନଙ୍କର ଉନ୍ନତୀକରଣ ବିଷୟରେ ବର୍ଣ୍ଣନା କରିଥିଲେ। ଏସ୍‌ବିଆଇ କଟକର ଆଞ୍ଚଳିକ ପରିଚାଳକ ଚୌଧୁରୀ ଅସ୍ମୀନ ଅନୁପମ ପ୍ରହରାଜ ମୁଖ୍ୟ ବକ୍ତା ଭାବେ ବ୍ୟାଙ୍କର ବିଭିନ୍ନ ମହିଳା ଉପଯୋଗୀ ଋଣ ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ ।

# ଆଞ୍ଜାମାଳରେ ହେଲା ୧୧୧ ଠାକୁରଙ୍କ ମେଳଣ

■ମଣ୍ଡପକୁ ଆସିଲାନି ମା’ଙ୍କ ବିଗ୍ରହ
■ପଞ୍ଚଦୋଳରେ ଲକ୍ଷାଧିକ ଭକ୍ତଙ୍କ ସମାଗମ
■ମନ ମୋହିଲା ନାସିକର ଢୋଲନୃତ୍ୟ

ରଣପୁର, ୯।୩(ସୁକାନ୍ତ କିଶୋର ଡାକୁଆ)

ଦୋଳପୂର୍ଣ୍ଣିମାର ୫ଦିନ ପରେ ଅନୁଷ୍ଠିତ ହୋଇଥାଏ ନୟାଗଡ଼ ଜିଲା ରଣପୁରର ବିଖ୍ୟାତ ଓ ବହୁ ପୁରାତନ ୧୧୧ ଠାକୁରଙ୍କ ପଞ୍ଚଦୋଳ ମେଳଣ । ଚଳିତ ବର୍ଷ ଆଞ୍ଜାମାଳରେ ଅନୁଷ୍ଠିତ ହୋଇଥିଲାବେଳେ ମଣ୍ଡପକୁ ଆସିଲେନି ମା’ଙ୍କ ବିଗ୍ରହ । ଏହାକୁ ନେଇ ଭକ୍ତଙ୍କ ମନରେ ଅସନ୍ତୋଷ ଦେଖାଦେଇଥିଲା। ଏହି ମେଳଣ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ମନ ମୋହିଥିଲା ମହାରାଷ୍ଟ୍ର ନାସିକ୍‌ରୁ ଆସିଥିବା ଢୋଲନୃତ୍ୟ ।

ଏଠାରେ ଏହି ଯାତ୍ରା କେଉଁ ଆବହମାନ କାଳରୁ ହୋଇଆସୁଛି । ଯାତ୍ରାରେ ରଣପୁରର ଅଧିଷ୍ଠାତ୍ରୀ ଦେବୀ ମା’ ମଣିନାଗ ମୁଖ୍ୟ ଥାନପତିଭାବେ ବିରାଜମାନ କରି ପୂଜା ପାଇବା ସହ ପଞ୍ଚ ମହାଦେବଙ୍କ ଚଳନ୍ତି ପ୍ରତିମା ନେତୃତ୍ୱରେ ୧୧୧ ଠାକୁରଙ୍କୁ ସାଥିରେ ଧରି ରବିବାର ରାତିରେ ସିଂହଦ୍ୱାରରୁ ବାହାରି ମେଳଣ ପଡ଼ିଆକୁ ମଝିରେ ମା’ ବିରାଜମାନ ହୋଇଥାନ୍ତି। କିନ୍ତୁ କିଛି ବର୍ଷ ହେବ ଏହି ଯାତ୍ରାରେ ମା’ ମଣିନାଗଙ୍କୁ ଏହି ମେଳଣ ପଡ଼ିଆରେ ଭକ୍ତମାନେ ଦର୍ଶନ କରିପାରୁନାହାନ୍ତି । ରାଜା ରାଜବାଟିରେ ପୂଜା ପାଉଥିବା ମା’ଙ୍କ ବିଗ୍ରହକୁ ମେଳଣ ପାଇ ପଡ଼ିଆକୁ ନ ଛାଡ଼ିବାରୁ ପୂଜା କମିଟି ଓ ପୂଜାରୀମାନେ ବାଧହୋଇ ବିଧି ରକ୍ଷା କରିବା ପାଇ ପାହାଡ଼ ଉପର ଥିବା ମା’ ମଣିନାଗ ଠାକୁରାଣୀଙ୍କ ଆଞ୍ଜାମାଳ ଆଣି ଏହି ମେଳଣ ଯାତ୍ରା କରୁଛନ୍ତି। ଏହାକୁ ନେଇ ଭକ୍ତ ଓ ରଣପୁର ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସ୍ଥାନୀୟ ପ୍ରଶାସନ ଓ ବୁଦ୍ଧିଜୀବୀମାନେ ରାଜାଙ୍କ ସହ ଚଳିତ ବର୍ଷ ଆଉ କୌଣସି ଆଲୋଚନା କରିନାହାନ୍ତି। ପ୍ରକାଶ ଯେ, ରବିବାର ରାତିରେ ସିଂହଦ୍ୱାରଠାରୁ ଏକ ବିରାଟ ପଟୁଆର ସହ ସୁସଜ୍ଜିତ ତୋରଣ, ଘଣ୍ଟ, ମୃଦଙ୍ଗ, କାହାଳି, ସଂକୀର୍ତ୍ତନ ମଣ୍ଡଳୀ ସହ ମହାରାଷ୍ଟ୍ର ନାସିକର ଢୋଲନୃତ୍ୟ, ପଶ୍ଚିମବଙ୍ଗର ନୃସିଂହ ତାଣ୍ଡବ, ରାଉରକେଲାର ମୟୂର କଳା ନୃତ୍ୟ, ପାରିକୁଦର ମେଢ଼, ପୁରୀର ଘଣ୍ଟୁଆ ଦଳ ସହ ମହିଳା ସଂକୀର୍ତ୍ତନ ପଶୁନୃତ୍ୟ ଘୋଡ଼ାନାଚ ଡିଜେ ସହ ସିଂହଦ୍ୱାରଠାରୁ ବିରାଟ ଆଟୋପ ଶୋଭାଯାତ୍ରା ବାହାରି ମେଳଣ ପଡ଼ିଆକୁ ୧୧୧ଶମ୍ଭୁ ଠାକୁର ବାହାରିଥିଲେ। ଆଗରେ ଘୋଡ଼ା ନାଚ ଆସୁରୀ କଳାଘୋଡ଼ା ସାପସାପୁଆଣୀ ନାଗନୃତ୍ୟ ଦୁଲ୍‌ଦୁଲି ବାଜା ଘଣ୍ଟ ଘଣ୍ଟା କାହାଳୀ ସଂକୀର୍ତ୍ତନ ଆଦି ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଆତସବାଜି ଦର୍ଶକମାନେ ଉପଭୋଗ କରିଥାନ୍ତି। ରାତି ୧୨ଟାରେ ଶୋଭାଯାତ୍ରା ଆରମ୍ଭ ହୋଇ ରଣପୁର ସହର ପରିକ୍ରମାକରି ମେଳଣ ପଡ଼ିଆରେ ଶୋଭାଯାତ୍ରା ପହଞ୍ଚିଲାବେଳକୁ ସୋମବାର ସକାଳ ହୋଇଯାଇଥିଲା । ଥାନପତି ମା’ ମଣିନାଗଙ୍କ ଆଞ୍ଜାମାଳ ଆସ୍ଥାନରେ ବସିବା ପରେ ଦୋଳଗୋବିନ୍ଦ, ପଞ୍ଚ ମହାଦେବ ଏବଂ ଅନ୍ୟ ସମସ୍ତ ଦେବତା ସ୍ୱସ୍ଥାନ ଗ୍ରହଣକରି ମେଳଣ ପଡ଼ିଆରେ ଥିବା ୧୧୧ ମଣ୍ଡପରେ ୧୧୧ ଅଞ୍ଚଳରୁ ଆସିଥିବା ଶମ୍ଭୁ ଠାକୁରଙ୍କ ଚଳନ୍ତି ପ୍ରତିମା ବସିଥାନ୍ତି। ମେଳଣ ପଡ଼ିଅର ମଝିରେ ମା’ ମଣିନାଗ ବିରାଜମାନ ହୋଇଥାନ୍ତି। ହେଲେ ଚଳିତ ବର୍ଷ ମେଳଣରେ ମା’ମଣିନାଗଙ୍କ ଆଞ୍ଜାମାଳକୁ ଦର୍ଶନକରିଥିଲେ । ଭକ୍ତ ପଞ୍ଚଦୋଳ ଯାତ୍ରା ପାଇ ମେଳଣ ପଡ଼ିଆ ସହ ରଣପୁର ଦାଣ୍ଡରେ ବସେ ଅସ୍ଥାୟୀ ଦୋକାନ ବଜାର। ଚଳନ୍ତି ପ୍ରତିମାମାନେ ମଣ୍ଡପରେ ସନ୍ଧ୍ୟା ପର୍ଯ୍ୟନ୍ତ ରହିଥାନ୍ତି । ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନକରିବା ସହ ଫଗୁ ଖେଳିଥାନ୍ତି । ଶେଷରେ ସୁସଜିତ ସମସ୍ତ ଦୋଳ ବିମାନ ସନ୍ଧ୍ୟାରେ ଏକାଠିହୋଇ ପୁଣି ଥରେ ମେଳଣ ପଡ଼ିଆରୁ ସିଂହଦ୍ୱାର ପର୍ଯ୍ୟନ୍ତ ବାଟରେ ଫଗୁ ଖେଳି ଖେଳି ଶୋଭାଯାତ୍ରାରେ ଯାଇଥାନ୍ତି । ଏହି ଅପୂର୍ବ ଦୃଶ୍ୟକୁ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ସହ ନୟାଗଡ଼, କସାମଳ, ବୋଲଗଡ଼, ଟାଙ୍ଗୀ, ଜଙ୍କିଆ, ଖୋର୍ଦ୍ଧା ଓ ଆଖପାଖ ଅଞ୍ଚଳବାସୀ ରୁଣ୍ଡହୋଇଥାନ୍ତି । ଶୋଭାଯାତ୍ରା ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଚଳନ୍ତି ଠାକୁର ନିଜ ନିଜ ଆସ୍ଥାନକୁ ଦୋଳ ବିମାନରେ ବାହୁଡ଼ିଥାନ୍ତି । ଏହି ଯାତ୍ରା କାହିଁ କେଉଁ ଆବହମାନ କାଳରୁ ପାଳିତ ହୋଇଆସୁଛି । ଭାଇଚାରା ସୃଷ୍ଟି କରୁଥିବା ରଣପୁର ପଞ୍ଚଦୋଳ ଯାତ୍ରା ଏକ ଗଣପର୍ବରେ ପରିଣତ ହୋଇଛି।


ମେଳଣ ପଡ଼ିଆକୁ ବିମାନଗୁଡ଼ିକୁ ଶୋଭାଯାତ୍ରାରେ ନିଆଯାଉଛି।

# ଖଲିସାହି ଦଶଦୋଳ ମହୋତ୍ସବ ୧୩ରୁ


ଦଶଦୋଳ ପ୍ରସ୍ତୁତି ବୈଠକରେ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

ଖଣ୍ଡପଡା, ୯।୩(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଖଲିସାହି ଦଶଦୋଳ ଯାତ୍ରା ପଡିଆରେ ଆସନ୍ତା ୧୩ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପୀ ଦଶଦୋଳ ମହୋତ୍ସବ ଅନୁଷ୍ଠିତ ହେବ । ଏଥି ପାଇଁ ଏକ ପ୍ରସ୍ତୁତି ବୈଠକ କମିଟି ସଦସ୍ୟମାନଙ୍କୁ ନେଇ ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଥିବା ଅନୁଷ୍ଠାନ ସଭାପତି ବାପିନା ସାହୁଙ୍କଠାରୁ ସୂଚନା ମିଳିଛି । ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବ ପ୍ରତ୍ୟେହ ସନ୍ଧ୍ୟାରେ ମୟୁରଭଞ୍ଜର ଛଉନୃତ୍ୟ, ସମ୍ବଲପୁରୀ ଲୋକନୃତ୍ୟ, ପାଇକ ଆଖଡା, ମାଲଖମ୍ଭ ସହ ଓଡ଼ିଶାର ନାମୀଦାମୀ ସିନେ ତାରକା ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହାଛଡା ପ୍ରତ୍ୟେହ ସନ୍ଧ୍ୟାରେ ଗାଁ ପ୍ରତିଭା ମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି । ପ୍ରସ୍ତୁତି ବୈଠକରେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଉପସ୍ଥିତିରେ ସଭାପତି ସାହୁଙ୍କ ସମେତ କମିଟି ସଦସ୍ୟ ଶରତ କୁମାର ସାହୁ, ଧୀରେନ୍ଦ୍ର କୁମାର ଗଣ୍ଡିଆ, ସୁଦର୍ଶନ ସାହୁ, ସୁକାନ୍ତ ଗଣ୍ଡିଆ, ଚରଣ ସାହୁ, ଦୀପକ ରଞ୍ଜନ ସାହୁ ପ୍ରମୁଖ ୪୦ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦେଇ ମହୋତ୍ସବକୁ ଶୃଙ୍ଖଳିତ ଭାବରେ କିପରି ପରିଚାଳନା କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିବା ଜଣାଯାଇଛି।

# ରାସ୍ତା ଉପରେ ଗୋରୁ : ଟ୍ରାଫିକ୍ ସମସ୍ୟା, ବଢୁଛି ଦୁର୍ଘଟଣା

ଖଣ୍ଡପଡ଼ା, ୯।୩(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରାଞ୍ଚଳ ରାସ୍ତା ହେଉ ଅବା ଗାଁ ଗଣ୍ଡା ରାସ୍ତା, ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା ଯେଉଁଠି ଦେଖିବ ସେଇଠି ଦିନ ଓ ରାତିରେ ଗୋରୁ ବୁଲୁଛନ୍ତି। ଫଳରେ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି । ସମୟେ ସମୟେ ଗୋରୁଙ୍କ ଯୋଗୁ ଦୁର୍ଘଟଣା ଘଟିବା ସହ ଟ୍ରାଫିକ୍ ସମସ୍ୟା ସୃଷ୍ଟିହେଉଛି। ରାସ୍ତା ଉପରୁ ଗୋରୁଙ୍କୁ ହଟାଇବା ଲାଗି ପ୍ରଶାସନ ଦୃଷ୍ଟିଦେଉ ନ ଥିବା ବେଳେ ଏହି ସମସ୍ୟା ଏବେ ଅଞ୍ଚଳବାସୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି । ଗୋରୁଙ୍କୁ ଚରାଇବାକୁ ଗୋପାଳକମାନେ ଅନିଚ୍ଛା ପ୍ରକାଶ କରୁଥିବାରୁ ଲୋକେ ଘର ଗୁହାଳରେ ଗୃହପାଳିତ ପ୍ରାଣୀମାନଙ୍କୁ ବାନ୍ଧି ରଖୁଥିବାରୁ ଏଭଳି ସମସ୍ୟା ସୃଷ୍ଟିହୋଇଥିବା ଜଣାପଡ଼ିଛି । ସାରା ରାତି ରାସ୍ତା ଉପରେ ଗୋରୁ ଶୋଇ ରହୁଥିବାରୁ ଜରୁରିକାଳୀନ ପରିସ୍ଥିତିରେ ୧୦୮ ଓ ୧୦୨ ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି, ପୋଲିସ ପାଟ୍ରୋଲିଂ ଭ୍ୟାନ୍ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି। ତେଣୁ ସର୍ବସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାସ୍ତା ଉପରକୁ ଗୃହପାଳିତ ପଶୁଙ୍କୁ ଛାଡୁଥିବା ଗୋପାଳମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଓଷ୍ଟା ପକ୍ଷରୁ ଶହୀଦ ଦିବସ ପାଳିତ

ଦଶପଲ୍ଲା, ୯।୩( ପ୍ରକାଶ କୁମାର ପାଣି)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ଦଶପଲ୍ଲା ବ୍ଲକ ଆନୁକୂଲ୍ୟରେ ସୋମବାର ଏନ୍‌ଏସି ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶହିଦ ଦିବସ ପାଳିତ ହୋଇଯାଇଛି। ସଭାପତି ଶରତଚନ୍ଦ୍ର ବେହେରା ଓ ବ୍ଲକ ଓଷ୍ଟା ସମ୍ପାଦକ ଅକ୍ରୁର ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିପିଆଇ(ଏମ) ନେତା କମ୍ରେଡ଼ ଶରତ ବେହେରା, ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପ୍ରଧାନ, ବିଭିନ୍ନ ବିଦ୍ୟାଳୟ ଶିକ୍ଷୟିତ୍ରୀ ଓ ଶିକ୍ଷକ, କର୍ମଚାରୀ, ଓଷ୍ଟା କର୍ମକର୍ତ୍ତା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶହିଦ ଶିକ୍ଷୟିତ୍ରୀ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ସହିଦ ସେମାନଙ୍କ ବହୁମୁଖୀ ଗୁଣାବଳୀର ସ୍ମୃତିଚାରଣ କରିଥିଲେ।

ସୂଚନାଯୋଗ୍ୟ, ୧୯୭୮ ମାର୍ଚ୍ଚ ୯ତାରିଖ ଦିନ ରାଜଧାନୀରେ ଅନୁଷ୍ଠିତ ହେବାକୁ ଥିବା ଶିକ୍ଷକ ଆନ୍ଦୋଳନରେ ଯୋଗଦେବାକୁ ଯାଉଥିବା ବେଳେ ଟିକାତାଳଠାରେ ଦଶପଲ୍ଲା ବାଳିକା ଉଚ୍ଚ ବିଦ୍ୟାଳୟର ୩ ଶିକ୍ଷୟିତ୍ରୀ ତରୁଲତା ପଟ୍ଟନାୟକ, ବିଳାସିନୀ ପଟ୍ଟନାୟକ ଓ ଶାନ୍ତିଲତା ମହାରଣା ଦୁର୍ଘଟଣାରେ ମୃତ୍ୟୁବରଣ କରି ଶହୀଦ ହୋଇଥିଲେ। ସେମାନଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ପ୍ରତିବର୍ଷ ଓଷ୍ଟା ପକ୍ଷରୁ ମାର୍ଚ୍ଚ ୯ତାରିଖ ଟିକୁ ଶହିଦ ଦିବସ ଭାବେ ପାଳନ କରାଯାଇ ଆସୁଛି।


ଯୋଗଦାନ କରିଥିବା ଅତିଥିଙ୍କ ସହ ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ ।

# ଭାପୁରରେ ଜିଲାପାଳଙ୍କ ଜନଶୁଣାଣି: ୧୧୧ ଅଭିଯୋଗ ପଞ୍ଜୀକରଣ



ଜିଲାପାଳ ଓ ଅନ୍ୟମାନେ ଅଭିଯୋଗ ଶୁଣୁଛନ୍ତି ।

ଭାପୁର, ୯।୩ (ପ୍ରଭାତ ବରାଡ )

ନୟାଗଡ଼ ଜିଲା ଭାପୁର ବ୍ଲକ ସଭାଗୃହରେ ଜିଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଜୀକୃତ ମୋଟ ୧୧୧ ମଧ୍ୟରୁ ବ୍ୟକ୍ତିଗତ ୯୧ ଅଭିଯୋଗ ଥିଲା। ସାମୂହିକ ଗ୍ରାମ୍ୟ ବିବାଦ ୬ ଗୋଟି ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୧୪ଟି ଅଭିଯୋଗ ହୋଇଥିଲା। ୬୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ଅନ୍ୟ ଅଭିଯୋଗଗୁଡ଼ିକୁ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଶିବିରରେ ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲାପାଳ କର୍ଣ୍ଣଦେବ ସମାଦାର, ଏଡିଏମ୍ ରୋଜିନା ଦାସ , ଡିଏସ୍‌ପି ଦିନେଶ କୁମାର ନାୟକ, ଭାପୁର ବିଡିଓ ଶାରଦା ପ୍ରଶନ୍ନ ପଣ୍ଡା, ତହସିଲଦାର ଲୋପାମୁଦ୍ରା ରଥ, ଭାପୁର ବିଟ ହାଉସ ଅଧିକାରୀ ଶୁଶାନ୍ତ କୁମାର ବେହେରା ପ୍ରମୁଖ ଶୁଣାଣିରେ ଜିଲାପାଳଙ୍କୁ ସହଯୋଗ କରିଥିଲେ ।

# ଜିଲାସ୍ତରରେ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ପୁରସ୍କୃତ

ନୟାଗଡ଼, ୯।୩(ଲୋକନାଥ ମିଶ୍ର)

ନୟାଗଡ଼ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ୟୁନିଟକୁ ନୟାଗଡ଼ ଜିଲା ପରିସଦର ସମ୍ମିଳନୀ କକ୍ଷ ସୃଜନରେ ପୁରସ୍କୃତ କରାଯାଇଛି । ଏଥିରେ ବାଚସ୍ପତି ସୁରମା ପାଢ଼ୀ, ଜିଲାପାଳ ମଧୁମିତା ରଥ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଅତିରିକ୍ତ ଜିଲାପାଳ ରୋଜିନା ଦାଶ ଓ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ ଉପସ୍ଥିତ ଥିଲେ ।ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ ଯୁବ ରେଡକ୍ରସ୍ ୟୁନିଟ ଗତ ଜାନୁଆରୀ ୨୬ରୁ ଆରମ୍ଭ କରି ମାର୍ଚ୍ଚ ୮ ପର୍ଯ୍ୟନ୍ତ ଜିଲା ପ୍ରଶାସନ ସହିତ ଜଡିତ ରହି ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନରେ ସାଇକେଲ ରାଲି,ଜାତୀୟ କନ୍ୟା ଦିବସ ପାଳନ, ପଦଯାତ୍ରା, ସ୍ଲୋଗାନ ପ୍ରତିଯୋଗିତା ତଥା ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଆଦିରେ ସାମିଲ ହୋଇ ପୁରସ୍କୃତ ହୋଇଥିଲା । ସୃଜନ ଭବନଠାରେ ‘ବାଲ୍ୟ ବିବାହ ନିଷେଧ: କନ୍ୟା ସନ୍ତାନର ଅଧିକାର ରକ୍ଷା’ ନାମକ ଏକ କ୍ଷୁଦ୍ର ନାଟକ ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀମାନେ ଉପସ୍ଥାପନ କରି ଅଧିକାରୀ ହୋଇଥିଲେ । ଏପରିକି ପୁରସ୍କୃତ ପାଇଛନ୍ତି ବାଲ୍ୟ ବିବାହ ନିଷେଧ ଓ ବେଟି ବଚାଓ ବେଟି ପଢ଼ାଓ ଆଦି ସାମାଜିକ ସଚେତନତା କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀମାନେ ସଦା ସର୍ବଦା ସକ୍ରିୟ କାର୍ଯ୍ୟ କରୁଥିବାରୁ ଯୁବ ରେଡକ୍ରସ୍ ୟୁନିଟକୁ ଟ୍ରଫି ପ୍ରଦାନ କରାଯାଇଥିଲା । ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ଅଧ୍ୟାପିକା ତଥା ଯୁବ ରେଡକ୍ରସ୍ କାଉନସିଲର ମିନାକ୍ଷୀ ବାଳା ମିଶ୍ରଙ୍କ ତତ୍ତ୍ୱାବଧାନରେ ସମ୍ପୂର୍ଣ୍ଣ ୟୁନିଟ ସର୍ବଦା ସକ୍ରିୟ,କର୍ମ ତତ୍ପର ଓ ସମାଜ ସେବା ପାଇଁ ସବୁବେଳେ ଆଗଭର ରହିଛି। ଯୁବ ରେଡକ୍ରସ୍ କାଉନସିଲର ମିନାକ୍ଷୀ ବାଳା ମିଶ୍ରଙ୍କୁ ମଧ୍ୟ ବାଚସ୍ପତି ଓ ଜିଲାପାଳ ପ୍ରଶଂସା ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ପୁରସ୍କୃତ ହୋଇଥିବାରୁ ସମ୍ପୂର୍ଣ୍ଣ ୟୁନିଟ ଖୁସି ବ୍ୟକ୍ତ କରିଥିଲେ। ଆଗକୁ ଏହି ପରି ସମାଜସେବାରେ ନିୟୋଜିତ ରହିବେ ବୋଲି ଅଧ୍ୟକ୍ଷା ସ୍ମିତା ରାଣୀ ରାଉତରାୟ ପ୍ରକାଶ କରିଥିଲେ ।

# ରାଜ୍ୟସ୍ତରୀୟ କବିତା ପାଠ, ସମ୍ବର୍ଦ୍ଧନା ସଭା



ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ନୟାଗଡ଼, ୯।୩(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ସଭାଗୃହରେ ସେତୁବନ୍ଧ ଓ ଜିଲା ଲେଖିକା ସଂସଦ ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କବିତା ପାଠ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟାଗଡ଼ ଆଇନ ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡ ମୁଖ୍ୟ ଅତିଥି, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଗୀତାଞ୍ଜଳୀ ମହାପାତ୍ର ଶିକ୍ଷାବିତ୍ ରାମ ଚନ୍ଦ୍ର ମିଶ୍ର, ବ୍ରହ୍ମ କୁମାରୀ ବି. କ. ବିଳାଶ ପ୍ରମିଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନ ସମ୍ପାଦିକା ଉଷାମଣୀ ମିଶ୍ରଙ୍କ ସମ୍ପାଦନା ତଥା ତତ୍ତ୍ୱାବଧାନରେ ପ୍ରାୟ ୪୯ କବୟିତ୍ରୀ କବି ନାରୀ ସମ୍ବଳିତ କବିତା ପାଠ କରିଥିଲେ। ନୀଳିମା ନନ୍ଦ ଓ ସୁକାନ୍ତି ଦେଈ କବିତା ସଂଯୋଜନା, ବ୍ୟଙ୍ଗ କବି ଘରବୁ ଓ ରବିବାର ମହାପାତ୍ର ବ୍ୟଙ୍ଗ କବିତା ଆବୃତ୍ତିରେ ହସାଇଥିଲେ। ସେହିଭଳି କବୟିତ୍ରୀମାନେ ମହିଳାଦିବସକୁ କେକ କାଟି ପାଳନ କରିଥିଲେ। ରବିବାର ସକାଳେ ଭଉଣୀ ଭାଇ ମାନଙ୍କୁ ନେଇ ନୟାଗଡ଼ ଶ୍ରୀଜଗନ୍ନାଥ ମନ୍ଦିର ସଫେଇ ହୋଇଥିଲା। ସେହିପରି ପ୍ରତାପ ସାହୁଙ୍କ ଯୋଗ ଶିବିରର ସମସ୍ତଙ୍କୁ ଗୋଲାପ ପୁଷ୍ପ ପ୍ରଦାନ କରାଯାଇଥିଲା । ସଫଳ ମହିଳା ଭାବେ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇଙ୍କୁ ସେତୁବନ୍ଧ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ସ୍ୱାଗତ, ଅବସରକାଳୀନ ସମ୍ବର୍ଦ୍ଧନା

ନୟାଗଡ଼, ୯।୩(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଫାର୍ମାସୀ ଅଫିସର ସର୍ଭିସ ଆସୋସିଏଶନ ଦ୍ୱାରା ରବିବାର ସ୍ୱାଗତ ଓ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଜିଲା ମୁଖ୍ୟ ଚିକିତ୍ସାଳୟ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ମାନସ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପୁଷ୍ପ ନୀଳିମା ଲାକ୍ରା ଅନ୍ୟତମ ମୁଖ୍ୟ ଅତିଥି ଓ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପ୍ରିଣ୍ଟେଣ୍ଡେଣ୍ଟ ସୁଶାନ୍ତ କୁମାର ବେହେରା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ସଂଘ ସଭାନେତ୍ରୀ ଶୁଭଲକ୍ଷ୍ମୀ ସ୍ୱାଇଁ, ଉପ ସଭାପତି ଭବାନୀ ପାତ୍ର,ସମ୍ପାଦକ କ୍ଷୀତିଶ ପଟ୍ଟନାୟକ, କୋଷାଧ୍ୟକ୍ଷ ସୁଧୀର କୁମାର ନାୟକ, ସାଙ୍ଗଠନିକ ସମ୍ପାଦକ ଲୋକନାଥ ସୁନା ଓ ଲଳିତ ବିଶୋଇ ପ୍ରମୁଖ ଯୋଗଦାନ କରିଥିଲେ। ସଭା ଆରମ୍ଭରେ ନୂତନ କରି ଯୋଗ ଦେଇଥିବା ଫାର୍ମାସୀ ଅଧିକାରୀଙ୍କୁ ସଙ୍ଘ ତରଫରୁ ସାଗତ କରାଯାଇଥିଲା। ଅନ୍ୟପକ୍ଷର ଅବସରଗ୍ରହଣ କରିଥିବା ୮ ଜଣ ଫାର୍ମାସୀ ଅଧିକାରୀ ବିଜୟ କୁମାର ସାହୁ, ଶରତ ଖଟୁଆ, ବ୍ରଜ କିଶୋର ଦଳେଇ, ଦୀନବନ୍ଧୁ ପୃଷ୍ଟି,ରବି ନାରାୟଣ ବେହେରା, ସତ୍ୟନାରାୟଣ ଚୌଧୁରୀ, ରବୀନ୍ଦ୍ର କୁମାର ଭଟ୍ଟବ୍ରହ୍ମା, ବସନ୍ତ କୁମାର ପାଣିଗ୍ରାହୀଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଜିଲା ସଙ୍ଘ ତରଫରୁ ସମସ୍ତ ଅତିଥିଙ୍କୁ ମା’ ଦକ୍ଷିଣକାଳୀଙ୍କ ପଟଚିତ୍ର ଦେଇ ସମ୍ମାନିତ କରାଯାଇଥିଲା। ସଭାକୁ କୁନ୍ଦନ କୁମାର ସାହୁ ଓ ସଭାପତି ମାନସ କୁମାର ସାହୁ ପରିଚାଳନା କରିଥିଲେ। ଶେଷରେ ସମ୍ପାଦକ କିଶୋର କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଜିଲା ସଙ୍ଘର ସମସ୍ତ ଫାର୍ମାସୀ ଅଧିକାରୀ ଉପସ୍ଥିତ ଥିଲେ ।


ଅତିଥିଙ୍କ ସହ ଅବସର ଗ୍ରହଣ କରିଥିବା ଫାର୍ମାସୀ ଅଧିକାରୀ ।

# ୪୭ ବର୍ଷପରେ ସହପାଠୀ ପାଳିଲେ ଗୁରୁପୂଜନ ଉତ୍ସବ

ନୟାଗଡ଼, ୯।୩(ଲୋକନାଥ ମିଶ୍ର)

ଓଡ଼ଗାଁ ବ୍ଲକ ବାଉଁଶଗାଡ଼ିଆ ଭୀମସେନ କୃଷି ବିଦ୍ୟାପୀଠରେ ୧୯୭୮ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ର ୪୭ ବର୍ଷ ପରେ ଏକାଠି ହୋଇ ଗୁରୁ ପୂଜନ ଉତ୍ସବରେ ସାମିଲ ହୋଇଛନ୍ତି। ଏହି ଅବସରରେ ଗତ ରବିବାର ବନ୍ଧୁମିଳନ ଉତ୍ସବ ଓଡ଼ଗାଁ ରାମସାଗର ପାର୍କ ନିକଟ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ବନ୍ଧୁମିଳନ ଉତ୍ସବରେ ୫୦ରୁ ଉର୍ଦ୍ଧ୍ୱ ସହପାଠୀ ଯୋଗଦେଇ ନିଜନିଜ ମଧ୍ୟରେ ଭାବର ଆଦାନପ୍ରଦାନ କରିବା ସହିତ ପୁରୁଣା ଦିନର ସ୍ମୃତିକୁ ରୋମନ୍ଥନ କରିଥିଲେ। ବ୍ୟାଚ ଆବାହକ ସୁଧୀର କୁମାର ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ତତ୍କାଳୀନ ଶିକ୍ଷକଙ୍କ ବଳିଷ୍ଠ ଶିକ୍ଷାଦାନ ଯୋଗୁ ଏହି ବ୍ୟାଚର ସମସ୍ତେ ଜଣେ ଜଣେ ଭଲମଣିଷ ହୋଇ ପାରିଥିବାରୁ ସମସ୍ତେ ଶିକ୍ଷକମାନଙ୍କୁ କୃତଜ୍ଞତା ଜଣାଇଥିଲେ । ଯୋଗ ଦେଇଥିବା ବିଦ୍ୟାପୀଠର ତତ୍କାଳୀନ ଶିକ୍ଷକ ଭଗବାନ ହୋତା,ଭଗବାନ ପାଳ,ଦେବରାଜ ତ୍ରିପାଠୀ ଏବଂ ସୁବାସ ଚନ୍ଦ୍ର ତ୍ରିପାଠୀଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଦିବଙ୍ଗତ ଶିକ୍ଷକ ଓ ସହପାଠୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମକୁ ସହପାଠୀ ନର୍ମଦା ଦୋରା ଓ ସୁରମା ମିଶ୍ର ସଂଯୋଜନା କରିଥିବା ବେଳେ ବିଜୟ ଦାସ,ଚୈତନ୍ୟ ପ୍ରଧାନ,ପ୍ରସନ୍ନ ରଥ, ବନବିହାରୀ ପାତ୍ର ଓ ବିଜୟ କୁମାର ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ୬ଷ୍ଠ ଶ୍ରେଣୀ ସାହିତ୍ୟ ପ୍ରଶ୍ନପତ୍ରରେ ଇତିହାସ ପ୍ରଶ୍ନ

- ପ୍ରଥମରୁ ୮ମ ବାର୍ଷିକ ପରୀକ୍ଷା ଆରମ୍ଭରୁ ବିଭ୍ରାଟ
- ଘଣ୍ଟାଏ ବିଳମ୍ବରେ ପହଞ୍ଚିଲା ପ୍ରଶ୍ନପତ୍ର
- ଗୋଟିଏ ପତ୍ରରେ ୨ଟି ବିଷୟର ପ୍ରଶ୍ନ
- ବିଦ୍ୟାଳୟକୁ ଆବଶ୍ୟକତାଠାରୁ କମ୍ ପ୍ରଶ୍ନପତ୍ର ଯୋଗାଣ

ରସୁଲପୁର, ୯।୩ (ରଞ୍ଜିତ ରାଉତ)




ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ୧୯୮ ବିଦ୍ୟାଳୟରେ ପ୍ରଥମରୁ ୮ମ ଶ୍ରେଣୀ ବିଦ୍ୟାର୍ଥୀମାନଙ୍କ ପାଇଁ ବାର୍ଷିକ ପରୀକ୍ଷା ସୋମବାରଠାରୁ ଆରମ୍ଭ ହୋଇଛି। ଏହାପୂର୍ବରୁ ପିଲାମାନଙ୍କର ୬ ଓ ୭ତାରିଖରେ ମୌଖିକ ପରୀକ୍ଷା ଶେଷ ହୋଇଛି। ଲିଖିତ ପରୀକ୍ଷା ଆରମ୍ଭରୁ ବିଭ୍ରାଟ ଘଟିଛି। ପ୍ରଶ୍ନପତ୍ରରେ ବ୍ୟାପକ ତ୍ରୁଟି ବିଚ୍ୟୁତି ରହିଥିବା ପରିଲକ୍ଷିତ ହୋଇଛି। ବିଦ୍ୟାଳୟରେ ଠିକ୍ ସମୟରେ ପ୍ରଶ୍ନପତ୍ର ପହଞ୍ଚି ପାରି ନ ଥିବାରୁ ଏକ ଘଣ୍ଟା ବିଳମ୍ବରେ ପରୀକ୍ଷା ଆରମ୍ଭ ହୋଇଛି। ପରୀକ୍ଷା ଆରମ୍ଭ ଦିବସର ମାତୃଭାଷା ପରୀକ୍ଷା ଥିବାବେଳେ ୬ଷ୍ଠ ଶ୍ରେଣୀ ସାହିତ୍ୟ ପ୍ରଶ୍ନପତ୍ରରେ ଇତିହାସ ପ୍ରଶ୍ନ ରହିଥିବା ଦେଖାଯାଇଛି। ଏପରିକି ବିଦ୍ୟାଳୟର ଉପସ୍ଥାନ ଅନୁସାରେ ପ୍ରଶ୍ନପତ୍ର ଯୋଗାଇ ଦିଆଯାଇ ପାରି ନ ଥିବା ଅଭିଯୋଗ ହେଉଛି। ଏଭଳି ଭାବରେ ବାର୍ଷିକ ପରୀକ୍ଷା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ବିଭିନ୍ନ ତ୍ରୁଟିବିଚ୍ୟୁତିକୁ ନେଇ ବିଦ୍ୟାର୍ଥୀ ଓ ଛାତ୍ର ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବାର୍ଷିକ ପରୀକ୍ଷାକୁ ଶିକ୍ଷା ବିଭାଗ ଅତ୍ୟନ୍ତ ହାଲୁକା ଭାବେ ଗ୍ରହଣ କରି ପିଲାମାନଙ୍କର ଭବିଷ୍ୟତକୁ ନେଇ ଖେଳ ଖେଳୁଥିବା କୁହାଯାଉଛି।

ପ୍ରକାଶ ଯେ, ଏହି ବର୍ଗର ପିଲାମାନଙ୍କ ପାଇଁ ସୋମବାରରୁ ପରୀକ୍ଷା ଆରମ୍ଭ ହୋଇ ୧୩ ତାରିଖରେ ଶେଷ ହେବା ନେଇ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ପ୍ରଥମରୁ ୫ମ ଶ୍ରେଣୀ ବିଦ୍ୟାର୍ଥୀମାନଙ୍କ ପାଇଁ ଦେଢ ଘଣ୍ଟା ଅବଧିର ପରୀକ୍ଷା ହେବାକୁ ଥିବା ବେଳେ ୬ଷ୍ଠରୁ ୮ମ ଶ୍ରେଣୀ ପିଲାମାନଙ୍କ ପାଇଁ ୨ ଘଣ୍ଟା ସମୟ ନିର୍ଘଣ୍ଟରେ ଉଲ୍ଲେଖ କରାଯାଇଛି। ପ୍ରଥମ ଦିନ ସକାଳ ୭ଟାର ୧ ରୁ ୫ମ ୯ଟା ଓ ୬ଷ୍ଠରୁ ୮ମ ୯.୩୦ ଟାରୁ ଆରମ୍ଭ ହୋଇ ପୂର୍ବ ନିର୍ଦ୍ଧାରିତ ସମୟରେ ଶେଷ ହେବ ବୋଲି କାର୍ଯ୍ୟସୂଚୀରୁ ଜଣାପଡିଛି। ତେବେ ପରୀକ୍ଷା ଆରମ୍ଭ ବେଳକୁ ପ୍ରଶ୍ନପତ୍ର ବିଦ୍ୟାଳୟରେ ପହଞ୍ଚି ପାରି ନ ଥିଲା। ଏଭଳିସ୍ଥିତିକୁ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କ ମଧ୍ୟରେ ବ୍ୟସ୍ତତା ବଢିଯାଇଥିଲା। ବିଆର୍‌ସିସି ଓ ସିଆର୍‌ସିସିଙ୍କ ସହ ଯୋଗାଯୋଗ କରିବା ପରେ ପ୍ରଧାନ ଶିକ୍ଷକମାନେ କ୍ଷେତ୍ରପାଳ ହାଇସ୍କୁଲରେ ଖୋଲିଥିବା ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ଆଣିବାକୁ ଯାଇଥିଲେ। ଏହାରି ଭିତରେ ଏକ ଘଣ୍ଟା ବିଳମ୍ବ ହୋଇ ସାରିଥିଲା। ପ୍ରଶ୍ନପତ୍ର ବିଳମ୍ବରେ ପହଞ୍ଚିବାରୁ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ କେତେଜଣ ବିଦ୍ୟାର୍ଥୀ ଏ ସମ୍ପର୍କରେ ଅଭିଭାବକମାନଙ୍କ ସହ ଯୋଗାଯୋଗ କରିଥିଲେ। ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚି ହୋହଲ୍ଲା କରିବା ପରେ ଶିକ୍ଷକମାନେ ସେମାନଙ୍କୁ ବୁଝାଶୁଝା କରିବା ସହ ପରୀକ୍ଷା ଆରମ୍ଭ ହୋଇଥିଲା। ୬ଷ୍ଠ ଶ୍ରେଣୀ ପାଇଁ ପ୍ରଥମ ବୈଠକ ମାତୃଭାଷା ଓ ଦ୍ୱିତୀୟରେ ଇତିହାସ ପରୀକ୍ଷା ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ମାତୃଭାଷା ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ଇତିହାସ ପ୍ରଶ୍ନ ରହିଥିବାବେଳେ ଦ୍ୱିତୀୟ ପୃଷ୍ଠାରୁ ମାତୃଭାଷା ପ୍ରଶ୍ନ ରହିଥିବା ଦେଖାଯାଇଥିଲା। ଏହାକୁ ନେଇ ପରୀକ୍ଷା ପରିଚାଳକମାନଙ୍କ ପାଇଁ ଅଡୁଆ ପରିସ୍ଥିତି ଉପୁଯାଇଥିଲା। ଏଭଳି ସମସ୍ୟା ସମ୍ପର୍କରେ ପ୍ରଧାନଶିକ୍ଷକମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ପ୍ରଶ୍ନପତ୍ର ପ୍ୟାକେଟରେ ଆବଶ୍ୟକତାଠାରୁ କମ୍ ପ୍ରଶ୍ନପତ୍ର ଥିବାରୁ ବିଦ୍ୟାଳୟ ପକ୍ଷରୁ ପ୍ରଶ୍ନପତ୍ରକୁ ଜେରକ୍ସ କରାଯାଇ ପିଲାମାନଙ୍କୁ ପ୍ରଦାନ କରାଯାଇଥିଲା। ଏଭଳିସ୍ଥିତି ସମ୍ପର୍କରେ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ବିଆର୍‌ସିସି ଅରୁଣ କୁମାର ସେଠୀଙ୍କୁ ପଚାରିବାରୁ ରବିବାର ରାତି ୧୨ଟାରେ ପ୍ରଶ୍ନପତ୍ର ପହଞ୍ଚି ନ ଥିଲା। ଉକ୍ତ ପ୍ରଶ୍ନପତ୍ରଗୁଡିକୁ ସିଆର୍‌ସିସିଙ୍କ ମଧ୍ୟରେ ବଣ୍ଟା ଯାଇ ବିଦ୍ୟାଳୟରେ ପରୀକ୍ଷା ଆରମ୍ଭ ପୂର୍ବରୁ ପହଞ୍ଚାଇବା ପାଇଁ କୁହାଯାଇଥିଲା। ପ୍ରଶ୍ନପତ୍ର କମ୍ ଆସିଥିବାରୁ ବିଦ୍ୟାଳୟ ଉପସ୍ଥାନ ଅନୁଯାଇ ପ୍ରଶ୍ନପତ୍ରକୁ ଜେରକ୍ସ କରି ବିଦ୍ୟାଳୟକୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଦ୍ୟାଳୟରେ ପ୍ରଶ୍ନପତ୍ର ଠିକ୍ ସମୟରେ ପହଞ୍ଚି ପାରିନାହିଁ ସେ ସମ୍ପର୍କରେ ଅନୁଧ୍ୟାନ କରି ଦେଖାଯିବ ବୋଲି ମତବ୍ୟକ୍ତ କରିଥିଲେ।

# ମହିଳାମାନେ ଆଦର୍ଶମୁଖୀ ହୁଅନ୍ତୁ



ପ୍ରତିଭାଧାରୀ ମହିଳାଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ବଡ଼ଚଣା, ୯।୩ (ଦିଲୀପ କୁମାର ମହାନ୍ତି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳସ୍ଥିତ ବିକେ ଏଜୁକେଶନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ହୋଲି ଜେସସ୍ ବିଦ୍ୟାଳୟ ପରିସରରେ ସୋମବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଟ୍ରଷ୍ଟ ଅଧ୍ୟକ୍ଷା କାମିନୀ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଶାନ୍ତିଲତା ଚୌଧୁରୀ ଉଦ୍‌ଘାଟନ ପୂର୍ବକ ମହିଳାମାନେ ଆଦର୍ଶମୁଖୀ ହୋଇ ଭଲ ସନ୍ତାନ ସୃଷ୍ଟିକରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଇଓ ଅଭୟ କୁମାର ବେହେରା ଯୋଗଦେଇ ସମାଜ ଗଠନରେ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଭକ୍ତ ଚରଣ ସାହୁ ଓ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ମଞ୍ଜୁଲତା ସାହୁ ଏବଂ ଧର୍ମଶାଳା ଏବିଇଓ ମମତା ମହାନ୍ତି ପ୍ରମୁଖ ଯୋଗଦେଇ ମହିଳା ଦିବସ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। ଏହି ଅବସରରେ ଅଧ୍ୟାପିକା ସୁକେଶିନୀ ସାମଲ, ଅଧ୍ୟାପିକା ଡ. ସୁଜାତା ସେନାପତି, ଅଧ୍ୟାପିକା ଲୀନବାଳା ସାମଲ, ଶିକ୍ଷୟିତ୍ରୀ ମାମିନା ଅନୁରଞ୍ଜନୀ, ଆଦର୍ଶ ଗୃହିଣୀ ନୟନା ସୁନ୍ଦରୀ ସାମଲ ଓ ମାନସୀ ମହାନ୍ତିଙ୍କ ସମେତ ଉପସ୍ଥିତ ମହିଳାଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଛାତ୍ରୀ ଆରାଧ୍ୟା ପଣ୍ଡା ନୃତ୍ୟ ମାଧ୍ୟମରେ ଅତିଥିମାନଙ୍କୁ ସ୍ୱାଗତ ପରିବେଷଣ କରିଥିଲେ। ଶିକ୍ଷକ ଲକ୍ଷ୍ମୀଧର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କାର୍ଯ୍ୟକ୍ରମ ସମ୍ପର୍କରେ ଟ୍ରଷ୍ଟି ମଧୁସ୍ମିତା ରାଉତ ସୂଚନା ଦେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ମୌସୁମୀ ଦାସ ଧନ୍ୟବାଦ ଦେଇଥିଲେ। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବାରବାଟୀ ବିଶ୍ୱଶାନ୍ତି ମହାଯଜ୍ଞ, ଧର୍ମ ମହାସଭାର ପ୍ରସ୍ତୁତି ବୈଠକ

ଚଣ୍ଡିଖୋଲ, ୯।୩ (ପ୍ରଦୀପ୍ତ କୁମାର ପୃଷ୍ଟି)

ବଡଚଣା ବ୍ଲକ ଅନ୍ତର୍ଗତ ପଲେଇ ବାରବାଟୀ ପଡିଆରେ ଚଳିତବର୍ଷ ପଞ୍ଚଦଶ ତମ ବିଶ୍ୱଶାନ୍ତି ମହାଯଜ୍ଞ ଓ ଧର୍ମ ମହାସଭା ୨୭ ରୁ ଆରମ୍ଭ ହୋଇ ଚୈତ୍ର ପୂର୍ଣ୍ଣିମାରେ ଉଦ୍‌ଯାପିତ ହେବ। ଏହି ସପ୍ତାହ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ସୋମବାର ଏକ ପ୍ରସ୍ତୁତି ବୈଠକ ଯଜ୍ଞ ପଡିଆରେ କମିଟି ସଭାପତି ରମାକାନ୍ତ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବବର୍ଷର ବିବରଣୀ ଓ ପ୍ରାରମ୍ଭିକ ସୂଚନା ରତିକାନ୍ତ ସାମଲ ପ୍ରଦାନ କରିଥିଲେ। ଅଶୋକ କୁମାର ସାମଲଙ୍କ ସଞ୍ଚାଳନରେ ଆୟୋଜିତ ବୈଠକରେ ୭ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବିଶ୍ୱଶାନ୍ତି ମହାଯଜ୍ଞ ଓ ଧର୍ମ ମହାସଭାରେ ବହୁ ହଜାର ଶ୍ରଦ୍ଧାଳୁଙ୍କ ଯୋଗଦାନ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନା, ଆଇନ ଶୃଙ୍ଖଳା ରକ୍ଷା, ଖାଦ୍ୟ ଓ ପାନୀୟଜଳ ସହ ପ୍ରଶାସନିକ ସହଯୋଗ କିପରି ରହିବ ସେଥିନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଭିନ୍ନ କମିଟି ଗଠନ କରାଯାଇ ସଦସ୍ୟଙ୍କୁ ଦାୟିତ୍ୱ ବଣ୍ଟନ କରଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ବିଧାନ ଚନ୍ଦ୍ର ସାମଲ, ପ୍ରସନ୍ନ କୁମାର ପରିଡା, କିଶୋର ସାମଲ, ଚନ୍ଦ୍ରମଣି ସାହୁ, ବିକ୍ରମ କେଶରୀ ପ୍ରଧାନ, ଅଲେଖ ଚନ୍ଦ୍ର ସାମଲ, ତପନ କୁମାର ସାମଲ, ଶୁଭେନ୍ଦ୍ର ପରିଡା, ବୈନେତେୟ ଦାସ, ଦଶରଥ ସାମଲ, ଅନିରୁଦ୍ଧ ସାମଲ, ଉମାକାନ୍ତ ବଳ, ଅମର ରଶ୍ମୀ ନାୟକ, ବରେନ୍ଦ୍ର କୃଷ୍ଣ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ସାହାପୁର ଦୋଳ ମେଳଣ ଉଦ୍‌ଯାପିତ


ଦୋଳ ମେଳଣ ଅବସରରେ ଅବିର ଖେଳ।

ପାଣିକୋଇଲି, ୯।୩ (ବିକାଶ ଚନ୍ଦ୍ର ମଲ୍ଲିକ)

କୋରାଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ସାହାପୁର ହାଟ ପଡିଆରେ ୪୧ତମ ଦୋଳ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରବିବାର ମଧ୍ୟରାତ୍ରରୁ ଆରମ୍ଭ ଏହି ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ପ୍ରାଥମିକ ବିଦ୍ୟାଳୟ ପରୀକ୍ଷା ଯୋଗୁ ମେଳଣ ଉତ୍ସବକୁ ବନ୍ଦ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୮ରୁ ଊର୍ଦ୍ଧ୍ୱ ଦୋଳ ବିମାନ ସାମିଲ ହୋଇଥିଲେ। ଠାକୁରବାଡି ପକ୍ଷରୁ ନାମ ସଂକୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ମହାବୀର ଆଞ୍ଚଳିକ ଯୁବକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଅଞ୍ଚଳରେ ଭାଇଚାରର ସୁସମ୍ପର୍କ ବଜାୟ ରଖିବାର ପ୍ରୟାସ କରାଯାଇ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି। ଦୋଳ ବିମାନଗୁଡିକ ଯଥା ୨ ଥାନପତି, ବୃନ୍ଦାବନ ଚନ୍ଦ୍ର, ଗୋପୀନାଥ ଜୀଉ, ମହମ୍ମଦପୁର, ମହାରଣା ସାହି, କୁଣ୍ଡପାଟଣା, ନୂଆ ମିର୍ଜାପୁର, ମଧୁବନ ମିର୍ଜାପୁର, ମଲପଡା ଶାସନ, ମଲପଡା, କେଉଟ ନଗୁଆଁ, କେଶରପଡା(କ), କେଶରପଡା(ଖ), ମହାଖଳା, ହରିପୁର ସାନ ଠାକୁର, ଆଦି ସ୍ଥାନରୁ ବିମାନଗୁଡିକ ଆସିଥିଲା। ସମସ୍ତ ବିମାନ ଗୁଡିକ ହାଟ ପଡିଆରେ ଏକତ୍ରିତ ହେବା ପରେ ପ୍ରତାପ କୁମାର ମହାନ୍ତିଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି ପ୍ରମୁଖ ଯୋଗଦେଇ ବିମାନଗୁଡିକ ବୁଲି ଭୋଗ ଲାଗି କରିବା ପରେ ବିଦା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାବୀର ଆଞ୍ଚଳିକ ଯୁବକ ସଂଘର ସଭାପତି ସନ୍ତୋଷ କୁମାର ସାହୁ, ପ୍ରକାଶ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ମନୋ ବିଜ୍ଞାନ ପୃଷ୍ଟି, ଆଦ୍ୟ ପଟ୍ଟନାୟକ, ବିଳାସ ବେହେରା, ତପନ ଦଳାଇ, ରମେଶ ରାଉତ, ଦେବାଶିଷ ଦାସ, ସୌମ୍ୟ ରଞ୍ଜନ ମଙ୍ଗରାଜ, ରାକେଶ ଖିଲାର, ନିତୀନ ପଟ୍ଟନାୟକଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବିମାନ ଶୋଭାଯାତ୍ରାରେ ଅଶ୍ଳୀଳ ନୃତ୍ୟ, ଡିଜେକୁ ବାରଣ

ରସୁଲପୁର, ୯।୩ (ରଞ୍ଜିତ ରାଉତ)

## କୁଆଖିଆ ମେଳଣ ପାଇଁ ପ୍ରସ୍ତୁତି ଚୂଡାନ୍ତ

ଯାଜପୁର ଜିଲାର ପ୍ରସିଦ୍ଧ କୁଆଖିଆ ଦୋଳ ମେଳଣ ପାଇଁ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଆସନ୍ତା ୧୧ତାରିଖ ସନ୍ଧ୍ୟାରୁ ମେଳଣ ଆରମ୍ଭ ହୋଇ ୧୨ ତାରିଖ ଅପରାହ୍ଣରେ ବିମାନ ଶୋଭାଯାତ୍ରା ସମ୍ପନ୍ନ ହେବ ବୋଲି ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଦୋଳ ମେଳଣରେ ଯୋଗଦେବାକୁ ଥିବା ବିମାନଗୁଡିକ ଭଜନ ସଂକୀର୍ତ୍ତନ, ଆଲୋକ ସାଜସଜ୍ଜା, ନୃତ୍ୟଗୀତ ସହ ପଟୁଆରେ ସାରଙ୍ଗପୁର ମେଳଣ ପଡିଆକୁ ଯାତ୍ରା କରିବେ। ଦୋଳ ବିମାନ ଶୋଭାଯାତ୍ରାରେ ଅଶ୍ଳୀଳ ନୃତ୍ୟ, ଗୀତ, ଡିଜେ ସାଉଣ୍ଡ ପରିବେଷଣ କରିବାକୁ ବାରଣ କରାଯାଇଛି। ଏ ନେଇ ମେଳଣରେ ଯୋଗଦେବାକୁ ଆସୁଥିବା ବିମାନଗୁଡିକର ମୁଖିଆମାନଙ୍କୁ କମିଟି ପକ୍ଷରୁ ଅବଗତ କରାଯାଇଛି।

ମେଳଣ ପରିଚାଳନା ଦାୟିତ୍ୱରେ ଥିବା ଲକ୍ଷ୍ମୀନାରାୟଣ ପୂଜା କମିଟି ପକ୍ଷରୁ ସୋମବାର ସନ୍ଧ୍ୟାରେ ଆୟୋଜିତ ବୈଠକରେ କମିଟିର ସଭାପତି ବନୋଜ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତା କରିଥିଲେ। ବୈଠକରେ ମେଳଣର ରୂପରେଖ ସମ୍ପର୍କରେ ସମ୍ପାଦକ ଦେବକାନ୍ତ ପଲେଇ ସୂଚନା ପ୍ରଦାନ କରିଥିଲେ। ଚଳିତବର୍ଷ ମେଳଣରେ ୩୫ ରୁ ଊର୍ଦ୍ଧ୍ୱ ଦୋଳ ବିମାନ ଯୋଗଦେବେ ବୋଲି ସ୍ୱୀକୃତି ଦେଇଛନ୍ତି। ବିମାନଗୁଡିକ କୁଆଖିଆ ବଜାରର କେଉଁ ରାସ୍ତାରୁ ସେମାନଙ୍କ ଶୋଭାଯାତ୍ରା ଆରମ୍ଭ କରିବେ ସେ ନେଇ ସ୍ଥାନ ନିରୂପଣ କରାଯାଇଛି। କମିଟି ପକ୍ଷରୁ ସ୍ଥିରିକୃତ ସ୍ଥାନରୁ ବିମାନଗୁଡିକ ଶୋଭାଯାତ୍ରା ଆରମ୍ଭ କରି ମେଳଣ ପଡିଆର ଚାର ମଣ୍ଡପରେ ବିରାଜମାନ କରୁଥିବା ଥାନପତିଙ୍କ ନିକଟରେ ପହଞ୍ଚିବେ। ସମସ୍ତ ବିମାନ ପହଞ୍ଚିବା ପରେ ସୁସଜ୍ଜିତ ବିମାନଗୁଡିକରେ ବିରାଜିତ ପ୍ରଭୁ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ଓ ଚଳନ୍ତି ପ୍ରତୀମାଙ୍କ ନିକଟରେ ଭୋଗ ଅର୍ପଣ କରାଯିବା ପରେ ଠାକୁରମାନଙ୍କୁ କମିଟି ପକ୍ଷରୁ ମେଳାଣି ଦିଆଯିବ। ମେଳଣ ଅବସରରେ ଶାନ୍ତିଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ଯାତ୍ରୀମାନଙ୍କ ସୁରକ୍ଷା, ବିଦ୍ୟୁତ ସୁରକ୍ଷା, ଅଗ୍ନି ନିରାପତ୍ତା, ଆକସ୍ମିକ ପ୍ରାଥମିକ ଚିକିତ୍ସା, ଯାତ୍ରୀଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା, ଯାତ୍ରୀ ବିଶ୍ରାମଗାର, ଖରାର ପ୍ରକୋପରୁ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ଜଳ ସିଂଚନ ବ୍ୟବସ୍ଥା, ମେଳଣ ପଡିଆରେ ଦୋକାନ ବଜାରଗୁଡିକୁ ବ୍ୟବସ୍ଥିତ କରିବା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିଲା। ଉକ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ କମିଟି ପକ୍ଷରୁ ପତ୍ର ଜରିଆରେ ସୂଚନା ଦିଆଯାଇଛି।

# ଯୁବକଙ୍କ ଆତ୍ମହତ୍ୟା

ମାର୍ଶାଘାଇ, ୯।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ):

ମାର୍ଶାଘାଇ ଥାନା ବେରୁହାଁ ଗ୍ରାମରେ ଜଣେ ଯୁବକ ବିଷପାନ କରି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ସେହି ଗ୍ରାମର ଭବୁ ଭୂଷଣ ବେହେରା (୨୮)। ରବିବାର ରାତିରେ ସେ ନିଜ ଘରଠାରୁ ଅନତି ଦୂରରେ ଥିବା ମିଳିମିଳା ଠାକୁରାଣୀ ପୀଠ ନିକଟ ଏକ ବିଲରେ ବିଷ ପିଇ ଦେଇଥିଲେ। ସକାଳୁ ଲୋକମାନେ ଦେଖି ତାଙ୍କ ଘରକୁ ଖବର ଦେଇଥିଲେ। ପରିବାର ଲୋକ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମରେ ହେଉଥିବା ଆଲୋଚନା ଅନୁଯାୟୀ, ଭବୁ ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ପରସ୍ପର ଭଲ ପାଇବା ଭିତରେ ଏକ ମୋବାଇଲ ଫୋନ କିଣିବାକୁ ନେଇ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇଥିଲା। ଫଳରେ ଯୁବକ ଜଣକ ମାନସିକ ଅବସାଦରେ ରହୁଥିଲେ। ଶେଷରେ ସେ ଏଭଳି ପନ୍ଥା ବାଛି ନେଇଥିଲେ। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ୨୬ରୁ ମା' ବୈତରଣୀ ନିତ୍ୟ ଆରତି



ଖବରଦାତା ସମ୍ମିଳନୀରେ ଆରତି ଲାଗି ସୂଚନା ଦିଆଯାଉଛି।

ପାଣିକୋଇଲି, ୯।୩ (ବିକାଶ ଚନ୍ଦ୍ର ମଲ୍ଲିକ)

ଭାରତବର୍ଷରେ ନଦୀକୁ ମା' ବୋଲି ଗ୍ରହଣ କରାଯାଏ। ଗଙ୍ଗା, ଯମୁନା, ସରସ୍ୱତୀ ଭଳି ନଦୀକୁ ପ୍ରତ୍ୟେହ ଆରତି କରାଯାଉଥିବା ବେଳେ ଆସନ୍ତା ଚୈତ୍ର ଶୁକ୍ଳ ଅଷ୍ଟମୀ (ଅଶୋକାଷ୍ଟମୀ) ତିଥି ମାର୍ଚ୍ଚ ୨୬ଠାରୁ ପୂର୍ଣ୍ଣତୋୟା ବୈତରଣୀ ନଦୀକୁ ପ୍ରତ୍ୟେହ ଆରତି କରାଯିବ ବୋଲି ବିରଜା ପୁତ୍ର ବାବା ଉଦୟନାଥ ପର୍ବତ ସୋମବାର ପାଣିକୋଇଲି ଶ୍ରୀପୀଠରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି। ଅଖିଳ ଭାରତୀୟ ସନ୍ନ୍ୟାସୀ ସଙ୍ଗମର ସଂସ୍ଥାପକ ସଭାପତି ନଦୀ ପୁତ୍ର ସ୍ୱାମୀ ରାମାନନ୍ଦ ପୁରୀ ମହାରାଜଙ୍କ ମାର୍ଗ ଦର୍ଶନରେ ବୈତରଣୀ ନିତ୍ୟସେବା ସଂସ୍ଥାନ ଓ ବୈତରଣୀ ସେବା ଆଶ୍ରମ ଆନୁକୂଲ୍ୟରେ ଯାଜପୁର ବ୍ଲକ ମାଳଆନ୍ଦପୁର ପଞ୍ଚାୟତ ନିମପାଳଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପରମ ଦିବ୍ୟ ବୈତରଣୀ ଆରତୀ କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥ ଓ ଭକ୍ତଙ୍କ ସମାଗମ ହେବ। ନିମପାଳ ଗ୍ରାମବାସୀଙ୍କ ପକ୍ଷରୁ ଏହି ସମ୍ମିଳନୀରେ ଭ୍ରମରବର ବେହେରା, ରଘୁନାଥ ବେହେରା, ଅନନ୍ତ ବାସୁଦେବ ମିଶ୍ର, ଅଞ୍ଜନ ମିଶ୍ର, କାର୍ତ୍ତିକ ପଢିହାରୀ, ସୁରେଶ ମିଶ୍ର, ଶରତ ଦାସ, ରଘୁନାଥ ପଡିଆରୀ, ମହେଶ୍ୱର ବେହେରା, ଫକିର ଧଳ, ଲମ୍ବୋଦର ମହାନ୍ତି ଉପସ୍ଥିତ ଥିଲେ।

# ହୃଦ୍‌ଘାତରେ ବୃଦ୍ଧଙ୍କ ମୃତ୍ୟୁ

ଆଳି, ୯।୩ (ବନମାଳୀ ସେନାପତି ):

ଆଳି ତହସିଲ ରାସ୍ତାରେ ସୋମବାର ଦିନ ପୂର୍ବାହ୍ନରେ ସିଙ୍ଗିରି ଅଞ୍ଚଳର ଜଣେ ବ୍ୟକ୍ତିଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ଆଳି ସିଙ୍ଗିରି ଗ୍ରାମର ବିପିନ ସେନାପତି (୬୪)।

ବିପିନ ସୋମବାର ସକାଳେ ସ୍କୁଟି ନେଇ ଆଳି ଆସିଥିଲେ। ଆଳି ତହସିଲ ରାସ୍ତାରେ କୌଣସି କାମ ସାରି ଏକ ଦୋକାନ ନିକଟରେ ଠିଆ ହୋଇଥିଲେ। ତହସିଲ ରୋଡ଼ର ମଧ୍ୟ ଭିଡ଼ ଲାଗି ରହିଥାଏ। ବିଭିନ୍ନ ଅଞ୍ଚଳରୁ ଲୋକମାନେ ତହସିଲ କାର୍ଯ୍ୟାଳୟକୁ ଆସିଥାନ୍ତି। ସମସ୍ତେ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ଥାଆନ୍ତି। ଏହି ଭିଡ଼ ମଧ୍ୟରେ ବିପିନ ସ୍କୁଟି ନେଇ ତହସିଲ ରୋଡ଼ରେ ଥିବା ଏକ ହୋଟେଲ ନିକଟରେ ରଖି ସ୍କୁଟି ଉପରେ ବସିଥିଲେ। କିଛି ସମୟ ମଧ୍ୟରେ ଧୀରେ ଧୀରେ ତଳେ ପଡି ଯାଇ ଚେତା ହରାଇ ବସିଥିଲେ। କିଛି ସମୟ ମଧ୍ୟରେ ସ୍ଥାନୀୟ ଲୋକ ସେଠାରେ ରୁଣ୍ଡ ହୋଇଥିଲେ। ଖବର ପାଇ ଆଳି ପୋଲିସ ସେଠାରେ ପହଞ୍ଚି ଆମ୍ବୁଲାନ୍ସରେ ମେଡିକାଲ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହେବା ଘଟଣା ଆଳି ବଜାର ସମେତ ସିଙ୍ଗିରି ଅଞ୍ଚଳରେ ଶୋକର ବାତାବରଣ ଖେଳାଇ ଦେଇଛି।

# ଚୋରା ମଦ କାରବାରରୁ ଉତ୍ତେଜନା, ଗ୍ରାମବାସୀଙ୍କ ରାସ୍ତାରୋକୋ

ବ୍ରହ୍ମବରଦା, ୯।୩ (ଯଯାତି କେଶରୀ ବେହେରା)


ଚୋରା ମଦ କାରବାର ବନ୍ଦ କରିବାକୁ ଗ୍ରାମବାସୀ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

ବ୍ରହ୍ମବରଦା ଥାନା ଅର୍ନ୍ତଗତ ବନ୍ଧଡ଼ିହ ପଞ୍ଚାୟତସ୍ଥିତ ସାହାପଡ଼ା ଗ୍ରାମ ୫ ନଂ. ୱାର୍ଡ଼ ବେହେରା ସାହିରେ ଚୋରା ମଦ କାରବାରକୁ ବନ୍ଦ କରିବା ନେଇ ସୋମବାର ଉତ୍ତେଜନା ପ୍ରକାଶ ପାଇବା ସହ ଟାୟାର ଜାଳି ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଦୀର୍ଘଦିନ ହେବ ଏହି ଗ୍ରାମରେ ଜଣେ ବ୍ୟକ୍ତି ନିଜ ଘରେ ଚୋରାରେ ବହୁ ଶହ ଲିଟର ଦେଶୀ ଓ ବିଦେଶୀ ମଦ ବିକ୍ରି କରି ଆସୁଥିଲେ। ଏ ନେଇ ଗ୍ରାମବାସୀ ଅଜି ଉତ୍ୟକ୍ତ ହୋଇ ଉକ୍ତ ଚୋରା ମଦ କାରବାର ବନ୍ଦ କରିବା ପାଇଁ ଗ୍ରାମର ଶତାଧିକ ମହିଳାପୁରୁଷ ଟାୟାର ଜାଳି ପ୍ରତିବାଦ କରିଥିଲେ। ଖବରପାଇ ବ୍ରହ୍ମବରଦା ଥାନାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବାରେ ବିଫଳ ହୋଇଥିଲେ। ପୋଲିସ ପ୍ରଶାସନ ଓ କେତେଜଣ ଗ୍ରାମବାସୀ ମିଶି ଉକ୍ତ ଚୋରାମଦ ବ୍ୟବସାୟୀଙ୍କ ଘର ମଦ ଖୋଜାଖୋଜି କରିଥିଲେ ମଧ୍ୟ କିଛି ପାଇ ନ ଥିଲେ।

ସୂଚନାଯୋଗ୍ୟ, ସୋମବାର ବନ୍ଧଡ଼ିହ ମେଳଣ ଥିବାବେଳେ ଉକ୍ତ ବେଆଇନ ମଦ ଦୋକାନରେ ଭିଡ଼ ଲାଗିଥିଲା। ଗାଁ ଭିତରେ ରାସ୍ତାକଡ଼ରେ ବେପାର ଚାଲିଥିବା ଯୋଗୁ ଗ୍ରାମବାସୀ ଯାତାୟାତରେ ଅସୁବିଧା ସମ୍ମୁଖିନ ହୋଇଥିଲେ। ଫଳର ଗାଁ ଭିତରେ ମଦ ବିକ୍ରୟକୁ ବାରଣ କରିଥିଲେ। ବର୍ଷବର୍ଷ ଧରି ଏହି ଅଞ୍ଚଳରେ ଚେରା ମଦ କାରବାର ଚାଲିଥିବା ବେଳେ କିପରି ପୋଲିସ ପ୍ରଶାସନ ଜାଣିପାରିଲାନାହିଁ ଏବଂ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୋଲିସ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ନାହିଁ ବୋଲି ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ଉକ୍ତ ବେଆଇନ ମଦ ବିକ୍ରୟକୁ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ଯଦି ବେଆଇନ ମଦ ଦୋକାନ ବନ୍ଦ ନ କରାଯାଏ ତେବେ ରାଜରାସ୍ତା ବନ୍ଦ କରିବା ନେଇ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ୭୦ ସ୍କୁଲରେ ପରୀକ୍ଷା ଦେଲେ ୧୬୯୪ ଛାତ୍ରୀଛାତ୍ର

**ରଘୁନାଥପୁର ବ୍ଲକରେ ପଞ୍ଚମ, ଅଷ୍ଟମ ଶ୍ରେଣୀ ବୋର୍ଡ ପରୀକ୍ଷା**

ରଘୁନାଥପୁର, ୯ ।୩(ରାଜେନ୍ଦ୍ର ନାରାୟଣ ସିଂହ)

ସରକାରଙ୍କ ନୂତନ ଶିକ୍ଷାନୀତି ଅନୁଯାୟୀ ସୋମବାରଠାରୁ ରଘୁନାଥପୁର ବ୍ଲକରେ ୫ମ ଓ ୮ମ ଶ୍ରେଣୀ ବୋର୍ଡ ପରୀକ୍ଷା ଆରମ୍ଭ ହୋଇଛି। ୭୦ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ମୋଟ ୧୬୯୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଏଥି ମଧ୍ୟରୁ ୫ମ ଶ୍ରେଣୀରେ ୭୩୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୮ମ ଶ୍ରେଣୀରେ ୯୫୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି ଓ ୩ ଜଣ ଅନୁପସ୍ଥିତ ଥିବା ସମ୍ପର୍କରେ ବ୍ଲକ ସହ ଶିକ୍ଷାଧିକାରୀ ଆଶୁତୋଷ ବାନାର୍ଜୀ ସୂଚନା ଦେଇଛନ୍ତି। ପରୀକ୍ଷା ସକାଳ ୭ ରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧ ଟା ୩୦ ରେ ଶେଷ ହୋଇଛି। ପ୍ରତି କ୍ଲଷ୍ଟରରେ ସିଆର୍‌ସିସି ଙ୍କ ସହ ୩ ଜଣ ଶିକ୍ଷକଙ୍କୁ ନେଇ ଟିମ୍ ଗଠନ କରାଯାଇଥିଲା। ନିର୍ଦ୍ଧାରିତ ସମୟରେ ପରୀକ୍ଷା ଆରମ୍ଭ ହୋଇଥିଲା।ମଣ୍ଡଳ ଶିକ୍ଷାଧିକାରୀଙ୍କ ପକ୍ଷରୁ ୩ଟି ସ୍କ୍ୱାଡ୍ ଗଠନ କରାଯାଇଥିଲା। ସେମାନେ ବିଭିନ୍ନ ବିଦ୍ୟାଳୟରେ ପହଞ୍ଚି ସ୍ଥିତି ପରଖିଥିଲେ। ଏହାଛଡା ସହ ଶିକ୍ଷାଧିକାରୀ ବାନାର୍ଜୀ ମଧ୍ୟ ବିଭିନ୍ନ ବିଦ୍ୟାଳୟକୁ ଗସ୍ତ କରିଥିଲେ। ପ୍ରତି ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ରହିଥିଲେ। ପରୀକ୍ଷା ଶେଷ ହେବାପରେ ଉତ୍ତର ଖାତା ଗୁଡ଼ିକ କଡା ସୁରକ୍ଷା ବ୍ୟବସ୍ଥାରେ ଉକ୍ତ କେନ୍ଦ୍ରରେ ରଖାଯାଇଛି।

### ମହୁମାଛି ଆକ୍ରମଣରେ ଯୁବକ ଗୁରୁତର

ରଘୁନାଥପୁର, ୯ ।୩(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକର ପୁରଣ ଓଡ଼ପଡ଼ା ପଞ୍ଚାୟତର ପୁରଣ ଗ୍ରାମରେ ମହୁମାଛି ଆକ୍ରମଣରେ ସୋମବାର ଏହି ଗ୍ରାମର ବଟ ବେହେରା (୫୩) ଗୁରୁତର ହୋଇ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସେ ସ୍ଥାନୀୟ ନାୟକ ସାହି ଗଡା ପାଖରୁ ଚାଷ କାର୍ଯ୍ୟ ପାଇଁ କୁଲସାହି ଅଭିମୁଖେ ଯାଉଥିବା ବେଳେ ବାଟରେ ଏହି ମହୁମାଛିଙ୍କ ଆକ୍ରମଣର ଶିକାର ହୋଇଥିଲେ। ଶତାଧିକ ମହୁମାଛି ତାଙ୍କୁ ଆକ୍ରମଣ କରୁଥିଲେ। ଏହି ସମୟରେ ବଟ ନିଜର ଜୀବନ ରକ୍ଷା ପାଇଁ ଏଣେତେଣେ ଦୌଡିଥିଲେ। ଶେଷରେ ଗାଁ ମୁଣ୍ଡରେ ଅଚେତ ହୋଇ ପଡିଯାଇଥିଲେ। ଗ୍ରାମବାସୀ ସେଠାରୁ ତାଙ୍କୁ ଉଦ୍ଧାର କରିଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

### ରକ୍ତଦାନ ଶିବିର : ୫୪ ୟୁନିଟ ରକ୍ତ ସଂଗ୍ରହ

ଏରସମା, ୯ । ୩ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ଜପା ପଞ୍ଚାୟତସ୍ଥିତ ଝାଟିପାରି ଗ୍ରାମରେ ଶ୍ରୀହରୀ କ୍ଲବ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଜପା ପଞ୍ଚାୟତର ପୂର୍ବତନ ସରପଞ୍ଚ ତପନ କୁମାର ଗଛାୟତ ଉଦ୍‌ଘାଟନ କରିଥିଲେ। ଏଥିରେ ଅମରେନ୍ଦ୍ର ଦଳାଇ, ହେମନ୍ତ ରାଉତ, ପ୍ରଶାନ୍ତ ପ୍ରାମାଣିକ, ସଂଗ୍ରାମ ଗଛାୟତ ପ୍ରମୁଖ ଯୋଗଦେଇଥିଲେ। ଶିବରରୁ ମୋଟ ୫୪ ୟନିଟ ରକ୍ତ ସଂଗ୍ରହ କରାଯାଇଛି। ଶ୍ରୀକାନ୍ତ ଦାସ, କୁଶ କୁମାର ଦାସ, ବିଷ୍ଣୁପଦ ଦାସ, ରାଜା ଜେନା, କାର୍ତ୍ତିକ ମଣ୍ଡଳ ପ୍ରମୁଖ କ୍ଲବର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୮ କିଲୋ ଗଞ୍ଜେଇ ଜବତ: ୨ କୋର୍ଟ ଚାଲାଣ

ରାହାମା, ୯ ।୩(ଶ୍ରୀକାନ୍ତ ଦାସ)

ରାହାମା ବଜାର ଶେଷରେ ଥିବା ସରକାରୀ ଭାଙ୍ଗ ଦୋକାନ ଉପରେ ରବିବାର ପୋଲିସ ଚଢ଼ାଉ କରି ୮ କେଜି ଗଞ୍ଜେଇ, ଗଞ୍ଜେଇ ଭର୍ତ୍ତି ସିଗାରେଟ ସହ ନଗଦ ୨୮୦୦ ଟଙ୍କା ଜବତ କରିଛି। ଏହି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏଥିସହ ତିର୍ତ୍ତୋଲ ଥାନାରେ ମାମଲା (ନଂ.୧୫୪/୨୬) ରୁଜୁ ହୋଇଛି। ଅଭିଯୁକ୍ତମାନେ ହେଲେ ସାଇଲୋ ଗ୍ରାମରେ ଭଡାରେ ରହିଆସୁଥିବା ଦେବାଶିଷ ରାଉତ ଏବଂ ଭାଲିଆ ପାଟଣା ଗ୍ରାମର ହୃଷିକେଶ ବେଉରା। ସରକାରୀ ଭାଙ୍ଗ ଦୋକାନ ଆଳରେ ଗଞ୍ଜେଇ ଓ ଅନ୍ୟାନ୍ୟ ନିଶା କାରବାର କରୁଥିବା ବିଜୟ ପଣ୍ଡା ନାମକ ବ୍ୟକ୍ତି ଫେରାର ଅଛନ୍ତି। ଏନେଇ ସୋମବାର ଖବରଦାତା ସମ୍ମିଳନୀ ଜରିଆରେ ତିର୍ତ୍ତୋଲ ଏସ୍‌ଡିପିଓ ଅଜୟ କୁମାର ଦାସ ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ଦାସଙ୍କ ସମେତ ତିର୍ତ୍ତୋଲ ଆଇଆଇସି ପ୍ରଦୀପ୍ତ କୁମାର ସେଠୀ ଓ ଏକାଧିକ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ।

# ମଣ୍ଡିରେ ଅବ୍ୟବସ୍ଥା: ନବ ନିର୍ମାଣ କୃଷକ ସଙ୍ଗଠନର ବିକ୍ଷୋଭ

ଜଗତ୍‌ସିଂହପୁର, ୯।୩ (ପ୍ରମୋଦ କୁମାର ନାୟକ)



ନବ ନିର୍ମାଣ କୃଷକ ସଙ୍ଗଠନର ସଦସ୍ୟମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି।

ମଣ୍ଡିରେ ଧାନ ପଡିରହିଛି। କେବେ ବିକ୍ରି ହେବ ତାହା ଜଣାନାହିଁ। ଏଭଳି ଚିନ୍ତାରେ ଚାଷୀ ଘାଣ୍ଟି ହେଉଛନ୍ତି। ଜଗତ୍‌ସିଂହପୁର ଜିଲାରେ ମଣ୍ଡି ଖୋଲିବାର ୫୪ ଦିନ ପରେ ମଧ୍ୟ ବିଭିନ୍ନ ମଣ୍ଡିରେ ଏଭଳି ବିକଳ ଚିତ୍ର ଦେଖିବାକୁ ମିଳୁଛି। ସରକାର ଜଗତ୍‌ସିଂହପୁର ଜିଲାରୁ ୨୫ ଲକ୍ଷ କୁଇଣ୍ଟାଲ ଧାନ କିଣିବା ପାଇଁ ଧାର୍ଯ୍ୟ କରିଛନ୍ତି। କିନ୍ତୁ ଏଥିମଧ୍ୟରେ ମାତ୍ର ୮ ଲକ୍ଷ କୁଇଣ୍ଟାଲ କିଣାଯିବା ସମ୍ଭବ ହୋଇପାରିଛି। ଏଣେ ସମୟ ପାଖେଇ ଆସିଲାଣି। ମାର୍ଚ୍ଚ ୩୧ ସୁଦ୍ଧା ଧାନ କିଣା ଶେଷ କରିବାକୁ ସରକାର ନିଷ୍ପତ୍ତି ନେଇଥିବାରୁ ଏତେ କମ୍ ଦିନ ଭିତରେ କିପରି ୧୭ ଲକ୍ଷ କୁଇଣ୍ଟାଲ ଧାନ ଉଠିବ ସେନେଇ ସନ୍ଦେହ ବଢ଼ିଯାଇଛି। ଏ ପରିସ୍ଥିତିରେ ସରକାରଙ୍କ ଆଭିମୁଖ୍ୟ ଚିନ୍ତାଜନକ। ସୋମବାର ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଅନୁଷ୍ଠିତ ସତ୍ୟାଗ୍ରହ ତଥା ବିକ୍ଷୋଭ ସମାବେଶରେ ଏଭଳି କୁହାଯାଇଥିଲା। ସଙ୍ଗଠନ ନେତାମାନେ କହିଥିଲେ, ଚାଷୀଙ୍କ ସମସ୍ତ ବଳକା ଧାନ କ୍ରୟ କରିବା, କଟଣୀ ଛଟଣି ବନ୍ଦ, ମିଲର୍ ଚାଷୀଠାରୁ ନେଉଥିବା ଅଖା ବାବଦ ଟଙ୍କା ଫେରାଇବା ଏବଂ ଓଜନ ଠକେଇ ଆଦି ବନ୍ଦ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ। ମଣ୍ଡିରେ ଚାଷୀଙ୍କୁ ଗୁଣାବତ୍ତା ବାହାନାରେ ଭଲ ଧାନକୁ ଖରାପ କହି ଭୟଭୀତ କରାଯାଉଛି। ଏପରି କି ଫେରାଇ ନେବାକୁ ଧମକ ଦିଆଯାଉଛି। ଏ ପରିସ୍ଥିତିରେ ଚାଷୀ ଅନନ୍ୟୋପାୟ ହୋଇ ପାକ୍ସ ସମ୍ପାଦକ ଓ ମିଲରମାନଙ୍କ ସର୍ତ୍ତରେ ରାଜି ହୋଇଯାଉଛନ୍ତି। ତା'ପରେ ମନଇଛା ଧାନ କାଟି ନିଆଯାଉଛି। ସରକାରୀ ଯୋଜନାର ଯେଉଁଭଳି ଦୁରୁପଯୋଗ ସହ ଅର୍ଥ ଆତ୍ମସାତ କରାଯାଉଛି ତାହା ଚିନ୍ତାଜନକ। ଏହାଦ୍ୱାରା ଅନେକ ଚାଷୀ ଜୀବିକା ହରାଇବା ଆଶଙ୍କା ପ୍ରକାଶ ପାଇଛି ବୋଲି କୃଷକ ନେତାମାନେ କହିଥିଲେ। ଏସବୁ ସମସ୍ୟାର ପ୍ରତିକାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆନ୍ଦୋଳନରେ ସଙ୍ଗଠନ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ରାଜ୍ୟ ସହ ସଂଯୋଜକ ରଶ୍ମି ରଞ୍ଜନ ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀ ପ୍ରସାଦ ମହାରଣା, ଜିଲା ସଂଯୋଜକ ଅଶୋକ ସ୍ୱାଇଁ, ଦୁର୍ଗା ଚରଣ ସ୍ୱାଇଁ, ଶରତ ମହାପାତ୍ର ପ୍ରମୁଖ ନେତୃବୃନ୍ଦ ସାମିଲ ହୋଇଥିଲେ ।

## ଭାରସାମ୍ୟ ହରାଇ ଘରେ ଚଢ଼ିଗଲା ବସ୍: ୧୦ ଆହତ

ଜଗତ୍‌ସିଂହପୁର, ୯।୩ (ପ୍ରମୋଦ କୁମାର ନାୟକ)



ଘରେ ଚଢ଼ିଯାଇଥିବା ବସ୍।

ଜଗତ୍‌ସିଂହପୁର-ଜଇପୁର ରାସ୍ତାର ସାଁପୁର ନିକଟରେ ଯୋଗମାୟା ନାମକ ଘରୋଇ ବସ୍ (ନଂ. ଓଡି ୨୧ଜି ୩୮୩୯) ସୋମବାର ପୂର୍ବାହ୍ନରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ଟି ଭାରସାମ୍ୟ ହରାଇ ଏକ ପରିତ୍ୟକ୍ତ ଘରେ ଚଢ଼ିଯିବାରୁ ୧୦ ଜଣ ଆହତ ହୋଇଛନ୍ତି। ସୌଭାଗ୍ୟକୁ କେହି ଗୁରୁତର ହୋଇନାହାନ୍ତି। ଆହତମାନଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିବାବେଳେ ପ୍ରତ୍ୟେକଙ୍କ ଅବସ୍ଥା ଭଲ ରହିଛି। କେଉଁ କାରଣରୁ ବସ୍‌ଟି ଭାରସାମ୍ୟ ହରାଇଲା ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ଷ୍ଟିୟରିଂ କିମ୍ବା ବ୍ରେକ୍ ଫେଲ ଯୋଗୁ ଏଭଳି ଘଟିଥିବା କୁହାଯାଉଛି। ଧକ୍କାରେ ବସ୍‌ର ସମ୍ମୁଖଭାଗ ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ଘରଟିର କାନ୍ଥ ମଧ୍ୟ କେତେକାଂଶରେ ଭାଙ୍ଗିଯାଇଛି। ଏ ସମ୍ପର୍କରେ କେତେଜଣଙ୍କ କହିବା କଥା ହେଲା ପରିସ୍ଥିତି ଦେଖି ଚାଳକ ପରିତ୍ୟକ୍ତ ଘର ଆଡକୁ ବସ୍‌କୁ ମଡାଇ ନେବାରୁ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇ ଦିଆଯାଇ ପାରିଥିଲା। ବସ୍ ଚାଳକ ସୁରକ୍ଷିତ ଭାବେ ଡେଇଁ ପଡ଼ିଥିଲେ। ଏ ସମ୍ପର୍କରେ ଜଗତ୍‌ସିଂହପୁର ଆଇଆଇସି ସରୋଜକାନ୍ତ ସାମଲଙ୍କୁ ପଚାରିବାରୁ ଦୁର୍ଘଟଣା ସମ୍ପର୍କରେ ଖବରପାଇ ପୋଲିସ ସେଠାକୁ ଯାଇଥିଲା। କିନ୍ତୁ ଖବର ଲେଖାହେବା ପର୍ଯ୍ୟନ୍ତ ଏ ସମ୍ପର୍କରେ କେହି ଥାନାରେ ଅଭିଯୋଗ କରି ନ ଥିବାରୁ ମାମଲା ରୁଜୁ ହୋଇନାହିଁ ।

## ୧୩ରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ଜନଶୁଣାଣି

**ଭାଗ ନେବେ କଟକ, ଜଗତ୍‌ସିଂହପୁରର ମହିଳା**

କଟକ, ୯ ।୩(କାର୍ତ୍ତିକ ସାହୁ)

ମହିଳାମାନଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି ନିମନ୍ତେ ଆସନ୍ତା ୧୩ ତାରିଖ ପୂର୍ବାହ୍ନ ୧୦ଟାରେ କଟକସ୍ଥିତ ନେତାଜୀ ସଂସ୍କୃତି ଭବନଠାରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ କଟକ ଓ ଜଗତ୍‌ସିଂହପୁରର ମହିଳା ଅଭିଯୋଗକାରୀ ଅଂଶଗ୍ରହଣ କରିପାରିବେ। ମହିଳାଙ୍କ ଘରୋଇ ହିଂସା, ନିର୍ଯାତନା, ଯୌତୁକ, ସମ୍ପତ୍ତି ବିବାଦ, କାର୍ଯ୍ୟସ୍ଥଳରେ ନିର୍ଯାତନା, ସାଇବର ଅପରାଧ, ପରିତ୍ୟାଗ, ବୈବାହିକ ବିବାଦ, ମହିଳା ଅଧିକାର ଉଲ୍ଲଂଘନ ଏବଂ ମହିଳା କଲ୍ୟାଣ ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ସହିତ ଜଡ଼ିତ ଅଭିଯୋଗର ଶୁଣାଣି କରାଯିବ। ମାମଲାଗୁଡ଼ିକର ଉପସ୍ଥାପନା ଓ ଶୁଣାଣି ପାଇଁ ମହିଳାମାନଙ୍କୁ ଏକ ନିଃଶୁଳ୍କ ପ୍ଲାଟଫର୍ମ ଯୋଗାଇବା ଲକ୍ଷ୍ୟରେ ଜାତୀୟ ମହିଳା ଆୟୋଗ ଏବଂ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ସହଯୋଗରେ ଏହି ଜନଶୁଣାଣି ଅନୁଷ୍ଠିତ ହେଉଛି। ଅଭିଯୋଗଗୁଡିକ ସମାଧାନ ଚାହୁଁଥିବା ସମସ୍ତ ଅଭିଯୋଗକାରିଣୀ ମହିଳା/ପକ୍ଷମାନଙ୍କୁ ଉକ୍ତ ଜନଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିଜ ମାମଲା ଉପସ୍ଥାପନ ସହ ଆୟୋଗ ପକ୍ଷରୁ ନ୍ୟାୟ ପ୍ରଦାନ କାର୍ଯ୍ୟକ୍ରମର ସୁଯୋଗ ନେବାକୁ ଜନସାଧାରଣଙ୍କୁ ଆୟୋଗଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। କୌଣସି ପୀଡ଼ିତା ନୂତନ ଅଭିଯୋଗ ପଞ୍ଜୀକରଣ କରିବାକୁ ଚାହୁଁଥିଲେ ସେ ଉକ୍ତ ଜନଶୁଣାଣିରେ ଉପସ୍ଥିତ ରହି ଆବେଦନ କରିପାରିବେ।

## ଯାଦୁ ପେଡି ପରିବହନ ଅର୍ଥ ପାଉନାହାନ୍ତି ଶିକ୍ଷକ

ନାଉଗାଁ, ୯।୩(ସୁଧା ବେହୁରା)

ନାଉଗାଁ ବ୍ଲକରେ ପ୍ରତ୍ୟେକ ବିଦ୍ୟାଳୟକୁ ସରକାରଙ୍କ ତରଫରୁ ଯାଦୁ ପେଡି ଯୋଗାଇ ଦିଆଯାଇଛି। କିନ୍ତୁ ଏହି ବାବଦକୁ ପରିବହନ ଅର୍ଥ ଶିକ୍ଷକମାନେ ପାଇ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି।

ସରକାରଙ୍କ ନୂତନ ଶିକ୍ଷାନୀତି -୨୦୨୦ ଅନୁଯାୟୀ ଛୋଟ ପିଲାମାନଙ୍କ ପାଇଁ ଯାଦୁ ପେଡିର ପରିକଳ୍ପନା କରାଯାଇଛି। ଏହା ଏକ ଖେଳ ଆଧାରିତ ଶିକ୍ଷଣ ପଦକ୍ଷେପ। ଶିଶୁ ବାଟିକାଠାରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ଏହି କିଟ୍ ପ୍ରଦାନ କରାଯିବ। ଛୋଟ ପିଲାମାନେ ନିଜ ପାରିପାର୍ଶ୍ୱିକ ଅଞ୍ଚଳରେ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ଏହାର ଉପଯୋଗିତା ବିଷୟରେ ଏହି ଯାଦୁ ପେଡିରେ ଥିବା ଖେଳଣାରୁ ଶିକ୍ଷାଲାଭ କରି ପାରିବେ। ପିଲାମାନଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନକୁ ବୃଦ୍ଧି କରିବା ପାଇଁ ଏହାର ଡିଜାଇନ କରାଯାଇଛି। ଜାତୀୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ ଦ୍ୱାରା ଏହାକୁ ବିକଶିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଉକ୍ତ ବ୍ଲକରେ ୬୪ଟି ବିଦ୍ୟାଳୟକୁ ଏହି ଯାଦୁ ପେଡି ପ୍ରଦାନ କରାଯାଇଛି। ଉକ୍ତ ଯାଦୁ ପେଡ଼ିଗୁଡିକ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଗଚ୍ଛିତ ହୋଇ ରହିଥିଲା। ପରବର୍ତ୍ତୀ ସମୟରେ ଏହି ଯାଦୁପେଡିକୁ ମାରେଡା ଉଚ୍ଚବିଦ୍ୟାଳୟକୁ ସ୍ଥାନାନ୍ତର କରାଗଲା। ପରେ ଏହି ବିଦ୍ୟାଳୟରୁ ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷକମାନେ ନିଜ ଗାଡିରେ ଯାଦୁ ପେଡିକୁ ପରିବହନ କରି ନେଇଥିଲେ। ସରକାରଙ୍କ ନିୟମାନୁସାରେ ଯାଦୁ ପେଡିଗୁଡିକୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ପରିବହନ ଖର୍ଚ୍ଚ ବହନ କରାଯାଇ ପ୍ରତି ବିଦ୍ୟାଳୟରେ ପହଞ୍ଚାଯିବ। ଏଥିପାଇଁ ପରିବହନ ଖର୍ଚ୍ଚ ବାବଦକୁ ୨୨ ହଜାର ୨୧୯ ଟଙ୍କାପ୍ରଦାନ କରାଯାଇଛି। ଗତ ଡିସେମ୍ବର ୨୦୨୫ରୁ ଉକ୍ତ ଯାଦୁପେଡି ବଣ୍ଟନ ହୋଇଥିବା ବେଳେ ଏପର୍ଯ୍ୟନ୍ତ ପରିବହନ ଖର୍ଚ୍ଚ ମିଳି ନ ଥିବା କେତେଜଣ ଶିକ୍ଷକ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଏ ବିଷୟରେ ବ୍ଲକ ଶିକ୍ଷାଧିକାରୀ ଦୀଲିପ କୁମାର ବଡ଼ପଣ୍ଡାଙ୍କୁ ପଚାରିବାରେ, ଉକ୍ତ ପେଡି ଆସିବା ସମୟରେ ସେ ଏଠାରେ ଯୋଗ ଦେଇ ନ ଥିଲେ। ତେବେ ଏ ବିଷୟରେ ବୁଝାବୁଝି କରିବା ପରେ ସମାଧାନ କରାଯିବ ବୋଲି କହିଛନ୍ତି।

# ଇଡ୍‌କୋ ଅଧିଗ୍ରହୀତ ଜମିରୁ ବେଆଇନ ମାଟି ଉଠାଣକୁ ବିରୋଧ

କୁଜଙ୍ଗ, ୯।୩(ମନୋଜ ପ୍ରଧାନ)


ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚାଷୀ କମିଟି ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଉଛି।

ଶିଳ୍ପ ପାଇଁ ଇଡ୍‌କୋ ପକ୍ଷରୁ ଅଧିଗୃହୀତ ଜମିରୁ ମାଟି ମାଫିଆମାନେ ବେଆଇନ ଭାବେ ବହୁ କୋଟି ଟଙ୍କାର ମାଟି ଉଠାଇ ବିକ୍ରି କରିବାକୁ ବିରୋଧ କରାଯାଇଛି। ଏନେଇ ସୋମବାର ଚାଷୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପର ଅଂଶବିଶେଷ ନାଫତା କ୍ରାକର ପ୍ରକଳ୍ପ ପାଇଁ ଇଡ୍‌କୋ ପକ୍ଷରୁ କୁଜଙ୍ଗ ତହସିଲ ଅନ୍ତର୍ଗତ ପ୍ରତାପପୁର ଓ ଫତେପୁର ମୌଜାର ପ୍ରାୟ ୭ ଶହ ଏକରରୁ ଉର୍ଦ୍ଧ୍ୱ ଜମି ଅଧି ଗ୍ରହଣ କରାଯାଇଛି । ଉକ୍ତ ଜମି ସବୁ ଆଠଟି ମୌଜା ଯଥାକ୍ରମେ ଫତେପୁର, ପ୍ରତାପପୁର, ଜଳଧରପୁର, ପୋଲେଇ, ଖରିଗୋଠ , ଗନ୍ଧକିପୁର , ସନ୍ତରା ଓ ମଙ୍ଗରାଜପୁର ଗ୍ରାମ ର ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ଚାଷୀଙ୍କର ଥିଲା। ଏହି ସବୁ ଚାଷୀ ମାନେ ଆପତ୍ତି ରଖି ଜମି ବିନିମୟରେ ଅର୍ଥ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ଏହି ଚାଷୀମାନେ ଜମିର ମୂଲ୍ୟ ବାବଦ ଅଧିକ କ୍ଷତି ପୂରଣ ଦାବିରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମୋକଦ୍ଦମା କରିଥିଲେ। ଉଚ୍ଚ ନ୍ୟାୟାଳୟରେ ଚାଷୀମାନଙ୍କର ଆଇନଗତ ବିଜୟ ପରେ ରାଜ୍ୟ ସରକାର ଉକ୍ତ ମକଦ୍ଦମାର ପୁନର୍ବିଚାର ପାଇଁ ରିଭ୍ୟୁପିଟିଶନ ଦାଖଲ କରିଥିଲେ। ଚାଷୀମାନେ ଉକ୍ତ ରିଭ୍ୟୁ ପିଟିଶନ ବିରୋଧରେ ସର୍ବୋଚ୍ଚ ନ୍ୟାୟାଳୟରେ ଆଇନଗତ ଆଶ୍ରୟ ନେଇଛନ୍ତି। ଉକ୍ତ ମକଦ୍ଦମା ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବା ବେଳେ ମାଟି ମାଫିଆମାନଙ୍କ ରାତି ଅଧିଆ ମାଟି ଉଠାଣକୁ ଚାଷୀ କମିଟି କିଛି ଦିନ ତଳେ ବିରୋଧ କରିଥିଲେ। ହେଲେ ମାଫିଆମାନଙ୍କ ରାଜନୈତିକ ଓ ଆର୍ଥିକ ପ୍ରଭାବରେ ଚାଷୀମାନେ ଭୟଭୀତ ହୋଇ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୁଜଙ୍ଗ ତହସିଲଦାରଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି। ସେଥିରେ ଦର୍ଶାଯାଇଛି ଯେ, କଟକ-ପାରାଦୀପ ରେଳ ପଥ ଦୋହରିକରଣ କାର୍ଯ୍ୟ ପାଇଁ ବେଆଇନ ଭାବେ ବିଭିନ୍ନ ସ୍ଥାନରୁ ମାଟି ଉଠାଯାଇ ବିକ୍ରି କରାଯାଉଛି। ମିରିଗିଡିଆକନ୍ଧାର ଜମି ଅଧିଗ୍ରହଣ ନିମନ୍ତେ ସରକାରଙ୍କ ପକ୍ଷରୁ ନୋଟିସ ଜାରି ହୋଇବି ମାଫିଆମାନେ ବ୍ୟାପକ ମାଟି ଉଠାଇ ଚାଲିଛନ୍ତି। ବେଆଇନ ମାଟି ଉଠାଣ ସମ୍ପର୍କରେ ଖବରପାଇ ଫେବୃୟାରୀ ୧୬ରେ କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା ଘଟଣାସ୍ଥଳରେ ପହଞ୍ଚି ୧୭ ଟା ହାଇୱା ଓ ୪ ଟା ପୋକ୍‌ଲିନ ଚିହ୍ନଟ କରିଥିଲେ। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ତହସିଲଦାରଙ୍କ ତାଗିଦ ସତ୍ତ୍ୱେ ମାଟି ମାଫିଆମାନେ ଲଗାମ ଛଡ଼ା ହୋଇ ମାଟି ଉଠାଉଛନ୍ତି। ଏସବୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଚାଷୀ ନେତା ବିକ୍ରମ ରାଉତରାୟ ଦାବି କରିଥିବାବେଳେ ବିକ୍ରମ ରାଉତରାୟ , ନିତ୍ୟାନନ୍ଦ ପ୍ରଧାନ, ପ୍ରିୟବ୍ରତ ରାଉତରାୟ , ଦୀପକ ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରର ନକଲ ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ , ରାଜସ୍ୱ ମନ୍ତ୍ରୀ, ଏମ୍‌ପି , ମୁଖ୍ୟ ଶାସନ ସଚିବ, ଜିଲାପାଳଙ୍କ ନିକଟକୁ ପଠାଯାଇଛି।

ଏ ସମ୍ପର୍କରେ କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା କହିଛନ୍ତି ରେଳପଥ ଦୋହରୀକରଣ କାର୍ଯ୍ୟରେ ୨ ରୁ ୩ ଲକ୍ଷ ଘନ ମିଟର ମାଟ ଆବଶ୍ୟକ। ଯାହାକି ଅନୁମତି ଦେବା ତାଙ୍କ କ୍ଷମତା ବାହାରେ। ତେଣୁ ଜିଲା ଖଣି ଅଧିକାରୀଙ୍କ ନିକଟକୁ ପଠାଇ ଦେଇଛନ୍ତି। ଅନ୍ୟପଟେ ବେଆଇନ ମାଟି ଉଠା କାର୍ଯ୍ୟରେ ନିୟୋଜିତ ଥିବା ୧୭ ଟି ଚିହ୍ନଟ ହାଇୱା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲା ଖଣି ଅଧିକାରୀଙ୍କୁ ଅବଗତ କରାଯାଇଥିବା ବେହେରା କହିଥିଲେ।

**ବିଧାନସଭାରେ ଜଗତ୍‌ସିଂହପୁର ସମ୍ପର୍କିତ ପ୍ରଶ୍ନର ମୁଖ୍ୟମନ୍ତ୍ରୀଙ୍କ ଉତ୍ତର**

## ୫ ବର୍ଷରେ ୧୫୨ ହତ୍ୟା ମାମଲା: ୫ ଦଣ୍ଡବିଧାନ

ଜଗତ୍‌ସିଂହପୁର, ୯।୩ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାରେ ବିଗତ ୫ ବର୍ଷରେ କେତେ ଜଣ ହତ୍ୟା ହୋଇଛନ୍ତି ସେ ସମ୍ପର୍କିତ ତଥ୍ୟ ବର୍ଷୱାରୀ ଏବଂ ନିର୍ବାଚନ ମଣ୍ଡଳୀୱାରୀ ଦେବାକୁ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ବିଧାନସଭାରେ ଜାଣିବାକୁ ଚାହିଁଥିଲେ। ଏହାର ଉତ୍ତର ଦେବାକୁ ଯାଇ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ୨୦୨୧ରୁ ୨୫ ମଧ୍ୟରେ ଜଗତ୍‌ସିଂହପୁର ଜିଲାରେ ମୋଟ ୧୫୨ଟି ହତ୍ୟା ମାମଲା ରୁଜୁ ହୋଇଛି। ସେଥିରୁ ୫ଟି ମାମଲାରେ ଦଣ୍ଡବିଧାନ କରାଯାଇଛି। ୨୦୨୧ରେ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୨ଟି ହତ୍ୟା ମାମଲା ରୁଜୁ ହୋଇଥିଲା। ସେହିପରି ପାରାଦୀପ ବିଧାନସଭା ଆସନରେ ୯, ବାଲିକୁଦା-ଏରସମା ୧୦, ତିର୍ତ୍ତୋଲ ୯ ଏହିପରି ମୋଟ ୪୦ଟି ହତ୍ୟା ମାମଲା ରୁଜୁ ହୋଇଥିଲା। ସେଥିମଧ୍ୟରୁ ବାଲିକୁଦା-ଏରସମାର ୨ଟି ମାମଲାରେ ଦଣ୍ଡବିଧାନ କରାଯାଇଛି।

୨୦୨୨ରେ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୯ଟି ହତ୍ୟା, ପାରାଦୀପ ୩, ବାଲିକୁଦା-ଏରସମା ୧୦, ତିର୍ତ୍ତୋଲ ୯ ଏହିପରି ମୋଟ ୩୧ଟି ହତ୍ୟା ମାମଲା ରୁଜୁ ହୋଇଛି। ସେଥିରୁ କୌଣସି ମାମଲାରେ ଦଣ୍ଡବିଧାନ କରାଯାଇନାହିଁ । ୨୦୨୩ରେ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୧ଟି ହତ୍ୟା, ପାରାଦୀପ ୪, ବାଲିକୁଦା-ଏରସମା ୮, ତିର୍ତ୍ତୋଲ ୭, ଏହିପରି ମୋଟ ୩୦ଟି ହତ୍ୟା ମାମଲା ରୁଜୁ ହୋଇଛି। ସେଥିରୁ ଜଗତ୍‌ସିଂହପୁରର ୧, ବାଲିକୁଦା-ଏରସମାର ୧, ତିର୍ତ୍ତୋଲର ୧ଟି ମାମଲା ଉପରେ ଦଣ୍ଡବିଧାନ କରାଯାଇଛି। ୨୦୨୪ରେ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୭ଟି ହତ୍ୟା, ପାରାଦୀପ ୧୫, ବାଲିକୁଦା-ଏରସମା ୭, ତିର୍ତ୍ତୋଲ ୫, ଏହିପରି ମୋଟ ୩୧ଟି ହତ୍ୟା ମାମଲା ରୁଜୁ କରାଯାଇଛି। ସେଥିରୁ ଗୋଟିଏରେ ମଧ୍ୟ ଦଣ୍ଡବିଧାନ ହୋଇପାରିନାହିଁ। ୨୦୨୫ରେ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୩ଟି ହତ୍ୟା, ପାରାଦୀପ ୫, ବାଲିକୁଦା-ଏରସମା ୪, ତିର୍ତ୍ତୋଲ ୮, ମୋଟ ୨୦ଟି ହତ୍ୟା ମାମଲା ରୁଜୁ କରାଯାଇଛି। କୌଣସି ଦଣ୍ଡବିଧାନ ହୋଇ ନ ଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୫ ବର୍ଷରେ ୩୯୨ ବଳାତ୍କାର ମାମଲା: ୧୫ ଦଣ୍ଡବିଧାନ

ଜଗତ୍‌ସିଂହପୁର, ୯।୩ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାରେ ବିଗତ ୫ ବର୍ଷରେ କେତେ ଜଣ ବଳାତ୍କାରର ଶିକାର ହୋଇଛନ୍ତି ସେ ସମ୍ପର୍କିତ ତଥ୍ୟ ବର୍ଷୱାରୀ ଏବଂ ନିର୍ବାଚନ ମଣ୍ଡଳୀୱାରୀ ଦେବାକୁ ବିଧାୟକ ଅମରେନ୍ଦ୍ର ଦାସ ବିଧାନସଭାରେ ଜାଣିବାକୁ ଚାହିଁଥିଲେ। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୨୧ରୁ ୨୫ ମଧ୍ୟରେ ଜଗତ୍‌ସିଂହପୁର ଜିଲାରେ ମୋଟ ଉପରେ ୩୯୨ଟି ବଳାତ୍କାର ମାମଲା ରୁଜୁ ହୋଇଛି । ସେଥିରୁ ମାତ୍ର ୧୫ଟିରେ ଦଣ୍ଡବିଧାନ ସମ୍ଭବ ହୋଇପାରିଛି । ୨୦୨୧ରେ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୩ଟି ହତ୍ୟା ମାମଲା ରୁଜୁ ହୋଇଥିଲା। ପାରାଦୀପ ବିଧାନସଭାରେ ୨୫, ବାଲିକୁଦା-ଏରସମା ୧୭, ତିର୍ତ୍ତୋଲ ୨୪, ଏହିପରି ମୋଟ ୭୯ଟି ବଳାତ୍କାର ମାମଲା ରୁଜୁ ହୋଇଥିଲା । ସେଥିରୁ ଜଗତ୍‌ସିଂହପୁରର ୧, ପାରାଦୀପ ୨, ବାଲିକୁଦା-ଏରସମା ୨, ତିର୍ତ୍ତୋଲର ୨ଟି, ଏହିପରି ୭ଟି ମାମଲାରେ ଦଣ୍ଡବିଧାନ କରାଯାଇଛି। ୨୦୨୨ରେ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୮ଟି ବଳାତ୍କାର, ପାରାଦୀପ ୧୩, ବାଲିକୁଦା-ଏରସମା ୧୨, ତିର୍ତ୍ତୋଲ ୧୭, ଏହିପରି ମୋଟ ୬୦ଟି ବଳାତ୍କାର ମାମଲା ହୋଇଛି । ସେଥିରୁ ଜଗତ୍‌ସିଂହପୁରର ୧ ଓ ତିର୍ତ୍ତୋଲର ୧, ଏହିପରି ମୋଟ ୨ଟି ମାମଲା ଉପରେ ଦଣ୍ଡବିଧାନ ସମ୍ଭବ ହୋଇଛି। ୨୦୨୩ରେ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୮ଟି ବଳାତ୍କାର, ପାରାଦୀପ ୧୩, ବାଲିକୁଦା-ଏରସମା ୨୪, ତିର୍ତ୍ତୋଲ ୨୨, ଏହିପରି ମୋଟ ୭୭ଟି ବଳାତ୍କାର ମାମଲା ହୋଇଛି। ସେଥିରୁ ଜଗତ୍‌ସିଂହପୁରର ୧ ଓ ତିର୍ତ୍ତୋଲର ୩, ଏହିପରି ୪ଟି ମାମଲା ଉପରେ ଦଣ୍ଡବିଧାନ କରାଯାଇଛି । ୨୦୨୪ରେ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୪ ବଳାତ୍କାର, ପାରାଦୀପ ୨୨, ବାଲିକୁଦା-ଏରସମା ୨୭, ତିର୍ତ୍ତୋଲ ୨୫, ଏହିପରି ମୋଟ ୯୮ଟି ବଳାତ୍କାର ମାମଲା କରାଯାଇଛି। ସେଥିରୁ ଜଗତ୍‌ସିଂହପୁରର ୧ ଓ ତିର୍ତ୍ତୋଲର ୧ଟି ମାମଲା ଉପରେ ଦଣ୍ଡବିଧାନ ହୋଇପାରିଛି । ୨୦୨୫ରେ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୯ବଳାତ୍କାର, ପାରାଦୀପ ୨୩, ବାଲିକୁଦା-ଏରସମା ୧୯, ତିର୍ତ୍ତୋଲ ୧୭, ମୋଟ ୯୮ଟି ବଳାତ୍କାର ମାମଲା ରୁଜୁ କରାଯାଇଛି। ସେଥିମଧ୍ୟରୁ ଗୋଟିଏରେ ଦଣ୍ଡବିଧାନ ହୋଇ ନ ଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୫ ବର୍ଷରେ ୮୬୯ ବାଳିକା ନିଖୋଜ

ଜଗତ୍‌ସିଂହପୁର, ୯।୩ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାରେ ବିଗତ ୫ ବର୍ଷରେ କେତେ ଜଣ ବାଳିକା ନିଖୋଜ ହୋଇଛନ୍ତି ସେ ସମ୍ପର୍କିତ ତଥ୍ୟ ବର୍ଷୱାରୀ ଏବଂ ନିର୍ବାଚନ ମଣ୍ଡଳୀୱାରୀ ଦେବାକୁ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ବିଧାନସଭାରେ ଲିଖିତ ଭାବେ ଜାଣିବାକୁ ଚାହିଁଥିଲେ।। ଏହାର ଉତ୍ତର ଦେବାକୁ ଯାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ୨୦୨୧ରୁ ୨୫ ମଧ୍ୟରେ ଜଗତ୍‌ସିଂହପୁର ଜିଲାରେ ମୋଟ ଉପରେ ୮୬୯ ଜଣ ବାଳିକା ନିଖୋଜ ହୋଇଥିବାବେଳେ ୮୫୬ ଜଣଙ୍କୁ ଉଦ୍ଧାର ସମ୍ଭବ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଏହି ଉତ୍ତର ମିଳିବା ପରେ ୨୦୨୧ ଓ ୨୦୨୨ରେ ନିଖୋଜ ହୋଇଥିବା ଯୁବତୀମାନଙ୍କ ମଧ୍ୟରୁ ୧୩ ଜଣଙ୍କ ପତ୍ତା ମିଳି ନ ଥିବା ଜଣାପଡିଛି।

୨୦୨୧ରେ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୩୫ ଜଣ ବାଳିକା ନିଖୋଜ ହୋଇଥିଲେ। ସେହିପରି ପାରାଦୀପ ବିଧାନସଭା ଆସନରେ ୩୬, ବାଲିକୁଦା-ଏରସମା ୪୩, ତିର୍ତ୍ତୋଲ ୪୫, ଏହିପରି ମୋଟ ୧୫୯ ଜଣ ନିଖୋଜ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଗତ୍‌ସିଂହପୁର, ପାରାଦୀପ ବିଧାନସଭା ଆସନରୁ ନିଖୋଜ ପ୍ରତ୍ୟେକ ଉଦ୍ଧାର ହୋଇଛନ୍ତି। କିନ୍ତୁ ବାଲିକୁଦା-ଏରସମାର ନିଖୋଜଙ୍କ ମଧ୍ୟରୁ ୧ ଓ ତିର୍ତ୍ତୋଲରୁ ୨ ଜଣଙ୍କ ପତ୍ତା ଏ ପର୍ଯ୍ୟନ୍ତ ମିଳିପାରିନାହିଁ। ସେହିପରି ୨୦୨୨ରେ ଜଗତ୍‌ସିଂହପୁର ବିଧାନସଭା ଆସନରେ ୩୯, ପାରାଦୀପ ୪୭, ବାଲିକୁଦା-ଏରସମା ୪୧, ତିର୍ତ୍ତୋଲ ୩୩, ଏହିପରି ମୋଟ ୧୬୦ ଜଣ ଯୁବତୀ ନିଖୋଜ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଗତ୍‌ସିଂହପୁରର ୬, ପାରାଦୀପ ୧, ବାଲିକୁଦା-ଏରସମା ଆସନର ୨ ଜଣଙ୍କ ଏ ପର୍ଯ୍ୟନ୍ତ ସନ୍ଧାନ କରିବା ସମ୍ଭବ ହୋଇପାରିନାହିଁ। ୨୦୨୩ରେ ଜଗତ୍‌ସିଂହପୁର ବିଧାନସଭା ଆସନରେ ୨୬, ପାରାଦୀପ ୬୦, ବାଲିକୁଦା-ଏରସମା ୩୩, ତିର୍ତ୍ତୋଲ ୫୭, ଏହିପରି ମୋଟ୍ ୧୭୬ ଜଣ ଯୁବତୀ ନିଖୋଜ ହୋଇଥିଲେ। ସୌଭାଗ୍ୟ ପ୍ରତ୍ୟେକ ଉଦ୍ଧାର ହୋଇପାରିଛନ୍ତି। ୨୦୨୪ରେ ଜଗତ୍‌ସିଂହପୁର ବିଧାନସଭା ଆସନରେ ୪୦, ପାରାଦୀପ ୫୨, ବାଲିକୁଦା-ଏରସମା ୫୦, ତିର୍ତ୍ତୋଲ ୫୮ ଏହିପରି ମୋଟ ୨୦୦ ଜଣ ଯୁବତୀ ନିଖୋଜ ହୋଇଥିବାବେଳେ ପ୍ରତ୍ୟେକଙ୍କୁ ଉଦ୍ଧାର କରାଯାଇଛି। ୨୦୨୫ରେ ଜଗତ୍‌ସିଂହପୁର ବିଧାନସଭା ଆସନରେ ୫୫, ପାରାଦୀପ ୨୩, ବାଲିକୁଦା-ଏରସମା ୫୫, ତିର୍ତ୍ତୋଲ ୪୧, ଏହିପରି ମୋଟ ୧୭୪ ଜଣ ଯୁବତୀ ନିଖୋଜ ହୋଇଥିବା ବିଭିନ୍ନ ଥାନାରେ ରିପୋର୍ଟ ହୋଇଥିଲା। କିନ୍ତୁ ପ୍ରତ୍ୟେକଙ୍କୁ ପୋଲିସ ଉଦ୍ଧାର କରିଛି।

## 'ମେଡିକାଲ କଲେଜ ଭୂମିପୂଜନ ଖୁବଶୀଘ୍ର'

**ଉତ୍ତର ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ**

ଜଗତ୍‌ସିଂହପୁର, ୯।୩ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାରେ ଏକ ମେଡିକାଲ କଲେଜ କରିବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏନେଇ ୨୦୨୫-୨୬ ବଜେଟରେ ଘୋଷଣା କରାଯାଇଥିଲା। ଏଥିନିମନ୍ତେ ଜଗତ୍‌ସିଂହପୁରରେ ଖୁବଶୀଘ୍ର ଭୂମିପୂଜନ କାର୍ଯ୍ୟ କରାଯିବ। ବିଧାନସଭାରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ପ୍ରଶ୍ନର ଉତ୍ତର ଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହା କହିଛନ୍ତି । ବିଧାୟକ ଦାସଙ୍କ ଅନ୍ୟ ଏକ ପ୍ରସଙ୍ଗ ଉପରେ ମନ୍ତ୍ରୀ କହିଥିଲେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଉଟସୋର୍ସିଂ ଏଜେନ୍ସିଙ୍କ ପ୍ରାପ୍ୟ ମିଳିବାରେ ବିଳମ୍ବ ସମ୍ପର୍କରେ ଅଭିଯୋଗ ହସ୍ତଗତ ହୋଇଛି। ଏହି ସମସ୍ୟାର କିପରି ସମାଧାନ ହେବ ଏବଂ ସେମାନେ ଇପିଏଫ୍‌ରେ ଭାଗିଦାରୀ ହୋଇପାରିବେ ତା'ଉପରେ ଚିନ୍ତା କରାଯାଉଛି।

# ‘ରାତି ପାହିଲେ ନାରାୟଣ ମରିବେ’, ଅର୍ଗଳିରେ ବେକ ଉନ୍ମୋଚିତ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

**ପଟ୍ଟାମୁଣ୍ଡାଇ,୯।୩(କଳ୍ପତରୁ ନାୟକ)**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ପୌର ଅଡିଟୋରିୟମ୍ ଭବନରେ କର୍ମକାଣ୍ଡ ନିପୁଣ ଓ କଳା ସାହିତ୍ୟର ପୁରୋହିତ ଭିକାରୀ ଚରଣ ଦାସଙ୍କ ପୁରାଣ ଗଳ୍ପ ‘ରାତି ପାହିଲେ ନାରାୟଣ ମରିବେ’ ପୁସ୍ତକ ରବିବାର ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଗାଳ୍ପିକା ଅବନ୍ତୀ ବେହେରାଙ୍କ ପୁସ୍ତକ ‘ଅର୍ଗଳିରେ ବେକ’ ମଧ୍ୟ ଉନ୍ମୋଚିତ ହେବା ସହିତ ବାପା ଉପରେ ଆଧାରିତ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଜନସମ୍ପର୍କ ଅଧିକାରୀ ନିରାକାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଏମ୍ପି ଡ଼. ପ୍ରସନ୍ନ କୁମାର ପାଟସାହାଣୀ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । କେନ୍ଦ୍ରାପଡ଼ା ବୌଦ୍ଧିକ ବିକାଶ ମଞ୍ଚ ସଭାପତି ରଣଧୀର ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ପଦ୍ମଲୋଚନ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ରାଉତ, ଔପନ୍ୟାସିକ ପବିତ୍ର ପାଣିଗ୍ରାହୀ, ଓଡ଼ିଶା ଲୋକସେବା ଭବନର ଅବସରପ୍ରାପ୍ତ ଶାଖା ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଦାସ. ବିଶିଷ୍ଟ ସାହିତ୍ୟିକ ଡକ୍ଟର ମିହିର ସାହୁ, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ସାମାଜିକକର୍ମୀ ଗୋପୀନାଥ ତ୍ରିପାଠୀ ଯୋଗ ଦେଇଥିବା ବେଳେ ବରେଣ୍ୟ ଅତିଥ୍ୟ କେନ୍ଦ୍ରାପଡ଼ା ଜିଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି, ବିଶିଷ୍ଟ ଅତିଥି ବେଲେଶ୍ୱର ସାହିତ୍ୟ ସଂସଦ ସଭାପତି ବ୍ରଜବନ୍ଧୁ ଦାଶ ପ୍ରମୁଖ ଯୋଗଦେଇ ନିଜ ନିଜ ଅଭିଭାଷଣ ରଖିଥିଲେ । ମୁଖ୍ୟବକ୍ତା ଭାବେ ଇଣ୍ଟରନ୍ୟାସ୍‌ନାଲ୍ ଗୀତା ମିଶନ୍ ଅଧ୍ୟକ୍ଷ ଡକ୍ଟର ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ ତାଙ୍କ ଆଶୀର୍ବଚନରେ ଉପସ୍ଥିତ କବି, ଗାଳ୍ପିକ ଓ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ।

ଏଥିରେ ସମ୍ମାନନୀୟ ଅତିଥି କଥାକାର ଓ ପ୍ରାବନ୍ଧିକା ଡକ୍ଟର ବାସନ୍ତୀ ମହାନ୍ତି ଓ ଅବସରପ୍ରାପ୍ତ ଶିକ୍ଷକ ଶଚୀ ନନ୍ଦନ ଦାସ ନିଜ ନିଜର ଅଭିଭାଷଣ ରଖିଥିଲେ । ଏହି କାର୍ଯ୍ୟକ୍ରମରେ କବି ଆରାଧନା ଦାଶ, ଚାରୁଲତା ଭୂୟାଁ, ନଳିନୀପ୍ରଭା ଦାଶ,ଅଶୋକ ପରିଡା, ଅକ୍ଷୟ ରାଉତ,ନୃସିଂହ ତରାଇ, ଶୁଭ୍ରାଂଶୁ ଦାସ ମଞ୍ଚାସୀନ ଥିଲେ। ସକାଳ ୯ଟାରୁ ଉତ୍ସବର ବିଭିନ୍ନ ମଞ୍ଚରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ସଭା ପ୍ରାରମ୍ଭରେ ଦୀପ ପ୍ରଜ୍ୱଳନ, ଭଉଣୀମାନେ ଭକ୍ତି ସଙ୍ଗୀତ ପରିବେଷଣ ସହ ବାପା ଉପରେ ଆଧାରିତ କବିତା ପଠନ କରାଯାଇଥିଲା । ଶେଷରେ ବେଲେଶ୍ୱର ସାହିତ୍ୟ ସଂସଦ ସମ୍ପାଦକ ପ୍ରମୋଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୨ ପ୍ରସୂତୀ ମହିଳାଙ୍କୁ ରକ୍ତଦାନ କରି ସମ୍ବର୍ଦ୍ଧିତ



ସମ୍ବର୍ଦ୍ଧନା ସଭାରେ ଅତିଥିଙ୍କ ସହ ଛାତ୍ରୀଛାତ୍ର ।

**ଡେରାବିଶ,୯।୩(ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ କୁଶିଆପାଳ ଓ ଗୁଆଳସିଂ ପଞ୍ଚାୟତ ମଧ୍ୟସ୍ଥଳୀରେ ଅବସ୍ଥିତ ‘ଦି ଇନ୍‌ଷ୍ଟିଟ୍ୟୁଟ୍ ଅଫ୍ ଟୋଟାଲ୍ ଫିଟ୍‌ନେସ୍ ଆଣ୍ଡ ଷ୍ଟ୍ରେସ୍ ମ୍ୟାନେଜମେଣ୍ଟ ତରଫରୁ ଦୁଇ ପ୍ରସୂତୀ ମହିଳାଙ୍କୁ ରକ୍ତଦାନ କରି ଉଭୟ ମା’ ଓ ଶିଶୁର ଜୀବନ ବଞ୍ଚାଇଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ଏହି ଅବସରରେ ସୋମବାର ଅନୁଷ୍ଠାନ ପ୍ରତିଷ୍ଠାତା ଓ ପରିଚାଳକ ସୁବେଦାର ମେଜର ବ୍ରଜକିଶୋର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ କସ୍ତୁରୀ ଚରଣ ପାତ୍ର, ମୁଖ୍ୟବକ୍ତା କାଙ୍ଗାଳି ଚରଣ ବାରିକ, ସମ୍ମାନିତ ଅତିଥି ଶିକ୍ଷାବିତ୍ ଦିବାକର ନାୟକ, ଅଭୟ କୁମାର ଲେଙ୍କା, ସୁରେନ୍ଦ୍ର କୁମାର ସାହୁ, ନାରାୟଣ ଚନ୍ଦ୍ର ଜେନା, ପ୍ରଦୀପ କୁମାର ପାତ୍ର, ଅକ୍ଷୟ କୁମାର ସାହୁ, ଉମେଶ ଚନ୍ଦ୍ର ସାମନ୍ତରାୟ, ସୁଶାନ୍ତ କୁମାର ସ୍ୱାଇଁ, ଆଦିକନ୍ଦ ସ୍ୱାଇଁ, ଦିଲ୍ଲିପ ବେହେରା ଓ ସସ୍ମିତା ନାୟକ ପ୍ରମୁଖ ଉପସ୍ଥିତ ରହି ରକ୍ତଦାନର ଉପକାରିତା ସମ୍ପର୍କରେ ବୁଝାଇଥିଲେ ।

ଏହି ଅବସରରେ ରକ୍ତଦାନ କରି ଦୁଇଜଣ ପ୍ରସୁତୀ ଓ ସେମାନଙ୍କ ନବଜାତ ଶିଶୁଙ୍କ ଜୀବନ ବଞ୍ଚାଇଥିବା ମନୋଲିସା ନାୟକ, ବିଶାଳ କୁମାର ଗୁପ୍ତା, ସତ୍ୟନାରାୟଣ ରାଉତ ଓ ବାପିନା ନାଥଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ତାଙ୍କର ଏହି ମହାନ କାର୍ଯ୍ୟପାଇଁ ସେମାନେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜନ୍ତୁ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଉପସ୍ଥିତ ଥିବା ବେଳେ ଅନୁଷ୍ଠାନ ଛାତ୍ର ଶଶିପ୍ରସାଦ ମହାରଣା, ଡଲି ମଳିକ, ଦେବଜାନୀ ବେହେରା ଓ ଭାଗବତ ଜେନା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଅବସରକାଳୀନ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ଶିକ୍ଷକଙ୍କ ସହ ଅତିଥି ।

**ଡେରାବିଶ, ୯।୩ (ବେବର୍ତ୍ତା ଅଜୟ ଦାସ):**ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ମୁଣ୍ଡାଲୋ ସ୍ଥିତ ରାମଚଣ୍ଡୀ ସଂସ୍କୃତ ବିଦ୍ୟାଳୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜକିଶୋର ମହାନ୍ତିଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅଧ୍ୟାପକ ରମେଶ ଚନ୍ଦ୍ର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ,ଜ୍ୟୋତିର୍ବିଦ ପଣ୍ଡିତ କରୁଣାକର ମିଶ୍ର ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ପଣ୍ଡିତ ଧୀରେନ୍ଦ୍ରନାଥ ମିଶ୍ର ଓ ଶିକ୍ଷୟିତ୍ରୀ ସୁରମା ନନ୍ଦ, ଅଶୋକ କୁମାର ଲେଙ୍କା, ଜ୍ଞାନେନ୍ଦ୍ର କୁମାର ମିଶ୍ର, ପ୍ରଶାନ୍ତ କୁମାର ପଣ୍ଡା, ପ୍ରଫୁଲ୍ଲ କୁମାର ନାୟକ,ଫଙ୍କଜିନୀ ଲେଙ୍କା, ଲୋକନାଥ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଅବସର ଗ୍ରହଣ କରିଥିବା ମହାନ୍ତିଙ୍କ କର୍ମମୟ ଜୀବନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ପକ୍ଷରୁ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ତାଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ କଳ୍ପତରୁ ନାୟକ, ରୀନା ମିଶ୍ର, ଅଧ୍ୟାପକ ନିଶିକାନ୍ତ ପଣ୍ଡା, କୈଳାସ ଚନ୍ଦ୍ର ରଥ, ହରପ୍ରିୟା ପରିଡ଼ା, ଡ଼. ମନୋରଞ୍ଜନ ନାୟକ, ଦିଲ୍ଲିପ କୁମାର ନାୟକ, ତପନ କୁମାର ସାହୁ ଓ କୈଳାସ ଚନ୍ଦ୍ର ନାୟକ ପ୍ରମୁଖ ପରିଚାଳନା କରିଥିବା ବେଳେ ପ୍ରଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତାରୁ ଅବରୋଧ ହଟାଇବା ପାଇଁ ପ୍ରଶାସନର ଚଢ଼ାଉ

ରାଜନଗର,୯।୩(ଭାସ୍କର ରାଉତରାୟ):ରାଜନଗର ବ୍ଲକ ସଦର ମହକୁମାରେ ବେଆଇନ ଭାବେ ସରକାରୀ ଜାଗା ଓ ପଥ ଅବରୋଧ ଯୋଗୁ ସାଧାରଣ ଲୋକ ଅସୁବିଧାର ସମ୍ମୁଖୀନ ହେଉଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଏପରିକି ଘରବାରି କିସମ ପରିବର୍ତ୍ତନ ହୋଇଥିବା ପ୍ଲଟକୁ ରାସ୍ତା ଅବରୋଧ କରି ବେଆଇନ ଭାବେ କୋଠାଘର ନିର୍ମାଣ ହେଉଥିବା ନେଇ ପ୍ରଶାନ୍ତ କୁମାର ହାତୀ ସ୍ଥାନୀୟ ତହସିଲଦାର ଯିଶୁକ୍ରିଷ୍ଟ ଦାସଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଏହାର ତଦନ୍ତ ପାଇଁ ସଦର ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ନିରୀକ୍ଷକ ବିଚିତ୍ରାନନ୍ଦ ସାହୁ ଘଟଣାସ୍ଥଳକୁ ଯାଇ ସରଜମିନ ତଦନ୍ତ କରି ଗୋପାଳ ମଣ୍ଡଳ ଦୁଇ ଡିସିମିଲ ସରକାରୀ ଜାଗା ଅବରୋଧ କରି ପକ୍କା ଗୃହ ନିର୍ମାଣ କରୁଥିବାରୁ ହାତୀଙ୍କ ଘରବାରୀ ପ୍ଲଟକୁ ପଥ ଅବରୋଧ ହେଉଥିବା ଜଣାଇବାରୁ ତହସିଲଦାର ଦାସ ଘର ନିର୍ମାଣ ବନ୍ଦ କରିବାକୁ ନୋଟିସ ଦେଇଥିଲେ। ନୋଟିସ ଅବମାନନା କରିବାରୁ ସୋମବାର ତହସିଲଦାର ଦାସ ପୋଲିସ ନେଇ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେଠାରୁ ଫେରିବା ବେଳେ ବଜାରରେ ରାସ୍ତା ଉପରେ ବାଇକ୍ ରଖିବା,ପାର୍ଶ୍ୱରେ ଶୁଖୁଆ ବିକିବା,ଉଠା ଦୋକାନ ପକାଇ ରାସ୍ତା ଅବରୋଧ କରିଥିବା ଦୋକାନୀମାନଙ୍କୁ ହଟାଇ ଦେଇଥିବା ଦେଖିବାକୁ ମିଳିଥିଲା। ରାଜସ୍ୱ ଓ ପୋଲିସ ପ୍ରଶାସନ ରାସ୍ତା ଅବରୋଧକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାରୁ ସାଧାରଣରେ ଆନନ୍ଦ ପ୍ରକାଶ ପାଇଥିବା ପରିଲକ୍ଷିତ ହୋଇଥିଲା ଓ ପ୍ରଶାସନର ଏଭଳି ନିଷ୍ପତିକୁ ସମର୍ଥନ କରୁଥିବା ଦେଖିବାକୁ ମିଳିଥିଲା।

# ବନବିଭାଗର ସାମୁଦ୍ରିକ ପ୍ରାଣୀ ସଂରକ୍ଷଣ ପାଇଁ ସଚେତନତା




ଅତିଥିମାନେ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କରେ ସଚେତନ କରୁଛନ୍ତି ।

ରାଜନଗର,୯।୩(ଭାସ୍କର ରାଉତରାୟ): ରାଜନଗର ବ୍ଲକ କନିକା ବନାଞ୍ଚଳ ଅଧୀନରେ ଥିବା ଡାଙ୍ଗମାଳ ସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନ ପରିସରରେ ସାମୁଦ୍ରିକ ପ୍ରାଣୀ ସଂରକ୍ଷଣ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।କିପରି ସାମୁଦ୍ରିକ ଜୀବ ମାନଙ୍କର ସୁରକ୍ଷା ହୋଇପାରିବ ସେଦିଗ ପ୍ରତି ବିଶେଷ ଆଲୋକପାତ କରାଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଡି.ସି.ଏଫ ଅରବିନ୍ଦ ମିଶ୍ର, ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସ , ରିସର୍ଚ୍ଚ ଆସିଷ୍ଟାଣ୍ଟ ପ୍ରସନ୍ନ କୁମାର ନାୟକ ପ୍ରମୁଖ ଯୋଗ ଦେଇ ସାମୁଦ୍ରିକ ପ୍ରାଣୀ ମାନଙ୍କୁ ସୁରକ୍ଷା ଦେବା ସହିତ ସେମାନଙ୍କ କୌଣସି କ୍ଷତି ନକରିବା ପାଇଁ ଶପଥ ନେଇଥିଲେ ।ଏଥିରେ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଗଣ, ସ୍ଥାନିୟ ମତ୍ସ୍ୟଜୀବୀ , ସ୍କୁଲ ଶିକ୍ଷକ- ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଙ୍କ ସମେତ ବନବିଭାଗର ସମସ୍ତ କର୍ମଚାରୀମାନେ ଯୋଗଦେଇଥିଲେ ।

# ଭୁବନେଶ୍ୱର ରେଳ ଷ୍ଟେଶନ୍‌ରୁ ମହିଳା ନିଖୋଜ

ଯାଜପୁର ଟାଉନ, ୯।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) : ଯାଜପୁର ଜିଲା ଦଶରଥପୁର ବ୍ଲକ୍ ଅନ୍ତର୍ଗତ ଅହିୟାସ ଗ୍ରାମର ପ୍ରଶାନ୍ତ କୁମାର ମିଶ୍ରଙ୍କ ସ୍ତ୍ରୀ ସସ୍ମିତା ମିଶ୍ର (୪୦) ୭ ତାରିଖ ଅପରାହ୍ନ ୧ଟାରେ ଭୁବନେଶ୍ୱର ରେଳ ଷ୍ଟେଶନ୍‌ରୁ କେଉଁ ଆଡେ ନିଖୋଜ ହୋଇଯାଇଛନ୍ତି। ବହୁ ଖୋଜାଖୋଜି କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଦୀର୍ଘ ୧୯ବର୍ଷ ତଳେ ସେ ପ୍ରଶାନ୍ତଙ୍କୁ ବିବାହ କରିଥିଲେ। ତାଙ୍କର ୪ ଝିଅ ଅଛନ୍ତି। ଯଦି କୌଣସି ବ୍ୟକ୍ତି ତାଙ୍କ ବିଷୟରେ ସନ୍ଧାନ ପାଆନ୍ତି ତେବେ ଏହି ମୋବାଇଲ ନଂ. ୭୨୦୪୪୭୬୮୧୯ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ହୃଦ୍‌ଘାତରେ ବୃଦ୍ଧଙ୍କ ମୃତ୍ୟୁ

ଆଳି,୯।୩(ବନମାଳୀ ସେନାପତି ):ଆଳି ତହସିଲ ରାସ୍ତାରେ ସୋମବାର ଦିନ ପୂର୍ବାହ୍ନରେ ସିଙ୍ଗିରି ଅଞ୍ଚଳର ଜଣେ ବ୍ୟକ୍ତିଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ଆଳି ସିଙ୍ଗିରି ଗ୍ରାମର ବିପିନ ସେନାପତି (୬୪) । ବିପିନ ସୋମବାର ସକାଳେ ସ୍କୁଟି ନେଇ ଆଳି ଆସିଥିଲେ । ଆଳି ତହସିଲ ରାସ୍ତାରେ କୌଣସି କାମ ସାରି ଏକ ଦୋକାନ ନିକଟରେ ଠିଆ ହୋଇଥିଲେ । ତହସିଲ ରୋଡ଼ର ମଧ୍ୟ ଭିଡ଼ ଲାଗି ରହିଥାଏ । ବିଭିନ୍ନ ଅଞ୍ଚଳରୁ ଲୋକମାନେ ତହସିଲ କାର୍ଯ୍ୟାଳୟକୁ ଆସିଥାନ୍ତି। ସମସ୍ତେ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ଥାଆନ୍ତି। ଏହି ଭିଡ଼ ମଧ୍ୟରେ ବିପିନ ସ୍କୁଟି ନେଇ ତହସିଲ ରୋଡ଼ରେ ଥିବା ଏକ ହୋଟେଲ ନିକଟରେ ରଖି ସ୍କୁଟି ଉପରେ ବସିଥିଲେ। କିଛି ସମୟ ମଧ୍ୟରେ ଧୀରେ ଧୀରେ ତଳେ ପଡି ଯାଇ ଚେତା ହରାଇ ବସିଥିଲେ । କିଛି ସମୟ ମଧ୍ୟରେ ସ୍ଥାନୀୟ ଲୋକ ସେଠାରେ ରୁଣ୍ଡ ହୋଇଥିଲେ। ଖବର ପାଇ ଆଳି ପୋଲିସ ସେଠାରେ ପହଞ୍ଚି ଆମ୍ବୁଲାନ୍ସରେ ମେଡିକାଲ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହେବା ଘଟଣା ଆଳି ବଜାର ସମେତ ସିଙ୍ଗିରି ଅଞ୍ଚଳରେ ଶୋକର ବାତାବରଣ ଖେଳାଇ ଦେଇଛି ।


**ରେଳ ମନ୍ତ୍ରଣାଳୟ**
**(ଦକ୍ଷିଣ ପୂର୍ବ ରେଳପଥ)**

**ଅଧିସୂଚନା**

**କୋଲକାତା, ୨ ମାର୍ଚ୍ଚ, ୨୦୨୬**

**ଏସ୍.ଓ. ୧୧୫୯(ଇ).-** ରେଳବାଇ ଅଧିନିୟମ, ୧୯୮୯ର ଧାରା ୨ର ଉପଧାରା (୭ଏ) ଦ୍ୱାରା ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି କେନ୍ଦ୍ର ସରକାର ଏତଦ୍ୱାରା ନିମ୍ନପ୍ରଦତ୍ତ ସାରଣୀର ସ୍ତମ୍ଭ (୩)ରେ ଦର୍ଶିତ ଅଧିକାରୀଙ୍କୁ ସରକାରୀ ରାଜପତ୍ରରେ ଅଧିସୂଚନା ପ୍ରକାଶନ ହେବା ତାରିଖରୁ ଉକ୍ତ ସାରଣୀର ସ୍ତମ୍ଭ (୪)ରେ ଦର୍ଶାଯାଇଥିବା ଜିଲ୍ଲା ଓ ସ୍ତମ୍ଭ (୫)ରେ ଦର୍ଶାଯାଇଥିବା ରାଜ୍ୟରେ କାର୍ଯ୍ୟନିର୍ବାହ, ରକ୍ଷଣାବେକ୍ଷଣ, ପରିଚାଳନା, ସଂଚାଳନ ନିମନ୍ତେ ସାରଣୀର ସ୍ତମ୍ଭ (୨)ରେ ଦର୍ଶାଯାଇଥିବା ସ୍ୱତନ୍ତ୍ର ରେଳବାଇ ପ୍ରକଳ୍ପ ସଂକ୍ରାନ୍ତରେ ଜମି ଅଧିଗ୍ରହଣ ଲାଗି କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଭାବେ କାର୍ଯ୍ୟ ସମ୍ପାଦନ କରିବା ଲାଗି ଅଧିକୃତ କରୁଛନ୍ତି ।

**ସାରଣୀ**

| କ୍ର. ସଂ. | ସ୍ୱତନ୍ତ୍ର ରେଳବାଇ ପ୍ରକଳ୍ପର ନାମ | କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ | ଜିଲ୍ଲା | ରାଜ୍ୟ |
|---|---|---|---|---|
| ୧ | ୨ | ୩ | ୪ | ୫ |
| ୧. | ଖଡ଼ଗପୁର ମଣ୍ଡଳର ବାହାନଗା ବଜାର ରେଳ ଷ୍ଟେଶନ ୟାର୍ଡରେ ଜଗୁଆଳିଯୁକ୍ତ ଲେଭଲ୍ କ୍ରସିଂ ଏଲ୍‌ସି ନଂ.୯୪ ବଦଳରେ ରୋଡ୍ ଓଭରବ୍ରିଜ୍‌ର ପ୍ରସ୍ତାବିତ ନିର୍ମାଣ | ତହସିଲଦାର, ବାହାନଗା | ବାଲେଶ୍ୱର | ଓଡ଼ିଶା |

[ଏଫ୍.ନଂ. ଏସ୍‌ଇଆର୍-ଏଚ୍‌କ୍ୟୁ୦ଇଏନ୍‌ଜିଜି/୫୦/୨୦୨୩-ଓ/ଓ ପିସିଇ/ଜିଆର୍‌ସି/ଏସ୍‌ଇଆର୍]

(PR-1279) **ରାଜେଶ ଅଗରୱାଲ, ପ୍ରଧାନ ମୁଖ୍ୟ ଯନ୍ତ୍ରୀ**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ



**“ବନ ଓ ବନ୍ୟଜନ୍ତୁ” ଆମ ଜାତୀୟ ସମ୍ପଦ, ଏହାର ସୁରକ୍ଷା ଆମର କର୍ତ୍ତବ୍ୟ**

**ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ନିବେଦନ**

ଆସନ୍ତୁ ସମସ୍ତେ ମିଳିମିଶି ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଯତ୍ନବାନ ହୋଇ ନିମ୍ନଲିଖିତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା:-

୧. ଅନ୍ୟମନସ୍କ ଭାବେ ଏଣେତେଣେ ଜଙ୍ଗଲ ବୁଦାରେ ବିଡି, ସିଗାରେଟ୍ ଫୋପାଡିବା ନାହିଁ ।
୨. କୌଣସି ବ୍ୟକ୍ତି/ସମ୍ପ୍ରଦାୟ ଯଦି ପୋଡୁଚାଷ କରି ନିଆଁ ଲଗାଉଥାନ୍ତି ତାଙ୍କୁ ବାରଣ କରିବା ଓ ତୁରନ୍ତ ବନ ବିଭାଗ, ବନ ସୁରକ୍ଷା ସମିତିକୁ ଜଣାଇ ନିଆଁ ଲିଭାରେ ସାହାଯ୍ୟ କରିବା ।
୩. ବନାଗ୍ନି ହାତୀ ଓ ଅନ୍ୟ ଜୀବଜନ୍ତୁମାନଙ୍କୁ ଗାଁମୁଖା କରିବାକୁ ବାଧ କରିଥାଏ, ତେଣୁ ଜଙ୍ଗଲରେ ନିଆଁ ଲଗାନ୍ତୁ ନାହିଁ ।

**ଜଙ୍ଗଲ ପୋଡ଼ି ନିରାକରଣର ଉପାୟ**

- ଗାଈଗୋରୁ ଚରାଳି, କେନ୍ଦୁପତ୍ର ଏବଂ ମହୁଲ ସଂଗ୍ରହ ପାଇଁ ଜଙ୍ଗଲରେ ନିଆଁ ନ ଲଗାଇବା ଉଚିତ ।
- ଶିକାରୀମାନଙ୍କୁ ଶିକାର କରିବା ପାଇଁ ବାରଣ କରିବା ।
- ଜଙ୍ଗଲରେ ନିଆଁ ଲାଗିଲେ କଞ୍ଚା ଡାଳ ସାହାଯ୍ୟରେ ତାକୁ ଲିଭାଇବା ।
- ଜଙ୍ଗଲ ପୋଡି ଆରମ୍ଭ ହେବାମାତ୍ରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ସହିତ ବନ ବିଭାଗ ଓ ଦମକଳ ବାହିନୀକୁ ତୁରନ୍ତ ଖବର ଦେବା ।
- ଜଙ୍ଗଲ ପୋଡିର ନିରାକରଣ ପାଇଁ ଗାଁ ଗାଁରେ ବ୍ୟାପକ ସଚେତନତା କରିବା ସହ ସଭାସମିତି କରି ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରିବା ପାଇଁ ସାମୂହିକ ଉଦ୍ୟମ ଜାରି ରଖିବା ।

କୌଣସି ବ୍ୟକ୍ତି ଜଙ୍ଗଲରେ ନିଆଁ ଲଗାଇବା ସମୟରେ ଧରାପଡିଲେ କିମ୍ବା ନିଆଁ ଲଗାଇବାର ପ୍ରମାଣ ମିଳିଲେ ଓଡ଼ିଶା ଜଙ୍ଗଲ ଆଇନ୍ ୧୯୭୨ର ଧାରା ୨୭(୩) ନିୟମ ଆଧାରରେ ୩ରୁ ୭ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ସହିତ ଟ.୧୦,୦୦୦/- (ଦଶ ହଜାର) ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବେ ।

**“ଆସନ୍ତୁ ଆମେ ସମସ୍ତେ ଏକଜୁଟ ହୋଇ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା”**

ବିଦ୍ର:- ଜଙ୍ଗଲରେ ନିଆଁ ଦେଖିବା ମାତ୍ରେ ଉକ୍ତ ଅଞ୍ଚଳର ବନଖଣ୍ଡ ନିୟନ୍ତ୍ରଣ କକ୍ଷକୁ ତୁରନ୍ତ ଖବର ଦେଇ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବାରେ ସହାୟତା କରନ୍ତୁ ।

ବଣାଇଁ ବନଖଣ୍ଡ
ଫୋନ୍:-୦୬୬୨୬୨୪୪୪୫୪
କଣ୍ଟ୍ରୋଲ ରୁମ୍, ମୋ.:୮୨୬୦୯୪୯୬୧୩



बैंक ऑफ़ बड़ौदा Bank of Baroda | **କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ**

**ସଂଶୋଧନ ପତ୍ର**

ଦୈନିକ ଖବରକାଗଜ **ଧରିତ୍ରୀ**ରେ ତା **୨୧.୦୨.୨୦୨୬**ରେ ପ୍ରକାଶିତ ଆମ୍ଭର ଇ-ନିଲାମ ବିକ୍ରୟ ବିଜ୍ଞପ୍ତିରେ **ଋଣଗ୍ରହୀତା: ମେସର୍ସ ସ୍ୱାଇଁ ଆସୋସିଏଟ୍ସର** ୨ୟ ସମ୍ପତ୍ତିଟି କେବଳ ଗିରିଶ ଚନ୍ଦ୍ର ସ୍ୱାଇଁଙ୍କ ନାମରେ ନୁହେଁ, ଏହା **ଗିରିଶ ଚନ୍ଦ୍ର ସ୍ୱାଇଁ ଏବଂ ଗୋପାଳ କୃଷ୍ଣ ସ୍ୱାଇଁଙ୍କ** ନାମରେ ରହିଛି । ଅନ୍ୟାନ୍ୟ ତଥ୍ୟାବଳୀ ଅପରିବର୍ତ୍ତିତ ।

ସ୍ଥାନ: କଟକ — କ୍ଷମତାପ୍ରାପ୍ତ ଅଧିକାରୀ
ତାରିଖ: ୦୯.୦୩.୨୦୨୬ — ବ୍ୟାଙ୍କ ଅଫ୍ ବରୋଦା



बैंक ऑफ़ बड़ौदा Bank of Baroda

**କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ**
ପ୍ଲଟ୍ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ଥାନା ନିକଟ, ସିଡ଼ିଏ, କଟକ-୭୫୩୦୧୪, ଓଡ଼ିଶା, ଭାରତ,
ଫୋନ୍: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩
ଇ-ମେଲ: sarcut@bankofbaroda.bank.in

**ଦଖଲ ବିଜ୍ଞପ୍ତି**
(ଅସ୍ଥାବର ସମ୍ପତ୍ତି ନିମନ୍ତେ)

(ପରିଶିଷ୍ଟ ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ)

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ନିୟମ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ଅର୍ଥ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣମାନଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ଉପରକଥିତ ନିୟମର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନ ଦର୍ଶିତ ତାରିଖରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ **ଦଖଲକୁ** ନେଇଛନ୍ତି। ତେଣୁ ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣମାନଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନିମନ୍ତେ **ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ। **ଋଣଗ୍ରହୀତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ଅସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ସ୍ନୋବୀ ଆଗ୍ରୋ ଇଣ୍ଡିଆ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପ୍ରଫୁଲ୍ଲ କୁମାର ନାୟକ,** ପ୍ଲଟ୍ ନଂ.: ୭୦୭/୧୭୮୧, ଗୋପିନାଥପୁର, ଜଗତପୁର, ଜିଲ୍ଲା: କଟକ, ଓଡ଼ିଶା - ୭୫୪୦୨୧ | ବନ୍ଧକପ୍ରାପ୍ତ କାରଖାନା ଏବଂ ଯନ୍ତ୍ରପାତି ଯାହାକି ପ୍ଲଟ୍ ନଂ.: ୭୦୭/୧୭୮୧, ଗୋପିନାଥପୁର, ଜଗତ୍‌ପୁର ରେ ଅବସ୍ଥିତ। | ୨୮.୦୪.୨୦୨୨ / ୦୭.୦୩.୨୦୨୬ | ତା.୨୮.୦୪.୨୦୨୨ରିଖ ସୁଦ୍ଧା ଟ.୧,୧୦,୩୬,୩୪୪.୦୪ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

**ସ୍ଥାନ: କଟକ, ତାରିଖ: ୦୯.୦୩.୨୦୨୬** — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା



**e-Procurement Cell**
Office of the Executive Engineer,
Building Construction Department, Building Division, Jamshedpur

**e-Procurement Notice**

Tender Ref. No.-BCD/EE,Building Div. Jamshedpur-65/2025-26, Date:- 09.03.2026

| क्र० | कार्य का नाम | प्राक्कलित राशि | कार्य पूर्ण करने की अवधि |
|---|---|---|---|
| 1. | Renovation of Old Girls Hostel Sambhavi at M.G.M. Medical College, Jamshedpur. | 1,60,42,300.00 | 10 Months |
| i | वेबसाईट पर निविदा प्रकाशन की तिथि | 30.03.2026 | |
| ii | बिड प्राप्ति के लिए अन्तिम तिथि/समय | 06.04.2026 को अपराह्न 3:00 बजे | |
| iii | निविदा खोलने की तिथि/समय | 07.04.2026 को अपराह्न 3:00 बजे | |
| iv | निविदा प्रकाशित करने वाले कार्यालय का नाम एवं पता। | Office of the Executive Engineer, Building Construction Department, Building Division, Jamshedpur. E-mail : eebcdjamshedpur@gmail.com | |
| v | प्रोक्योरमेंट पदाधिकारी का सम्पर्क संख्या | 9748415659 | |
| vi | ई–प्रोक्योरमेंट सेल का हेल्पलाईन संख्या | 9748415659 | |

• इस निविदा से संबंधित किसी भी प्रकार की सूचना/बदलाव/संशोधन का अवलोकन http://jharkhandtenders.gov.inij किया जा सकता है।
*Note : New Updated UCAN Registration is mandatory for all Bidders.*

Nodal Officer,
e-Procurement Cell,
Office of the Executive Engineer,
Building Construction Department,
Building Division, Jamshedpur

PR 374460 (Building) 25-26 (D)



**Government of Jharkhand**
**Department of Agriculture, Animal Husbandry & Co-operative**
**(Directorate of Dairy Development)**
**Jharkhand, Ranchi**

**Part- A**

e-Tender for supply of Power Operated Chaff Cutter in different districts of Jharkhand State.
*e-Tender No.- Dairy/06/2025-26*

Online e-tenders are invited from sole Manufacturers/OEM/Authorized reseller/Partner for supply of 2032 unit Power Operated Chaff Cutter on rate contract basis in different districts of Jharkhand State as per details given below:-

**Important Events**

| Sl. | Name of Work | Descriptions |
|---|---|---|
| 1 | Estimated Cost for Supply of 2032 unit Power Operated Chaff-Cutter | Estimated Cost ₹5,28,32,000.00 |
| 2 | Earnest Money Deposit (EMD) | ₹ 10,56,640.00 (Refundable) |
| 3 | Date of publication of Tender on Website | 11.03.2026 |
| 4 | Period of downloading of tender documents | Start Date 11.03.2026 at 05:00 PM |
| 5 | Date of Pre-Bid Meeting | 13.03.2026 at 03:00 PM |
| 6 | Online Bid Submission Period | Start Date 11.03.2026 at 05:00 PM End Date 26.03.2026 at 02:00 PM |
| 7 | Date of Technical bid opening | 27.03.2026 at 03:00 PM |
| 8 | Date of Opening of Financial Bid | Will be declared later on |
| 9 | Name & Address of the Office inviting e-Tender (Procurement Officer) | Director, Dairy, Directorate of Dairy Development, Training & Extension Institute Campus, Sector-2, Dhurwa, Ranchi-834004, Jharkhand |

***Units are Indicative**
**Detailed tender document can be downloaded and applied through website http://www.jharkhandtenders.gov.in**
**Note: The above dates may change due to unavoidable circumstances.**
**Tender notification & Tender document can also be seen (only reading purpose) on the Departmental website http://animalhusbandry.jharkhand.gov.in**

1. After publication of the N.I.T., the desirous bidders may download tender documents along with terms & conditions from the Website. https://www.jharkhandtenders.gov.in and https:// www.jharkhand.gov.in but submit only through NIC e-tender portal https://www.jharkhandtenders.gov.in.
2. Disclosure of rate other than financial bid will disqualify the bidder.
3. Validity of the contract Period – The validity of the rate contract shall generally be one year and shall not exceed two years.
4. EMD will be received through online mode only. Bidders can use internet banking facility for faster processing of EMD. Alternatively, bidders can use NEFT/RTGS challan generated for the tender from www.jharkhandtenders.gov.in portal.
5. All uploaded documents should be legible/readable if not tender may be rejected. Unsigned uploaded documents will be rejected.
6. The scheduled mentioned above is fixed; however, the undersigned reserves the right to change the date of activities in case of any exigencies through a notice in the government website https://www.jharkhandtenders.gov.in and https:// www.jharkhand.gov.in & Notice Board at official address Director, Directorate of Dairy Development, Sector II, Dhurwa, Ranchi, PIN- 834004.

**Director, Dairy**
**Directorate of Dairy Development**
**Jharkhand Ranchi**

PR 374471 (Animal Husbandry)25-26*D

## ଗୁରୁଝୁଲିରେ ହାଡ଼ଫୁଟି ଆତଙ୍କ, ପହଞ୍ଚିଲେ ମେଡିକାଲ ଟିମ୍

ମୋହନା, ୯।୩(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକ ଦୁର୍ଗମ ଅଞ୍ଚଳ ଗୁରୁଝୁଲି ଗାଁରେ ହାଡ଼ଫୁଟି ଦେଖା ଦେଇଛି। ପ୍ରାୟ ଦୁଇ ସପ୍ତାହ ହେବ ଗାଁରେ ଏହି ରୋଗ ବଢ଼ିବାରେ ଲାଗିଛି। ଗାଁ ଲୋକେ ମେଡ଼ିକାଲ ବଦଳରେ ଘରେ ଝଡ଼ାଫୁଙ୍କା ସହ ଚେରମୂଳି ଚିକିତ୍ସା କରି ରହି ଆସୁଥିଲେ। ଗାଁର ଆଶାକର୍ମୀ ଗ୍ରାମବାସୀଙ୍କୁ ବୁଝାଉଥିଲେ ମଧ ଗାଁ ଲୋକେ ଘରେ ରହି ଉପଚାର କରି ଆସୁଥିଲେ। ଏନେଇ ସ୍ୱାସ୍ଥ୍ୟବିଭାଗ ପାଖରେ ଖବର ପହଞ୍ଚିବା ପରେ ସୋମବାର ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରାମକୃଷ୍ଣ ପାତ୍ରଙ୍କ ନିର୍ଦ୍ଦେଶରେ ଏକ ୧୦ ଜଣିଆ ଟିମ୍ ଗୁରୁଝୁଲି ଗାଁରେ ପହଞ୍ଚିଛନ୍ତି। ଡାକ୍ତର ଅମୃତ ଜେନା, ପିଏଚଓ ଜଗନ୍ନାଥ ନାୟକ, ସିଏଚଓ ମୁକ୍ତିଲତା ମାଝୀ, ଏଏନ୍‌ଏମ୍ ସିପ୍ରା ଜ୍ୟୋତି ବେହେରା, ଫାର୍ମାସିଷ୍ଟ ଅଜୟ ମଣ୍ଡଳ, ଦୁଇ ଆଶାକର୍ମୀ କୁମାରୀ ମାଝୀ, କୌଶଲ୍ୟା ବେହେରାଙ୍କ ସହ ଅନ୍ୟମାନେ ପହଞ୍ଚି ପ୍ରତି ଘରକୁ ଯାଇ ଗ୍ରାମବାସୀଙ୍କୁ ଔଷଧ ଦେଇଛନ୍ତି। ୭ଦିନ ପର୍ଯ୍ୟନ୍ତ ଗାଁରେ ମେଡ଼ିକାଲ ଟିମ୍ ରହି ସ୍ୱାସ୍ଥ୍ୟସେବା ଯୋଗାଇବ ବୋଲି ଡାକ୍ତର ଜେନା କହିଛନ୍ତି ।

# ବାପାଙ୍କ ବେକ କାଟିଥିବା ପୋଷ୍ୟ ପୁଅ ଗିରଫ

ଦିଗପହଣ୍ଡି,୯।୩(ଅଶେଷ ନାଥ ମିଶ୍ର)



ପାରିବାରିକ ବିବାଦରୁ ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମର ସୀମାଞ୍ଚଳ ସାହୁଙ୍କ ବେକ କାଟିଥିବା ପୋଷ୍ୟ ପୁଅଙ୍କୁ ସୋମବାର ପୋଲିସ ଗିରଫ କରିଛି। ସେ ହେଲେ କୁନା ସାହୁ। ରବିବାର ଘଟଣା ପରଠାରୁ ସେ ଫେରାର ଥିଲେ। ତଦନ୍ତକାରୀ ଅଧିକାରୀ ଆଇଆଇସି କିଶୋର ସାମଲ ତାଙ୍କୁ ସୁଜଳ ରେଲୱେ ଷ୍ଟେସନ ନିକଟରୁ ଗିରଫ କରିବା ପରେ କୋର୍ଟଚାଲାଣ କରିଛନ୍ତି। ତାଙ୍କ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଯାଇଛି। ଏନେଇ ସୀମାଞ୍ଚଳଙ୍କ ସ୍ତ୍ରୀ ପାଣ୍ଡି ସାହୁ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ପୋଲିସ ନଂ.୯୫/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ମାତ୍ର କୁନା ଫେରାର ଥିବାରୁ ତାଙ୍କୁ ଖୋଜାଖୋଜି ଜାରି ରଖିଥିଲା।

ଖବରରୁ ଜଣାପଡ଼ିଛି, ଭୀଷ୍ମଗିରି ଗ୍ରାମର ସୀମାଞ୍ଚଳ ନିଃସନ୍ତାନ ଥିବାରୁ ଜକର ଗ୍ରାମରେ ରହୁଥିବା ତାଙ୍କ ସଢ଼ୁଙ୍କ ପୁଅ କୁନାଙ୍କୁ ପୋଷ୍ୟପୁଅ ଭାବେ ଆଣି ଘରେ ରଖିଥିଲେ। ସୀମାଞ୍ଚଳଙ୍କ ଜଳଖିଆ ଦୋକାନରେ କୁନା କାମ କରୁଥିଲେ। କିଛିଦିନ ତଳେ କୁନାଙ୍କ ଭାଇ ସୀମାଞ୍ଚଳଙ୍କ ଘରେ ପହଞ୍ଚ ଜରୁରୀ ଦରକାର ଥିବା କହି କୁନାଙ୍କ ଉପସ୍ଥିତିରେ ୧୪ ହଜାର ଟଙ୍କା ଧାର ନେଇଥିଲେ। ସେ ଏହି ଟଙ୍କା ଫେରାଇବାରେ ବିଳମ୍ବ କରିବାରୁ ସୀମାଞ୍ଚଳ ଅସନ୍ତୁଷ୍ଟ ଥିଲେ। ଟଙ୍କା ଦେଣନେଣକୁ ନେଇ ସୀମାଞ୍ଚଳଙ୍କ ସହ କୁନାଙ୍କ ପୂର୍ବରୁ ଅନେକ ଥର ବଚସା ହୋଇଥିଲା। ରବିବାର ଘଟଣା ଦିନ କୁନାଙ୍କୁ ଫୋନ କରି ଟଙ୍କା ଫେରାଇବା ବାହାନାରେ ଗାଁର ଯାତ୍ରା ପଡ଼ିଆକୁ ଡାକିଥିଲେ। ସୀମାଞ୍ଚଳ ତାଙ୍କ ଝିଅ ସୁନୀତା ସହ ଯାତ୍ରା ପଡ଼ିଆକୁ ଯାଇଥିଲେ। ସେଠାରେ କୁନା ଓ ସୀମାଞ୍ଚଳଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ କୁନା ଏକ ଛୁରିରେ ସୀମାଞ୍ଚଳଙ୍କ ବେକକୁ କାଟି ଦେଇଥିଲେ। ଫଳରେ ସୀମାଞ୍ଚଳ ଗୁରୁତର ହୋଇ ପଡ଼ିଥିଲେ। ଏନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନେଇ ଭର୍ତ୍ତି କରିଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ ଫେରାର ଥିବା କୁନାଙ୍କ ମୋବାଇଲ ଫୋନକୁ ଟ୍ରାକିଂ କରି ତାଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ଛୁରି,ଫୋନ ଏବଂ ରକ୍ତ ଲାଗିଥିବା ପୋଷାକ ଜବତ କରାଯାଇଛି।

### ଜନଅଭିଯୋଗ ଶୁଣାଣି ଶିବିର

# ୨ ଦିବ୍ୟାଙ୍ଗଙ୍କୁ ବିବାହ ସହାୟତା, ୩୦ ଜଣଙ୍କୁ ମିଳିଲା ପଟ୍ଟା

ପାରଳାଖେମୁଣ୍ଡି,୯।୩(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୁମ୍ମା ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଜିଲାପାଳ ମୁନୀନ୍ଦ୍ର ହୋନନାଗା, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର ପଣ୍ଡା, ଉପଜିଲାପାଳ ଅନୁପ ପଣ୍ଡା ଯୋଗଦେଇ ୮୬ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ସେଥିରୁ ବ୍ୟକ୍ତିଗତ ସମସ୍ୟାମୂଳକ ଅଭିଯୋଗ ୫୬ଟି ଥିବା ବେଳେ ୩୦ଟି ଗ୍ରାମ ସମସ୍ୟାଭିତ୍ତିକ ଥିଲା। ସମସ୍ତ ଅଭିଯୋଗଗୁଡ଼ିକୁ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ହୋଇଛି। ସେହିପରି ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଦୁଇ ଜଣ ଦିବ୍ୟାଙ୍ଗଙ୍କୁ ବିବାହ ପ୍ରୋତ୍ସାହନ ରାଶି ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ୩୦ ଜଣଙ୍କୁ ଜଙ୍ଗଲ ଜମିପଟ୍ଟା ପ୍ରଦାନ କରାଯାଇଛି। ଶିବିରକୁ ସାମାଜିକ ସୁରକ୍ଷା, ଜମି ପଟ୍ଟା, ଗୃହ ନିର୍ମାଣ, ରାଶନ କାର୍ଡ, ଶିକ୍ଷା, ଜଳସେଚନ ରାସ୍ତା ଓ ସ୍ୱାସ୍ଥ୍ୟସେବା ସମ୍ପର୍କିତ ଅଭିଯୋଗ ଆସିଥିଲା। ଅନ୍ୟମାନଙ୍କ ମଧ୍ୟରେ ଗୁମ୍ମା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନେମୀ ମଣ୍ଡଳ , ବିଡିଓ ଦୁଲାରାମ ମାର୍ଣ୍ଡିଙ୍କ ସହ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବାରକୋଶ ଗୋପାଳ ସମାଜର ବାର୍ଷିକ ବୈଠକ



ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

ଚକାପାଦ,୯।୩(ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ୍ ପସରା ପଞ୍ଚାୟତର ମୁଣ୍ଡଗାଁରେ ବାରକୋଷ ଗୋପାଳ ସମାଜର ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାର ସଭାପତି ବୈଷ୍ଣବ ଭୋଇ ଓ ଉପଦେଷ୍ଟା ପ୍ରଫୁଲ୍ଲ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ପ୍ରକାଶ ପ୍ରଧାନ, ଉପସଭାପତି ରବୀନ୍ଦ୍ର ଭୋଇ, ସମ୍ପାଦକ ସାଇବ ଭୋଇ, ଗୋପାଳ ସମାଜର ହେଡ଼ ଗଡ଼ିଆ କମ୍ଭୁପାଣି ଭୋଇ ଉପସ୍ଥିତ ଥିଲେ। ବାରକୋଷ ଗଡ଼ର ୯ଟି ୱାର୍ଡ଼ର ଗଡିଆ ସହିତ ଗୋପାଳ ସମାଜର ୫ ଶହରୁ ଊର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ଥିଲେ। ବୈଠକରେ ବାର୍ଷିକ ହିସାବ, ନିଶା ନିବାରଣ, ଶିକ୍ଷା ଏବଂ ଗୋପାଳ ପରିବାର ଗୋପାଳନ କରିବା ସହ ଉନ୍ନତମାନର ଗାଈ ରଖି ଅଧିକ ଦୁଗ୍ଧ ଉତ୍ପାଦନ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏଥିସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ହାତକୁ ନେବାପାଇଁ ବୈଠକରେ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଜୋଇ ଖୋଲ ବେଢେ ପରିଚାଳକ ନିରଞ୍ଜନ ପଲିଆ ବୈଠକ ପରିଚାଳନା କରିଥିଲେ।

# ବନମାଳୀପୁର ପଞ୍ଚୁଦୋଳ ଯାତ୍ରା, ମହୋତ୍ସବ ଉଦ୍‌ଘାଟିତ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ଖଣ୍ଡପଡ଼ା, ୯।୩
(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧୀନ ବନମାଳିପୁର ପ୍ରସିଦ୍ଧ ଦ୍ୱିତୀୟ ବାର୍ଷିକ ପଞ୍ଚୁଦୋଳ ଯାତ୍ରା ଓ ମହୋତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବାବା ସୋମନାଥ ଦେବଙ୍କ ପୀଠରେ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ଗ୍ରାମ ସଭାପତି ରାଧାନାଥ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ବିଡିଓ ଅଙ୍କୁର ଅଭିଳାଷ ଓ ସ୍ଥାନୀୟ ସରପଞ୍ଚ ବାସନ୍ତୀ ବେହେରା ପ୍ରମୁଖ ମଞ୍ଚାସୀନ ରହି ମହୋତ୍ସବର ଉତ୍ତୋରତ୍ତର କାମନା କରିବା ସହ କଳା, ସଂସ୍କୃତି, ପରମ୍ପରା ଓ ଭାଇଚାରାକୁ ଉଜ୍ଜୀବିତ ରଖିବା ପାଇଁ ପଞ୍ଚୁଦୋଳ ମହୋତ୍ସବ ସର୍ବଦା ପ୍ରୟାସ ଜାରି ରଖିଛି ବୋଲି ବକ୍ତବ୍ୟ ରଖିଥିଲେ। ସଭାକାର୍ଯ୍ୟ ଶେଷରେ ଗ୍ରାମ ସମ୍ପାଦକ ପ୍ରମୋଦ କୁମାର ସାହୁ ମହୋତ୍ସବରେ ସମସ୍ତଙ୍କର ସହଯୋଗ ଲୋଡ଼ିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଓ ପ୍ରସିଦ୍ଧ କାକଟପୁର ପାରମ୍ପରିକ ନୃତ୍ୟ ପରିବେଷଣ ଦର୍ଶକଙ୍କ ମନ ମୋହିଥିଲା। ପରେ କଣ୍ଠଶିଳ୍ପୀ ସଂଗୀତା ପାଢ଼ୀଙ୍କ ମତୁଆଲା ସଂଗୀତରେ ଦର୍ଶକ ଝୁମିଥିଲେ। ତେବେ ମଙ୍ଗଳବାର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଚର୍ଚ୍ଚିତ ଯୁବା ଗାୟିକା ନାଭିଆ ଯାଇତିଙ୍କ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ହୋଟେଲରେ ଅଗ୍ନିକାଣ୍ଡ

ଭଞ୍ଜନଗର,୯।୩(ବାବୁଲା ପ୍ରଧାନ)

ଭଞ୍ଜନଗର ସହର ପୁରୁଣା ବଜାର ସାହିର ଏକ ହୋଟେଲରେ ରବିବାର ରାତିରେ ନିଆଁ ଲାଗି ଯାଇଥିଲା। ଫଳରେ ହୋଟେଲର ବିଭିନ୍ନ ଆସବାବପତ୍ର ପୋଡିଯାଇଛି। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ।

# କୋଟଗଡ଼ ବ୍ଲକ୍‌ରେ ଅଭିଯୋଗ ଶୁଣିଲେ ଜିଲାପାଳ



କୋଟଗଡ଼, ୯।୩ (ସରୋଜ ବଳିୟାରସିଂ)

କନ୍ଧମାଳ ଜିଲା କୋଟଗଡ଼ ବ୍ଲକ୍ ମିଶନଶକ୍ତି ସଭା ଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ କନ୍ଧମାଳ ଜିଲାପାଳ ବେଦଭୂଷଣଙ୍କ ଅଧ୍ୟକ୍ଷତା କରିଥିବା ବେଳେ ଜିଲା ଆରକ୍ଷୀ ଅଧିକ୍ଷକ ହରିଶ ବିଶି, ବାଲିଗୁଡ଼ା ଉପଜିଲାପାଳ ପ୍ରଣୀତା ଦାସ, ଜିଲା ପ୍ରକଳ୍ପ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ପିଏଆଇଟିଡିଏ କୃପାସିନ୍ଧୁ ବେହେରା, ବ୍ଲକ୍ ଅଧ୍ୟକ୍ଷା ପିଙ୍କି କହଁର ସମେତ ଅଧିକାରୀମାନେ ଅଭିଯୋଗ ଶୁଣି ଥିଲେ। ଏଥିରେ ୨ ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ, ଜଣଙ୍କୁ ରାସନ କାର୍ଡ ପ୍ରଦାନ ଏବଂ ୨ଜଣ ଅନାଥ ନାବାଳିକାଙ୍କୁ ଥଇଥାନ ପାଇଁ ପ୍ରତିଶ୍ରୁତି ଦେବା ସହ କୁଟିଗୁଡ଼ା ଓ ସୁବର୍ଣ୍ଣଗିରି ମଧ୍ୟରେ ୨ଟି ପୋଲ ନିର୍ମାଣ ପରି ମୋଟ ୧୧୨ ବ୍ୟକ୍ତିଗତ ଓ ସାମୁହିକ ସମସ୍ୟାକୁ ଆଲୋଚନା କରିଥିଲେ। ଏଥିରେ ବ୍ଲକ୍ ଏବଂ ଉପଖଣ୍ଡର ସମସ୍ତ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। କୋଟଗଡ଼ ବିଡିଓ ଚିନ୍ମୟ ମହାନନ୍ଦଙ୍କ ନେତୃତ୍ୱରେ ଜନଶୁଣାଣି ଆୟୋଜିତ ହୋଇଥିଲା। ପରେ ଛାତ୍ରୀଛାତ୍ରଙ୍କ ପଞ୍ଚମ ଓ ଅଷ୍ଟମ ବୋର୍ଡ ପରୀକ୍ଷା ଚାଲିଥିବାରୁ ବିଦ୍ୟାଳୟ ଗୁଡ଼ିକ ଜିଲାପାଳ ପରିଦର୍ଶନ କରିଥିଲେ।

# ଦୁଇ ସ୍ଥାନରୁ ୬୩୦ କିଲୋ ଗଞ୍ଜେଇ ଜବତ

ମୋହନା, ୯।୩(ମନ୍ମଥ ମିଶ୍ର)

ଗଜପତି ଜିଲା ଅଡବା ପୋଲିସ ରବିବାର ଅଡବା ଥାନା ଅନ୍ତର୍ଗତ କଟାମା ପଞ୍ଚାୟତ ଟାଙ୍ଗିଲି ଗାଁ ନିକଟସ୍ଥ ଜଙ୍ଗଲରୁ ୩୬୦ କିଲୋ ୬ଶହ ଗ୍ରାମ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସେହିପରି କେଶରୀଗୁଡା ଗାଁର ବୃନ୍ଦା ନାୟକଙ୍କ ଘରେ ଗଞ୍ଜେଇ ଗଚ୍ଛିତ ରଖାଯାଇଥିବା ସୂଚନା ପାଇ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ରବିବାର ବିଳମ୍ବିତ ରାତିରେ ତାଙ୍କ ଘରେ ଚଢ଼ାଉ କରାଯାଇଥିଲା। ସେଠାରୁ ୨୭୦ କିଲୋ ଗଞ୍ଜେଇ ଜବତ ହୋଇଛି। ଘଟଣା ସ୍ଥଳରୁ ଘର ମାଲିକ ଫେରାର ହୋଇଯାଇଛନ୍ତି। ମୋହନା ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରଯାଇଥିଲା। ଉଭୟ ସ୍ଥାନରୁ ଜବତ ଗଞ୍ଜେଇର ପରିମାଣ ୬୩୦ କିଲୋ ୬ଶହ ଗ୍ରାମ ହୋଇଥିଲା। ଏହି ଜବତ ଗଞ୍ଜେଇର ବଜାର ମୂଲ୍ୟ ୬୩ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି।

# ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି



ଆର୍ଥିକ ସହାୟତା ରାଶି ପ୍ରଦାନ କରୁଛନ୍ତି ଅଧିକାରୀ ।

ଗୁମ୍ମା,୯।୩ (ପ୍ରବୀଣ କୁମାର ଲିମା):ଗଜପତି ଜିଲା ଗୁମ୍ମା ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଶୁଣାଣିରେ ଅତିରିକ୍ତ ଜିଲାପାଳ ମୁନୀନ୍ଦ୍ର ହୋନନାଗା, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର ପଣ୍ଡା, ଉପଜିଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା ଯୋଗଦାନ କରି ଗୁମ୍ମା ବ୍ଲକ୍ ପଞ୍ଚାୟତ ସମିତିର ସମୁଦାୟ ମୋଟ ୮୬ ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୫୬ଟି, ଗ୍ରାମ ଭିତ୍ତିକ ସମସ୍ୟା ୩୦ ଟି ଅଭିଯୋଗ ଆସିଥିଲା। ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୨ ଜଣ ଦିବ୍ୟାଙ୍ଗଙ୍କୁ ବିବାହ ପ୍ରୋତ୍ସାହନ ରାଶି ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ୩୦ ଜଣଙ୍କୁ ଜଙ୍ଗଲ ଜମିପଟ୍ଟା ପ୍ରଦାନ କରାଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣିରେ ଗୁମ୍ମା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନେମୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁଲାରାମ୍ ମାରାଣ୍ଡି ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀଗଣ ଓ ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।


## ରେଳ ମନ୍ତ୍ରଣାଳୟ
(ଦକ୍ଷିଣ ପୂର୍ବ ରେଳପଥ)

### ଅଧିସୂଚନା

କୋଲକାତା, ୨ ମାର୍ଚ୍ଚ, ୨୦୨୬

ଏସ୍.ଓ. ୧୧୫୯(ଇ).- ରେଳବାଇ ଅଧିନିୟମ, ୧୯୮୯ର ଧାରା ୨ର ଉପଧାରା (୭ଏ) ଦ୍ୱାରା ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି କେନ୍ଦ୍ର ସରକାର ଏତଦ୍ଦ୍ୱାରା ନିମ୍ନପ୍ରଦତ୍ତ ସାରଣୀର ସ୍ତମ୍ଭ (୩)ରେ ଦର୍ଶିତ ଅଧିକାରୀଙ୍କୁ ସରକାରୀ ରାଜପତ୍ରରେ ଅଧିସୂଚନା ପ୍ରକାଶନ ହେବା ତାରିଖରୁ ଉକ୍ତ ସାରଣୀର ସ୍ତମ୍ଭ (୪)ରେ ଦର୍ଶାଯାଇଥିବା ଜିଲ୍ଲା ଓ ସ୍ତମ୍ଭ (୫)ରେ ଦର୍ଶାଯାଇଥିବା ରାଜ୍ୟରେ କାର୍ଯ୍ୟନିର୍ବାହ, ରକ୍ଷଣାବେକ୍ଷଣ, ପରିଚାଳନା, ସଂଚାଳନ ନିମନ୍ତେ ସାରଣୀର ସ୍ତମ୍ଭ (୨)ରେ ଦର୍ଶାଯାଇଥିବା ସ୍ୱତନ୍ତ୍ର ରେଳବାଇ ପ୍ରକଳ୍ପ ସଂକ୍ରାନ୍ତରେ ଜମି ଅଧିଗ୍ରହଣ ଲାଗି କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଭାବେ କାର୍ଯ୍ୟ ସମ୍ପାଦନ କରିବା ଲାଗି ଅଧିକୃତ କରୁଛନ୍ତି ।

ସାରଣୀ

| କ୍ର. ସଂ. | ସ୍ୱତନ୍ତ୍ର ରେଳବାଇ ପ୍ରକଳ୍ପର ନାମ | କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ | ଜିଲ୍ଲା | ରାଜ୍ୟ |
|---|---|---|---|---|
| ୧ | ୨ | ୩ | ୪ | ୫ |
| ୧. | ଖଡ଼ଗପୁର ମଣ୍ଡଳର ବାହାନଗା ବଜାର ରେଳ ଷ୍ଟେଶନ ୟାର୍ଡରେ ଜଗୁଆଳିଯୁକ୍ତ ଲେଭଲ୍ କ୍ରସିଂ ଏଲ୍‌ସି ନଂ.୯୪ ବଦଳରେ ରୋଡ୍ ଓଭରବ୍ରିଜ୍‌ର ପ୍ରସ୍ତାବିତ ନିର୍ମାଣ | ତହସିଲଦାର, ବାହାନଗା | ବାଲେଶ୍ୱର | ଓଡ଼ିଶା |

[ଏଫ୍.ନଂ. ଏସ୍‌ଇଆର୍-ଏଚ୍‌କ୍ୟୁ୦ଇଏନ୍‌ଜିଜି/୫୦/୨୦୨୩-ଓ/ଓ ପିସିଇ/ଜିଆର୍‌ସି/ଏସ୍‌ଇଆର୍]

(PR-1279) ରାଜେଶ ଅଗରୱାଲ, ପ୍ରଧାନ ମୁଖ୍ୟ ଯନ୍ତ୍ରୀ

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



### "ବନ ଓ ବନ୍ୟଜନ୍ତୁ" ଆମ ଜାତୀୟ ସମ୍ପଦ, ଏହାର ସୁରକ୍ଷା ଆମର କର୍ତ୍ତବ୍ୟ

**ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ନିବେଦନ**

ଆସନ୍ତୁ ସମସ୍ତେ ମିଳିମିଶି ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଯତ୍ନବାନ ହୋଇ ନିମ୍ନଲିଖିତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା:-

୧. ଅନ୍ୟମନସ୍କ ଭାବେ ଏଣେତେଣେ ଜଙ୍ଗଲ ବୁଦାରେ ବିଡି, ସିଗାରେଟ୍ ଫୋପାଡିବା ନାହିଁ ।
୨. କୌଣସି ବ୍ୟକ୍ତି/ସମ୍ପ୍ରଦାୟ ଯଦି ପୋଡୁଚାଷ କରି ନିଆଁ ଲଗାଉଥାନ୍ତି ତାଙ୍କୁ ବାରଣ କରିବା ଓ ତୁରନ୍ତ ବନ ବିଭାଗ, ବନ ସୁରକ୍ଷା ସମିତିକୁ ଜଣାଇ ନିଆଁ ଲିଭାରେ ସାହାଯ୍ୟ କରିବା ।
୩. ବନାଗ୍ନି ହାତୀ ଓ ଅନ୍ୟ ଜୀବଜନ୍ତୁମାନଙ୍କୁ ଗାଁମୁଖା କରିବାକୁ ବାଧ୍ୟ କରିଥାଏ, ତେଣୁ ଜଙ୍ଗଲରେ ନିଆଁ ଲଗାନ୍ତୁ ନାହିଁ ।

**ଜଙ୍ଗଲ ପୋଡ଼ି ନିରାକରଣର ଉପାୟ**

- ଗାଈଗୋରୁ ଚରାଳି, କେନ୍ଦୁପତ୍ର ଏବଂ ମହୁଲ ସଂଗ୍ରହ ପାଇଁ ଜଙ୍ଗଲରେ ନିଆଁ ନ ଲଗାଇବା ଉଚିତ ।
- ଶିକାରୀମାନଙ୍କୁ ଶିକାର କରିବା ପାଇଁ ବାରଣ କରିବା ।
- ଜଙ୍ଗଲରେ ନିଆଁ ଲାଗିଲେ କଞ୍ଚା ଡାଳ ସାହାଯ୍ୟରେ ତାକୁ ଲିଭାଇବା ।
- ଜଙ୍ଗଲ ପୋଡି ଆରମ୍ଭ ହେବାମାତ୍ରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ସହିତ ବନ ବିଭାଗ ଓ ଦମକଳ ବାହିନୀକୁ ତୁରନ୍ତ ଖବର ଦେବା ।
- ଜଙ୍ଗଲ ପୋଡିର ନିରାକରଣ ପାଇଁ ଗାଁ ଗାଁରେ ବ୍ୟାପକ ସଚେତନତା କରିବା ସହ ସଭାସମିତି କରି ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରିବା ପାଇଁ ସାମୂହିକ ଉଦ୍ୟମ ଜାରି ରଖିବା ।

କୌଣସି ବ୍ୟକ୍ତି ଜଙ୍ଗଲରେ ନିଆଁ ଲଗାଇବା ସମୟରେ ଧରାପଡିଲେ କିମ୍ବା ନିଆଁ ଲଗାଇବାର ପ୍ରମାଣ ମିଳିଲେ ଓଡ଼ିଶା ଜଙ୍ଗଲ ଆଇନ୍ ୧୯୭୨ର ଧାରା ୨୭(୩) ନିୟମ ଆଧାରରେ ୩ରୁ ୭ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ସହିତ ଟ.୧୦,୦୦୦/- (ଦଶ ହଜାର) ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବେ ।

**"ଆସନ୍ତୁ ଆମେ ସମସ୍ତେ ଏକଜୁଟ ହୋଇ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା"**

ବିଦ୍ର:- ଜଙ୍ଗଲରେ ନିଆଁ ଦେଖିବା ମାତ୍ରେ ଉକ୍ତ ଅଞ୍ଚଳର ବନଖଣ୍ଡ ନିୟନ୍ତ୍ରଣ କକ୍ଷକୁ ତୁରନ୍ତ ଖବର ଦେଇ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବାରେ ସହାୟତା କରନ୍ତୁ ।

ବଣାଇଁ ବନଖଣ୍ଡ
ଫୋନ୍:-୦୬୬୨୬୨୪୪୪୫୪
କଣ୍ଟ୍ରୋଲ ରୁମ୍, ମୋ.:୮୨୬୦୯୪୯୬୧୩



बैंक ऑफ़ बड़ौदा Bank of Baroda | କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ

**ସଂଶୋଧନ ପତ୍ର**

ଦୈନିକ ଖବରକାଗଜ **ଧରିତ୍ରୀ**ରେ ତା **୨୧.୦୨.୨୦୨୬**ରେ ପ୍ରକାଶିତ ଆମର ଇ-ନିଲାମ ବିକ୍ରୟ ବିଜ୍ଞପ୍ତିରେ **ଋଣଗ୍ରହୀତା: ମେସର୍ସ ସ୍ୱାଇଁ ଆସୋସିଏଟ୍ସର** ୨ୟ ସମ୍ପତ୍ତିଟି କେବଳ ଗିରିଶ ଚନ୍ଦ୍ର ସ୍ୱାଇଁଙ୍କ ନାମରେ ନୁହେଁ, ଏହା **ଗିରିଶ ଚନ୍ଦ୍ର ସ୍ୱାଇଁ ଏବଂ ଗୋପାଳ କୃଷ୍ଣ ସ୍ୱାଇଁଙ୍କ** ନାମରେ ରହିଛି। ଅନ୍ୟାନ୍ୟ ତଥ୍ୟାବଳୀ ଅପରିବର୍ତ୍ତିତ।

ସ୍ଥାନ: କଟକ — କ୍ଷମତାପ୍ରାପ୍ତ ଅଧିକାରୀ
ତାରିଖ: ୦୯.୦୩.୨୦୨୬ — ବ୍ୟାଙ୍କ ଅଫ୍ ବରୋଦା



बैंक ऑफ़ बड़ौदा Bank of Baroda

**କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ**
ପ୍ଲଟ୍ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ଥାନା ନିକଟ, ସିଡ଼ିଏ, କଟକ-୭୫୩୦୧୪, ଓଡ଼ିଶା, ଭାରତ,
ଫୋନ୍: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩
ଇ-ମେଲ: sarcut@bankofbaroda.bank.in

**ଦଖଲ ବିଜ୍ଞପ୍ତି**
(ଅସ୍ଥାବର ସମ୍ପତ୍ତି ନିମନ୍ତେ)

(ପରିଶିଷ୍ଟ ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ)

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ନିୟମ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ଅର୍ଥ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣମାନଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ଉପରକଥିତ ନିୟମର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନ ଦର୍ଶିତ ତାରିଖରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ **ଦଖଲ**କୁ ନେଇଛନ୍ତି। ତେଣୁ ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣମାନଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନିମନ୍ତେ **ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ। **ଋଣଗ୍ରହୀତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ଅସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ସ୍ନୋବୀ ଆଗ୍ରୋ ଇଣ୍ଡିଆ, ସ୍ୱତ୍ୱାଧିକାରୀ: ଶ୍ରୀ ପ୍ରଫୁଲ୍ଲ କୁମାର ନାୟକ,** ପ୍ଲଟ୍ ନଂ.: ୭୦୭/୧୭୮୧, ଗୋପିନାଥପୁର, ଜଗତପୁର, ଜିଲ୍ଲା: କଟକ, ଓଡ଼ିଶା - ୭୫୪୦୨୧ | ବନ୍ଧକପ୍ରାପ୍ତ କାରଖାନା ଏବଂ ଯନ୍ତ୍ରପାତି ଯାହାକି ପ୍ଲଟ୍ ନଂ.: ୭୦୭/୧୭୮୧, ଗୋପିନାଥପୁର, ଜଗତ୍‌ପୁର ରେ ଅବସ୍ଥିତ। | ୨୮.୦୪.୨୦୨୨ / ୦୭.୦୩.୨୦୨୬ | ତା.୨୮.୦୪.୨୦୨୨ରିଖ ସୁଦ୍ଧା ଟ.୧,୧୦,୩୬,୩୪୪.୦୪ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ସ୍ଥାନ: କଟକ, ତାରିଖ: ୦୯.୦୩.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା



**e-Procurement Cell**
Office of the Executive Engineer,
Building Construction Department, Building Division, Jamshedpur

**e-Procurement Notice**

Tender Ref. No.-BCD/EE,Building Div. Jamshedpur-65/2025-26, Date:- 09.03.2026

| क्र० | कार्य का नाम | प्राक्कलित राशि | कार्य पूर्ण करने की अवधि |
|---|---|---|---|
| 1. | Renovation of Old Girls Hostel Sambhavi at M.G.M. Medical College, Jamshedpur. | 1,60,42,300.00 | 10 Months |
| i | वेबसाईट पर निविदा प्रकाशन की तिथि | 30.03.2026 | |
| ii | बिड प्राप्ति के लिए अन्तिम तिथि/समय | 06.04.2026 को अपराह्न 3:00 बजे | |
| iii | निविदा खोलने की तिथि/समय | 07.04.2026 को अपराह्न 3:00 बजे | |
| iv | निविदा प्रकाशित करने वाले कार्यालय का नाम एवं पता। | Office of the Executive Engineer, Building Construction Department, Building Division, Jamshedpur. E-mail : eebcdjamshedpur@gmail.com | |
| v | प्रोक्योरमेंट पदाधिकारी का सम्पर्क संख्या | 9748415659 | |
| vi | ई–प्रोक्योरमेंट सेल का हेल्पलाईन संख्या | 9748415659 | |

• इस निविदा से संबंधित किसी भी प्रकार की सूचना/बदलाव/संशोधन का अवलोकन http://jharkhandtenders.gov.inij किया जा सकता है।

*Note : New Updated UCAN Registration is mandatory for all Bidders.*

Nodal Officer,
e-Procurement Cell,
Office of the Executive Engineer,
Building Construction Department,
Building Division, Jamshedpur

PR 374460 (Building) 25-26 (D)



**Government of Jharkhand**
**Department of Agriculture, Animal Husbandry & Co-operative**
**(Directorate of Dairy Development)**
**Jharkhand, Ranchi**

**Part- A**

e-Tender for supply of Power Operated Chaff Cutter in different districts of Jharkhand State.

*e-Tender No.- Dairy/06/2025-26*

Online e-tenders are invited from sole Manufacturers/OEM/Authorized reseller/Partner for supply of 2032 unit Power Operated Chaff Cutter on rate contract basis in different districts of Jharkhand State as per details given below:-

**Important Events**

| Sl. | Name of Work | Descriptions |
|---|---|---|
| 1 | Estimated Cost for Supply of 2032 unit Power Operated Chaff-Cutter | Estimated Cost ₹5,28,32,000.00 |
| 2 | Earnest Money Deposit (EMD) | ₹ 10,56,640.00 (Refundable) |
| 3 | Date of publication of Tender on Website | 11.03.2026 |
| 4 | Period of downloading of tender documents | Start Date 11.03.2026 at 05:00 PM |
| 5 | Date of Pre-Bid Meeting | 13.03.2026 at 03:00 PM |
| 6 | Online Bid Submission Period | Start Date 11.03.2026 at 05:00 PM End Date 26.03.2026 at 02:00 PM |
| 7 | Date of Technical bid opening | 27.03.2026 at 03:00 PM |
| 8 | Date of Opening of Financial Bid | Will be declared later on |
| 9 | Name & Address of the Office inviting e-Tender (Procurement Officer) | Director, Dairy, Directorate of Dairy Development, Training & Extension Institute Campus, Sector-2, Dhurwa, Ranchi-834004, Jharkhand |

***Units are Indicative**
**Detailed tender document can be downloaded and applied through website http://www.jharkhandtenders.gov.in**
**Note: The above dates may change due to unavoidable circumstances.**
**Tender notification & Tender document can also be seen (only reading purpose) on the Departmental website http://animalhusbandry.jharkhand.gov.in**

1. After publication of the N.I.T., the desirous bidders may download tender documents along with terms & conditions from the Website. https://www.jharkhandtenders.gov.in and https:// www.jharkhand.gov.in but submit only through NIC e-tender portal https://www.jharkhandtenders.gov.in.
2. Disclosure of rate other than financial bid will disqualify the bidder.
3. Validity of the contract Period – The validity of the rate contract shall generally be one year and shall not exceed two years.
4. EMD will be received through online mode only. Bidders can use internet banking facility for faster processing of EMD. Alternatively, bidders can use NEFT/RTGS challan generated for the tender from www.jharkhandtenders.gov.in portal.
5. All uploaded documents should be legible/readable if not tender may be rejected. Unsigned uploaded documents will be rejected.
6. The scheduled mentioned above is fixed; however, the undersigned reserves the right to change the date of activities in case of any exigencies through a notice in the government website https://www.jharkhandtenders.gov.in and https:// www.jharkhand.gov.in & Notice Board at official address Director, Directorate of Dairy Development, Sector II, Dhurwa, Ranchi, PIN- 834004.

**Director, Dairy**
**Directorate of Dairy Development**
**Jharkhand Ranchi**

PR 374471 (Animal Husbandry)25-26*D

# ଜିପିଏଫ୍ ଉଠାଣରେ ଅର୍ଥ ଆତ୍ମସାତ୍

ଯାଜପୁର,୯।୩(ହର୍ଷବର୍ଦ୍ଧନ ବେହେରା)

■ ଅର୍ଥ ଫେରାଇବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ନୋଟିସ
■ କୋରେଇ ବିଇଓ କାର୍ଯ୍ୟାଳୟ ମାମଲା ଚାପିଦେବାକୁ ଉଦ୍ୟମ
■ ଅଭିଯୁକ୍ତ ଶିକ୍ଷକଙ୍କୁ ନୋଟିସ

ଯାଜପୁର ଜିଲା ଶିକ୍ଷା ବିଭାଗରେ ସରକାରୀ ଅର୍ଥ ଲୁଟ୍ ଓ ଦୁର୍ନୀତିର ସୀମା ଟପିବାକୁ ଲାଗିଲାଣି। କୋରେଇ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟରେ ଭୂତ ଶିକ୍ଷକଙ୍କ ନାମରେ ୪.୯୭ କୋଟି ଟଙ୍କା ଆତ୍ମସାତ୍ ଘଟଣା ପରେ ଏବେ ରସୁଲପୁର ବିଇଓ କାର୍ଯ୍ୟାଳୟରେ ଜଣେ ପିଅନଙ୍କ ନାମରେ ୮ ଲକ୍ଷ ୯୪ ହଜାର ୮୪୯ ଟଙ୍କା ପ୍ରତାରଣାମୂଳକ ଭାବେ ଅଧିକ ଜିପିଏଫ୍ ଉଠାଣ ହୋଇଛି। ରାଜ୍ୟ ସ୍କୁଲ ଓ ଗଣ ଶିକ୍ଷା ବିଭାଗର ଆଭ୍ୟନ୍ତରୀଣ ଅଡିଟ ରିପୋର୍ଟରେ ଏହା ସ୍ପଷ୍ଟ ହୋଇଛି। ଏହିକ୍ରମରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ୫।୩।୨୦୨୬ରେ ଜିଲା ଶିକ୍ଷାଧିକାରୀ(ଡିଇଓ) ଏବଂ ରସୁଲପୁର ବିଇଓଙ୍କୁ ସମ୍ପୃକ୍ତ ପିଅନଙ୍କଠାରୁ ଉପରୋକ୍ତ ଅର୍ଥ ତୁରନ୍ତ ଆଦାୟ କରିବା ସହ ଥାନାରେ ମାମଲା ରୁଜୁ, ନିଲମ୍ବନ, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଉପରୋକ୍ତ ୨ ଘଟଣା ସମ୍ପର୍କରେ ସମ୍ପୃକ୍ତ ବିଇଓମାନେ କିଭଳି ଭାବେ ଜାଣି ପାରିନାହାନ୍ତି କିମ୍ବା ସବୁ ଜାଣି ଅଜଣା ହେବାର ଅଭିନୟ କରୁଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ବିଭାଗୀୟ ଆଭ୍ୟନ୍ତରୀଣ ଅଡିଟ ରିପୋର୍ଟ ଅନୁସାରେ ୨୦୧୦-୧୧ରୁ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ ପିଅନ ଲକ୍ଷ୍ମୀଧର ଦାସଙ୍କ ଜିପିଏଫ୍ କାରବାରରେ ବ୍ୟାପକ ଅନିୟମିତତା ହୋଇଥିବା ଦୃଷ୍ଟିଗତ ହୋଇଛି। ଏହାବାଦ ଅନିୟମିତ ଜିପିଏଫ୍ ମଞ୍ଜୁରୀ ଏବଂ ଟ୍ରେଜେରିରୁ ଟଙ୍କା ଉଠାଣ ମାଧ୍ୟମରେ ହୋଇଥିବା ହେରଫେର ପାଇଁ ଦାୟୀ ଅନ୍ୟ ଅଧିକାରୀ/କର୍ମଚାରୀଙ୍କ ବିରୋଧରେ ଥାନାରେ ଏଫଆଇଆର ରୁଜୁ କରାଯିବାକୁ ନିର୍ଦ୍ଦେଶ ହୋଇଛି। ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଏକ ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

କିଛିଦିନ ତଳେ କୋରେଇ ବିଇଓଙ୍କ କାର୍ଯ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ନାମରେ ୪ କୋଟି ୯୭ ଲକ୍ଷ ୫୫ ହଜାର ୫୧୦ ଟଙ୍କା ଆତ୍ମସାତ କରିଥିବା ବିଭାଗୀୟ ଆଭ୍ୟନ୍ତରୀଣ ଅଡିଟ ରିପୋର୍ଟରୁ ସ୍ପଷ୍ଟ ହୋଇଥିଲା। ଉକ୍ତ ରିପୋର୍ଟ ଉପରେ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ସଚିବ ଏନ.ତିରୁମାଲା ନାଏକ ୨୩।୨।୨୦୨୬ରେ ଯାଜପୁର ଜିଲାପାଳଙ୍କୁ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ୫।୩।୨୦୨୬ରେ ଜିଲା ଶିକ୍ଷାଧିକାରୀ(ଡିଇଓ) ୧୨ ଜଣ ଅଧିକାରୀ ଓ କର୍ମଚାରୀଙ୍କ ନାମରେ କୋରେଇ ଥାନାରେ ଏଫଆଇଆର ଦେଇଥିଲେ। ଏଥିରେ ବର୍ତ୍ତମାନର ବିଇଓ ସୁଦର୍ଶନ ମଲ୍ଲିକଙ୍କ ସମେତ ୩ ଜଣ ପୂର୍ବତନ ବିଇଓଙ୍କ ନାମ ରହିଛି। ବିଡମ୍ବନା ଯେ, ଆଜି ପର୍ଯ୍ୟନ୍ତ କୋରେଇ ଥାନା ପୋଲିସ ପକ୍ଷରୁ ଉପରୋକ୍ତ କୌଣସି ଅଧିକାରୀ କିମ୍ବା କର୍ମଚାରୀଙ୍କୁ ଗିରଫ କରାଯାଇପାରିନାହିଁ। ପୂର୍ବରୁ କୋରେଇ ବିଇଓ ଅଧୀନରେ ଶତାଧିକ ନକଲି ଆଦିବାସୀ ଶିକ୍ଷୟିତ୍ରୀଶିକ୍ଷକ ନିଯୁକ୍ତି ପାଇ ଶିକ୍ଷକତା କରୁଥିବା ଅଭିଯୋଗ ହୋଇଛି। ଏନେଇ କେନ୍ଦ୍ରାଞ୍ଚଳ ଆରଡିସି ପକ୍ଷରୁ ଉପଯୁକ୍ତ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ହୋଇଥିଲେ ହେଁ ତହସିଲ ପ୍ରଶାସନ ପକ୍ଷରୁ ନକଲି ଆଦିବାସୀ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସୁରକ୍ଷା ଦିଆଯାଇଥିବା ଅଭିଯୋଗ ହେଉଛି। ତେବେ ଉପରୋକ୍ତ ୪.୯୭ କୋଟି ଟଙ୍କା ଅର୍ଥ ଆତ୍ମସାତ୍ ମାମଲାକୁ ମଧ୍ୟ କଳେବଳେ କୌଶଳେ ଚାପିଦେବାକୁ ଉଦ୍ୟମ କରାଯାଉଥିବା ଚର୍ଚ୍ଚା ହେଉଛି। ବିଇଓ ସୁଦର୍ଶନ ମଲ୍ଲିକ ପୂର୍ବକୋଟ ୟୁଜିଏମଇ ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତିଙ୍କୁ ଉକ୍ତ ସରକାରୀ ଅର୍ଥ ଫେରସ୍ତ କରିବାକୁ ନୋଟିସ ଦେଇଥିବା ସୂଚନା ମିଳିଛି। ଏତିକିରେ କାର୍ଯ୍ୟାନୁଷ୍ଠାନ ସୀମିତ ରହିଥିବାରୁ ଏହି ମାମଲାରେ ବଡ ଅଧିକାରୀମାନେ ଖସିଯାଇପାରନ୍ତି ବୋଲି ମତପ୍ରକାଶ ପାଇଛି।

## ୧୦ ଦଫା ଦାବିରେ ବଡ଼ଚଣା ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ଧାରଣା



ବଡ଼ଚଣା ବ୍ଲକ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ଧାରଣା।

ଚଣ୍ଡିଖୋଲ/ବଡ଼ଚଣା, ୯।୩ (ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି)

ବଡ଼ଚଣା ବ୍ଲକ୍ କଂଗ୍ରେସ କମିଟି ସଭାପତି ଚିନ୍ମୟ ପ୍ରଧାନଙ୍କ ନେତୃତ୍ୱରେ ସୋମବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ୧୦ ଦଫା ଦାବିପତ୍ର ପ୍ରଦାନ ସହ ଧାରଣା ଦିଆଯାଇଥିଲା। ବଡ଼ଚଣାର ବିଭିନ୍ନ ଅଞ୍ଚଳରେ ପାନୀୟ ଜଳର ସମସ୍ୟା ସମାଧାନ, ସମସ୍ତ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଦଳମତ ନିର୍ବିଶେଷରେ ସମସ୍ତ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ପକ୍କାଘର ପ୍ରଦାନ, ନିଆଳି ଗ୍ରାମର ମୃତ ଚାଷୀ ବିଦ୍ୟାଧର ମଲ୍ଲିକଙ୍କୁ ୨୦ ଲକ୍ଷ ଟଙ୍କା ପ୍ରଦାନ, ସମସ୍ତ ଚାଷୀଙ୍କଠାରୁ ଧାନ କ୍ରୟ, ଭାଗଚାଷୀଙ୍କୁ ଚିହ୍ନଟ କରି ସରକାରୀ ସହାୟତା ପ୍ରଦାନ, ଲଘୁ ଖଣିଜ ତଥା ବାଲି, ମୋରମ, ମାଙ୍କଡ଼ା ପଥରର ଚୋରା ଚାଲାଣ ରୋକିବା, ବେକାରି ସମସ୍ୟା ଦୂରକରି ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ, ସମସ୍ତ ମେଡିକାଲକୁ ଆମ୍ବୁଲାନ୍ସ ଯୋଗାଇଦେବା ସହ ଡାକ୍ତର ନିଯୁକ୍ତି, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ରୋକିବା ସହିତ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବି କରାଯାଇଛି। ଧାରଣାରେ ପ୍ରଦେଶ କଂଗ୍ରେସ କମିଟି ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ପ୍ରଦେଶ କଂଗ୍ରେସ କମିଟି ପରିବେଶ କମିଟି ଆବାହକ ସୁଧାଂଶୁ ଶେଖର ଦେଓ, ଯାଜପୁର ଜିଲା କଂଗ୍ରେସ କମିଟି ସଭାପତି ମାଗୁଣି ଜେନା, ଉପସଭାପତି ଅକ୍ଷୟ କୁମାର ସ୍ୱାଇଁ, ସମ୍ପାଦକ ପ୍ରବୀର ବଳ, ସୁମନ୍ତ କୁମାର ଜେନା, ବ୍ଲକ୍ ଛାତ୍ର କଂଗ୍ରେସ ସଭାପତି ଜୟ ପ୍ରକାଶ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ। ପ୍ରାରମ୍ଭରେ କଂଗ୍ରେସ କର୍ମୀମାନେ ଏକ ଶୋଭାଯାତ୍ରାରେ ଆସି ଶହୀଦ ସ୍ତମ୍ଭ ନିକଟରେ ଗଣଧାରଣା ଦେଇଥିଲେ। ଶେଷରେ ଏକ ଦାବିପତ୍ର ବିଡିଓଙ୍କ ଜରିଆରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ।

## ୪୭ ଅଭିଯୋଗରୁ ୧୪ର ତତ୍କାଳ ଫଇସଲା

### ବଡ଼ଚଣାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଚଣ୍ଡିଖୋଲ,୯।୩ (ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଉପସ୍ଥିତ ରହି ଯାଜପୁର ଜିଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ କହିଥିଲେ। ୪୭ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୨, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ଗୋଟିଏ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୮, ରେଡକ୍ରସ ପାଣ୍ଠିରୁ ୬ ଅଭିଯୋଗର ଶୁଣାଣି କରାଯାଇଥିଲା। ୧୪ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏଥିରେ ଜିଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲା ପରିଷଦ ଦେବୀପ୍ରସାଦ ମହାନ୍ତି, ଉପ ଜିଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲା ମୁଖ୍ୟ ଚିକିତ୍ସାଳୟର ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ବିଡିଓ, ରବୀନ୍ଦ୍ର କୁମାର ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତିଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ପୋଲ ତଳକୁ ଖସିଲା ଅଟୋ: ୪ ଆହତ



ପାଣିକୋଇଲି, ୯।୩ ( ବିକାଶ ଚନ୍ଦ୍ର ମଲ୍ଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ସିଙ୍ଗଡ଼ା ପୋଲ ଉପରେ ଏକ ଯାତ୍ରୀବାହୀ ଅଟୋର ଆଗ ଚକ ବାହାରି ଯିବାରୁ ପୋଲ ବାଡ଼ାରେ ପିଟି ହୋଇ ତଳକୁ ଖସିପଡ଼ିଥିଲା। ଏଥିରେ ଜଣେ ମହିଳା ଗୁରୁତର ହୋଇପଡ଼ିଥିବାବେଳେ ଅନ୍ୟ ୩ ଜଣ ଆହତ ହୋଇଛନ୍ତି।

ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ ଝୁଣ୍ଟୁଣା ଗ୍ରାମର ହରମୋହନ ରାଉତ, ଶ୍ରୀନିବାସ ରାଉଳ, ସନ୍ଧ୍ୟାରାଣୀ ବେହେରା ଓ କୌଶଲ୍ୟା ରାଉଳ ଏକ ଅଟୋ ଯୋଗେ ମଧୁବନରୁ ଫେରୁଥିବା ବେଳେ ସିଙ୍ଗଡ଼ା ପୋଲ ଉପରେ ଅଟୋର ଆଗ ଚକ ବାହାରି ଯାଇଥିଲା। ଫଳରେ ଅଟୋଟି ଭାରସାମ୍ୟ ହରାଇ ପୋଲ ବାଡ଼ାରେ ପିଟି ହୋଇ ତଳକୁ ଖସିପଡ଼ିଥିଲା। ଖବରପାଇ ରାଜପଥ ପେଟ୍ରୋଲିଂ ପୋଲିସ ଓ ସମାଜସେବା ସଙ୍ଗଠନର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରି ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ କୌଶଲ୍ୟାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଭାରତରେ କାଳ ଗଣନା, ଓଡ଼ିଆ ପାଞ୍ଜି ଶୀର୍ଷକ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

ଧର୍ମଶାଳା, ୯।୩ (ବଟକୃଷ୍ଣ ପରିଡା)

ଧର୍ମଶାଳା ବ୍ଲକ ଜାରକାସ୍ଥିତ ଆମ ପାଠାଗାର ପରିସରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓ ରାଷ୍ଟ୍ରଦୀପ ପାଠକ ସମିତି ତରଫରୁ 'ଭାରତରେ କାଳ ଗଣନା ଓ ଓଡ଼ିଆ ପାଞ୍ଜି' ଶୀର୍ଷକ ଆଲୋଚନାଚକ୍ର ସଭାପତି ଶ୍ରମିକ ନେତା ନୃସିଂହ ଚରଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଆଲୋଚକ ପଣ୍ଡିତ କାମଦେବ ଶତପଥୀ, ମୁଖ୍ୟ ଅତିଥି ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ରାଜ୍ୟ ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ର ଓ ଅନ୍ୟତମ ଅତିଥି ଭାବେ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା ଯୋଗଦେଇ କାଳ ଗଣନା ଓ ଓଡ଼ିଆ ପାଞ୍ଜିର ଦୈନନ୍ଦିନ ଜୀବନରେ କିପରି ଆବଶ୍ୟକତା ରହିଛି ତାହା ଉଲ୍ଲେଖ କରିଥିଲେ। ବିବାହ, ବ୍ରତ, ଗୃହ ନିର୍ମାଣ ଓ ଗୃହ ପ୍ରବେଶ, ତିଥି ବାର, ନକ୍ଷତ୍ର, ସୂର୍ଯ୍ୟ ପରାଗ, ଚନ୍ଦ୍ରଗ୍ରହଣ, ଶୁଭ ଅଶୁଭ ଇତ୍ୟାଦି ପାଞ୍ଜିରୁ ହିଁ ଆଜିର ସମାଜ ନିର୍ଭୁଲ ଭାବେ ଗ୍ରହଣ କରି ଆସୁଛି ବୋଲି ମତପ୍ରଦାନ କରିଥିଲେ। ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ସବିତା ମିଶ୍ର, ପଣ୍ଡିତ ବ୍ରଜକିଶୋର ଦାସ, ସମାଜିକ କର୍ମୀ ଗୋଲାଖ ପଲେଇ, ଅଧ୍ୟକ୍ଷ ଅନନ୍ତ କିଶୋର ମହାନ୍ତି, ପ୍ରଧାନ ଶିକ୍ଷକ ରଶ୍ମୀରଞ୍ଜନ ସାମଲ ପ୍ରମୁଖ ଯୋଗଦେଇ ପୁରୀ ମନ୍ଦିର ନୀତି ନିର୍ଘଣ୍ଟ, ପୂର୍ଣ୍ଣିମା, ଅମାବାସ୍ୟା ସଂକ୍ରାନ୍ତି ତିଥି ପାଞ୍ଜି ଦ୍ୱାରା ପରିଚାଳିତ ହେଉଥିବା କଥାକୁ ଗୁରୁତ୍ୱ ଦେଇଥିଲେ। ସଭାର ଆରମ୍ଭରେ ଭାରତ ମାତାଙ୍କ ଫଟୋ ଚିତ୍ରରେ ଦୀପ ଓ ପୁଷ୍ପ ଦେଇ ଅତିଥିମାନେ ସଭାକୁ ଉଦ୍‌ଘାଟନ କରିଥିଲେ। ଏମ୍‌ପିଙ୍କ ପ୍ରତିନିଧି କାହ୍ନୁଚରଣ ଦାଶ ପଞ୍ଜିକା ପୁସ୍ତକ ରାଷ୍ଟ୍ର, ଓଡ଼ିଶାର ଭବିଷ୍ୟବାଣୀ ପଠନରେ ଦେବେନ୍ଦ୍ର କୁମାର ନାୟକ, ମନୋଜ କୁମାର ମହାନ୍ତି, ଗଗନ ଦତ୍ତ ସହଯୋଗ କରିଥିଲେ। ଡ. ଅଜୟ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଫୁଲ୍ଲ କୁମାର ସ୍ୱାଇଁ, କବି ଦେବେନ୍ଦ୍ର ପଟ୍ଟନାୟକ, କ୍ରିଷ୍ଣମୋହନ ବିଶ୍ୱାଳ ସଭା ପରିଚାଳନାରେ ସହଯୋଗ କରିଥିବାବେଳେ ପୂର୍ବତନ ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଭିନ୍ନକ୍ଷମ ନାବାଳିକାଙ୍କ କନ୍ୟା ସନ୍ତାନ ପ୍ରସବ

କଳିଙ୍ଗନଗର, ୯।୩(ଶୁଭାଶିଷ ରାଉତ)

କଳିଙ୍ଗନଗର ଥାନା ଅଞ୍ଚଳରେ ଜଣେ ଆଦିବାସୀ ଭିନ୍ନକ୍ଷମ ନାବାଳିକା ଜଣକ ୧।୩।୨୬ରେ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ଏ ନେଇ ଦାନଗଦି ସିଡିପିଓ କୌଣସି ସୂତ୍ରରୁ ଖବରପାଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ନଂ. ୫୪/୨୬ରେ ଏକ ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ନାବାଳକ (୧୬)କୁ ସୋମବାର ବାଳ ସୁଧାର ଗୃହକୁ ପଠାଇଥିବା ବେଳେ ନାବାଳିକାଙ୍କ ସାସ୍ଥ୍ୟ ପରୀକ୍ଷା କରି ମାତୃ ଶିଶୁ ଯତ୍ନ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି।

## ଭୁବନେଶ୍ୱର ରେଳ ଷ୍ଟେଶନ୍‌ରୁ ମହିଳା ନିଖୋଜ

ଯାଜପୁର ଟାଉନ, ୯।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) :

ଯାଜପୁର ଜିଲା ଦଶରଥପୁର ବ୍ଲକ୍ ଅନ୍ତର୍ଗତ ଅହିୟାସ ଗ୍ରାମର ପ୍ରଶାନ୍ତ କୁମାର ମିଶ୍ରଙ୍କ ସ୍ତ୍ରୀ ସସ୍ମିତା ମିଶ୍ର (୪୦) ୭ ତାରିଖ ଅପରାହ୍ନ ୧ଟାରେ ଭୁବନେଶ୍ୱର ରେଳ ଷ୍ଟେଶନ୍‌ରୁ କେଉଁ ଆଡେ ନିଖୋଜ ହୋଇଯାଇଛନ୍ତି। ବହୁ ଖୋଜାଖୋଜି କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଦୀର୍ଘ ୧୯ବର୍ଷ ତଳେ ସେ ପ୍ରଶାନ୍ତଙ୍କୁ ବିବାହ କରିଥିଲେ। ତାଙ୍କର ୪ ଝିଅ ଅଛନ୍ତି। ଯଦି କୌଣସି ବ୍ୟକ୍ତି ତାଙ୍କ ବିଷୟରେ ସନ୍ଧାନ ପାଆନ୍ତି ତେବେ ଏହି ମୋବାଇଲ ନଂ. ୭୨୦୪୪୭୬୮୧୯ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।



## ଜାରକା, ଆରୁହା ମେଳଣ ଉଦ୍‌ଯାପିତ



ଜାରକା ମେଳଣରେ ଫଗୁ ଖେଳି ଠାକୁରମାନେ ଚାରାରେ ବସିଛନ୍ତି।

ଧର୍ମଶାଳା/ ଚଢେଇଧରା, ୯।୩ (ବଟକୃଷ୍ଣ ପରିଡା/ ଦିଲୀପ ପରିଡ଼ା) :

ଧର୍ମଶାଳା ବ୍ଲକ ଜାରକା ମହୋତ୍ସବ ପଡ଼ିଆଠାରେ ରବିବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ୪୮ତମ ଜାରକା ମେଳଣ ସୋମବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ମେଳଣରେ ୨୨ ବଡ଼ ବିମାନ ଓ ୧୩ ଛୋଟ ବିମାନ ଯୋଗଦେଇ ଫଗୁ ଖେଳିଥିଲେ। ଦୋଳ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ବିରାଜମାନ କରି ମେଳଣ ପଡ଼ିଆକୁ ଭଜନ, କୀର୍ତ୍ତନ ସହକାରେ ଆସି ଚାରାରେ ବସିଥିଲେ। କମିଟିର ସଭାପତି ଜଳଧର ସାହୁ, ଉପସଭାପତି ଅଜୟ କୁମାର ମହାପାତ୍ର, ସମ୍ପାଦକ ଅଜାମ୍ବର ସାହୁ ଓ କୋଷାଧ୍ୟକ୍ଷ ରବିନାରାୟଣ ସାହୁ ଜାରକା ଶବରସାହି ଥାନପତି ବିମାନଙ୍କୁ ନିମନ୍ତ୍ରଣ ଜଣାଇ ଆସିବା ପରେ ସେ ପ୍ରଥମ ଚାରାରେ ବସିଥିଲେ। ଏହି ମେଳଣରେ ରାଧାକୃଷ୍ଣ ଜୀଉ ଅଚ୍ୟୁତପୁର, ଉତ୍ତରଶାସନ, ଦକ୍ଷିଣଶାସନ, ବାଲିଗରି, ନରସିଂହପୁର, ଗଙ୍ଗାଧରପୁର, ଭୁଷଣ୍ଡପୁର, ପ୍ରଥମାଖଣ୍ଡି, ଚହଟା ଗୋପୀନାଥ, ଚହଟା ବୃନ୍ଦାବନ, ଚୋରମୁହାଁ, ଦେଓଦା ( ସ୍ୱାଇଁସାହି), ବ୍ରାହ୍ମଣଦା, ଦୁବଗାଡିଆ, ଅଭୟପୁର, ଚକଗୋପାଳପୁର, ସେବତୀପୁରରୁ ୨୨ ବଡ଼ ବିମାନ ସହ ୧୩ଟି ଛୋଟ ରାଧାକୃଷ୍ଣ ବିମାନ ଯୋଗଦେଇଥିଲେ। ବିଭିନ୍ନସ୍ଥାନରୁ ବହୁ ଶହ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଆସି ରାଧାକୃଷ୍ଣ ଫଗୁ ଖେଳ ଦେଖିବା ସହ ମହୋତ୍ସବ ପଡିଆରେ ପଡିଥିବା ବିଭିନ୍ନ ଉଠାଦୋକାନରୁ ଘରକରଣା ସାମଗ୍ରୀ କିଣାକିଣି କରିଥିଲେ। ଜାରକା ବଜାର ଦେଇ ୧୬ ନଂ. ଜାତୀୟ ରାଜପଥ ଯାଇଥିବାରୁ ଆଇନ୍ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଧର୍ମଶାଳା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସଂଯୋଜକ ଦେବରାଜ ମିଶ୍ର, ବରିଷ୍ଠ ସଭ୍ୟ କିଶୋର ନାୟକ, ସତ୍ୟପ୍ରିୟ ମହାନ୍ତି, ରାମଚନ୍ଦ୍ର ମଲିକ, ଅଶୋକ ବରାଳ, ଅନିରୁଦ୍ଧ ରାଉତ, ନକୁଳ ସାହୁ, ସରପଞ୍ଚ ସୁଦାମ ଚରଣ ବେହେରା, ମହେଶ୍ୱର ସାହୁ ପ୍ରମୁଖ ମେଳଣ ପରିଚାଳନାରେ ସହଯୋଗ କରିଥିଲେ।

ସେହିପରି ଧର୍ମଶାଳା ବ୍ଲକ ଆରୁହାଠାରେ ରବିବାର ସନ୍ଧ୍ୟାରୁ ମେଳଣ ଆରମ୍ଭ ହୋଇ ସୋମବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆରୁହା ଠାକୁର ଥାନପତି ଭାବେ ଯୋଗ ଦେଇଥିବାବେଳେ ଏହି ମେଳଣରେ କୋହ୍ଲା, ବାଟିଜଙ୍ଘା, ଶ୍ରୀବନ୍ତପୁର, ପୋଲର,ସିଆ, କରନ୍ଦା, ସର୍ପା, ଭଡ଼ଙ୍ଗା, ପ୍ରମୁଖ ବିମାନ ଯୋଗଦେଇଥିଲେ। ବିମାନଗୁଡ଼ିକ ଶୋଭାଯାତ୍ରାରେ ଶିଙ୍ଘବାଜା, ବାଡ଼ିଖେଳ, ଘଣ୍ଟା, ଘଣ୍ଟ ସହ ମଦନମୋହନ ଗୀତ ଗାଇ ଆସିଥିଲେ। ପରେ ଫଗୁ ଖେଳିଥିଲେ। ମେଳଣ କମିଟିର ସଭାପତି ନବକିଶୋର ସାମଲ ଉପସଭାପତି ଉତ୍ସବ ସାମଲ, ଦିଲୀପ ନାୟକ, ଧ୍ରୁବାନନ୍ଦ ବଳ, କେଶବ ଦାସ, ମନୋଜ ଜେନା, ଅନନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। କମିଟିସଭ୍ୟମାନେ ବିମାନକୁ ଚାରାକୁ ନେଇ ଭୋଗ ପ୍ରଦାନ କରି ବିଦାୟ ଜଣାଇଥିଲେ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରଦୀପ୍ତ



@ ରଞ୍ଜନ



@ ଚୁନୁ



@ ସୌମ୍ୟକାନ୍ତ



@ ଉଦୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଦୋଳ ମେଳଣବେଳେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

#### ଜେଜେବିକୁ ଯିବେ ନାବାଳକ

**ପାଟକୁରା, ୯।୩ (ରବୀନ୍ଦ୍ର ନାଥ ବାରିକ)**

କେନ୍ଦ୍ରାପଡା ଜିଲା ପାଟକୁରା ଅଞ୍ଚଳରେ ଗତ ଦୋଳ ମେଳଣ ସମୟରେ ଅପେରା ଚାଲିଥିବା ବେଳେ ୯ ବର୍ଷର ନାବାଳିକାଙ୍କୁ ଜଣେ ନାବାଳକ (୧୭) ସାଥିରେ ନେଇ ନିଛାଟିଆ ସ୍ଥାନରେ ବଳାତ୍କାର କରିଥିବା ସୋମବାର ପାଟକୁରା ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏ ନେଇ ନଂ. ୫୦/୨୬ରେ ଏକ ମାମଲା ରୁଜୁ କରିବା ସହିତ ସମ୍ପୃକ୍ତ ନାବାଳକଙ୍କୁ କେନ୍ଦ୍ରାପଡା ବାଳସୁଧାର ଗୃହକୁ ମଙ୍ଗଳବାର ପଠାଯିବ ବୋଲି ଥାନା ଅଧିକାରୀ ମହମ୍ମଦ ଜାମସେଦ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଗତ ୩ ତାରିଖ ରାତିରେ ସ୍ଥାନୀୟ ଏକ ମେଳଣ ପଡିଆରେ ଅପେରା ଚାଲିଥିବା ବେଳେ ନାବାଳିକାଙ୍କୁ ନାବାଳକ ଜଣକ ବିଭିନ୍ନ ପ୍ରଲୋଭନ ଦେଖାଇ ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକ ପରଦିନ ଜାଣିଥିଲେ ମଧ୍ୟ ସମ୍ପୃକ୍ତ ନାବାଳକଙ୍କ ନାମ ପୀଡିତା ଜଣକ ଠିକ୍ ଭାବେ କହିପାରିନଥିଲେ। ତେଣୁ ଅପେରା ଚାଲୁଥିବା ପାଖାପାଖି ସ୍ଥାନରେ ଲାଗିଥିବା ସିସିଟିଭି କ୍ୟାମେରା ପରିବାର ଲୋକେ ଦେଖିବା ପରେ ସମ୍ପୃକ୍ତ ନାବାଳକଙ୍କ ଘର ନଦୀ ଅପର ପାର୍ଶ୍ୱର ଏକ ଗ୍ରାମରେ ବୋଲି ଜଣାପଡିଥିଲା। ଘଟଣା ବିଷୟରେ ସାଧାରଣରେ ଆଲୋଚନା ହେବାରୁ ପରିବାର ଲୋକ ଥାନାରେ ଏତଲା ଦେଇଥିଲେ। ସିସି ଟିଭି ଫୁଟେଜକୁ ଆଧାରକରି ପୋଲିସ ସମ୍ପୃକ୍ତ ନାବାଳକଙ୍କୁ ଧରିବା ସହିତ ଉଭୟଙ୍କର ଡାକ୍ତରୀମାଇନା କରାଇଛନ୍ତି ।

### ଯୁବକଙ୍କ ଆତ୍ମହତ୍ୟା

**ମାର୍ଶାଘାଇ, ୯।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ମାର୍ଶାଘାଇ ଥାନା ଅନ୍ତର୍ଗତ ବେରୁହାଁ ଗ୍ରାମରେ ଜଣେ ଯୁବକ ବିଷପାନ କରି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ସେହି ଗ୍ରାମର ଭବୁ ଭୂଷଣ ବେହେରା (୨୮)। ରବିବାର ରାତିରେ ସେ ନିଜ ଘରଠାରୁ ଅନତି ଦୂରରେ ଥିବା ମିଳିମିଳା ଠାକୁରାଣୀ ପୀଠ ନିକଟରେ ଥିବା ଏକ ବିଲରେ ବିଷ ପିଇ ଦେଇଥିଲେ। ସକାଳୁ ଲୋକମାନେ ଦେଖି ତାଙ୍କ ଘରକୁ ଖବର ଦେଇଥିଲେ। ପରିବାର ଲୋକ ତାଙ୍କୁ କେନ୍ଦ୍ରାପଡ଼ା ଡାକ୍ତରଖାନା ନେଇଥିଲେ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମରେ ହେଉଥିବା ଆଲୋଚନା ଅନୁଯାୟୀ ଭବୁ ଜଣେ ଯୁବତୀଙ୍କୁ ଦୀର୍ଘ ଦିନ ଧରି ଭଲ ପାଉଥିଲେ। ପରସ୍ପର ଭଲ ପାଇବା ଭିତରେ ଏକ ମୋବାଇଲ ଫୋନ କିଣିବାକୁ ନେଇ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇଥିଲା। ଫଳରେ ଯୁବକ ଜଣକ ମାନସିକ ଅବସାଦରେ ରହୁଥିଲେ। ଶେଷରେ ସେ ଏଭଳି ପନ୍ଥା ବାଛିନେଲେ ବୋଲି କୁହାଯାଉଛି । ମାର୍ଶାଘାଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରିରଖିଛି ।

### ବ୍ୟବସାୟୀଙ୍କ ପରଲୋକରେ ଶୋକ

**ଡେରାବିଶ, ୯।୩ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ପଥରପଡା ଗ୍ରାମ ନିବାସୀ ତଥା ଚାନ୍ଦୋଳ ବଜାରର ପୁରୁଖା ବ୍ୟବସାୟୀ ଘନଶ୍ୟାମ ସାହୁ(୬୩)ଙ୍କ ପରଲୋକରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଘନଶ୍ୟାମ ରବିବାର ମଧ୍ୟରାତ୍ରରେ ହଠାତ୍ ହୃଦଘାତର ଶୀକାର ହେବାରୁ ପରିବାରଙ୍କ ପକ୍ଷରୁ ତାଙ୍କୁ ଚିକିତ୍ସାଳୟ ନିଆଯାଇଥିଲେ ହେଁ ସେଠାରେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ତାଙ୍କ ପଥରପଡା ସ୍ଥିତ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସୋମବାର ପୂର୍ବାହ୍ନରେ ଏକ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ବଡ଼ପୁଅ ପ୍ରମୋଦ ମୁଖାଗ୍ନି ଦେଇଥିଲେ। ଘନଶ୍ୟାମଙ୍କ ସ୍ମୃତିରେ ଚାନ୍ଦୋଳ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ଏକ ସ୍ମୃତି ସଭା କରାଯିବା ସହ ନୃସିଂହ ବଜାରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା।

# ନମତରାଠାରେ ନୂତନ ମଦ ଦୋକାନ ଖୋଲିବାକୁ ବିରୋଧ

**ରାଜକନିକା, ୯।୩ (ସଞ୍ଜୟ କୁମାର ଦାଶ)**



ମଦ ବିରୋଧୀ ଆନ୍ଦୋଳନରେ ଏକାଠି ହୋଇଥିବା ମହିଳା ।

**ଅନ୍ତର୍ଜାତୀୟ ମହିଳା ଦିବସ**

- ଆନ୍ଦୋଳନ ଲାଗି ଶପଥ
- ଆନ୍ଦୋଳନରେ ଆହତ ମହିଳାଙ୍କୁ ମିଳିନି ନ୍ୟାୟ

ରାଜକନିକା ବ୍ଲକ ନମତରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପ୍ରଗତିଶୀଳ ମହିଳା ସଂଗଠନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। ଏହି ଦିବସ ଅବସରରେ ନମତରାଠାରେ ନୂତନ ମଦ ଦୋକାନ ଖୋଲିବା ଲାଗି ସରକାରଙ୍କ ପକ୍ଷରୁ ହୋଇଥିବା ନିଷ୍ପତ୍ତିକୁ ବିରୋଧ କରିଛନ୍ତି ମହିଳା ମାନେ। ଏଠାରେ ଯଦି ମଦ ଦୋକାନ ଖୋଲାଯାଏ, ତେବେ ଆନ୍ଦୋଳନ ତୀବ୍ରତର ହେବ ବୋଲି ପ୍ରଶାସନ ଓ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

ଏଥିସହ ୨୦୧୫, ମାର୍ଚ୍ଚ ୮ରେ ଅନ୍ତର୍ଜାତୀୟ ମହିଳା ଦିବସକୁ ମନେପକାଇ ଥିଲେ ମହିଳାମାନେ। ସେ ସମୟରେ ମଦକୁ ବିରୋଧକରି ମହିଳାମାନେ ପୋଲିସ ଗୁଳିର ଶୀକାର ହୋଇଥିଲେ। ଆଜକୁ ୧୧ ବର୍ଷ ବିତିଯାଇଥିଲେ ବି ସେମାନଙ୍କୁ ମିଳିନି ନ୍ୟାୟ, ସେତେବେଳର ସରକାର ଆର୍‌ଡିସିସ୍ତରୀୟ ତଦନ୍ତ କରିଥିଲେ ବି ଆଜି ଯାଏ ଆସିଲାନି ରିପୋର୍ଟ। ମହିଳାମାନେ କହିଛନ୍ତି, ଯଦି ସରକାର ଏଠାରେ ନୂଆକରି ମଦ ଦୋକାନ ଖୋଲିବା ପ୍ରକ୍ରିୟା ବନ୍ଦ ନ କରନ୍ତି, ତେବେ ୨୦୧୫ ମଦ ବିରୋଧୀ ଆନ୍ଦୋଳନଠାରୁ ଅଧିକ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି। ଯାହା ପରିସ୍ଥିତି ହେବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ମହିଳାମାନେ କହିଛନ୍ତି। ଏହା ସହ ରାଜ୍ୟରେ ଦିନ ଦ୍ୱିପ୍ରହରେ ମହିଳାମାନେ ବଳାତ୍କାରର ଶିକାର ହେଉଛନ୍ତି। ନିର୍ଯାତନା ବଢୁଛି ଓ ମହିଳାମାନେ ସୁରକ୍ଷିତ ନୁହନ୍ତି। ତୁରନ୍ତ ସରକାର ମହିଳାମାନଙ୍କ ସୁରକ୍ଷା ଲାଗି ପଦକ୍ଷେପ ନିଅନ୍ତୁ। ଏହାସହ ସରକାର ମହିଳାମାନଙ୍କ ଉପରେ ହେଉଥିବା ନିର୍ଯାତନାର ନ୍ୟାୟ ପ୍ରଦାନ କରିପାରୁ ନାହାନ୍ତି ବୋଲି ସରକାରଙ୍କୁ ଦୃଢ ଭାବେ ସମାଲୋଚନା କରିଛନ୍ତି। ଆୟୋଜିତ ସଭାରେ ନମତରା ପଞ୍ଚାୟତ ସରପଞ୍ଚ କମଳିନୀ ଜେନାଙ୍କ ସଭାପତିତ୍ୱରେ ହାଟସହି ସରପଞ୍ଚ ସୀତାରାଣୀ ଦାସ, ପ୍ରଗତିଶୀଳ ମହିଳା ସମିତି ରାଜ୍ୟ ସଭାନେତ୍ରୀ ସବିତା ବରଜ, ବ୍ଲକ ସମ୍ପାଦିକା ଝରଣା ରାଉତ, ସାମାଜିକ କର୍ମୀ ବିଧାନ ଦାସ ପ୍ରମୁଖ ଉପସ୍ଥିତ ରହି ମହିଳାମାନଙ୍କୁ ସଂଗଠିତ, ସଶକ୍ତ ଓ ନାରୀ ନିର୍ଯାତନା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସସ୍ମିତା ନାୟକ, ଅପରାଜିତା ବେହେରା, ତିଳୋତ୍ତମା ଦାସ, ସୁଲୋଚନା ଜେନା, ରୁକ୍ମଣୀ ଦାସ, ଗୀତାଞ୍ଜଳି ସାହୁ, ଚିନ୍ମୟୀ ମହାକୁଡ଼ୁ ଓ ରଞ୍ଜୁଲତା ଦାସଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ।

# ଶ୍ରୀଜଗନ୍ନାଥଙ୍କ ୩୨ ବେଶ ମହୋତ୍ସବ ପ୍ରଦର୍ଶିତ

**ମହାକାଳପଡ଼ା, ୯।୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**



ମଣ୍ଡପରେ ମହାପ୍ରଭୁଙ୍କ ବେଶ ପ୍ରଦର୍ଶନ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବଡ଼ମଠ ଟାଙ୍କି ବେଲାରି ମୌଜାସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠାତା ଶ୍ୟାମସୁନ୍ଦର ନାୟକଙ୍କ ଉଦ୍ୟମରେ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ମହୋତ୍ସବ ଓ ଭଜନ ସମାରୋହ ସପ୍ତାହ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏହି ଆଧ୍ୟାତ୍ମିକ ଓ ଧାର୍ମିକ କାର୍ଯ୍ୟକ୍ରମରେ ମହାପ୍ରଭୁ ଜଗନ୍ନାଥଙ୍କ ବିଭିନ୍ନ ବେଶ ପ୍ରଦର୍ଶିତ ହେଉଛି। ବେଶ ମଧ୍ୟରେ ଠିଆକିଆ ଲକ୍ଷ୍ମୀନାରାୟଣ ବେଶ, ହରିହର ବେଶ, ରାଧା ଦାମୋଦର ବେଶ, ବାମନ ବେଶ, କୃଷ୍ଣ ବଳରାମ ବେଶ, ପ୍ରଳମ୍ବାସୁର ବେଶ, କଳୀୟ ଦଳନ ବେଶ, ଆଡ଼କିଆ ଲକ୍ଷ୍ମୀ ନୃସିଂହ ବେଶ, ତ୍ରିବିକ୍ରମ ବେଶ, ବାଙ୍କଚୂଡ଼ା ବେଶ, ନାଗାର୍ଜୁନ, ପର୍ଶୁରାମ ବେଶ , ଘୋଡ଼ ଲାଗି ବେଶ, ଶ୍ରାଦ୍ଧ ବେଶ, ବଣଭୋଜି ବେଶ, ଝୁଲଣ ସନ୍ଧ୍ୟାଧୂପ ବେଶ, ପୁଷ୍ୟାଭିଶେକ ବେଶ, ନବାଙ୍କ ବେଶ, ମକର ଗୌରଣି ବେଶ, ସୁନାବେଶ, ପଦ୍ମ ବେଶ, ଜାମା ଲାଗି ବେଶ, ଟାହିଆ ଲାଗି ବେଶ, ସନୋ ପଛା ଲାଗି ବେଶ, ନବଯୌବନ ବେଶ, ଗଜ ଉଦ୍ଧାରଣ ବେଶ, ଚାଚେରୀ ବେଶ, ରଘୁନାଥ ବେଶ, ଗଜାନନ / ହାତୀ ବେଶ , ଚନ୍ଦନ ଲାଗି ବେଶ, ରାଜରାଜେଶ୍ୱରି ବେଶ, ଦୋଳ ପୂର୍ଣ୍ଣିମା ବେଶ, ବଡସିଂହାର ବେଶ, ନିତ୍ୟଧୂପ ବେଶ, ଅବକାଶ ବେଶ, ଡାଳିକିଆ/ ତ୍ରିବିକ୍ରମ ବେଶ ଓ ଗିରିଗୋବର୍ଦ୍ଧନ ବେଶ ଆଦି ଶୋଭା ବର୍ଦ୍ଧନ କରୁଛି। ଅନୁଷ୍ଠାନ ପକ୍ଷରୁ କୁହାଯାଉଛି, ଯେଉଁ ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁଙ୍କ ବିଭିନ୍ନ ବେଶ ଦର୍ଶନ କୃପା ଲାଭ ବଞ୍ଚିତ ସେମାନେ ଏହି ପ୍ରଭୁଙ୍କ ବିଭିନ୍ନ ବେଶ ପ୍ରଦର୍ଶନ ମଣ୍ଡପରେ କୃପା ଲାଭ କରିବେ ବୋଲି ଆୟୋଜକ କର୍ମକର୍ତ୍ତା କହିଛନ୍ତି। ଏହି ମହାପ୍ରଭୁଙ୍କ ବେଶ ପ୍ରଦର୍ଶନ ମଣ୍ଡପରେ ବ୍ରହ୍ମପୁର ଗୋଷାଣୀନୂଆଗାଁ ସ୍ଥିତ ଓଡ଼ିଶା ସର୍ଭିସ ସେଣ୍ଟର ଫର୍ ଦ ଦିବ୍ୟାଙ୍ଗ ପିପୁଲ ପକ୍ଷରୁ ଆୟୋଜନ କରାଯାଉଛି ବୋଲି କାର୍ଯ୍ୟକର୍ତ୍ତା କହିଛନ୍ତି ।

### ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

## ସମସ୍ୟା ସମାଧାନ ପାଇଁ ବିଧାନସଭାରେ ପାଟକୁରା ବିଧାୟକଙ୍କ ପ୍ରଶ୍ନ

**ଡେରାବିଶ, ୯।୩ (ବେବର୍ତ୍ତା ଅଜୟ ଦାସ)**

ଅବ୍ୟବସ୍ଥାରେ ଦୀର୍ଘ ବର୍ଷ ହେବ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବା ନେଇ ସୋମବାର ବିଧାନସଭାରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ପ୍ରଶ୍ନ ମାଧ୍ୟମରେ ଏହାର ସମସ୍ୟା ସମାଧାନ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଜଣାଇଥିଲେ । ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ଓ ଜନସାଧାରଣଙ୍କ ସୁବିଧା ପାଇଁ ଅଧିକରୁ ଅଧିକ ଡାକ୍ତର ଓ ସେବିକା ନିଯୁକ୍ତି କରାଯିବା ସହ ସ୍ୱତନ୍ତ୍ର ଅଡିଟ୍ କରାଯାଇ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଅସୁବିଧାକୁ ତୁରନ୍ତ ସମାଧାନ କରିବା ପାଇଁ ବିଧାୟକ ମହାପାତ୍ର ପ୍ରସ୍ତାବ ରଖିଥିଲେ । ଏଥିସହିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ବ୍ଲକ ଅଧୀନସ୍ଥ ନହଙ୍ଗ ପଞ୍ଚାୟତ ବୀରନୀଳକଣ୍ଠପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ୨୦୦ରୁ ଅଧିକ ରୋଗୀ ସେମାନଙ୍କ ଚିକିତ୍ସା ପାଇଁ ଆସୁଥିବା ବେଳେ ଆବଶ୍ୟକ ସରଞ୍ଜାମ ନ ଥିବା ଓ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅଣଦେଖା ଉପରେ ବିଧାୟକ ସ୍ୱର ଉଠାଇଥିଲେ। ବିଧାୟକଙ୍କ ପ୍ରଶ୍ନର ଉତ୍ତର ରଖି ବିଭାଗୀୟ ମନ୍ତ୍ରୀ ଖୁବ୍ ଶୀଘ୍ର ସମ୍ପୃକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ପୂରଣ ହେବା ସହ ଆବଶ୍ୟକ ଡାକ୍ତର ଓ ସେବିକା ନିଯୁକ୍ତି କରାଯିବ ବୋଲି କହିଥିଲେ ।

## ଗୁଲୁଦିଆରେ ରାଧାକୃଷ୍ଣ ପୂଜା ଉଦ୍‌ଯାପିତ

**ରାଜନଗର, ୯।୩ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ମହିଷାସୁର ପଞ୍ଚାୟତ ଗୁଲୁଦିଆ ଗ୍ରାମରେ ୫ଦିନ ଧରି ଅନୁଷ୍ଠିତ ରାଧାକୃଷ୍ଣଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ଉଦ୍‌ଯାପିତ ହୋଇଯାଇଛି। ଏ ଅବସରରେ କଳସ ଶୋଭାଯାତ୍ରା, ଗୋ-ମାତା ପୂଜା ଓ ହରିହାଟ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ଗୁଲୁଦିଆ, ଚଣ୍ଡିଆପଲି ଗାଁର ସନାତନ ସ୍ୱାଇଁ, ପବିତ୍ର ଜେନା, ଅମର ଜେନା, ଅମରେନ୍ଦ୍ର ନାୟକ ରମାକାନ୍ତ ବିଶ୍ୱାଳ, ରଞ୍ଜନ ପ୍ରଧାନ, ଚିତ୍ତ ରଞ୍ଜନ ସାହୁଙ୍କ ସମେତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ ।

# ପ୍ରଶାସନିକ ଜନଶୁଣାଣିରେ ୧୦୬ ଅଭିଯୋଗ



ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

**କେନ୍ଦ୍ରାପଡ଼ା, ୯।୩ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସହରର ଜିଲା ପରିଷଦ ସଭାଗୃହରେ ଜିଲାସ୍ତରୀୟ ପ୍ରଶାସନିକ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଥିଲା। ଜିଲାପାଳ ରଘୁରାମ ଆର୍.ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୋଟ ୧୦୬ ଅଭିଯୋଗ ଆସିଥିଲା । ଏଥିରୁ ୮୮ ଅଭିଯୋଗ ବ୍ୟକ୍ତିଗତ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଆବାସ ଯୋଜନା, ଭତ୍ତା, ରାଶନ କାର୍ଡ ଓ ଚିକିତ୍ସା ସହାୟତା ଆଦି ରହିଥିଲା । ସେହିପରି ୧୮ ସାମୂହିକ ଅଭିଯୋଗରେ ଜମି ବିବାଦ, ପାନୀୟ ଜଳ, ରାଶନ ସାମଗ୍ରୀ ଯୋଗାଣ, ଶିକ୍ଷା ବ୍ୟବସ୍ଥା, କ୍ଷେତକୁ ଜଳ ପରିଚାଳନା, ଗ୍ରାମ୍ୟ ରାସ୍ତା ଜବରଦଖଲ ଆଦି ରହିଥିଲା। ଶୁଣାଣି ସମୟରେ କେତେକ ସମସ୍ୟାର ସମାଧାନ ହୋଇଥିବା ବେଳେ ଅବଶିଷ୍ଟକୁ ୭ ଦିନ ମଧ୍ୟରେ ସମାଧାନ ପାଇଁ ଜିଲାପାଳ ଆୟାର ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ କେତେଜଣ ହିତାଧିକାରୀଙ୍କୁ ରେଡ୍‌କ୍ରସ୍‌ରୁ ସହାୟତା ଓ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯାଇଥିଲା । ଏହି ଶିବିରରେ ଏସ୍‌ପି ସିଦ୍ଧାର୍ଥ କାଟାରିଆ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା, ଉପଜିଲାପାଳ ଅରୁଣ କୁମାର ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା, ଜିଲା ଯୋଗାଣ ଅଧିକାରୀ ବିନୋଦ ବିହାରୀ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ସାମିଲ ହୋଇଥିଲେ।

# ସଙ୍ଗଠିତ ସ୍ୱରରେ ସଫଳତା ସହଜରେ ମିଳିଥାଏ

**କେନ୍ଦ୍ରାପଡ଼ା, ୯।୩ (ଜଗନ୍ନାଥ ଧଳ)**

**ଓୟୁଡବ୍ଲ୍ୟୁଜେର ରାଜ୍ୟସ୍ତରୀୟ ସମ୍ମିଳନୀ**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ସର୍ବଭାରତୀୟ ସମ୍ମିଳୀତ କର୍ମଜୀବୀ ସାମ୍ବାଦିକ ସଂଘ (ଓୟୁଡବ୍ଲ୍ୟୁଜେ) କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ରାଜ୍ୟସ୍ତରୀୟ ସମ୍ମିଳନୀ ସହରର ତିନିମୁହାଣୀସ୍ଥିତ ରାମମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ଡ. ଅଲେଖନାଥ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଗଠନକୁ ସୁଦୃଢ଼ କରିବା ସହ ସଙ୍ଗଠିତ ସ୍ୱରରେ ସଫଳତା ସହଜରେ ମିଳିଥାଏ ବୋଲି ଆହ୍ୱାନ ଦିଆଯାଇଥିଲା। ଏହାକୁ ସାମାଜିକ କର୍ମୀ ଯୁଗଳ କିଶୋର ଦାସ ଉଦ୍‌ଘାଟନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଡ. ସୁଧାଂଶୁ ଶେଖର ରାଉତ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଅର୍ଜୁନ ମୁଦୁଲି, ସମ୍ମାନିତ ଅତିଥି ରାଜ୍ୟ ସଭାପତି ଭାଗବତ ତ୍ରିପାଠୀ, ଭୁବନେଶ୍ୱର ସଭାପତି ହୃଷୀକେଶ ମହାନ୍ତି, ସମ୍ପାଦକ ତପନ ମହାରଣା ଶର୍ମା, ଧର୍ମ ଜାଗରଣ ସେନା ସଭାପତି ବିବେକାନନ୍ଦ ମହାରଣା, ଡ. ପୀତବାସ ମିଶ୍ର ଯୋଗ ଦେଇଥିଲେ। ଅତିଥିମାନେ ଡିଜିଟାଲ ଯୁଗରେ ପ୍ରିଣ୍ଟ ମିଡିଆ ସାମ୍ବାଦିକଙ୍କ ସମସ୍ୟା ଶୀର୍ଷକରେ ଆଲୋଚନା କରିଥିଲେ ।

ସେମାନେ କହିଥିଲେ, ସୁସ୍ଥ ସମାଜ ଗଠନରେ ଖବରଦାତାର ଆବଶ୍ୟକତାକୁ କେହି ଅଣଦେଖା କରିପାରିବେ ନାହିଁ। ମାତ୍ର ଖବରଦାତା ସର୍ବଦା ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇ ପଡିଛନ୍ତି। ସେବା ଏମାନଙ୍କ ମୂଳ ମନୋଭାବ ହୋଇଥିବା ବେଳେ ସାମାଜିକ ଓ ଆର୍ଥିକ ସୁରକ୍ଷାର ଅଭାବ ସର୍ବଦା ଦେଖା ଦେଇଆସିଛି । ତେବେ ସଂଗଠନ ମାଧ୍ୟମରେ ସମ୍ମିଳିତ ସ୍ୱର ଉଠିଲେ ନିଶ୍ଚିତ ଭାବେ ସମସ୍ୟାର ସମାଧାନ ହୋଇପାରିବ । ଡିଜିଟାଲ ମାଧ୍ୟମକୁ ଏଥିରେ ସଦ୍‌ବ୍ୟବହାର କରିବାକୁ ପଡିବ। ଫଳରେ କମ୍ ସମୟରେ ସଂଗଠିତ ସ୍ୱର ଉଠିବାରେ ସାହାଯ୍ୟ କରିବ। ସଂଗଠିତ ସ୍ୱର ସମସ୍ୟା ସମାଧାନ ବା ସଫଳତାକୁ ନିକଟତର କରିପାରିବ ବୋଲି ଅତିଥିମାନେ ମତ ଦେଇଥିଲେ । ଏହି ଅବସରରେ ସାମାଜିକ କର୍ମୀ ବିବେକାନନ୍ଦ ମହାରଣା, ସହିରା ସରପଞ୍ଚ ହେମନ୍ତ କୁମାର ମହାନ୍ତି, ସାମାଜିକ କର୍ମୀ ସଂଗ୍ରାମ ସାମଲ, ରାଜଲକ୍ଷ୍ମୀ ରାଉତରାୟ, ସଦର ଥାନା ଅଧିକାରୀଣୀ ପଦ୍ମାଳୟା ପ୍ରଧାନ ଓ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରିଣୀ ବନ୍ଦନା ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ଶାଖାର କର୍ମକର୍ତ୍ତା ମୃତ୍ୟୁଞ୍ଜୟ ପରିଡା, ପ୍ରଦ୍ୟୁମ୍ନ କୁମାର ରାଉତ, ନୀହାର ରଞ୍ଜନ ପରିଡା, ଗଗନ ବିହାରୀ ଦାସ, ଜ୍ୟୋତିରଞ୍ଜନ ନାୟକ, ମହେଶ ଚନ୍ଦ୍ର ପାଢ଼ୀ ଓ ଗୌତମ ସାହୁ ପ୍ରମୁଖ ଏହି ସମ୍ମିଳନୀକୁ ପରିଚାଳନା କରିଥିଲେ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରଦୀପ୍ତ



@ ରଞ୍ଜନ



@ ବୁନୁ



@ ସୌମ୍ୟକାନ୍ତ



@ ଉଦୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନାଗାନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଥମ

## ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଡ୍ରାମା



କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ରାଜନଗର, ୯।୩ (ଭାସ୍କର ରାଉତରାୟ)**

କେନ୍ଦ୍ରାପଡ଼ା ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବରେ ରାଜନଗର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡାଙ୍ଗମାଳସ୍ଥ ନାଗାନାରାୟଣ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଡ୍ରାମା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲକରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରତୃପ୍ତି ପ୍ରିୟଦର୍ଶିନୀ ବାରିକ, ଅମୃତ ଶଙ୍କର ସେଠୀ, କିରଣ ସେନାପତି, ଉଷାଶ୍ରୀ ରାଉତ,ସୂର୍ଯ୍ୟପ୍ରକାଶ ବେହେରା ପ୍ରମୁଖ ନାରୀ ସଚେତନା ନାଟକ ପରିବେଷଣ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିପରି ତୃପ୍ତି ପ୍ରିୟଦର୍ଶିନୀ ବାରିକ ତର୍କ ଓ ମଡେଲ ପାର୍ଲିମେଣ୍ଟରେ ଦ୍ୱିତୀୟ ସ୍ଥାନ ହାସଲକରି ଗୌରବ ଆଣିଛନ୍ତି । ଅଧ୍ୟକ୍ଷ ମାନସ ରଞ୍ଜନ ମିଶ୍ର,ଶିକ୍ଷକ ଓମ୍‌ପ୍ରକାଶ ବାରିକ, ଅନ୍ନପୂର୍ଣ୍ଣା ତୁଳିଉ,ଅନୁରାଧା ସେଠୀ, ସବ୍ୟସାଚୀ ଦାସଙ୍କ ତତ୍ତ୍ୱାବଧାନରେ ମାର୍ଚ୍ଚ ୫ ଓ ୬ ରେ କେନ୍ଦ୍ରାପଡ଼ା ହାଇସ୍କୁଲ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ।

ସାହିତ୍ୟ ସୃଜନୀ, କ୍ରୀଡ଼ାଙ୍ଗନ, କୌଶଳୀ, ଜିଜ୍ଞାସା, ବିଜ୍‌ନେସ୍‌ରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା,ରାଜନଗର ବିଧାୟକ ଧ୍ରୁବ ସାହୁ, ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସାଦ ନାୟକ, ଜିଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ, ଅତିରିକ୍ତ ଶିକ୍ଷାଧିକାରୀ ସ୍ୱାଗତିକା ସ୍ୱାଇଁ ଓ ଶୁଭସ୍ମିତା ତ୍ରିପାଠୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରତିଭାକୁ ଉଚ୍ଚ ପ୍ରଶଂସା କରିବା ସହ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ୩୪ ଦିନ ପରେ ଖୋଲିଲା ବେଲପଡ଼ାପାଟଣା ପ୍ରାଥମିକ ସ୍କୁଲ

- ଜିଲାପାଳ, ଏସ୍‌ପିଙ୍କ ଉପସ୍ଥିତିରେ ପୋଲିସ ଭାଙ୍ଗିଲା ତାଲା
- ମୃତ ଛାତ୍ରଙ୍କ ମା’ ବାପାଙ୍କ ସମେତ ୧୩ ଗିରଫ
- ୧୦ରେ ନିଜ ସ୍କୁଲରେ ପରୀକ୍ଷାଦେବେ ଛାତ୍ରୀଛାତ୍ର
- ୫ମଶ୍ରେଣୀ ଛାତ୍ର ମୃତ୍ୟୁକୁ ନେଇ ତାଲା ଝୁଲୁଥିଲା


ନୟାଗଡ଼ ଜିଲା ବେଲପଡ଼ାପାଟଣା ସ୍କୁଲରୁ ତାଲା ଭଙ୍ଗାଯାଉଛି ।


ସ୍କୁଲରେ ପିଲା ପଢୁଛନ୍ତି ।

ନୟାଗଡ଼/ଗଣିଆ,୯।୩(ଲୋକନାଥ ମିଶ୍ର/ସନ୍ତୋଷ କୁମାର ପ୍ରଧାନ)

ଛାତ୍ର ମୃତ୍ୟୁ ଘଟଣାରେ ତାଲା ଝୁଲୁଥିବା ନୟାଗଡ଼ ଜିଲା ଗଣିଆ ବ୍ଲକ୍ ବେଲପଡ଼ାପାଟଣା ସରକାରୀ ପ୍ରାଥମିକ ସ୍କୁଲରୁ ୩୪ ଦିନ ପରେ ଅର୍ଥାତ୍ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ଉପସ୍ଥିତିରେ ପୋଲିସ ତାଲା ଭାଙ୍ଗି ପାଠପଢ଼ା ଆରମ୍ଭ କରାଇଛି। ଏହାକୁ ବିରୋଧ କରୁଥିବା ମୃତ ଛାତ୍ରଙ୍କ ବାପା ବିଜୟ ମଲ୍ଲିକ, ମା’ ରଞ୍ଜିତା ମଲ୍ଲିକଙ୍କ ସମେତ ୧୩ଜଣଙ୍କୁ ଗଣିଆ ଥାନା ପୋଲିସ ଗିରଫକରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ଦଶପଲ୍ଲା ସବ୍ ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ମଙ୍ଗଳବାରଠାରୁ ସ୍କୁଲରେ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ପରିସ୍ଥିତି ନିୟନ୍ତ୍ରଣ ପାଇଁ ୨ ପ୍ଲାଟୁନ୍ ଫୋର୍ସ ମୁତୟନ ଥିଲେ। ଅନ୍ୟପକ୍ଷେ ଜିଲାପାଳ, ଏସ୍‌ପି, ଉପଜିଲାପାଳ, ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ, ଗଣିଆ ତହସିଲଦାର ଓ ଏବିଡିଓ ପ୍ରମୁଖ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଜିଲାପାଳ ଓ ଏସ୍‌ପି ବେଲପଡ଼ାପାଟଣା ଗାଁ ପରିକ୍ରମାକରି ସ୍କୁଲରେ ଯେପରି ପାଠପଢ଼ା ସୁବିଧାରେ ହେବ, ଗାଁରେ ବିଶୃଙ୍ଖଳା ସୃଷ୍ଟି ନ କରିବାକୁ ନିବେଦନ କରିଛନ୍ତି। ଅନ୍ୟପକ୍ଷେ ନିଲମ୍ବିତ ୨ଶିକ୍ଷୟିତ୍ରୀଙ୍କ ବଦଳରେ ୨ ଜଣ ଶିକ୍ଷକ ସ୍କୁଲରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ କୁହନ୍ତି, ନଂ. ୨୮/୨୬ରେ ମାମଲା ରୁଜୁ କରାଯାଇ ୧୩ ଜଣଙ୍କୁ ଗିରଫ ପରେ ଜେଲ ପଠାଯାଇଛି।

ପ୍ରକାଶଯେ, ଗତ ଫେବୃଆରୀ ୩ ରେ ୫ମଶ୍ରେଣୀ ଛାତ୍ର ଭୋଳାନାଥ ମଲ୍ଲିକ ଶୌଚ ହେବାକୁ ଯାଇ ସ୍କୁଲକୁ ଫେରି ନ ଥିଲେ। ପରେ ତାଙ୍କ ବ୍ୟାଗ୍‌କୁ ଶିକ୍ଷୟିତ୍ରୀ ସହପାଠୀଙ୍କ ହାତରେ ଘରକୁ ପଠାଇ ଦେଇଥିଲେ। ଫେବୃଆରୀ ୪ରେ ଭୋଳାନାଥଙ୍କ ମୃତଦେହ ଏକ ଚୁଆରୁ ଉଦ୍ଧାର ପରେ ଉତ୍ତେଜନା ସୃଷ୍ଟିହେବା ସହ ଆନ୍ଦୋଳନକାରୀ ସ୍କୁଲରେ ତାଲା ପକାଇ ଦେଇଥିଲେ। କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ୨ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରାଯାଇଥିଲା। ଫେବୃଆରୀ ୪ ରୁ ସ୍କୁଲରେ ମାର୍ଚ୍ଚ ୯ ପର୍ଯ୍ୟନ୍ତ ତାଲା ପଡ଼ିଥିଲା। ଏନେଇ ଜିଲାପାଳ ମଧୁମିତା ରଥ କୁହନ୍ତି, ଛାତ୍ର ମୃତ୍ୟୁ ଘଟଣା ସମ୍ବେଦନଶୀଳ ଥିବାରୁ ଆମେ କାର୍ଯ୍ୟାନୁଷ୍ଠାନ ନେଇପାରୁ ନ ଥିଲୁ। ବାରମ୍ବାର ବୁଝାଇ ଘଟଣାର ସମାଧାନ କରିବାକୁ ଉଦ୍ୟମ କରିଥିଲୁ, ମୁଁ ନିଜେ ୨ ଥର ବୁଝାଇବାକୁ ଆସିଥିଲି। ଜିଲା ଶିକ୍ଷା ଅଧିକାରୀ, ତହସିଲଦାର, ବିଇଓ ମଧ ବୁଝାଶୁଝା କରିଥିଲେ। ଶେଷରେ ଆଇନ ଅନୁସାରେ ପଦକ୍ଷେପ ନିଆଯାଇଛି। ଏନେଇ ରବିବାର ପୋଲିସର ଫ୍ଲାଗ୍ ମାର୍ଚ୍ଚ ହୋଇଥିଲା। ସ୍କୁଲ ଖୋଲିବା ପରେ ପିଲା ବହୁ ଖୁସି ଅଛନ୍ତି, ଗାଁ ଲୋକଙ୍କୁ ବୁଝାଶୁଝା କରିଛୁ। ଆଗକୁ ଗଣ୍ଡଗୋଳ ହେବନାହିଁ ବୋଲି ଆଶା ରଖିଛୁ। ଏସ୍‌ପି ଏସ୍. ସୁଶ୍ରୀ କହିଥିଲେ, ପୋଲିସ ଆଇନ ଅନୁସାରେ ଜିଲା ପ୍ରଶାସନ ସହ ଆଲୋଚନାକରି ପଦକ୍ଷେପ ନେଇଛି। ଆଗକୁ ଗଣ୍ଡଗୋଳ ହେବ ନାହିଁ ବୋଲି ଆମର ଆଶା ରହିଛି। ତେବେ ଗଣ୍ଡଗୋଳ ହେଲେ ଅନୁକମ୍ପା ନୁହେଁ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ମହିଳା ସଶକ୍ତ ହେଲେ ପରିବାର, ଦେଶ ସଶକ୍ତ ହେବ


କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟ ଅତିଥିମାନେ।

ନୟାଗଡ଼,୯।୩(ଲୋକନାଥ ମିଶ୍ର)

ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଭାରତ ସରକାରଙ୍କ କ୍ରିଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅଧୀନ ମାଇଁ ଭାରତ ନୟାଗଡ଼ ଓ ସେବା ଉତ୍ସବ ସମିତି ମିଳିତ ଆନୁକୂଲ୍ୟରେ ମହିଳା ଦିବସକୁ ଅସ୍ମିତା ଦିବସ ରୂପେ ରବିବାର ପାଳନ କରାଯାଇଛି। ଏ ଅବସରରେ ନୟାଗଡ଼ ଖେଳ ପଡିଆ ଠାରେ ଜିଲାର ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରୀ ମାନେ ସାମିଲ ହୋଇଥିଲେ। ଖେଳ ଇଣ୍ଡିଆ ପକ୍ଷରୁ ଶହେ ମିଟର, ୨ ଶହ ମିଟର ଓ ଚାରିଶହ ମିଟରର ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନୟାଗଡ଼ ସେବା ଉତ୍ସବ ସମିତି ଅଧ୍ୟକ୍ଷ ଶିବରାମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ନୟାଗଡ଼ ଜିଲାପାଳ ମଧୁମିତା ରଥ, କନ୍ଧମାଳର ପୂର୍ବତନ ଏମପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ, ନୟାଗଡ଼ ମ୍ୟୁନିସିପାଲିଟି ପୌରାଧ୍ୟକ୍ଷା ନିରୁପମା ଖଟେଇ ପ୍ରମୁଖ ଯୋଗଦେଇ କହିଥିଲେ ମହିଳା ସଶକ୍ତ ହେଲେ ପରିବାର ଓ ଦେଶ ସଶକ୍ତ ହେବ। ସେବା ଉତ୍ସବ ସମିତି ଉପଦେଷ୍ଟା ଅନ୍ତର୍ଯ୍ୟାମୀ ସାହୁ, ଶରଣକୁଳ ନାରାୟଣ ହାଇସ୍କୁଲର ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ମିଶ୍ର, ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷା କେନ୍ଦ୍ରର ସମ୍ପାଦକ ଶ୍ରୀଧର ବେହେରା ପ୍ରମୁଖ ଯୋଗଦେଇ କହିଥିଲେ ଗାଁ ଓ ସହର ବିକାଶରେ ମହିଳାଙ୍କ ସକ୍ରିୟ ସହଭାଗିତା ନରହିଲେ ଦେଶ ବଦଳିବ ନାହିଁ। ସାଧାରଣ ସଭା ଓ ପୁରସ୍କାର ବିତରଣ ଉତ୍ସବ ପରେ ପରେ ଛାତ୍ରୀ ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ୨୭ ଜଣ ଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ନୟାଗଡ଼ ଖେଲୋ ଇଣ୍ଡିଆ କୋଚ ସୁଶାନ୍ତ ଜେନା, କ୍ରିଡା ଶିକ୍ଷକ ସୁମନ୍ତ ନାୟକ, ଚିତ୍ତରଂଜନ ପ୍ରଧାନ, ସେବା ଉତ୍ସବ ସଦସ୍ୟ ପ୍ରଶାନ୍ତ କୁମାର ସାହୁ, ଗୁଲସନ କୁମାର ଦାସ, ସୁନୀଲ ନାୟକ, ସ୍ନେହା ପ୍ରିୟଦର୍ଶିନୀ, ବର୍ଷା ପ୍ରିୟଦର୍ଶିନୀ, ଶୁଭସ୍ମିତା ମିଶ୍ର, ପରମେଶ୍ୱର ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

# ପରୀକ୍ଷା ଦେଲେ ୧୦୯୩ ଛାତ୍ରୀଛାତ୍ର, ଅନୁପସ୍ଥିତ ୧୦

ଖଣ୍ଡପଡ଼ା,୯।୩(ଅଜୟ କୁମାର ମହାରଣା)

**ଯୁକ୍ତ ୨ କଳା, ବାଣିଜ୍ୟ ଇଂଲିଶ ପରୀକ୍ଷା ଶୃଙ୍ଖଳାର ସହ ଶେଷ**

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଥିବା ବେଳେ ସୋମବାର କଳା ଓ ବାଣିଜ୍ୟ ବିଭାଗର ଇଂଲିଶ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଖଣ୍ଡପଡ଼ା ହବ୍‌କେନ୍ଦ୍ର ଅଧୀନରେ ଥିବା ୫ ମହାବିଦ୍ୟାଳୟରେ ୧୦୯୩ ଛାତ୍ରୀ ଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୦ଜଣ ଅନୁପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ଶେଷ ହୋଇଥିବା ହବ୍ କେନ୍ଦ୍ର ଦାୟିତ୍ୱରେ ଥିବା ପଠାଣି ସାମନ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ୱଚ୍ଛ ସଲୀଳା ମହାପାତ୍ରଙ୍କଠାରୁ ସୂଚନା ମିଳିଛି।

ସେହିପରି ଯୁକ୍ତ ୨ କଳାରେ ପଠାଣି ସାମନ୍ତ ମହାବିଦ୍ୟାଳୟରେ ୪୨୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩ ଜଣ ଅନୁପସ୍ଥିତ ଥିବା ବେଳେ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୭୪ ପରୀକ୍ଷାଙ୍କ ମଧ୍ୟରୁ ୩ ଜଣ ଅନୁପସ୍ଥିତ ଥିଲେ । ସେହିପରି ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ କେନ୍ଦ୍ରରେ ୧୯୪ ଜଣଙ୍କ ମଧ୍ୟରୁ ୨ଜଣ ଅନୁପସ୍ଥିତ, ଭାପୁର ଆଞ୍ଚଳିକ ମହାବିଦ୍ୟାଳୟରେ ୮୧ ଜଣଙ୍କ ମଧ୍ୟରୁ ଜଣେ ଓ ପଦ୍ମାବତୀ ପ୍ରହଲ୍ଲାଦ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ କଳା ବିଭାଗରେ ୧୧୯ ଜଣଙ୍କ ମଧ୍ୟରୁ ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ବେଳେ ବାଣିଜ୍ୟ ବିଭାଗରେ ସମସ୍ତ ୧୧ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ହବ୍ କେନ୍ଦ୍ର ଦାୟିତ୍ୱରେ ଥିବା ପଠାଣି ସାମନ୍ତ ମହାବିଦ୍ୟାଳୟର ରବୀନ୍ଦ୍ର ସାହୁଙ୍କଠାରୁ ପ୍ରକାଶ। ପଠାଣି ସାମନ୍ତ ମହାବିଦ୍ୟାଳୟ ହବ୍‌କେନ୍ଦ୍ର ଅଧୀନରେ ଥିବା ଉକ୍ତ ୫ ମହାବିଦ୍ୟାଳୟରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ଶେଷ ହୋଇଛି।

# ବିଦ୍ୟାଳୟ ପ୍ରକଳ୍ପର ୩ୟ ସୋପାନ ବୈଠକ

ନୟାଗଡ଼, ୯।୩(ଲୋକନାଥ ମିଶ୍ର)

ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପର ୩ୟ ସୋପାନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଡ଼ପଣ୍ଡୁସର ଚିକିତ୍ସାଳୟରେ କାର୍ଯ୍ୟରତ ଚିକିତ୍ସା ଅଧିକାରୀ ଡାକ୍ତର ସୁଜିତ୍ କୁମାର ସାହୁ ଉପସ୍ଥିତ ରହି ବିଭିନ୍ନ ସଂକ୍ରମିତ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ମାତାପିତାମାନଙ୍କୁ ସଚେତନ କରାଇଥିଲେ। ବାହାର ଖାଦ୍ୟ ଓ ପାନୀୟ ଦ୍ୱାରା ଶିଶୁଙ୍କର ବୃଦ୍ଧି ଓ ବିକାଶରେ କିପରି ବାଧା ସୃଷ୍ଟିହୁଏ ତାହା ମଧ୍ୟ ଟିପ୍ପଣୀ ଦେଇଥିଲେ। କାର୍ଯ୍ୟକ୍ରମରେ ୧୦୦ ଅଭିଭାବକ ଭାଗ ନେଇଥିଲେ। ବିଦ୍ୟାଳୟ ମୁଖ୍ୟ ପ୍ରଶାସକ ହରେକୃଷ୍ଣ ମୁଦୁଲି ଏବଂ ପ୍ରଧାନ ଆଚାର୍ଯ୍ୟ ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଖୋର୍ଦ୍ଧା ବିଭାଗର ଶିଶୁବାଟିକା ପ୍ରମୁଖ ଭାଗ୍ୟଲତା ସାହୁ ଓ ବିଦ୍ୟାଳୟର ସମସ୍ତ ଗୁରୁମା’ ଗୁରୁଜୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

# କ୍ରଶର ୟୁନିଟ୍‌ରେ ଚଢାଉ, ଗୋଡି ବୋଝେଇ ୨ ଟ୍ରାକ୍ଟର ଜବତ


କ୍ରସର ୟୁନିଟ୍ ।

ଖଣ୍ଡପଡ଼ା, ୯।୩ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ତହସିଲ ଅଧିନସ୍ଥ ସିଂଘାପଡ଼ା ପଞ୍ଚାୟତ ବରଗଣ୍ଡ ମୌଜାରେ ବେଆଇନ ଭାବେ ଚାଲିଥିବା ଏକ କ୍ରସର ୟୁନିଟ ଯୋଗୁ ପାହାଡ ଓ ଜଙ୍ଗଲ ସମ୍ପଦ ଧ୍ୱଂସାଭିମୁଖୀ ଆଡକୁ ଗତି କରୁଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ ଉଠାଇ ତହସିଲ ପ୍ରଶାସନ ଓ ଖଣ୍ଡପଡ଼ା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗ ଆଧାରରେ ଖଣ୍ଡପଡ଼ା ଥାନାଧିକାରୀ ଅନିତା ସାହୁ ସଦଳବଳେ ସୋମବାର ଅପରାହ୍ନରେ ବରଗଣ୍ଡ ମୌଜାରେ ଚାଲିଥିବା କ୍ରସର ୟୁନିଟ ଉପରେ ଅଚାନକ ଚଢାଉ କରିଥିଲେ। ସେଠାରୁ ଗୋଡି ବୋଝେଇ ହୋଇ ଯାଉଥିବା ୨ ଟି ଟ୍ରାକ୍ଟର କୁ ପୋଲିସ ଜବତ କରି ଖଣ୍ଡପଡ଼ା ଥାନାରେ ଅଟକ ରଖିଥିବା ଜଣାଯାଇଛି।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ପ୍ରଦୀପ୍ତ


@ ରଞ୍ଜନ


@ ଚୁନୁ


@ ସୌମ୍ୟକାନ୍ତ


@ ଉଦୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ଭୂତଳ ଜଳସ୍ତର ହ୍ରାସ, ଜଳକଷ୍ଟରେ ଅଞ୍ଚଳବାସୀ

ଖଣ୍ଡପଡ଼ା,୯।୩(ଅଜୟ କୁମାର ମହାରଣା)


ଶୁଖିଲା ପଡ଼ିଛି ମହାନଦୀ ।

ଏକ ପାହାଡ଼ିଆ ଜଳକ୍ଳିଷ୍ଟ ଅଞ୍ଚଳ ଭାବେ ପରିଗଣିତ ଖଣ୍ଡପଡ଼ା ବ୍ଲକ୍ ବାସିନ୍ଦା ପ୍ରତିବର୍ଷ ଗ୍ରୀଷ୍ମଋତୁରେ ଜଳକଷ୍ଟ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଚଳିତ ବର୍ଷ ଗ୍ରୀଷ୍ମ ପ୍ରକୋପ ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗିଛି। ଏଥିସହ ତାଳଦେଇ ଭୂତଳ ଜଳସ୍ତର ସମୟାନୁକ୍ରମେ ହ୍ରାସ ପାଇବାରେ ଲାଗିଛି। ଖଣ୍ଡପଡ଼ା ଅଞ୍ଚଳ ଦେଇ ପ୍ରବାହିତ ମହାନଦୀ ଓ ତା’ର ଶାଖା କୁସୁମୀ, କୁଆଁରିଆ, ଆମ୍ବନାଳ, ଡାହୁକା, ଲୁଣିଝରା ଓ ସୁନାମୁହିଁ ନଦୀଗୁଡିକ ଶୁଖିଲା ପଡିଛି । ନଦୀ ପାର୍ଶ୍ୱ ପଠାରେ ଚାଷବାସକରି ପରିବାର ପ୍ରତିପୋଷଣ କରୁଥିବା ଚାଷୀ ପରିବାରଗୁଡିକ ପାଣି ଅଭାବରୁ ଚାଷବାସ କରି ନ ପାରି ସମସ୍ୟାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ସେହିପରି ଭୂତଳ ଜଳସ୍ତର ହ୍ରାସ ଯୋଗୁ ନଦୀପଠାରେ ଅବସ୍ଥିତ ଉଠାଜଳସେଚନ ପ୍ରକଳ୍ପଗୁଡ଼ିକ ମଧ୍ୟରୁ ଏକାଧିକ ଅଚଳ ଅବସ୍ଥାରେ ପଡ଼ିରହିଛି ।

ଖାଲି ସେତିକି ନୁହେଁ, ମହାନଦୀ ବର୍ଷକୁ ବର୍ଷ ଶୁଖିଲା ପଡୁଥିବା ବେଳେ ଏହାର ଜଳଧାରଣ କ୍ଷମତା ମଧ ହ୍ରାସ ପାଇବାରେ ଲାଗିଛି । ଏଭଳି ସ୍ଥିତିରେ ଅଞ୍ଚଳବାସୀଙ୍କୁ ପାନୀୟ ଜଳ ଯୋଗାଣ ନିମନ୍ତେ ଜନସ୍ୱାସ୍ଥ୍ୟ ବିଭାଗ ଓ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷଙ୍କୁ ନାକେଦମ ହେବାକୁ ପଡୁଛି। ପାନୀୟ ଜଳ ସମସ୍ୟାର ସମାଧାନ ସହ ଚାଷଜମିଗୁଡିକୁ ଜଳସେଚିତ କରିବାର ଲକ୍ଷ୍ୟନେଇ ବହୁ କୋଟି ଟଙ୍କା ବ୍ୟୟରେ ନିର୍ମିତ ଚେକ୍ ଡ୍ୟାମ୍‌ଗୁଡିକ ଶୁଖିଲା ପଡିଥିବା ବେଳେ ଏ ବାବଦରେ ବ୍ୟୟ ଅନୁଦାନ ଅର୍ଥ ପାଣିରେ ପଡିବା ସାର ହୋଇଛି। ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀବାସୀଙ୍କ ଜୀବନରେଖା କୁହାଯାଉଥିବା ମହାନଦୀ ଓ ତା’ର ପ୍ରମୁଖ ଶାଖା ନଦୀଗୁଡିକରେ ବ୍ୟାରେଜ ନିର୍ମାଣ ଲାଗି ଅଞ୍ଚଳବାସୀ ଦୀର୍ଘ ବର୍ଷ ଧରି ଦାବି କରି ଆସୁଥିଲେ ହେଁ ଫଳଘର ଶୂନ ବୋଲି ଜଣାପଡିଛି। ନଦୀରେ ବ୍ୟାରେଜ ନିର୍ମାଣ ହେଲେ ଜଳ ସଂରକ୍ଷିତ ହୋଇ ରହିବା ସହ ଗ୍ରୀଷ୍ମଋତୁରେ ଭୂତଳ ଜଳସ୍ତର ଆଉ ହ୍ରାସ ପାଇବ ନାହିଁ ବୋଲି ଜଣାପଡ଼ିଛି । ଏ ଦିଗରେ ରାଜ୍ୟ ସରକାର ଓ ସ୍ଥାନୀୟ ବିଧାୟକ ଦୃଷ୍ଟିଦେବାକୁ ଖଣ୍ଡପଡ଼ା ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

# ମହିଳା କୃଷକ, ଶ୍ରମିକଙ୍କ ଶୋଭାଯାତ୍ରା

ନୟାଗଡ଼, ୯।୩(ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)

ମହିଳାଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ମହିଳା କୃଷକ ଓ ଶ୍ରମିକଙ୍କ ଶୋଭାଯାତ୍ରା ଗତ ରବିବାର ରଣପୁର ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ପଟିଆରୁ ବାହାରି କେନ୍ଦୁଆ, ଗୋଦାସାହି, କୁସୁପଲ୍ଲା, କଣ୍ଟାରି, ପାଇକସାହି ଓ ଜିରିପଡା ପରିକ୍ରମା କରି କଦମ୍ବ ଝୋଲା ଠାରେ ପହଞ୍ଚିବା ପରେ ସଭା ହୋଇଥିଲା। ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୟାଗଡ଼ ଜିଲା କୃଷକ ସଭା ସଭାପତି ହରିଶ୍ଚନ୍ଦ୍ର ମିଶ୍ର, ସମ୍ପାଦକ ପବିତ୍ର କୁମାର ଇନ୍ଦ୍ରଜିତ, ରଣପୁର ବ୍ଲକ ସଭାପତି ରଜତ ଜେନା, ସମ୍ପାଦକ ଗଦାଧର ପ୍ରଧାନ ଓ ନୟାଗଡ଼ ବ୍ଲକ କମିଟି ସଦସ୍ୟ ଆଦିତ୍ୟ ବିଶ୍ୱାଳ, ମହିଳା କୃଷକ ନେତ୍ରୀ ରମା ନାୟକ, ତିଲୋତମା ନାୟକ, କୁମାରୀ ବେଉଆ, ନମିତା ଦେଇ ଓ ମଞ୍ଜୁ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ୧୯୦୮ ରୁ ବିଶ୍ୱ ମହିଳା ଦିବସ ପାଳନ ହୋଇ ଆସୁଥିଲେ ମଧ ମହିଳାମାନେ ଆଜିବି ଅବହେଳିତ, ସମାନ କାମକୁ ସମାନ ମଜୁରୀ, ଦୈନିକ ଆଠ ଘଣ୍ଟା କାର୍ଯ୍ୟ କରି ଉପଯୁକ୍ତ ପାରିଶ୍ରମିକ ପାଉ ନାହାନ୍ତି। ରଣପୁର ଅଞ୍ଚଳର କାଜୁ ଚାଷ ସହିତ ଯେଉଁ ମହିଳା ଶ୍ରମିକ ସାମିଲ ଅଛନ୍ତି ସେମାନଙ୍କଠାରୁ କାଜୁ ବଗିଚା ମାଫିଆମାନଙ୍କ ହାତକୁ ଟେକି ଦେବାକୁ ଚକ୍ରାନ୍ତ ଚାଲିଛି। ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ସରକାର ନ ଯୋଗାଇ କୁକୁଡ଼ାକୁ ଦାନା ଦେଲାଭଳି ସୁଭଦ୍ରା ଯୋଜନା ଭେଳିକି ଦେଖାଉଛନ୍ତି। ନାରୀ ଶକ୍ତି ଦେଶର ଶକ୍ତି ଏ କଥାକୁ ଯଦି ସରକାର ବୁଝି ପାରିବେନି ତେବେ ଆଗାମୀ ଦିନରେ ଏ ଅଞ୍ଚଳର ମହିଳାମାନେ ସଙ୍ଘବଦ୍ଧ ହୋଇ ସରକାରଙ୍କ ବିରୋଧରେ ରାଜରାସ୍ତାକୁ ଓହ୍ଲାଇବ ବାକୁ ଚେତାବନୀ ଦେଇଥିଲେ।


ଶୋଭାଯାତ୍ରାରେ ସାମିଲ ହୋଇଥିବା ଲୋକେ ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ରଗ୍‌ବୀ ୧୫ଏସ୍ ଚାମ୍ପିୟନଶିପ୍‌ରେ ସୋମବାର ଫ୍ୟୁଚର ହୋପ୍ ଓ ସର୍ଜେଣ୍ଟ ଇନ୍‌ଷ୍ଟିଚ୍ୟୁଟ ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ।

# ଫାଇନାଲରେ କଟକ 'ଏ' - ସୁନ୍ଦରଗଡ଼

## କଳାହାଣ୍ଡି କପ୍

କଟକ,୯।୩ (କୁମାରଶ୍ରୀ)

କଳାହାଣ୍ଡି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ କଟକ-ଏ ଓ ସୁନ୍ଦରଗଡ ମଧ୍ୟରେ ଅନୁଷ୍ଠିତ ହେବ। ଆସନ୍ତା ୧୧ରେ ବାରବାଟୀ ଷ୍ଟାଡିୟମରେ ଉଭୟ ଦଳ ଟାଇଟଲ ନିମନ୍ତେ ଲଢ଼େଇ କରିବେ। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ସୋମବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ କଟକ-ଏ ୨୫୪ରନରେ ଅନୁଗୋଳକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କଟକ-ଏ ୮ ଉଇକେଟରେ ୩୯୬ରନ ସଂଗ୍ରହ କରିଥିଲା। ବିପ୍ଳବ ସାମନ୍ତରାୟ ୧୭୫ ଏବଂ ରାମଚନ୍ଦ୍ର ବେହେରା ୧୩୦ରନର ଶତକୀୟ ଇନିଂସ ଖେଳିଥିଲେ। ଅନୁଗୋଳ ପକ୍ଷରୁ ମିଳନ ସାମଲ ଏବଂ ଆକାଶ ପ୍ରଧାନଙ୍କୁ ୩ଟି ଲେଖାଏ ଉଇକେଟ ମିଳିଥିଲା। ୩୯୭ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଅନୁଗୋଳ ୯ ଉଇକେଟ ବିନିମୟରେ ୧୪୨ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ଶୁଭମ ନାୟକ ଏବଂ ସୁମିତ ଶର୍ମା ୨ଟି ଲେଖାଏ ଉଇକେଟ ଦଖଲ କରିଥିଲେ। ବିସ୍ଫୋରକ ଶତକୀୟ ଇନିଂସ ଖେଳିଥିବା ବିପ୍ଳବଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ବାରବାଟୀ ଷ୍ଟାଡିୟମରେ ଦ୍ୱିତୀୟ ସେମିଫାଇନାଲରେ ସୁନ୍ଦରଗଡ ଏବଂ ରାଉରକେଲା ମୁହାଁମୁହିଁ ହୋଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ସୁନ୍ଦରଗଡ ଗୋବିନ୍ଦ ପୋଦ୍ଦାରଙ୍କ ୧୧୧ରନ ସହାୟତାରେ ୭ ଉଇକେଟ ବିନିମୟରେ ୩୫୩ରନ କରିଥିଲା। ରାଉରକେଲାର ସ୍ୱପ୍ନ ଭୂୟାଁଙ୍କୁ ୩ଟି ଉଇକେଟ ମିଳିଥିଲା। ଜବାବରେ ରାଉରକେଲା ୨୩୫ରନରେ ଅଲଆଉଟ ହେବା ଯୋଗୁ ସୁନ୍ଦରଗଡ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ଶତକୀୟ ଇନିଂସ ଖେଳିବା ସହ ଦୁଇ ଉଇକେଟ ଦଖଲ କରିଥିବା ଗୋବିନ୍ଦ ପ୍ଲେୟର ଅଫ ଦି ମ୍ୟାଚ୍ ହୋଇଥିଲେ।



ବିପ୍ଳବ ସାମନ୍ତରାୟ



ରାମଚନ୍ଦ୍ର ବେହେରା



ଗୋବିନ୍ଦ ପୋଦ୍ଦାର

# ଦିଲ୍ଲୀ ହରିକେନ୍ସ, ଫ୍ୟୁଚର ହୋପ୍ ହାର୍ଲେକ୍ୱିନ୍ସ ସେମିରେ

ଭୁବନେଶ୍ୱର, ୯।୩ (ବିଜୟ ରଣା)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ରଗ୍‌ବୀ ୧୫ଏସ୍ ଚାମ୍ପିୟନଶିପ୍ ଡିଭିଜନ-୧ର ୩ୟ ଦିବସରେ ଦିଲ୍ଲୀ ହରିକେନ୍ସ ଓ ଫ୍ୟୁଚର ହୋପ୍ ହାର୍ଲେକ୍ୱିନ୍ସ ସେମାନଙ୍କ ମ୍ୟାଚରେ ସହଜ ବିଜୟ ସହ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରତିଯୋଗିତାର ୩ୟ କ୍ୱାର୍ଟରଫାଇନାଲରେ ହରିକେନ୍ସ ୪୮-୬ରେ ବାଙ୍ଗାଲୋର ରଗ୍‌ବୀ କ୍ଲବକୁ ହରାଇ ଦେଇଛି। ଚତୁର୍ଥ କ୍ୱାର୍ଟରଫାଇନାଲରେ ଫ୍ୟୁଚର ହୋପ୍ ହାର୍ଲେକ୍ୱିନ୍ସ ୨୬-୦ରେ ସର୍ଜେଣ୍ଟ ଇନ୍‌ଷ୍ଟିଚ୍ୟୁଟକୁ ପରାସ୍ତ କରିଛନ୍ତି। ଏହି ଦୁଇ ଦଳ ବୁଧବାର ସେମିଫାଇନାଲରେ ଯଥାକ୍ରମେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ ରଗ୍‌ବୀ କ୍ଲବ ଏବଂ ବମ୍ବେ ଜିମ୍‌ଖାନା ରଗ୍‌ବୀ କ୍ଲବକୁ ଭେଟିବେ। ସୋମବାର ଖେଳାଯାଇଥିବା କ୍ଲାସିଫିକେଶନ ମଧ୍ୟରେ ଦିଲ୍ଲୀ ଲାୟନ୍ସ ଲଗ୍‌ବୀ କ୍ଲବ ୨୦୧୫ରେ ଓଡ଼ିଶା ରଗ୍‌ବୀ କ୍ଲବକୁ ହରାଇ ଟୁର୍ଣ୍ଣାମେଣ୍ଟରେ ୯ମ ସ୍ଥାନ ଅଧିକାର କରିଛି। ମଙ୍ଗଳବାର ପ୍ରଥମ ମହିଳା ସେମିଫାଇନାଲ ଓଡ଼ିଶା ରଗ୍‌ବୀ କ୍ଲବ ବନାମ ସିସି ଆଣ୍ଡ୍ ଏଫ୍‌ସି ଏବଂ ଦ୍ୱିତୀୟ ସେମିଫାଇନାଲ ଦିଲ୍ଲୀ ହରିକେନ୍ସ ବନାମ ଫ୍ୟୁଚର ହୋପ୍ ହାର୍ଲେକ୍ୱିନ୍ସ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ପ୍ଲେଟ୍ କାଟେଗୋରୀରେ ଚଣ୍ଡିଗଡ଼ ୟୁନାଇଟେଡ୍ ବନାମ ରଗ୍‌ବୀ ୱାରିଅର୍ସ କେରଳ ମଧ୍ୟରେ ପରସ୍ପରକୁ ଭେଟିବେ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନର ସହଯୋଗ କ୍ରମେ ଇଣ୍ଡିଆନ ରଗ୍‌ବୀ ଫୁଟ୍‌ବଲ ୟୁନିୟନ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତା ଦେଶର ସବୁଠାରୁ ବଡ଼ ରଗ୍‌ବୀ କ୍ଲବ ଟୁର୍ଣ୍ଣାମେଣ୍ଟ।

# 'ପରବର୍ତ୍ତୀ ଲକ୍ଷ୍ୟ ଅଲିମ୍ପିକ୍ ସ୍ୱର୍ଣ୍ଣ'

ନୂଆଦିଲ୍ଲୀ,୯।୩

ଘରୋଇ ପରିବେଶରେ ଭାରତକୁ ଐତିହାସିକ ଟି୨୦ ବିଶ୍ୱକପ୍ ଜିତାଇବା ପରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ତାଙ୍କର ପରବର୍ତ୍ତୀ ବଡ଼ ଲକ୍ଷ୍ୟ ଘୋଷଣା କରିଛନ୍ତି। ଆମେରିକାର ଲସ୍‌ଏଞ୍ଜେଲ୍ସରେ ୨୦୨୮ରେ ହେବାକୁ ଥିବା ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ତାଙ୍କର ପରବର୍ତ୍ତୀ ଟାର୍ଗେଟ ବୋଲି ସେ ପ୍ରକାଶ କରିଛନ୍ତି। "ଏହି ବିଶ୍ୱକପ୍ ବିଜୟ ଖୁବ୍ ସ୍ୱତନ୍ତ୍ର। ଆମର ପରବର୍ତ୍ତୀ ଲକ୍ଷ୍ୟ ହେଉଛି ଅଲିମ୍ପିକ୍ସ। ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ସହ ସେହିବର୍ଷ ଅଷ୍ଟ୍ରେଲିଆରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଜିତିବାକୁ ଆମେ ଲକ୍ଷ୍ୟ ରଖିଛୁ" ବୋଲି ଅଧିନାୟକ ସୂର୍ଯ୍ୟକୁମାର ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହା ବ୍ୟତୀତ ଦଳର ବିଜୟ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି, ମୋ ମତରେ ୨୦୨୪ରେ ଆମର ଆଇସିସି ଟ୍ରଫିକୁ ନେଇ ଲାଗି ରହିଥିବା ମରୁଡ଼ି ଶେଷ ହେବା ପରେ ଆମେ ପଛକୁ ଫେରି ଚାହିଁ ନାହୁଁ।

## ଇଣ୍ଡିଆନ ୱେଲ୍ସ ମାଷ୍ଟର୍ସ

# ଭାମ୍ବ୍ରି-ଗୋରାନସନ ପ୍ରି-କ୍ୱାର୍ଟରରେ

ଇଣ୍ଡିଆନ ୱେଲ୍ସ (ୟୁଏସ୍ଏ), ୯।୩ (ପି.ଟି.)

ଭାରତର ଟପ୍ ଡବଲ୍ସ ଖେଳାଳି ୟୁକି ଭାମ୍ବ୍ରି ଓ ତାଙ୍କ ସ୍ୱିଡିଶ ପାର୍ଟନର ଆନ୍ଦ୍ରେ ଗୋରାନସନ ସିଧାସଳଖ ସେଟ୍‌ରେ ଡେଭିଡ୍ ପେଲ୍ ଓ ଫେବ୍ରିସ ମାର୍ଟିନଙ୍କୁ ପରାସ୍ତ କରି ଏଠାରେ ଚାଲିଥିବା ଇଣ୍ଡିଆନ ୱେଲ୍ସ ମାଷ୍ଟର୍ସ ଟେନିସ ଟୁର୍ଣ୍ଣାମେଣ୍ଟର ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଅଣସିଡ ଇଣ୍ଡୋ-ସ୍ୱିଡିଶ ଯୋଡ଼ି ଏହି ଏଟିପି ୧,୦୦୦ ଇଭେଣ୍ଟର ଓପନିଂ ରାଉଣ୍ଡରେ ଫ୍ରେଞ୍ଚ-ଡଚ୍ ଯୋଡ଼ିକୁ ୬-୧, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ୬୬ ମିନିଟ ଧରି ଚାଲିଥିଲା।

# ଓଡ଼ିଶାକୁ ୧ ସ୍ୱର୍ଣ୍ଣ ସହ ୪ ପଦକ

## ଇଣ୍ଡିଆନ ଓପନ ଥ୍ରୋ ପ୍ରତିଯୋଗିତା

ଭୁବନେଶ୍ୱର, ୯।୩ (ତପନ ସ୍ୱାଇଁ)



ଓଁକାର ପ୍ରସାଦ ନନ୍ଦ



ଅଙ୍କିତା ମହାପାତ୍ର



ଦିବ୍ୟା ସାଣ୍ଡିଲ୍ୟ



କିଶୋର କୁମାର ଜେନା

ଆଥ୍‌ଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଆନୁକୂଲ୍ୟରେ ପଞ୍ଜାବର ପଟିଆଲାରେ ଅନୁଷ୍ଠିତ ୫ମ ଇଣ୍ଡିଆନ ଓପନ ଥ୍ରୋ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀ ୧ ସ୍ୱର୍ଣ୍ଣ ସହ ମୋଟ ୪ ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୨ ରୌପ୍ୟ ଓ ୧ ବ୍ରୋଞ୍ଜ ସାମିଲ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୪ ଆଥ୍‌ଲେଟ ଭାଗ ନେଇଥିଲେ ଏବଂ ସମସ୍ତେ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ଓଁକାର ପ୍ରସାଦ ନନ୍ଦ ୨୦ ବର୍ଷରୁ କମ୍ ଶଟ୍‌ପୁଟ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ନିଜ ତୃତୀୟ ଉଦ୍ୟମରେ ୧୭.୮୫ ମିଟର ଥ୍ରୋ କରି ଏହି ସଫଳତା ପାଇଛନ୍ତି। ହରିୟାଣାର ହର୍ଷିତ ଗେହଲଟ (୧୭.୦୨) ରୌପ୍ୟ ଓ ଦିଲ୍ଲୀର ଯଶ୍ ଚିକ୍କାରା (୧୭.୦୧) ବ୍ରୋଞ୍ଜ ପଦକ ଜିତିଛନ୍ତି। ଦିବ୍ୟା ସାଣ୍ଡିଲ୍ୟ ମହିଳା ହାମର ଥ୍ରୋରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ନିଜ ତୃତୀୟ ଉଦ୍ୟମରେ ୫୩.୩୧ ମିଟର ଥ୍ରୋ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉତ୍ତର ପ୍ରଦେଶର ତାନ୍ୟା ଚୌଧାରୀ (୬୧.୦୯) ସ୍ୱର୍ଣ୍ଣ ଓ ରାଜସ୍ଥାନର ସୋନିୟା (୫୨.୨୯) ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ଅଙ୍କିତା ମହାପାତ୍ର ୨୦ ବର୍ଷରୁ କମ୍ ମହିଳା ହାମର ଥ୍ରୋରେ ରୌପ୍ୟ ଜିତିଛନ୍ତି। ସେ ନିଜ ପ୍ରଥମ ଉଦ୍ୟମରେ ଥ୍ରୋ କରିଥିବା ୪୫.୪୯ ମିଟର ଶେଷ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା। ହରିୟାଣାର ଖୁସୀ (୪୯.୪୫) ସ୍ୱର୍ଣ୍ଣ ଓ ଆନ୍ଧ୍ର ପ୍ରଦେଶର ଆୟେଶା ବାନୁ ମୋହମ (୪୫.୩୭) ବ୍ରୋଞ୍ଜ ପଦକ ପାଇଛନ୍ତି। ଓଡ଼ିଶାର ତାରକା ଜାଭେଲିନ ଥ୍ରୋୟର କିଶୋର କୁମାର ଜେନା ଏଠାରେ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଛନ୍ତି। ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ସେ ନିଜ ୫ମ ଉଦ୍ୟମରେ ୭୪.୭୫ ମିଟର ଥ୍ରୋ କରି ତୃତୀୟ ସ୍ଥାନରେ ରହିଛନ୍ତି। ଆର୍ମି ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଶିବମ ଲୋହାକାରେ (୮୧.୦୮) ଓ ଏସ୍ଏସ୍‌ସିବିର ଆନନ୍ଦ ସିଂ (୭୬.୯୪) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଭାରତର ପ୍ରତିଭା ସମ୍ପନ୍ନ ଓ ପ୍ରତିଷ୍ଠିତ ଆଥଲେଟ୍‌ମାନେ ଶଟ୍‌ପୁଟ, ଡିସ୍କସ୍, ହାମର ଥ୍ରୋ ଓ ଜାଭେଲିନ୍ ଥ୍ରୋରେ ଭାଗ ନେଇଥିଲେ।

# ଓଡ଼ିଶା ଦଳ ଓଭରଅଲ୍ ଚାମ୍ପିୟନ

## ଖେଲୋ ଇଣ୍ଡିଆ ଅସ୍ମିତା ପେନ୍‌ଚାକ୍ ସିଲାଟ ଲିଗ୍



ଓଭରଅଲ୍ ଚାମ୍ପିୟନ ଓଡ଼ିଶା ଦଳର ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

ଭୁବନେଶ୍ୱର, ୯।୩ (ତପନ ସ୍ୱାଇଁ)

ଝାରସୁଗୁଡ଼ା ମଙ୍ଗଳ ବଜାରସ୍ଥିତ ଅଡିଟୋରିଅମ୍ ସହ କ୍ରୀଡ଼ା ପ୍ରାଙ୍ଗଣରେ ଖେଲୋ ଇଣ୍ଡିଆ ଅସ୍ମିତା ପେନ୍‌ଚାକ ସିଲାଟ (ପୂର୍ବାଞ୍ଚଳ) ଲିଗ୍-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଦଳ ୨୩ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୩୦ ବ୍ରୋଞ୍ଜ ପଦକ ସହିତ ମୋଟ ୮୦ଟି ପଦକ ହାସଲ କରି ଓଭରଅଲ୍ ଚାମ୍ପିୟନ ହୋଇଛି। ଏହି ପ୍ରତିଯୋଗିତା ଗତ ୭ ଓ ୮ ତାରିଖରେ ଓଡ଼ିଶା ପେନ୍‌ଚାକ ସିଲାଟ ସଂଘ ଦ୍ୱାରା ଭାରତୀୟ ପେନ୍‌ଚାକ ସିଲାଟ ଫେଡେରେଶନ୍, ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଓ ଭାରତ ସରକାରଙ୍କ କ୍ରୀଡ଼ା ମନ୍ତ୍ରଣାଳୟ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା। ଏହି ଲିଗ୍‌ରେ ପୂର୍ବ ଭାରତର ୧୨ ରାଜ୍ୟରୁ ୬୦୦ରୁ ଅଧିକ ମହିଳା ଖେଳାଳି ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ସଶସ୍ତ୍ର ପୋଲିସ ଦ୍ୱିତୀୟ ବାଟାଲିଅନ୍, ଝାରସୁଗୁଡ଼ାର କମାଣ୍ଡାଣ୍ଟ ପ୍ରସାଦ ତମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ସମ୍ବଲପୁରସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲ୍‌ର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ଲେଙ୍କା ମଧ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଓଡ଼ିଶା ପେନ୍‌ଚାକ ସିଲାଟ ସଂଘ ସଭାପତି ତାପସ କୁମାର ରାୟ ଚୌଧୁରୀ, ସାଧାରଣ ସମ୍ପାଦକ ପ୍ରେମ ସିଂ ଥାପା ଓ ଖଜାଞ୍ଚି ଭବାନୀ କୁମାରୀ ସାହୁଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏଥିରେ ନାଗାଲାଣ୍ଡ ପ୍ରଥମ ରନର୍‌ଅପ୍ ଓ ଆସାମ ଦ୍ୱିତୀୟ ରନର୍‌ଅପ୍ ହୋଇଥିଲା।

# ବ୍ୟକ୍ତିଗତ ଜୀବନରେ ଅନେକ ସମସ୍ୟାରେ ଥିଲି

ନୂଆଦିଲ୍ଲୀ,୯।୩

ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ବ୍ୟକ୍ତିଗତ ଜୀବନରେ ସଂଘର୍ଷରୁ ଲଗାତର ଦୁଇ ଥର ଟି୨୦ ବିଶ୍ୱକପ୍ ଜିତିବା ପର୍ଯ୍ୟନ୍ତ ଯାତ୍ରା ସମ୍ପର୍କରେ ପ୍ରକାଶ କରିଛନ୍ତି। ଏହି ଷ୍ଟାର ଅଲରାଉଣ୍ଡର ଅହମଦାବାଦରେ ୨୦୨୬ ଟାଇଟଲ ଜିତିବା ସହ ପ୍ରତ୍ୟେକ ଟୁର୍ଣ୍ଣାମେଣ୍ଟରେ ଭାରତ ପାଇଁ ଟ୍ରଫି ଜିତିବା ଲକ୍ଷ୍ୟରେ ଖେଳିବେ ବୋଲି ନିଜକୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିଛନ୍ତି। ହାର୍ଦ୍ଦିକ କହିଛନ୍ତି ଯେ, 'ଆମେ ୨୦୨୪ରେ ଯେତେବେଳେ ଟି୨୦ ବିଶ୍ୱକପ୍ ଜିତିଥିଲୁ, ମୁଁ ବ୍ୟକ୍ତିଗତ ଭାବେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲି। ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଅନେକ କିଛି ଘଟିଥିଲା ଏବଂ କିଛି ବି ମୋ ସପକ୍ଷରେ ଯାଉ ନ ଥିଲା। ୨୦୨୬ ବିଶ୍ୱକପ୍ ଆରମ୍ଭ ପୂର୍ବରୁ ମୋତେ ସେଥିରୁ ମୁକ୍ତି ଦରକାର ବୋଲି ମନ ସ୍ଥିର କରିଥିଲି।

**Classified Everyday**

0674-2580101, 9692975378



REAL ESTATE

SALE

ଭୁବନେଶ୍ୱର KEC College ନିକଟରେ ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ contact 9178660666 ଧ-୩୫୭୪

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/-ରେ ତୁରନ୍ତ ବିକ୍ରି ହେବ। 9776974912. D-22

**Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595.** D-23



All types of physiotherapy and massage contact 9556924059 / 7656969134. D-3523

All types of physiotherapy and massage contact 9556924059 / 7656969134. D-3591

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LOST

By virtue of an affidavit sworn before the Notary Public, Malkangiri, I, Rama Madi, aged 50 yrs, S/o- Late Era Madi of village- Doraguda, P.O.- Gompakonda, P.S.- Kalimela, Dist.- Malkangiri, Odisha, I, lost my ROR vide Khata No. 56, under Mouza Doraguda anywhere from my house. I swear this affidavit is in order to produce for in my favour for getting second copy of ROR of the above stated khata from the competent authority. Sd./- Rama Madi D-3589

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated 09.10.25, Anupama Behera, Palasuni, Prachivihar, Siva Temple, Rasulgarh, Khorda, Odisha, 751010 declare that I have changed my name from old name Anupama Mohanty to new name Anupama Behera. Henceforth, I shall be known as new name Anupama Behera for all purposes. D-3590

I, Kumari Sunita Panda, D/o- Sibaram Panda, resident of H-103, Shree Mahodadhi Nilaya, Tamando, Bhubaneswar, Odisha, have changed my name to Monalisha Panda for all purposes. D-3587

I, Mohammad Sabuddin, S/o- Mohammad Sabir, R/o. Near Odia UP School, Sunapali, Sambalpur, P.O.- Dhankauda, P.S.- Dhanupali, District.- Sambalpur, PIN- 768006 (Odisha) declare by this affidavit No.- 113, Dt. 25.02.26 that now onwards I shall be known as Muhammad Shahabuddin for all future purposes. D-3588

By virtue of an affidavit sworn before Notary Public, Rayagada, dated 07.03.2026 I, KUNI JAKAKA, Address: AT-REGEDA, P.O.-KUTULI, P.S./DIST.- Rayagada, PIN-765002 declare that I have changed the name of my son from VISHMA JAKAKA to DEBENDRA JAKAKA. Henceforth, he shall be known as DEBENDRA JAKAKA for all purposes. KUNI JAKAKA D-3583

By virtue of an affidavit sworn before Executive Magistrate cum Tahasildar, Bhandaripokhari, No.- 368, dated- 19.02.2026, I, Sanjay Kumar Nayak, S/o.- Gouranga Charan Nayak, Address: At-Neulia, P.O.- Manjuri, P.S.- Bhandaripokhari, Dist.- Bhadrak, Odisha, PIN- 756122 declare that I have changed the name of my son from Jigansu Nayay to Jijnasu Nayak. Henceforth, he shall be known as Jijnasu Nayak for all purposes. Sanjay Kumar Nayak D-3575

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



୰ହରପ୍ରିୟା ମହାନ୍ତି

ସ୍ୱାମୀ: ୰କ୍ଷୀରୋଦ ଚନ୍ଦ୍ର ମହାନ୍ତି

ଆଚାର୍ଯ୍ୟ ବିହାର, ଭୁବନେଶ୍ୱର

ଆବିର୍ଭାବ: ୧୪।୦୫।୧୯୪୩
ତିରୋଧାନ: ୨୮।୦୨।୨୦୨୬

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟପରାୟଣ ଓ ଉତ୍ସର୍ଗୀକୃତ ଜୀବନାଦର୍ଶ ଆମର ପାଥେୟ ହେଉ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ପୁତ୍ର- ଶିବ ମହାନ୍ତି, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୩୫୮୬

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଶ୍ରୀମତୀ ପ୍ରତିମା ଦାଶ

ସ୍ୱାମୀ ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଦାଶ

ଆବିର୍ଭାବ: ୦୨।୦୫।୧୯୪୦
ତିରୋଧାନ: ୨୮।୦୨।୨୦୨୬

ଦୀର୍ଘ ୮୬ବର୍ଷର କର୍ମମୟ ଜୀବନର ଅବସାନ

ବୋଉ,
ତୁମର ଅବର୍ତ୍ତମାନରେ ଆମ ପରିବାରର ସମସ୍ତଙ୍କ ହୃଦୟର ଶୂନ୍ୟସ୍ଥାନଟି ଚିରଦିନ ପାଇଁ ଅପୂରଣୀୟ ରହିଲା! ଦୀର୍ଘ ୮୬ ବର୍ଷର ତୁମ କର୍ମମୟ ଜୀବନରେ ସମସ୍ତଙ୍କ ମନରେ ଖୁସି ଦେବାପାଇଁ ତୁମର ଜନ୍ମ ହୋଇଥିଲା! ବାପାଙ୍କୁ ହରାଇବା ପରେ ଦୀର୍ଘ ୩୫ବର୍ଷର ତ୍ୟାଗ, ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା, ଶୃଙ୍ଖଳିତ ଜୀବନ, ମାର୍ଗଦର୍ଶନ ଓ ଆଶୀର୍ବାଦ ଆମମାନଙ୍କ ପାଇଁ ଚିର ପାଥେୟ ଥିଲା ଓ ରହିବ! ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା ପୂର୍ବକ ଭକ୍ତିପୂତ ପ୍ରାର୍ଥନା କରୁଛୁ!

ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ ପରିବାରବର୍ଗ, ଚୂନଭାଟି, ଓ ଏମ୍ ପି ଛକ, କଟକ

ଧ-୩୫୮୫

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ନିମାଇଁ ଚରଣ ନାୟକ

ଗ୍ରାମ: ରାୟଗୁରୁ ବାସୁଦେବପୁର, ବାଳକାଟୀ, ଖୋର୍ଦ୍ଧା

ଆବିର୍ଭାବ: ୧୯୨୪
ତିରୋଧାନ: ୨୦୨୫

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

-:ଶୋକସନ୍ତପ୍ତ:-
ପୁତ୍ର: ଚକ୍ରଧର ନାୟକ, ବନ୍ଧୁ ଓ ପରିବାରବର୍ଗ

ଧ-୩୫୮୪

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ମତାନ୍ତରରୁ ମଧୁର ସମ୍ପର୍କ



ଦାମ୍ପତ୍ୟରେ ସବୁବେଳେ ଯେ ପ୍ରେମର ଫଲ୍‌ଗୁ ବହିବ ସେମିତି ନିର୍ଦ୍ଦିଷ୍ଟ ନ ଥାଏ। ବିଭିନ୍ନ ସମୟରେ ପରସ୍ପର ଭିତରେ ମତାନ୍ତର ବି ହୁଏ। ଆଉ ଏମିତି ଛୋଟ ମୋଟ କଥାରେ ଯୁକ୍ତିତର୍କ ଅନେକ ସମୟରେ ସମ୍ପର୍କକୁ ଆହୁରି ନିବିଡ଼ କରିଦିଏ..

**ଦା**ମ୍ପତ୍ୟରେ ପ୍ରେମର ଭାବକୁ ଅଧିକ ଦୃଢ଼ କରିବାକୁ ହେଲେ ଖାଲି ଯେ ମଧୁର କଥାବାର୍ତ୍ତା କରିବାକୁ ହୁଏ ତାହା ନୁହେଁ। ପରସ୍ପର ପାଦ ମିଳାଇ ଆଗକୁ ଯିବାବେଳେ କେବେ କେବେ ତ ଝୁଣ୍ଟିବାକୁ ହୁଏ। ତେଣୁ କଥାବାର୍ତ୍ତା ଭିତରେ ମତାନ୍ତର ମନାନ୍ତର ତ ସାଧାରଣ କଥା। ଆଉ ଏଥିପାଇଁ ପତ୍ନୀପତିଙ୍କ ଭିତରେ ଅନେକ ସମୟରେ କଥା କଟାକଟି ବି ହୁଏ। ଏକଥା କେହି ବି ଅସ୍ୱୀକାର କରିପାରିବେ ନାହିଁ। ହେଲେ ଏଥିପାଇଁ କେବେ ସମ୍ପର୍କ ଭାଙ୍ଗିଯାଏ ନାହିଁ, ବରଂ ଆହୁରି ଦୃଢ଼ ହୁଏ। ଏମିତିକି ମତାନ୍ତର ହେବା ପରେ ସମ୍ପର୍କ ଅଧିକ ନିବିଡ଼ ହୁଏ। ତେଣୁ ଦାମ୍ପତ୍ୟରେ ଏମିତି ଛୋଟମୋଟ କଳିଝଗଡ଼ାକୁ ସକାରାତ୍ମକ ଢଙ୍ଗରେ ନେବା ଦରକାର।

**ବୁଝାମଣା ଠିକ୍ କରେ:** ପତ୍ନୀପତିଙ୍କ ମଧ୍ୟରେ ସମ୍ପର୍କ ମଜଭୁତ କରିବାକୁ ହେଲେ ମତାନ୍ତରର ବି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶୁଣିବାକୁ ହୁଏତ ଅଜବ ଲାଗିପାରେ, କିନ୍ତୁ ଏହାର ଅନେକ ସକାରାତ୍ମକ ପ୍ରଭାବ ବି ରହିଛି। କାରଣ ଉଭୟଙ୍କ ମଧ୍ୟରେ କୌଣସି ପ୍ରସଙ୍ଗରେ ମତାନ୍ତର ହେବା ପରେ ପରସ୍ପର ମନ ଭିତରେ ଥିବା ଥିବା ଦ୍ୱନ୍ଦ୍ୱ ସବୁ ବାହାରି ଆସେ। ଫଳରେ ଉଭୟ କ'ଣ ଚାହୁଁଛନ୍ତି ପରସ୍ପର ଜାଣି ପାରିଥାନ୍ତି। ଆଉ ଅନେକ ସମୟରେ ପ୍ରକୃତ ସତ୍ୟ ଘଟଣା ବି ସାମ୍ନାକୁ ଆସେ। ଏମିତି ଭାବରେ ଆକ୍ଷେପ ପ୍ରତି ଆକ୍ଷେପ ଭିତରେ ଅନେକ ସମସ୍ୟା ସମାଧାନର ରାସ୍ତା ବାହାରିଥାଏ। ତେଣୁ ପରସ୍ପର ଭିତରେ ବୁଝାମଣା ଠିକ୍ ହୋଇଯାଏ। ଆଉ ତା'ପରେ ସେମାନେ ପରସ୍ପର ପ୍ରତି ଥିବା ସବୁ ଅଭିଯୋଗକୁ ମଧ ଭୁଲିଯାନ୍ତି। ଫଳରେ ମାନ ଅଭିମାନ ସବୁ ଶେଷ ହୋଇଯିବା ପରେ ଭଲପାଇବା ବଢ଼ିଯାଇଥାଏ।

**ଅନୁତାପରୁ ପ୍ରେମ:** ପରସ୍ପର ମତାନ୍ତର ଭିତରେ ହୁଏତ ଅନେକ ସମୟରେ ଜଣଙ୍କର ଅନ୍ୟଜଣଙ୍କ ପ୍ରତି କଟୁକଥା ବି ବାହାରି ଆସେ। କିନ୍ତୁ କଥା ସମାଧାନ ହୋଇସାରିବା ପରେ ସେହି କଥା ଭାବି ଅନୁତାପ ହୁଏ। ମନର ଏହି ଅବସ୍ଥାରେ ସାଥୀଙ୍କ ପ୍ରତି ପ୍ରେମ ଭାବ ବଢ଼ିଯାଏ। ତେଣୁ ପରୋକ୍ଷରେ ହେଲେ ବି ଝଗଡ଼ା ହେବା ପରେ ସମ୍ପର୍କ ଦୃଢ଼ ହୋଇଥାଏ।

**ସକାରାତ୍ମକ ମନୋଭାବ:** କାହା ସହ ବି ଅଧିକ ଦିନ ରହିବା ଫଳରେ କେବେ କେବେ ମତଭେଦ ହେବା ତ ସ୍ୱାଭାବିକ କଥା। ଦୁଇଜଣଙ୍କର ଅନୁଭବ, ଚିନ୍ତାଧାରା ଓ ଦୃଷ୍ଟିକୋଣ ସବୁବେଳେ ସମାନ ହୋଇ ନ ପାରେ। ତେଣୁ କେବେ କେବେ କୌଣସି କଥାରେ ଯୁକ୍ତିତର୍କ ହୋଇଯାଏ। ତେବେ ପରସ୍ପରକୁ ଭଲ ପାଉଥିବା ଦମ୍ପତି କେହି ବି ଜାଣି ଜାଣି ଯୁକ୍ତିତର୍କ କରି ଅଶାନ୍ତି ସୃଷ୍ଟି କରିବାକୁ ଚାହିଁ ନ ଥାନ୍ତି। ମାତ୍ର ପରିସ୍ଥିତି ସେଭଳି ହେବା ଫଳରେ ଉଭୟେ ପରସ୍ପରକୁ ଆକ୍ଷେପ କରନ୍ତି। ହେଲେ କିଛି ସମୟ ଏଭଳି ପାଟିତୁଣ୍ଡ ହେବା ପରେ ସମସ୍ୟା ସମାଧାନ ହୋଇଯାଏ। ଆଉ ପରିସ୍ଥିତି ଶାନ୍ତହେବା ପରେ ମନ ବି ବଦଳିଯାଏ। ସାଥୀଙ୍କ ବିଷୟରେ ନୂଆ କଥା ଜାଣିବାକୁ ସମର୍ଥ ହୋଇପାରିବେ। ତାଙ୍କର କହିବା ଶୈଳୀ, ତାଙ୍କ ଭାବନା ଓ ମନ କଥା ବୁଝିବାର ସୁଯୋଗ ମିଳିପାରିବ। ଏସବୁ ପରେ କେତେକ ଦିଗକୁ ନେଇ ସଚେତନ ରହିବାକୁ ହେବ।







➔ମତାନ୍ତର ହେବା ଦାମ୍ପତ୍ୟର ଏକ ପ୍ରମୁଖ ଅଂଶ, ଏକଥାକୁ ଅସ୍ୱୀକାର କରିହେବନାହିଁ। ହେଲେ ଏହା ଏକ ନିର୍ଦ୍ଦିଷ୍ଟ ପରିସୀମା ଭିତରେ ରହିବା ଦରକାର। ଅନ୍ୟକୁ ଅତ୍ୟନ୍ତ ବାଧିବା ଭଳି କୌଣସି ବ୍ୟବହାର କରିବା ଠିକ୍ ନୁହେଁ।

➔ମନକୁ କ୍ରୋଧ ଆସିଲେ ବି ନିଜ ଉପରେ ନିୟନ୍ତ୍ରଣ ହରାନ୍ତୁ ନାହିଁ। ଆକ୍ଷେପ କରିବା ସମୟରେ ସେଭଳି ଶବ୍ଦ ପ୍ରୟୋଗ କରନ୍ତୁ ନାହିଁ ଯାହା ନିଜ ଚରିତ୍ରର ବିରୁଦ୍ଧାଚରଣ କରୁଥିବ। ତେଣୁ ଝଗଡ଼ା କରିବା ସମୟରେ ଖରାପ ଶବ୍ଦ ବ୍ୟବହାର କରନ୍ତୁ ନାହିଁ।

➔ସାଥୀଙ୍କ ଦୃଷ୍ଟିକୋଣ ପ୍ରତି ଧ୍ୟାନ ଦିଅନ୍ତୁ। ଯଦି କୌଣସି କଥାର ବିରୋଧ କରୁଛନ୍ତି ତେବେ କେବଳ ନିଜ କଥା ଭାବନ୍ତୁ ନାହିଁ। ସାଥୀଙ୍କ ଭାବନାକୁ ମଧ ବୁଝିବାକୁ ଚେଷ୍ଟା କରନ୍ତୁ।

➔ଯୁକ୍ତିତର୍କ ସମୟରେ ଖୋଲାମନରେ କଥା ଶୁଣନ୍ତୁ ଓ ଗ୍ରହଣ କରିବାର ମାନସିକତା ରଖନ୍ତୁ। କେବଳ ନିଜ କଥାକୁ ଯୁକ୍ତିଯୁକ୍ତ ପ୍ରମାଣ କରିବାକୁ ଗଲେ ସମ୍ପର୍କ ଖରାପ ହୋଇପାରେ। ତେଣୁ ପ୍ରକୃତ ଘଟଣାକୁ ବୁଝନ୍ତୁ ଓ ସାଥୀଙ୍କ କଥା ଗ୍ରହଣ କରନ୍ତୁ।

**ସଚେତନତା ବି ଜରୁରୀ:** ବାରମ୍ବାର ମତାନ୍ତର ହେବା ଫଳରେ ବେଳେବେଳେ ସମ୍ପର୍କ ଖରାପ ହେବାକୁ ଲାଗେ। ତେଣୁ ଏଭଳି ପରିସ୍ଥିତି ଯେପରି ନ ଆସିବ ସେଥିପ୍ରତି ସଚେତନ ରହିବାକୁ ହେବ। ଏଥିପାଇଁ କ'ଣ କରିବେ ଜାଣନ୍ତୁ ସେସମ୍ପର୍କରେ...

– କୌଣସି କଥାରେ ଯଦି ଝଗଡ଼ା ଅଧିକ ହୁଏ ତା'ହେଲେ ନିଜେ ପ୍ରଥମେ 'ସରି' କୁହନ୍ତୁ। ଏଇ ଛୋଟିଆ ଶବ୍ଦଟି କହିଲେ ଆପଣ ଛୋଟ ହୋଇଯିବେ ନାହିଁ, କିନ୍ତୁ ଅନେକ ସମସ୍ୟା ସମାଧାନ ହୋଇଯିବ। ନିଜ ଭୁଲ୍ ଗ୍ରହଣ ନ କଲେ ଝଗଡ଼ା ବଢ଼ି ଚାଲିଥିବ। ତେଣୁ ଭୁଲ୍ ସ୍ୱୀକାରକରି ଶାନ୍ତିପୂର୍ଣ୍ଣ ସମାଧାନ କରନ୍ତୁ।

– ଝଗଡ଼ା କମ୍ କରିବା ପାଇଁ ପରସ୍ପରକୁ ପ୍ରେମ ନିବେଦନ କରନ୍ତୁ। ଏପରି କିଛି ମଧୁର କଥା କହି ପରିବେଶକୁ ହାଲ୍‌କା କରନ୍ତୁ। ଝଗଡ଼ା ବନ୍ଦ କରିବାର ସବୁଠୁ ଭଲ ଉପାୟ ହେଉଛି ସାଥୀଙ୍କ କଥାକୁ ସମର୍ଥନ କରନ୍ତୁ ଓ ପ୍ରଶଂସା କରନ୍ତୁ।

– ଝଗଡ଼ା ଶେଷ କରିବାକୁ ହେଲେ ନିଜ ଭୁଲ୍ ସୁଧାରିବା ପାଇଁ ଚେଷ୍ଟା କରନ୍ତୁ ଓ ପରସ୍ପର ଏକାଠି ଅଧିକ ସମୟ କଟାନ୍ତୁ। କିଛି ସମୟ ପରେ ମନୋମାଳିନ୍ୟ ଦୂର ହୋଇଯିବ।

– ଝଗଡ଼ା କରିବା ପରେ ଯଦି ଅତ୍ୟଧିକ କ୍ରୋଧ ଆସୁଛି ତେବେ ପରସ୍ପରକୁ କିଛି ସମୟ ଦିଅନ୍ତୁ। ନିଜେ ଏକୁଟିଆ କିଛି ସମୟ ଏକାନ୍ତରେ ବସି ମନକୁ ଶାନ୍ତ କରିବାକୁ ଚେଷ୍ଟା କରନ୍ତୁ।

– ଧୈର୍ଯ୍ୟର ସହ ଶୁଣନ୍ତୁ। ଝଗଡ଼ା କମ୍ କରିବା ପାଇଁ ସାଥୀ କ'ଣ କହୁଛନ୍ତି ସେକଥା ଶୁଣି ବୁଝିବାକୁ ଚେଷ୍ଟା କରନ୍ତୁ।

## ପିଲାଙ୍କୁ ଦିଅନ୍ତୁ ଗାଇଡ୍‌ଲାଇନ

**କେ**ତେକ ଅଭିଭାବକ ଏପରି ଥାନ୍ତି ଯେଉଁମାନେ ପିଲାଙ୍କର ସବୁ କଥାକୁ ଗ୍ରହଣ କରି ସେହି ଅନୁସାରେ ସବୁ ଆବଶ୍ୟକତା ପୂରଣ କରିଦିଅନ୍ତି। ଏଭଳି କରି ସେମାନେ ପିଲାଙ୍କୁ ଅଧିକ ଭଲ ପାଉଛନ୍ତି ବୋଲି ଦର୍ଶାଇଥାନ୍ତି। ହେଲେ ଏ କ୍ଷେତ୍ରରେ ପିଲାମାନେ ଅନୁଶାସନ ଓ ଶୃଙ୍ଖଳାର ମୂଲ୍ୟ ବୁଝିପାରନ୍ତି ନାହିଁ। ଏହା ସହ ସେମାନେ ଭବିଷ୍ୟତରେ ଦାୟିତ୍ୱଶୂନ୍ୟ ହେବା ସହ ଭାବନାତ୍ମକ ସମ୍ପର୍କ ଠାରୁ ଦୂରେଇଯାନ୍ତି।

ପିଲାଙ୍କୁ ଦୁନିଆର ସବୁ ଖୁସି ଦେବାପାଇଁ ଚାହାନ୍ତି ଅଭିଭାବକ। ଏହି ଭାବନା ପାଇଁ ବେଳେବେଳେ ପିଲାମାନଙ୍କର ସବୁ ଜିଦ୍ ପୂରା କରିବାକୁ ଚେଷ୍ଟା କରନ୍ତି। କିନ୍ତୁ ଏହି ପଦକ୍ଷେପ ଫଳରେ ପିଲାଙ୍କ ଭବିଷ୍ୟତ ଓ ଚରିତ୍ର ଗଠନରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ।

ଅଭିଭାବକଙ୍କ ଏହି ନିଷ୍ପତ୍ତି ପିଲାଙ୍କୁ ଅଧିକ ସ୍ୱାଧୀନତା ଦେଇଥାଏ। ସେମାନଙ୍କର ସବୁ ଆବଶ୍ୟକତା ପୂରଣ ହୋଇଯିବା ଦ୍ୱାରା ସେମାନେ ଅନୁଶାସନର ଅର୍ଥ ବୁଝିପାରନ୍ତି ନାହିଁ। ତେଣୁ ସେମାନଙ୍କର ବ୍ୟକ୍ତିତ୍ୱ ଉପରେ ପ୍ରଭାବ ପଡ଼େ ଓ ସେମାନଙ୍କର ଭବିଷ୍ୟତ ବିକାଶରେ ବାଧା ସୃଷ୍ଟି ହୁଏ।

ମାଗିବା ମାତ୍ରେ ସବୁ ଜିନିଷ ମିଳିଯିବା ଫଳରେ ପିଲାମାନେ ପରିଶ୍ରମ, ଧୈର୍ଯ୍ୟ ଓ ସନ୍ତୁଷ୍ଟ ରହିବା ଭାବନାକୁ ବୁଝିପାରନ୍ତି ନାହିଁ। ତେଣୁ ଅଭିଭାବକମାନେ ପିଲାଙ୍କର ସବୁ ଆବଶ୍ୟକତା ସଙ୍ଗେ ସଙ୍ଗେ ପୂରା କରିବା ବଦଳରେ ନା କହିବା ମଧ ଦରକାର।

ପିଲାଙ୍କର ଆବଶ୍ୟକତା ପୂରା କରିବା ସହ ସେମାନଙ୍କୁ ଅନୁଶାସନ ମଧ ଶିଖାଇବା ଦରକାର।

ପିଲାଙ୍କୁ ସ୍ନେହ କରନ୍ତୁ ହେଲେ ଏକ ସୀମା ସ୍ଥିର କରନ୍ତୁ। କେତେବେଳେ କେଉଁ ସବୁ କାମ କରିବେ ସେନେଇ ପିଲାଙ୍କୁ ଗାଇଡ୍‌ଲାଇନ ଦିଅନ୍ତୁ।



## ଟ୍ରାଞ୍ଜିଶନାଲ ଫ୍ୟାଶନ

ଏବେ ଅଧିକ ଗରମ ହେଉନାହିଁ କି ବେଶି ଥଣ୍ଡା ମଧ ଅନୁଭୂତ ହେଉ ନାହିଁ। ତେଣୁ ଏହି ସମୟରେ କିଭଳି ଫ୍ୟାଶନ ଆପଣାଇବେ ଜାଣନ୍ତୁ ସେସମ୍ପର୍କରେ...

➤ଏଭଳି ପୋଷାକ ଚୟନ କରନ୍ତୁ ଯାହା ଉଭୟ ଷ୍ଟାଇଲିଶ୍ ଓ ଆରାମଦାୟକ ହୋଇପାରିବ। କାରଣ ଏହି ସମୟରେ ଶୀତ କମ୍ ଓ ଗରମ ମଧ କମ୍ ଅନୁଭୂତ ହେଉଛି। ତେଣୁ ସେହି ଅନୁସାରେ ଉପଯୁକ୍ତ ଫାବ୍ରିକ ଚୟନ କରନ୍ତୁ। ଏହି ଋତୁରେ ଟ୍ରାଞ୍ଜିଶନାଲ ଫ୍ୟାଶନ ଅଧିକ ଭଲ ଲାଗିବ।

➤ଏହି ଋତୁରେ ଲେୟରିଂ ସବୁଠାରୁ ଭଲ ବିକଳ୍ପ ହୋଇପାରିବ। ହାଲ୍‌କା ଟି-ଶାର୍ଟ ଓ ଟପ୍ ଉପରେ ଡେନିମ୍ ଜ୍ୟାକେଟ୍, ଶ୍ରଗ ମଧ ପିନ୍ଧିପାରିବେ। ଏହା ଆପଣଙ୍କୁ ଅଧିକ ଷ୍ଟାଇଲିଶ୍ ଲୁକ୍ ଦେଇପାରିବ।

➤ପାଣିପାଗ ବଦଳୁଥିବାରୁ ଏହି ଋତୁରେ ଉଲେନ୍ ପୋଷାକ ପିନ୍ଧି ହେବନାହିଁ କିମ୍ବା ଅତ୍ୟଧିକ ପତଳା ପୋଷାକ ମଧ ପିନ୍ଧି ହେବନାହିଁ। ତେଣୁ କଟନ ବ୍ଲେଣ୍ଡ, ଲିନେନ୍ ଲାଇଟ୍ ନେଟ୍ ଫାବ୍ରିକ୍ ମଧ ଆପଣାଇପାରିବେ।



➤ଅତ୍ୟଧିକ ବ୍ରାଇଟ୍ କିମ୍ବା ଡାର୍କ କଲର ମଧ ଏହି ସମୟରେ ପିନ୍ଧିପାରିବେ ନାହିଁ। ତେଣୁ ସଫ୍ଟ ଓ ନ୍ୟୁଟଲ କଲର ଏହି ଋତୁରେ ଏକ ସୁନ୍ଦର ବିକଳ୍ପ ହୋଇପାରିବ। ଏହା ଏକ ଫ୍ରେଶ୍ ଓ ଏଲିଗାଣ୍ଟ ଲୁକ୍ ଦେଇପାରିବ।

➤ଜିନ୍ସର ଫ୍ୟାଶନ ସବୁ ସମୟରେ ରହିଛି। ତେଣୁ ଏହି ଋତୁରେ ବି ଆପଣ ଜିନ୍ସ ସହିତ ବିଭିନ୍ନ ଟି-ସାର୍ଟ ଓ କୁର୍ତ୍ତା ପିନ୍ଧିପାରିବେ।

➤ଫୁଲ୍ ସ୍ଲିଭ୍ ଓ ଥ୍ରୀ-ଫୋର୍ଥ ଆଉଟଫିଟ୍ ମଧ ଭଲ ଲାଗିବ।

## ଆଳୁ ପୁରି

ଖାଦ୍ୟରୁଚି

**ଆବଶ୍ୟକ ସାମଗ୍ରୀ:** ଅଟା ୨ କପ୍, ଆଳୁ ୨ରୁ ୩ଟି, ଗୋଲମରିଚ ୧ ଚାମଚ, ଧନିଆପତ୍ର ଅଳ୍ପ, ଆବଶ୍ୟକ ଅନୁସାରେ ଲୁଣ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଆଳୁକୁ ସିଝାଇ ରଖନ୍ତୁ। ଏହାପରେ ଅଟା ସହ ସିଝା ଆଳୁ, ବ୍ଲାକ୍ ସଲ୍‌ଟ, ଗୋଲମରିଚ ଗୁଣ୍ଡ ଓ ଧନିଆପତ୍ର ମିଶାଇ ଚକଟି ଦିଅନ୍ତୁ। ଅଟା ଚକଟାକୁ ନରମକରି ଚକଟି ଦିଅନ୍ତୁ। ଏହା ପରେ ଛୋଟ ଛୋଟ ଗୁଳା କରି ରଖନ୍ତୁ। ପୁରି ଭଳି ଏହାକୁ ବେଲନ୍ତୁ। ତେବେ ଏହାକୁ ଅଧିକ ପତଳା କରନ୍ତୁ ନାହିଁ ବରଂ ଟିକେ ମୋଟା ରଖନ୍ତୁ। ଏବେ ତାୱା ଗରମକରି ଏହି ପୁରିକୁ ସେକି ଦିଅନ୍ତୁ। ପରଟା ସେକିବା ଭଳି ଏଥିରେ ତେଲ କିମ୍ବା ଘିଅ ପକାନ୍ତୁ। ଦୁଇପଟକୁ ହାଲ୍‌କା ଭାବରେ ସେକି ରଖନ୍ତୁ। ଆବଶ୍ୟକଠାରୁ ଅଧିକ ତେଲ ପକାନ୍ତୁ ନାହିଁ। ଦୁଇପଟକୁ ଭଲଭାବରେ ସେକି ଦିଅନ୍ତୁ। ଏହିପରି ଭାବରେ ସବୁ ପୁରିକୁ ହାଲ୍‌କା ତେଲ ଦେଇ ତାୱାରେ ସେକି ରଖନ୍ତୁ। ଯେକୌଣସି ଚଟଣି ସହ ଏହାକୁ ଗରମ ଗରମ ଖାଆନ୍ତୁ।



ସୌନ୍ଦର୍ଯ୍ୟ

## ଗ୍ଲୋଇଂ ସ୍କିନ୍ ପାଇଁ ଗୁଜୁରାତି

ତ୍ୱଚାକୁ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରକାର ଘରୋଇ ଉପଚାର ରହିଛି। ତେବେ ଆଜି ଆସନ୍ତୁ ଜାଣିବା ଗୁଜୁରାତି ବ୍ୟବହାରକରି କିପରିଭାବେ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରାଯାଇପାରିବ...

ଗୁଜୁରାତିରେ ଆଣ୍ଟି ଅକ୍ସିଡାଣ୍ଟ ଭରପୂର ମାତ୍ରାରେ ରହିଛି। ତେଣୁ ଏହା ତ୍ୱଚା ପାଇଁ ଅତ୍ୟନ୍ତ ଉପକାରୀ। ନିୟମିତ ଏହାର ବ୍ୟବହାରକଲେ ତ୍ୱଚାକୁ ପୋଷଣ ମିଳିବା ସହିତ ବ୍ରଣ ଓ ଟାନିଂ ଭଳି ବିଭିନ୍ନ ସମସ୍ୟା ଦୂର ହୋଇଥାଏ।

**ଗୁଜୁରାତି ଓ ଗୋଲାପ ଜଳ**

ଗୋଲାପ ଜଳ ସହ ଗୁଜୁରାତିର ଫେସ୍‌ପ୍ୟାକ୍ ତିଆରିକରି ମୁହଁରେ ଲଗାନ୍ତୁ। ଏଥିପାଇଁ ପ୍ରଥମେ ଗୁଜୁରାତି ମଞ୍ଜି ବାହାରକରି ଗୁଣ୍ଡ କରିନିଅନ୍ତୁ। ଏହାକୁ ଗୋଲାପ ଜଳରେ ମିଶାଇ ମୁହଁରେ ଲଗାନ୍ତୁ। ଏହି ପେଷ୍ଟକୁ ଆଦୌ ମସାଜ୍ କରନ୍ତୁ ନାହିଁ ଏବଂ ୧୦ ମିନିଟ୍ ପରେ ମୁହଁକୁ ଧୋଇ ଦିଅନ୍ତୁ କିମ୍ବା ଓଦା କପଡ଼ାରେ ପୋଛି ଦିଅନ୍ତୁ।

**ଗୁଜୁରାତି ଓ ମହୁ**

ତ୍ୱଚାରେ ବ୍ରଣ ସମସ୍ୟା କିମ୍ବା ଦାଗ ଥିଲେ ମହୁ ସହ ଗୁଜୁରାତି ଲଗାନ୍ତୁ। ଗୁଜୁରାତି ଗୁଣ୍ଡକୁ ମହୁ ସହିତ ଭଲଭାବେ ମିଶାଇ ମୁହଁରେ ଲଗାନ୍ତୁ। ୧୦ ମିନିଟ୍ ପରେ ମୁହଁକୁ ଧୋଇ ଦିଅନ୍ତୁ। ନିୟମିତ ଏହି ଉପାୟ ଆପଣାଇଲେ ତ୍ୱଚାର ଅନେକ ସମସ୍ୟା ଦୂର ହୋଇଥାଏ।

**ଗୁଜୁରାତି ଓ କ୍ଷୀର**

ଗୁଜୁରାତି ଗୁଣ୍ଡକୁ କ୍ଷୀର ସହ ମିଶାଇ ମୁହଁରେ ଲଗାନ୍ତୁ। ୧୫-୨୦ ମିନିଟ୍ ରଖିବା ପରେ ଧୀରେ ଧୀରେ ମସାଜ୍ କରି ଅଳ୍ପ ଉଷୁମ ପାଣିରେ ଧୋଇଦିଅନ୍ତୁ। ପ୍ରଥମେ ସପ୍ତାହକୁ ଥରେ ଓ ପରେ ଦୁଇ କିମ୍ବା ୩ଥର ଏହି ପ୍ୟାକ୍ ଲଗାଇପାରିବେ।





ଧରିତ୍ରୀ 52 Years
# ଧରିତ୍ରୀ DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ମଙ୍ଗଳବାର, ୧୦ ମାର୍ଚ୍ଚ, ୨୦୨୬ | Bhubaneswar, Tuesday, 10 March, 2026




# ଟିମ୍ ଅଫ୍ ଦି ଟୁର୍ନାମେଣ୍ଟରେ ୪ ଭାରତୀୟ


ଯଶପ୍ରୀତ୍ ବୁମ୍‌ରା


ସଞ୍ଜୁ ସାମସନ


ଇଶାନ କିଶନ


ହାର୍ଦ୍ଦିକ ପାଣ୍ଡ୍ୟା

**ଅହମଦାବାଦ, ୯।୩**

**ଟି୨୦ ବିଶ୍ୱକପ**

ଆଇସିସି ଟି୨୦ ବିଶ୍ୱକପ ସଫଳତାର ସହ ସମ୍ପନ୍ନ ହୋଇଛି। ଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇ ଭାରତ ଇତିହାସ ରଚିଛି। ବିଶ୍ୱର ପ୍ରଥମ ଦଳଭାବେ ଭାରତ ୩ ଥର ଏହି ଟୁର୍ନାମେଣ୍ଟ ଜିତିଛି। ପ୍ରତିଯୋଗିତା ପରେ ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ ପକ୍ଷରୁ ଟିମ୍ ଅଫ୍ ଦି ଟୁନାମେଣ୍ଟ ଘୋଷିତ ହୋଇଛି। ଏଥିରେ ୪ ଭାରତୀୟ ସଞ୍ଜୁ ସାମସନ, ଯଶପ୍ରୀତ୍ ବୁମ୍‌ରା, ଇଶାନ କିଶନ ଓ ହାର୍ଦ୍ଦିକ ପାଣ୍ଡ୍ୟା ସ୍ଥାନ ପାଇଛନ୍ତି। ତେବେ ସାମସନ ଓ ବୁମ୍‌ରା ଚର୍ଚ୍ଚାର ଶୀର୍ଷରେ ରହିଛନ୍ତି। ଟୁର୍ନାମେଣ୍ଟ ଆରମ୍ଭରେ ସାମସନ ଚୂଡ଼ାନ୍ତ ଏକାଦଶ ଭାରତୀୟ ଦଳରେ ସ୍ଥାନ ପାଇ ନ ଥିଲେ। ତେବେ ସେ ମାତ୍ର ୫ ମ୍ୟାଚରେ ସୁଯୋଗ ପାଇ ୩୨୧ ରନ କରିବା ସହ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଛନ୍ତି। ଭାରତପାଇଁ କ୍ୱାର୍ଟର ଫାଇନାଲର ରୂପ ନେଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ସୁପର-୮ ଏବଂ ସେମିଫାଇନାଲରେ ସେ ଇଂଲଣ୍ଡ ବିପକ୍ଷରେ ମ୍ୟାଚ ବିଜୟୀ ଇନିଂସ ଖେଳି ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଫାଇନାଲରେ ମଧ୍ୟ ସେ ଚମତ୍କାର ବ୍ୟାଟିଂ କରି ୮୯ ରନ ସ୍କୋର କରିଥିଲେ। କିଶନ ଟୁର୍ନାମେଣ୍ଟରେ ୩୧୭ ରନ କରିଥିଲେ। ଯାହାକି ଚତୁର୍ଥ ସର୍ବାଧିକ। ଟପ୍ ଅର୍ଡରରେ ସେ ୧୯୩.୨୯ ଷ୍ଟ୍ରାଇକ୍ ହାରରେ ବ୍ୟାଟିଂ କରି ଭାରତର ବିଜୟ ପଥରେ ବଡ଼ ଯୋଗଦାନ ଦେଇଥିଲେ। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ସେ ଷ୍ଟ୍ରୋକପୂର୍ଣ୍ଣ ୭୭ ରନ କରିଥିଲେ। ଫାଇନାଲରେ ସେ ଅର୍ଦ୍ଧଶତକ ମଧ୍ୟ ହାସଲ କରିଥିଲେ। ହାର୍ଦ୍ଦିକ ଉଭୟ ବ୍ୟାଟ୍ ଓ ବଲ୍‌ରେ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ। ସେ ୨ଟି ଅର୍ଦ୍ଧଶତକ ହାସଲ କରିଥିବାବେଳେ ୯ଟି ଉଇକେଟ ନେଇଥିଲେ। ଫାଇନାଲରେ ବୁମ୍‌ରା ୪ଟି ଉଇକେଟ ନେବାସହ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୮ ମ୍ୟାଚରୁ ୧୪ ଉଇକେଟ ନେଇଥିଲେ। ଯାହାକି ଟୁର୍ନାମେଣ୍ଟରେ ଯୁଗ୍ମ ସର୍ବାଧିକ। ଡେଥ୍ ଓଭରରେ ସେ ଅତି ଚମତ୍କାର ବୋଲିଂ କରିଥିଲେ।

ଟପ୍ ଅର୍ଡରରେ ପାକିସ୍ତାନର ଶାହିବଜାଦା ଫରହାନଙ୍କୁ ସ୍ଥାନ ଦିଆଯାଇଛି। ସେ ଟୁର୍ନାମେଣ୍ଟରେ ସର୍ବାଧିକ ସ୍କୋର (୩୮୩) ସ୍କୋର କରିଥିଲେ। ଦକ୍ଷିଣ ଆଫ୍ରିକାର ଏଡେନ ମାରକ୍ରମଙ୍କୁ ଦଳର ଅଧିନାୟକ କରାଯାଇଛି। ସେ ୩ଟି ଅର୍ଦ୍ଧଶତକ ସହ ୨୮୬ ରନ କରିଥିଲେ ଏବଂ ଦକ୍ଷିଣ ଆଫ୍ରିକାକୁ ସେମିଫାଇନାଲରେ ପହଞ୍ଚାଇଥିଲେ। ମାରକ୍ରମଙ୍କ ସାଥି ଖେଳାଳି ଲୁନ୍‌ଗି ଏନଗିଡି, ଇଂଲଣ୍ଡର ୱିଲ୍ ଜ୍ୟାକ୍ସ, ଆଡିଲ ରଶିଦ, ୱେଷ୍ଟଇଣ୍ଡିଜର ଜାସନ ହୋଲ୍ଡର, ଜିମ୍ବାୱେର ବ୍ଲେସିଂ ମୁଜାରବାନି ଏକାଦଶରେ ସ୍ଥାନ ପାଇଛନ୍ତି। ଆମେରିକାର ଶାଡ୍‌ଲେ ଭାନ ଶ୍ଟାଲ୍‌ୱିକ୍‌ଙ୍କୁ ୧୨ଶ ଖେଳାଳି ମନୋନୀତ କରାଯାଇଛି। ଇଆନ ବିଶପ, ନାତାଲି ଗେର୍ମାନୋସ, ଇଅନ ମୋର୍ଗାନ (ବ୍ରଡ୍‌କାଷ୍ଟର), ଗୌରବ ସକ୍ସେନା (ଆଇସିସି ପ୍ରତିନିଧି), ରେକ୍ସ କ୍ଲେମେଣ୍ଟିନ (ସ୍ପୋର୍ଟ୍ସ ଜର୍ନାଲିଷ୍ଟ)ଙ୍କୁ ନେଇ ଚୟନ କମିଟି ଏହି ଦଳ ଚୟନ କରିଛି। ଆଇସିସି ଦଳ: ଶାହିବଜାଦା ଫରହାନ, ସଞ୍ଜୁ ସାମସନ (ଉଇକେଟ କିପର), ଇଶାନ କିଶନ, ଏଡେନ ମାରକ୍ରମ (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା, ୱିଲ୍ ଜ୍ୟାକ୍ସ, ଜାସନ ହୋଲ୍ଡର, ଯଶପ୍ରୀତ୍ ବୁମ୍‌ରା, ଲୁନ୍‌ଗି ଏନ୍‌ଗିଡି, ଆଡିଲ ରଶିଦ, ବ୍ଲେସିଂ ମୁଜାରବାନି। ଦ୍ୱାଦଶ ଖେଳାଳି: ଶାଡ୍‌ଲେ ଭାନ ଶ୍ଟାଲ୍‌ୱିକ୍।

# ଫେରିପାରୁନି ଇରାନ ମହିଳା ଫୁଟ୍‌ବଲ ଦଳ

**ଗୋଲ୍ଡ କୋଷ୍ଟ (ଅଷ୍ଟ୍ରେଲିଆ), ୯।୩ (ଏପି)**

ମହିଳା ଏସିଆନ କପ୍ ଶେଷ ଗ୍ରୁପ୍ ମ୍ୟାଚରେ ଇରାନ ଫୁଟ୍‌ବଲ ଦଳ ପରାଜିତ ହେବା ପରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ ବର୍ତ୍ତମାନ ଅଡୁଆରେ ପଡ଼ିଯାଇଛି। ଫେବୃଆରୀ ୨୮ରେ ଇରାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣ ପୂର୍ବରୁ ମହାଦେଶୀୟ ଚାମ୍ପିୟନଶିପ୍ ଖେଳିବା ଲାଗି ଇରାନ ମହିଳା ଦଳ ଗତମାସରେ ଅଷ୍ଟ୍ରେଲିଆରେ ପହଞ୍ଚିଥିଲା। ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ଶେଷ ହେବାକ୍ଷଣି ପରାଜିତ ଦଳ କିଛି ଦିନ ମଧ୍ୟରେ ସ୍ୱଦେଶ ଫେରିଯାଇଥାନ୍ତି। କିନ୍ତୁ ଆୟୋଜକଗଣ ଇରାନ ଦଳର ପ୍ରସ୍ଥାନ ଉପରେ କୌଣସି ତଥ୍ୟ ପ୍ରଦାନ କରିନାହାନ୍ତି। ମାତ୍ର ଅଷ୍ଟ୍ରେଲିଆର ନ୍ୟାଶନାଲ ଏଜେନ୍ସିକୁ ଏକ ସାକ୍ଷାତ୍‌କାରରେ ଇରାନର ମୁଖ୍ୟ କୋଚ୍ ମାର୍ଜିୟେ ଜାଫାରି କହିଛନ୍ତି, ସେମାନେ ଯଥାଶୀଘ୍ର ଇରାନ ଫେରିଯିବାକୁ ଚାହାନ୍ତି। ଦେଶର ଘଡ଼ିସନ୍ଧି ମୁହୂର୍ତ୍ତରେ ସେ ତାଙ୍କ ଦେଶ ଓ ପରିବାର ସହ ରହିବାକୁ ପସନ୍ଦ କରିବେ। ଗତ ସୋମବାର ଓପନିଂ ମ୍ୟାଚରେ ଦକ୍ଷିଣ କୋରିଆଠାରୁ ପରାଜିତ ହେବା ପୂର୍ବରୁ ଜାତୀୟ ସଙ୍ଗୀତ ଗାନ ବେଳେ ଦଳର ନୀରବତାକୁ ନେଇ ନାନା କଥା ଶୁଣିବାକୁ ମିଳିଥିଲା। କେତେକେ ଏହା ପ୍ରତିରୋଧର କାର୍ଯ୍ୟ ବୋଲି ମନେ କରିଥିବା ବେଳେ ଅନ୍ୟ କେତେକେ ଶୋକ ପ୍ରଦର୍ଶନ ଭାଗରେ ଦେଖିଥିଲେ। କିନ୍ତୁ ଗତ ଗୁରୁବାର ଅଷ୍ଟ୍ରେଲିଆ ନିକଟରୁ ୪-୦ରେ ପରାଜୟ ଏବଂ ରବିବାର ଫିଲିପାଇନ୍ସଠାରୁ ୨-୦ରେ ପରାଜୟ ମ୍ୟାଚ ବେଳେ ଖେଳାଳିମାନେ ଜାତୀୟ ସଙ୍ଗୀତ ଗାନ ସହ ସାଲ୍ୟୁଟ କରିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଇରାନ ମହିଳା ଦଳ ଯଦି ଫିଲିପାଇନ୍ସକୁ ହରାଇ ଦେଇଥାନ୍ତା ତେବେ ଦଳର ଏସିଆନ କପ୍ କ୍ୱାର୍ଟରଫାଇନାଲ ସମ୍ଭାବନା ସୃଷ୍ଟି ହୋଇଥାନ୍ତା, ଯାହା ଫଳରେ ଏହି ଦଳ ଅଷ୍ଟ୍ରେଲିଆରେ ଆଉ ଏକ ସପ୍ତାହରୁ ଅଧିକ ଦିନ ଅବସ୍ଥାନ କରିପାରିଥାନ୍ତା।

## ଏଏଫ୍‌ସି ମହିଳା ଏସିଆ କପ୍

# ଭାରତ ଆଜି ଚାଇନିଜ ତାଇପେକୁ ଭେଟିବ

**ସିଡ୍‌ନୀ, ୯।୩ (ପି.ଟି.)**

ଭାରତୀୟ ମହିଳା ଫୁଟ୍‌ବଲ ଦଳ ଏଠାରେ ଚାଲିଥିବା ଏଏଫ୍‌ସି ମହିଳା ଏସିଆନ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଗ୍ରୁପ୍ 'ସି'ର ଏକ ମ୍ୟାଚରେ ଚାଇନିଜ ତାଇପେ ସହ ମୁକାବିଲା କରିବ। ଭାରତ ବର୍ତ୍ତମାନ ଗ୍ରୁପ୍ ଟେବୁଲରେ ସର୍ବ ନିମ୍ନ ଚତୁର୍ଥ ସ୍ଥାନରେ ରହିଛି। ଦଳ ପୂର୍ବରୁ ଭିଏତ୍‌ନାମ୍ (୧-୨) ଓ ଜାପାନ (୦-୧୧)ଠାରୁ ପରାଜିତ ହୋଇସାରିଛି। ଏହି ଦୁଇଟି ମ୍ୟାଚରୁ ସେ ଗୋଟିଏ ହେଲେ ପଏଣ୍ଟ ଅର୍ଜନ କରିପାରିନି। ଜାପାନ ୬ ପଏଣ୍ଟ ସହ ଗ୍ରୁପ୍ ଶୀର୍ଷରେ ରହିଥିବା ବେଳେ ଚାଇନିଜ ତାଇପେ ଓ ଭିଏତ୍‌ନାମ ପ୍ରତ୍ୟେକ ସମାନ ୩ ପଏଣ୍ଟ ସହ ଗ୍ରୁପ୍‌ରେ ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଛି। ଏହା ସତ୍ତ୍ୱେ 'ବ୍ଲୁ ଟାଇଗ୍ରେସ୍' ଦଳ ପାଇଁ କ୍ୱାର୍ଟରଫାଇନାଲରେ ପ୍ରବେଶ ଲାଗି ଏକ ସୁଯୋଗ ରହିଛି। ପ୍ରଥମତଃ ଦଳକୁ ଦୁଇ କିମ୍ବା ତା'ଠାରୁ ଅଧିକ ଗୋଲ ବ୍ୟବଧାନରେ ଚାଇନିଜ ତାଇପେକୁ ହରାଇବାକୁ ପଡ଼ିବ। ଦ୍ୱିତୀୟତଃ ଜାପାନ ମଙ୍ଗଳବାର ଭିଏତ୍‌ନାମକୁ ପରାସ୍ତ କରିବାକୁ ପଡ଼ିବ। ଏପରି କି ଗୋଟିଏ ଗୋଲ୍ ବ୍ୟବଧାନରେ ବିଜୟ ଲାଭ କଲେ ମଧ୍ୟ ଯଥେଷ୍ଟ ହେବ। ତେବେ ବାଂଲାଦେଶ ଓ ଉଜବେକିସ୍ତାନ ମ୍ୟାଚ ଡ୍ର' ଭାବେ ଶେଷ ହେବା ଉଚିତ। ଟୁର୍ନାମେଣ୍ଟର ନିୟମାନୁସାରେ ତିନୋଟି ଗ୍ରୁପରୁ ଶ୍ରେଷ୍ଠ ଦୁଇ ଦଳ କ୍ୱାର୍ଟରଫାଇନାଲ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିପାରିବେ। ଏହାଛଡ଼ା ତୃତୀୟ ସ୍ଥାନ ଅଧିକାର କରିଥିବା ଶ୍ରେଷ୍ଠ ଦୁଇ ଦଳ ମଧ୍ୟ କ୍ୱାର୍ଟରଫାଇନାଲରେ ପ୍ରବେଶ କରିବେ।

# ଶରିମଙ୍କ ୯ ବଲ୍‌ରେ ଅର୍ଦ୍ଧଶତକ

**ବନ୍ତ, ୯।୩ (ହରିନାରାୟଣ ମହାନ୍ତି)**

## ଟିଲୋ କପ୍
### ୯ ବଲ୍‌ରୁ ୯ ଛକା ମାରିଲେ ମହମ୍ମଦ ଶରିମ
### ସେମିରେ କୋଲକାତା, ହାଇଦ୍ରାବାଦ

ଭଦ୍ରକ ଜିଲା ବନ୍ତ ବ୍ଲକର ଟିଲୋସ୍ଥିତ ହନୁମାନ ଜୀଉ ଷ୍ଟାଡିୟମ୍‌ରେ ଚାଲିଥିବା ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଟିଲୋ କପ୍‌ର ସୋମବାର ୪ର୍ଥ ଦିନରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏ ଆଣ୍ଡ୍ ଏସ୍ କୋଲକାତା ଓ ନେସ୍କେଜ ହାଇଦ୍ରାବାଦ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଲାଇଟନିଂ ଲିଜେଣ୍ଡ ଚଣ୍ଡିଗଡ଼ ଓ ଏ ଆଣ୍ଡ୍ ଏସ୍ କୋଲକାତା ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଲାଇଟନିଂ ଲିଜେଣ୍ଡ ୨୦ ଓଭରରେ ୯ ଉଇକେଟ୍ ହରାଇ ୧୩୫ ରନ୍ କରିଥିଲା। ଦଳ ପକ୍ଷରୁ ଅଙ୍କିତ ନରୱାଲ ୪୦ ଓ ସୁନି ସିଂହ ୩୧ ରନ୍ କରିଥିଲେ। କୋଲକାତା ୯.୧ ଓଭରରେ ୩ ଉଇକେଟ ହରାଇ ୧୪୧ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଦୀପାଂଶୁ ୪୮, ଅଲ୍‌ମାସ ସୌକତ ୩୭ ଓ ଋଷିକେଶ ତିୱାରୀ ୨୭ ରନ୍ କରିଥିଲେ। ପ୍ରତିପକ୍ଷ ଲାଇଟନିଂ ଲିଜେଣ୍ଡ ବୋଲର ଅଙ୍କିତ ନରୱାଲ ୩ ଓ ସାହିଲ ଚୋପ୍ରା ଗୋଟିଏ ଉଇକେଟ ନେଇଥିଲେ। ଦୀପାଂଶୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଦିଆଯାଇଥିଲା।

ସେହିପରି ନେସ୍କେଜ ହାଇଦ୍ରାବାଦ ଓ ଜେ.ପି. ସ୍ପୋର୍ଟ୍ସ ନଏଡା ମଧ୍ୟରେ ୨ୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ହାଇଦ୍ରାବାଦ ୨୦ ଓଭରରେ ୭ ଉଇକେଟ ହରାଇ ୨୭୩ ରନ୍ କରିଥିଲା। ଦଳ ପକ୍ଷରୁ ମହମ୍ମଦ ଶରିମ ୮୦, ନିଶାନ୍ତ ଯାଦବ ୬୧ ଓ ରାହୁଲ ରାଜ୍ ୩୨ ରନ୍ କରିଥିଲେ। ନଏଡା ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୮ ରନ୍ କରି ହାରିଥିଲା। ଦଳ ପକ୍ଷରୁ ଗୁଞ୍ଜନ ମୁଦଗଲ ୨୪, ମେରୋଜ୍ ଖାନ ୨୩ ଓ କିଶନ ଗୁପ୍ତା ୧୭ ରନ୍ କରିଥିଲେ। ୨ୟ ମ୍ୟାଚ୍‌ରେ ହାଇଦ୍ରାବାଦର ମହମ୍ମଦ ଶରିମ ଟି୨୦ରେ ଦ୍ରୁତତମ ଅର୍ଦ୍ଧଶତକ ରେକର୍ଡ ସମକକ୍ଷ ହୋଇପାରିଛନ୍ତି। ସେ ୯ ବଲ୍‌ରେ ଅର୍ଦ୍ଧଶତକ ସହ ମୋଟ ୧୮ ବଲ୍‌ରେ ୮୦ ରନ୍ କରି ଦଳକୁ ସେମିଫାଇନାଲରେ ପହଞ୍ଚାଇଛନ୍ତି। ପ୍ରଥମ ୯ଟି ଯାକ ବଲ୍‌କୁ ଛକାରେ ପରିଣତ କରିଥିଲେ ଶରିମ। ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।



୯ ବଲ୍‌ରେ ଅର୍ଦ୍ଧ ଶତକ ହାସଲ କରିଥିବା ହାଇଦ୍ରାବାଦ ବ୍ୟାଟର ମହମ୍ମଦ ଶରିମ୍।

ଅନ୍ତର୍ଜାତୀୟ କ୍ରିକେଟରେ ନେପାଳର ଦୀପେନ୍ଦ୍ର ସିଂ ଆଇରି ୨୦୨୩ରେ ଏସିଆନ ଗେମ୍ସରେ ମଙ୍ଗୋଲିଆ ବିପକ୍ଷ ମ୍ୟାଚ୍‌ରେ ୯ ବଲରେ ଅର୍ଦ୍ଧଶତକ ପୂରଣ କରିଥିଲେ। ସେ ଏହି ଇନିଂସରେ ୮ ଛକା ମାରିଥିଲେ।

# ବିଶ୍ୱକପ୍ ପ୍ଲେ-ଅଫ୍‌କୁ ବିଳମ୍ୱ କରାଯାଉ: ଇରାକ କୋଚ୍

**ବାଗଦାଦ୍, ୯।୩ (ଏପି)**

ଇରାନରେ ଯୁଦ୍ଧ କ୍ରମେ ଜୋର୍‌ଦାର୍ ହେଉଥିବାରୁ ବିଶ୍ୱକପ୍ ପାଇଁ ତାଙ୍କ ଦଳର ଆନ୍ତଃମହାଦେଶୀୟ ଯୋଗ୍ୟତା ପର୍ଯ୍ୟାୟକୁ ବିଳମ୍ବିତ କରିବା ଲାଗି ଇରାକ ମୁଖ୍ୟ କୋଚ୍ ଗ୍ରାହାମ ଆର୍ନୋଲ୍ଡ ଫୁଟ୍‌ବଲର ଅନ୍ତର୍ଜାତୀୟ ପରିଚାଳନା ପରିଷଦ (ଫିଫା)କୁ ନିବେଦନ କରିଛନ୍ତି। ଇରାକ ମେକ୍ସିକୋର ମଣ୍ଟେରିଠାରେ ମାର୍ଚ୍ଚ ୩୧ରେ ସୁରିନାମ କିମ୍ବା ବଲିଭିଆକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ମାତ୍ର ଯୁଦ୍ଧକାଳୀନ ପରିସ୍ଥିତିକୁ ନେଇ ଇରାକ ଆକାଶମାର୍ଗକୁ ଏପ୍ରିଲ ୧ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଫଳରେ ଘରୋଇ ଲିଗ୍‌ର ଭଲ ଖେଳାଳିମାନଙ୍କୁ ଏକତ୍ରିତ କରିବା ବର୍ତ୍ତମାନ ପରିସ୍ଥିତିରେ ସମ୍ଭବ ନୁହେଁ। ବିଦେଶୀ ଦୂତାବାସ ବନ୍ଦ ହେବା ଯୋଗୁ ଖେଳାଳିମାନେ ମେକ୍ସିକୋ ପ୍ଲେ-ଅଫ୍ ପାଇଁ ଭିଜା ପାଇପାରୁ ନାହାନ୍ତି। ଯୁଦ୍ଧ ଯୋଗୁ ଆର୍ନୋଲ୍ଡ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଅଟକି ରହିଛନ୍ତି।

# କର୍ଷ୍ଟେନ ଶ୍ରୀଲଙ୍କା କ୍ରିକେଟ ଦଳର ମୁଖ୍ୟ କୋଚ୍

**କଲମ୍ବୋ, ୯।୩ (ପି.ଟି.)**

ପୂର୍ବତନ ଭାରତ ବିଶ୍ୱକପ୍ ବିଜୟୀ କୋଚ୍ ଗ୍ୟାରୀ କର୍ଷ୍ଟେନଙ୍କୁ ସୋମବାର ଶ୍ରୀଲଙ୍କା କ୍ରିକେଟ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ମିଳିଛି। ତାଙ୍କ ସହିତ ଏପ୍ରିଲ ୧୫ରୁ ୨ ବର୍ଷ ପାଇଁ ଚୁକ୍ତି କରାଯାଇଛି। କର୍ଷ୍ଟେନ ହେଉଛନ୍ତି ଦକ୍ଷିଣ ଆଫ୍ରିକାର ଜଣେ ପୂର୍ବତନ ଓପନର। ଜଣେ ସଫଳ କୋଚ୍ ଭାବେ ତାଙ୍କର ବେଶ୍ ସୁନାମ ରହିଛି। ସେ ୨୦୨୮ ଏପ୍ରିଲ ୧୪ ପର୍ଯ୍ୟନ୍ତ ରହିବେ। ପ୍ରଥମତଃ ସେ ୨୦୨୭ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ପାଇଁ ଶ୍ରୀଲଙ୍କା ଦଳର ପ୍ରସ୍ତୁତି କାର୍ଯ୍ୟ ଦେଖିବେ। ଆଇସିସିର ଏହି ଟୁର୍ନାମେଣ୍ଟକୁ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମ୍ବିଆ ମିଳିତ ଭାବେ ଆୟୋଜନ କରୁଛନ୍ତି। ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି) ପକ୍ଷରୁ ପ୍ରକାଶିତ ଏକ ପ୍ରେସ ଇସ୍ତାହାରରେ କୁହାଯାଇଛି ଯେ, ଆଗକୁ ଥିବା ପ୍ରମୁଖ ଗ୍ଲୋବାଲ ଇଭେଣ୍ଟ ଲାଗି ଜାତୀୟ ଦଳକୁ ଶକ୍ତିଶାଳୀ କରିବା ଏବଂ ନ୍ୟାଶନାଲ ହାଇ ପରଫର୍ମାନ୍ସ ସେଣ୍ଟର ଢାଞ୍ଚାର ପୁନରୁଦ୍ଧାର କରିବା କର୍ଷ୍ଟେନଙ୍କ ଦାୟିତ୍ୱ ରହିବ। ଅନ୍ତର୍ଜାତୀୟ ସ୍ତରରେ କର୍ଷ୍ଟେନଙ୍କର ପ୍ରଚୁର କୋଚିଂ ଅଭିଜ୍ଞତା ରହିଛି। ୨୦୦୮ରୁ ୨୦୧୧ ପର୍ଯ୍ୟନ୍ତ ଭାରତୀୟ କ୍ରିକେଟ ଦଳର ମୁଖ୍ୟକୋଚ୍ ଥିବା ତାଙ୍କ ତତ୍ତ୍ୱାବଧାନରେ ଭାରତ ୨୦୧୧ ବିଶ୍ୱକପ୍ ସଫଳତା ପାଇଥିଲା। ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ଭାବେ ସଫଳତାର ସହିତ ଦାୟିତ୍ୱ ତୁଲାଇବା ପରେ କର୍ଷ୍ଟେନ ୨୦୧୧ରୁ ୨୦୧୩ ଦକ୍ଷିଣ ଆଫ୍ରିକାର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ଦକ୍ଷିଣ ଆଫ୍ରିକା ସମସ୍ତ ତିନୋଟି ଫର୍ମାଟରେ ନମ୍ବର ୱାନ ର୍‍ୟାଙ୍କିଙ୍ଗ ହାସଲ କରିପାରିଥିଲା। କର୍ଷ୍ଟେନ ନିକଟରେ ଶେଷ ହୋଇଥିବା ଟି୨୦ ବିଶ୍ୱକପ୍ ବେଳେ କ୍ରିକେଟ ନାମ୍ବିଆର ଜଣେ ପରାମର୍ଶଦାତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ